# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୨୩/୨୦୨୪ (୧୬ ପୃଷ୍ଠା) | Bhubaneswar, Wednesday, October 23/2024 | Page 16 | ₹ 7.00

୫୦ଶ ଭାଗ ୩୨୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 328 | ମୂଲ୍ୟ ₹୭/-




**ପୁଷ୍ପା-୨: ରିଲିଜ୍ ପୂର୍ବରୁ ୧୦୮୫ କୋଟିର ବ୍ୟବସାୟ**

ଅଭିନେତା ଅଲ୍ଲୁ ଅର୍ଜୁନଙ୍କ 'ପୁଷ୍ପା ୨: ଦି ରୁଲ୍' ଚଳଚ୍ଚିତ୍ର ରିଲିଜ୍ ହେବା ପୂର୍ବରୁ ୧୦୮୫ କୋଟି ଟଙ୍କାର ବ୍ୟବସାୟ କରିଥିବା ନେଇ ରିପୋର୍ଟ ପ୍ରକାଶ ପାଇଛି।

୦୨

୧୪

**ଫଲ୍‌ଙ୍କ ଗୋଲ୍‌ରେ ଜିତିଲା ଓଏଫ୍‌ସି**

ଇଣ୍ଡିଆନ ସୁପର ଲିଗ୍‌ରେ ଇଷ୍ଟବେଙ୍ଗଲ ବିପକ୍ଷରେ ବିଜୟ ସୂଚକ ଗୋଲ ସ୍କୋର କରିଛନ୍ତି ଓଏଫ୍‌ସିର ମୋର୍ଟାଡା ଫଲ୍।



# ଲଗାତର ବୋମା ଧମକ

## ଆଉ ୫ ସ୍କୁଲ, ୭୯ ବିମାନକୁ ବିସ୍ଫୋରଣରେ ଉଡ଼ାଇବାକୁ ହୋକ୍ସ କଲ୍

**ସପ୍ତାହେରୁ ଊର୍ଦ୍ଧ୍ୱ ସମୟ ଧରି ଭାରତୀୟ ବିମାନ ଚଳାଚଳ କମ୍ପାନୀର ଫ୍ଲାଇଟ୍‌ଗୁଡ଼ିକୁ ବୋମାରେ ଉଡ଼ାଇଦେବାକୁ ଧମକ ଆସୁଥିବାରୁ ଦେଶରେ ବିମାନ ସେବା ପ୍ରଭାବିତ ହୋଇଛି। ଏଥିଯୋଗୁ ଏୟାରଲାଇନ୍ସଗୁଡ଼ିକୁ ବହୁ କୋଟି ଟଙ୍କା କ୍ଷତି ସହିବାକୁ ପଡୁଛି। ଏଭଳି ସମୟରେ ରବିବାର ଦିଲ୍ଲୀର ରୋହିଣୀସ୍ଥିତ ଏକ ସ୍କୁଲ ନିକଟରେ ବିସ୍ଫୋରଣ ଘଟିବା ସୁରକ୍ଷା ଏଜେନ୍ସିଗୁଡ଼ିକ ପାଇଁ ଚ୍ୟାଲେଞ୍ଜ ପାଲଟିଥିବାବେଳେ ମଙ୍ଗଳବାର ୩ ସିଆର୍‌ପିଏଫ୍ ଏବଂ ୨ କେନ୍ଦ୍ରୀୟ ବିଦ୍ୟାଳୟକୁ ବିସ୍ଫୋରଣରେ ଉଡ଼ାଇ ଦେବା ନେଇ ଇ-ମେଲ୍ ଯୋଗେ ଧମକ ଆସିଛି। ବାରମ୍ବାର ଏଭଳି ଧମକ ସତ୍ତ୍ୱେ ଧମକଦାତାଙ୍କୁ ପୋଲିସ ଧରି ନ ପାରିବା ଚିନ୍ତାର ବିଷୟ ହୋଇଛି।**



ବୋମା ଧମକ ପରେ ଦିଲ୍ଲୀର ଏକ ସ୍କୁଲରେ ମଙ୍ଗଳବାର ଆଣ୍ଟି-ସାବୋଟେଜ୍ ଟିମ୍ ଯାଞ୍ଚ କରୁଛି।

ନୂଆଦିଲ୍ଲୀ/ବେଙ୍ଗାଲୁରୁ,୨୨।୧୦

ସପ୍ତାହେ ମଧ୍ୟରେ ଭାରତୀୟ ଏୟାରଲାଇନ୍ସର ୧୭୦ରୁ ଊର୍ଦ୍ଧ୍ୱ ବିମାନକୁ ବୋମା ଧମକ ମିଳିବା ସରକାରଙ୍କୁ ଚିନ୍ତାରେ ପକାଇଥିବାବେଳେ ଏବେ ବିଭିନ୍ନ ସ୍କୁଲକୁ ଉଡ଼ାଇଦେବା ପାଇଁ ଇ-ମେଲ୍ ଯୋଗେ ଧମକ ଆସିବାରେ ଲାଗିଛି। ଦିଲ୍ଲୀ ଏବଂ ହାଇଦ୍ରାବାଦର ୩ଟି ସିଆର୍‌ପିଏଫ୍ ସ୍କୁଲ ଏବଂ ଅନ୍ୟ ସହରରେ ଉକ୍ତ ଅର୍ଦ୍ଧସାମରିକ ବାହିନୀ କାର୍ଯ୍ୟାଳୟ ପରିସରରେ ଥିବା ୨ଟି କେନ୍ଦ୍ରୀୟ ବିଦ୍ୟାଳୟକୁ ସୋମବାର ରାତିରେ ଏଭଳି ଧମକ ମିଳିଥିଲା। ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ସ୍କୁଲ୍ ପରିସରରେ ଆଇଇଡି ବିସ୍ଫୋରଣ ହେବ ବୋଲି ସେଥିରେ କୁହାଯାଇଥିଲା। ତେବେ ଯାଞ୍ଚ ପରେ ସେଗୁଡ଼ିକ ମିଥ୍ୟା ବାର୍ତ୍ତା ଥିବା ଜଣାପଡ଼ିଛି। ଆଣ୍ଟି-ସାବୋଟେଜ୍ ଟିମ୍ ସ୍କୁଲଗୁଡ଼ିକୁ ଯାଞ୍ଚ କରିଥିଲେ ମଧ୍ୟ ସେଠାରେ କୌଣସି ସନ୍ଦିଗ୍ଧ ବସ୍ତୁ ମିଳି ନ ଥିଲା। ଦିଲ୍ଲୀ ପୋଲିସ ଘଟଣାର ତଦନ୍ତ ଚଳାଇଛି। ରବିବାର ଦିଲ୍ଲୀର ରୋହିଣୀ ଅଞ୍ଚଳରେ ଥିବା ଅନ୍ୟ ଏକ ସିଆର୍‌ପିଏଫ୍ ସ୍କୁଲ୍ ନିକଟରେ ବିସ୍ଫୋରଣ ଘଟିବାରୁ ସ୍କୁଲ ପାଚେରି କ୍ଷତିଗ୍ରସ୍ତ ହେବା ସହ ସେଠାରେ ଥିବା କେତେକ କାର୍ ଭାଙ୍ଗିରୁଜି ଯାଇଥିଲା। ଜଷ୍ଟିସ୍ ଲିଗ୍ ଅଫ୍ ଇଣ୍ଡିଆ ନାମକ ଏକ ଚ୍ୟାନେଲ ଉକ୍ତ ବିସ୍ଫୋରଣର ଭିଡିଓ ସୋସିଆଲ ମିଡିଆ ଆପ୍ଲିକେସନ ଟେଲିଗ୍ରାମରେ ପୋଷ୍ଟ କରି ସେଥିରେ 'ଖଲିସ୍ତାନ ଜିନ୍ଦାବାଦ'ର ୱାଟର ମାର୍କ ଥାଇ ଧମକପୂର୍ଣ୍ଣ ବାର୍ତ୍ତା ଛାଡ଼ିଥିବାରୁ ବିସ୍ଫୋରଣ ପଛରେ ଖଲିସ୍ତାନୀ ଗୋଷ୍ଠୀର ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି। ମଙ୍ଗଳବାର ଦିଲ୍ଲୀର ରୋହିଣୀ ଏବଂ ଦ୍ୱାରକା ଅଞ୍ଚଳ ଏବଂ ତେଲଙ୍ଗାନାର ହାଇଦ୍ରାବାଦରେ ଥିବା ସିଆର୍‌ପିଏଫ୍ ସ୍କୁଲକୁ ଧମକପୂର୍ଣ୍ଣ ବାର୍ତ୍ତା ଆସିଥିଲା। ସେହିପରି ହରିୟାଣାର ପଞ୍ଚକୁଲା ଏବଂ ଉତ୍ତରପ୍ରଦେଶର ରାମପୁରରେ ପାରାମିଲିଟାରି ଫୋର୍ସ କାର୍ଯ୍ୟାଳୟ ☞ପୃଷ୍ଠା-୪

# ଅଖଣ୍ଡତାକୁ ବିପଦ

ରାଜନୀତିରେ ଏବେ ପ୍ରଭାବ ବିସ୍ତାର ପାଇଁ ଏକ ନୂଆ ମାନସିକତା ସାମ୍ନାକୁ ଆସିଛି। ପ୍ରଥମେ ଜାତି, ତା'ପରେ ଧର୍ମ ଆଧାରିତ ରାଜନୀତିର ଖେଳ ଭାରତୀୟମାନେ ଦେଖିବାର ସୁଯୋଗ ପାଇଲେ। ଏବେ ଜନସଂଖ୍ୟାକୁ ନେଇ ରାଜନୀତି ଆରମ୍ଭ ହେଲାଣି। ଭାରତ ଭଳି ଏକ ଜନବହୁଳ ଦେଶ ପାଇଁ ଏହା ଭବିଷ୍ୟତରେ ଅତ୍ୟନ୍ତ କ୍ଷତିକାରକ ପ୍ରମାଣିତ ହୋଇପାରେ। ଦକ୍ଷିଣ ଭାରତୀୟମାନେ ୧୬ଟି ପିଲା ଜନ୍ମ କରିବା ପାଇଁ ଅକ୍ଟୋବର ୨୧ରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍. କେ. ଷ୍ଟାଲିନ୍ ପରାମର୍ଶ ଦେଇଛନ୍ତି। ନିକଟରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକରେ ବୟସ୍କ ଓ ଯୁବକଙ୍କ ମଧ୍ୟରେ ଜନସାଂଖ୍ୟିକ ସମନ୍ୱୟ ରକ୍ଷାକରିବା ସକାଶେ ଅଧିକ ପିଲା ଜନ୍ମ ସପକ୍ଷରେ ଯୁକ୍ତି ଉପସ୍ଥାପନ କରିଥିଲେ। ଚନ୍ଦ୍ରବାବୁ ନାଇଡୁଙ୍କ କହିବା ପଛରେ ଉଦ୍ଦେଶ୍ୟ ରହିଛି ଯେ, ତାଙ୍କ ରାଜ୍ୟ ଆନ୍ଧ୍ରରେ ବୟସ୍କଙ୍କ ସଂଖ୍ୟା ତୁଳନାରେ ଯୁବକଙ୍କ ସଂଖ୍ୟା ହ୍ରାସ ପାଉଛି। ଏହାର ମୁଖ୍ୟ କାରଣ ହେଲା ଜାପାନ, ଆମେରିକା ଏବଂ ଜର୍ମାନୀ ଭଳି ବିକଶିତ ଦେଶଗୁଡ଼ିକରେ ଉଚ୍ଚଶିକ୍ଷିତ ଏବଂ ଧନୀ ପରିବାରରେ ସନ୍ତାନ ଜନ୍ମ କରିବା ଯେଉଁଭଳି ଭାବେ କମୁଛି, ଆନ୍ଧ୍ର ଏବଂ ଅନ୍ୟ ଦକ୍ଷିଣ ରାଜ୍ୟରେ ତାହା ହିଁ ଘଟୁଛି। ଅନୁରୂପ ଭାବେ ତାମିଲନାଡୁରେ ମଧ୍ୟ ଶିଶୁ ଜନ୍ମ ହାର କମୁଛି।

**ତଥାଗତ ସତପଥୀ**

ଅର୍ଥନୈତିକ ଅଗ୍ରଗତି ସହିତ ଶିଶୁ ଜନ୍ମ ହାର ହ୍ରାସ ପାଇବା ଏକ ସାଧାରଣ ସମସ୍ୟା ଭାବେ ସମଗ୍ର ବିଶ୍ୱରେ ଦେଖିବାକୁ ମିଳୁଛି। ଅର୍ଥନୀତି ସହିତ ଯେତେବେଳେ ଶିକ୍ଷିତଙ୍କ ସଂଖ୍ୟା ବୃଦ୍ଧି ପାଉଛି ସେଥିରେ ମଧ୍ୟ ଜନସଂଖ୍ୟା ବୃଦ୍ଧି ହାର କମିବାରେ ଲାଗିଛି। ଏହା କହିବା ସମୟରେ ଚାଇନାର ଦୁର୍ଗତି ସମ୍ପର୍କରେ ସମସ୍ତେ ସଚେତନ ଅଛନ୍ତି। ସେଠାରେ ଏକଛତ୍ରବାଦୀ ସରକାର ଥିବା ହେତୁ ପିଲା ଜନ୍ମ କରିବା ଉପରେ କଟକଣା ଲଗାଯାଇଥିଲା। ଗୋଟିଏ ଦମ୍ପତିକୁ ଗୋଟିଏ ପିଲା ଜନ୍ମ କରିବାକୁ ଅନୁମତି ମିଳୁଥିଲା। ସେହି କଟକଣାକୁ ଏବେ ହଟାଇବା ପାଇଁ ଚାଇନା ବ୍ୟାକୁଳ ହୋଇ ଓଲଟା ଦିଗକୁ ଯିବାକୁ ବାଧ୍ୟ ହେଲାଣି। କାରଣ ଶିଶୁ ଜନ୍ମହାର ହ୍ରାସ ପାଇଲେ ଯୁବକଙ୍କ ସଂଖ୍ୟା କମିଯାଉଛି। ଯେଉଁଠାରେ ଯୁବକ ନାହାନ୍ତି ସେଠାରେ କାର୍ଯ୍ୟକ୍ଷମ ଶକ୍ତି ହ୍ରାସ ପାଉଛି। ସମାନ ସମୟରେ ବୟସ୍କଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ହେତୁ ସମାଜ ଏବଂ ଦେଶ ଉପରେ ବୋଝ ବଢୁଛି। ଅବଶ୍ୟ ତାମିଲନାଡୁର ମୁଖ୍ୟମନ୍ତ୍ରୀ ଷ୍ଟାଲିନଙ୍କ କଥାକୁ ଉତ୍ତର ଭାରତରେ କିଛି ନେତା ଏକ ରାଜନୈତିକ ମୋଡ଼ ଦେବା ପାଇଁ ଚେଷ୍ଟା କରୁଛନ୍ତି। ଅଳ୍ପ କିଛି ବର୍ଷ ମଧ୍ୟରେ ହେବାକୁ ଥିବା ଲୋକ ସଭା ଆସନର ସୀମା ପୁନଃ ନିର୍ଦ୍ଧାରଣ (ଡିଲିମିଟେଶନ) ଓଡ଼ିଶା ସମେତ ଦକ୍ଷିଣ ରାଜ୍ୟଗୁଡ଼ିକୁ ନକାରାତ୍ମକ ଭାବେ ପ୍ରଭାବିତ କରିବ। ଉଦାହରଣ ସ୍ୱରୂପ, ଓଡ଼ିଶାରେ ଲୋକ ସଭାକୁ ଯାଉଥିବା ସାଂସଦଙ୍କ ସଂଖ୍ୟା ୨୧ରୁ କମି ନ ପାରେ। ଯେଉଁ ସଂଖ୍ୟା ଅଛି ତାହା ରହିପାରେ। କିନ୍ତୁ ଉତ୍ତର ଭାରତରେ ବିଶେଷକରି ହିନ୍ଦୀ ଏବଂ ଗୁଜରାଟୀ ଭାଷା ରାଜ୍ୟଗୁଡ଼ିକରେ ଲୋକ ସଭା ଆସନର ସଂଖ୍ୟା ବୃଦ୍ଧି ପାଇଯିବ। ସେତେବେଳେ ଉତ୍ତର ଭାରତର ନେତାମାନେ ସମଗ୍ର ଦେଶ ଉପରେ ସବୁବେଳେ ରାଜତ୍ୱ କରିବାର ସୁଯୋଗ ପାଇବେ। ଦେଖିବାକୁ ଗଲେ ଉତ୍ତର ଭାରତରେ ଅଧିକ ଜନସଂଖ୍ୟା ସହିତ ଗରିବଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଶିକ୍ଷା ବ୍ୟବସ୍ଥାରେ ଉତ୍ତର ଭାରତ ଅନେକ ପଛରେ ରହିଆସିଛି। ଏହାର ଜ୍ୱଳନ୍ତ ଉଦାହରଣ ଖୋଜିଲେ ଓଡ଼ିଶାର ଅଧିକାଂଶ ଯୁବତୀଯୁବକ କେଉଁଆଡ଼େ ମୁହାଁଉଛନ୍ତି ତାହା ଦେଖିଲେ ବୁଝାପଡ଼ିବ। ଆଜିର ପରିସ୍ଥିତିରେ ହାଇଦ୍ରାବାଦ, ବେଙ୍ଗାଲୁରୁ, ଗୋଆ, ଚେନ୍ନାଇ ଏବଂ କେରଳ ଭଳି ରାଜ୍ୟକୁ ଅଧିକ ସଂଖ୍ୟକ ଓଡ଼ିଆ, ବିହାରୀ ଏବଂ ବଙ୍ଗାଳୀ ଶିକ୍ଷିତ ଯୁବଶକ୍ତି ଯିବାକୁ ପସନ୍ଦ କରୁଛନ୍ତି। କିଛି ଦଶନ୍ଧି ପୂର୍ବରୁ ଏହିଭଳି ସ୍ରୋତ ଦିଲ୍ଲୀକୁ ମୁହାଁଉଥିଲା। ଏବେ ଦିଲ୍ଲୀରେ ମଧ୍ୟ ନିଯୁକ୍ତିର ସୁଯୋଗ ଅତ୍ୟନ୍ତ ସଙ୍କୁଚିତ ହୋଇଯାଇଛି। ଅନ୍ୟପଟେ ଦକ୍ଷିଣ ଏବଂ ପଶ୍ଚିମ ଭାରତରେ ସ୍ଥାନୀୟ ଲୋକଙ୍କର ଅର୍ଥନୀତିରେ ବିକାଶ ଘଟୁଥିବାରୁ ଅନେକ ପ୍ରକାର ନିଯୁକ୍ତି ସୁଯୋଗ ସୃଷ୍ଟି ହେଉଛି। ଏଥିରୁ ବୁଝିବାକୁ ହେବ ଯେ, ତାମିଲନାଡୁ ମୁଖ୍ୟମନ୍ତ୍ରୀ ଷ୍ଟାଲିନଙ୍କ ପରିବର୍ତ୍ତେ ଉତ୍ତର ଭାରତରେ ହିନ୍ଦୀ ଭାଷାଭାଷୀ ନେତାମାନେ ନିଜର ସୁବିଧା ପାଇଁ ନିର୍ବାଚନ ମଣ୍ଡଳୀଗୁଡ଼ିକର ସୀମା ପୁନଃ ନିର୍ଦ୍ଧାରଣ କାର୍ଯ୍ୟକୁ ମୋଡ଼ିବାକୁ ଚେଷ୍ଟା କରୁଛନ୍ତି। ଅଧିକ ସଂଖ୍ୟକ ଉତ୍ତର ଭାରତୀୟ ସାଂସଦ ଯେତେବେଳେ ଲୋକ ସଭାରେ ରହିବେ, ସେତେବେଳେ ସରକାରୀ ନୀତିରେ ମଧ୍ୟ ସେମାନଙ୍କର ପ୍ରଭାବ ବଢ଼ିବ। ତାହାର ଲାଭ ସବୁବେଳେ ଉତ୍ତରଭାରତୀୟଙ୍କୁ ଯିବ।

ସଂକ୍ଷିପ୍ତରେ କହିବାକୁ ଗଲେ ଓଡ଼ିଶା ଭଳି ରାଜ୍ୟରେ ଜନସଂଖ୍ୟା ଆଖିଦୃଶିଆ ଭାବେ ବୃଦ୍ଧି ପାଉ ନ ଥିବା ହେତୁ ଲୋକ ସଭା ଆସନ ମଧ୍ୟ ବଢ଼ିବ ନାହିଁ। କିନ୍ତୁ ଓଡ଼ିଶାର ଖଣି ଖାଦାନରୁ ଆଦାୟ ହେଉଥିବା ବିପୁଳ ମାତ୍ରାର ଅର୍ଥ କେବଳ ଉତ୍ତରଭାରତର ଜନସଂଖ୍ୟା ବହୁଳ ଅଞ୍ଚଳରେ ଖର୍ଚ୍ଚ ହେବ। ସେହିଭଳି ଦକ୍ଷିଣ ଭାରତର ଶିଳ୍ପ ଏବଂ ସାମାଜିକ ଅଗ୍ରଗତିର ସୁଫଳ ତାମିଲନାଡୁ, ତେଲଙ୍ଗାନା, ଆନ୍ଧ୍ର କିମ୍ବା କର୍ଣ୍ଣାଟକ ଭଳି ରାଜ୍ୟ ପରିବର୍ତ୍ତେ ଉତ୍ତରପ୍ରଦେଶ, ବିହାର, ରାଜସ୍ଥାନ ଏବଂ ମଧ୍ୟପ୍ରଦେଶ ଭଳି ରାଜ୍ୟକୁ ସରକାର ଆଦାୟ କରୁଥିବା ଟିକସ ଖର୍ଚ୍ଚରେ ସବୁ ସୁଫଳ ମିଳିବ। ଏଭଳି ନୀତି କାର୍ଯ୍ୟକାରୀ ହେଲେ ତାହା ଭାରତୀୟ ସଂଘୀୟ ବ୍ୟବସ୍ଥାକୁ କ୍ଷତି ପହଞ୍ଚାଇବା ସହିତ ଦେଶ ଅଖଣ୍ଡତାକୁ ମଧ୍ୟ ବିପଦ ଡାକି ଆଣିପାରେ।

# ଦର ବଢ଼ାଉଛି 'ଦାନା'

**ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ବୁଧବାର ଘନୀଭୂତ ହୋଇ ବାତ୍ୟା 'ଦାନା'ର ରୂପ ନେବ। ଏହା କ୍ରମଶଃ ବଳ ଗୋଟାଇ ୨୪ ତାରିଖ ସକାଳ ସୁଦ୍ଧା ଉଗ୍ରରୂପ ଧାରଣ କରିପାରେ। ବାତ୍ୟା କେନ୍ଦ୍ରାପଡ଼ା ଜିଲା ରାଜନଗର ଅଞ୍ଚଳରେ ସ୍ଥଳଭାଗ ଛୁଇଁପାରେ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଆକଳନ କରିଛି। 'ଦାନା'ର ସର୍ବାଧିକ ପ୍ରଭାବ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଓ ପୁରୀ ଜିଲାରେ ଦେଖିବାକୁ ମିଳିପାରେ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବ୍ୟାପକ ପ୍ରସ୍ତୁତି ଚଳାଇଛନ୍ତି। ତେବେ ସମ୍ଭାବ୍ୟ ବାତ୍ୟା ଯୋଗୁ ଓଡ଼ିଶା ବଜାରରେ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦରଦାମ ବଢ଼ିବାରେ ଲାଗିଛି, ଯାହାକୁ ନିୟନ୍ତ୍ରଣ କରିବା ସରକାରଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ବାତ୍ୟା ଭୟରେ ଆଳୁ, ପିଆଜ ଭଳି ସାମଗ୍ରୀ ବଜାରରୁ ଉଭାନ ହୋଇଗଲାଣି। ଲୋକେ ବ୍ୟାଗ୍ ଧରି ବଜାରକୁ ଯିବାବେଳେ ଅନେକ ସାମଗ୍ରୀ ନ ପାଇ ନିରାଶ ହୋଇ ଫେରୁଛନ୍ତି। ଆଉ କେତେକ ସାମଗ୍ରୀ ଚଢ଼ା ଦରରେ କିଣିବାକୁ ବାଧ୍ୟ ହେଉଛନ୍ତି।**




## କଳାବଜାର କରୁଥିବା ବେପାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ଭୁବନେଶ୍ୱର, ୨୨।୧୦ (ସୁନିତ୍ ମିଶ୍ର/ଅନିଲ ଦାସ)

ବାତ୍ୟା ଆସିବା ପୂର୍ବରୁ ଆଳୁ, ପିଆଜ, ତେଲ, ଡାଲି ଓ ପନିପରିବା ଦର ହୁହୁ ହୋଇ ବଢ଼ିଚାଲିଛି। ଏହି ସବୁ ସାମଗ୍ରୀ ଏବେ ବଜାରରେ ମିଳିବା କଷ୍ଟକର ହୋଇପଡ଼ିଲାଣି। ଗଣମାଧ୍ୟମରେ ବାତ୍ୟା ଖବର ଯେତିକି ଜୋର୍‌ରେ ପ୍ରସାରିତ ହେଉଛି, ସେହିକ୍ରମରେ ସାମଗ୍ରୀଗୁଡ଼ିକର କଳାବଜାର ଓ ଅଭାବ ଅନୁଭୂତ ହେଉଛି। ୨୪ ତାରିଖରେ ବାତ୍ୟା ଆସୁଛି ବୋଲି ଆକଳନ କରାଯିବା ଦିନଠାରୁ ହିଁ ସାମଗ୍ରୀଗୁଡ଼ିକର କୃତ୍ରିମ ଅଭାବ ଦେଖାଦେଇଛି। ବଜାରରେ ଏଭଳି ସ୍ଥିତି ସୃଷ୍ଟି ହୋଇସାରିବା ପରେ ରାଜ୍ୟ ସରକାର ☞ପୃଷ୍ଠା-୪

# ୧୯୬ ଟ୍ରେନ୍ ବାତିଲ

## ଖୋଲିଲା ୨୪ ଘଣ୍ଟିଆ ବିପର୍ଯ୍ୟୟ ପରିଚାଳନା ନିୟନ୍ତ୍ରଣ କକ୍ଷ

ଭୁବନେଶ୍ୱର,୨୨।୧୦(ଅନୁରାଧା ମହାରଣା)

ବାତ୍ୟା 'ଦାନା'କୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ପକ୍ଷରୁ ଯାତ୍ରୀ ସୁରକ୍ଷା ନିମନ୍ତେ ୧୯୮ଟି ଟ୍ରେନ ବାତିଲ କରାଯାଇଥିବା ସୂଚନା ଦିଆଯାଇଛି। ଅକ୍ଟୋବର ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ୧୯୬ଟି ଟ୍ରେନ୍ ବାତିଲ କରାଯାଇଛି। ଏଥିମଧ୍ୟରେ ଅପ୍ ଟ୍ରେନ ୯୪ ଏବଂ ଡାଉନ ଟ୍ରେନ ୧୦୩ଟି ବାତିଲ କରାଯାଇଛି। ବାତିଲ ହୋଇଥିବା ଟ୍ରେନ୍‌ଗୁଡ଼ିକ ମଧ୍ୟରେ ହାଓଡା ସିକନ୍ଦରାବାଦ, ସାଲିମାର-ପୁରୀ, ନୂଆଦିଲ୍ଲୀ-ଭୁବନେଶ୍ୱର, ହାଓଡା-ଭୁବନେଶ୍ୱର, ହାଓଡ଼ା-ପୁରୀ, ନୂଆଦିଲ୍ଲୀ-ପୁରୀ, ଖଡ଼ଗପୁର-ଖୋର୍ଦ୍ଧା, ସମ୍ବଲପୁର-ପୁରୀ, ରାଉରକେଲା-ଭୁବନେଶ୍ୱର, ସିକନ୍ଦରାବାଦ-ଭୁବନେଶ୍ୱର, ପୁଡୁଚେରୀ-ହାଓଡା, ପୁଡୁଚେରୀ-ଭୁବନେଶ୍ୱର, ବ୍ରହ୍ମପୁର-ଭୁବନେଶ୍ୱର, ବିଶାଖାପାଟଣା-ଭୁବନେଶ୍ୱର, ବିଶାଖାପାଟଣା-ଦୀଘା ଆଦି ଟ୍ରେନ ବାତିଲ ହୋଇଛି। ବାତିଲ ହୋଇଥିବା ଟ୍ରେନ୍ ସମ୍ପର୍କିତ ସୂଚନା ଜାଣିବା ପାଇଁ ପୂର୍ବତଟ ରେଳପଥର ୱେବସାଇଟ୍ ପରିଦର୍ଶନ ☞ପୃଷ୍ଠା-୪

# ୧୫ରେ ରାଉରକେଲା ଆସିବେ ପ୍ରଧାନମନ୍ତ୍ରୀ

ରାଉରକେଲା,୨୨।୧୦ (ବିପ୍ଳବ ରଞ୍ଜନ ଦାଶ)



ଆସନ୍ତା ନଭେମ୍ବର ୧୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦିନିକିଆ ରାଉରକେଲା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ପ୍ରଧାନମନ୍ତ୍ରୀ ଉକ୍ତ ଦିନ ୧୧ଟାରେ ଝାରସୁଗୁଡା ବିମାନବନ୍ଦରରେ ପହଞ୍ଚିବେ। ସେଠାରୁ ହେଲିକପ୍ଟରରେ ରାଉରକେଲା ଆସି ଜନଜାତି ଗୌରବ ଦିବସ କାର୍ଯ୍ୟକ୍ରମରେ ଯୋଗଦେବେ। ସେ ଶହୀଦ ମାଧୋସିଂ ହାତଖର୍ଚ୍ଚ ବୃତ୍ତି ଯୋଜନାର ଶୁଭାରମ୍ଭ କରିବା ସହ ୪୫୦ ପ୍ରାଥମିକ ☞ପୃଷ୍ଠା-୪

# ଜେଲ ଗଲେ 'ବିଚାରପତି'

## ୨୦୧୯ରୁ କୋର୍ଟ ଖୋଲି ଶୁଣାଣି କରୁଥିଲେ

ଅହମଦାବାଦ, ୨୨।୧୦



ନକଲି କୋର୍ଟରୁମ୍‌ରେ ନକଲି ବିଚାରପତି ମୋରିସ୍ ସାମୁଏଲ ଖ୍ରୀଷ୍ଟିଆନ।

ଗୁଜରାଟର ଗାନ୍ଧୀନଗରରୁ ଏକ ଅଜବ ଘଟଣା ସାମ୍ନାକୁ ଆସିଛି। ୫ ବର୍ଷ ଧରି ନକଲି ଅଦାଲତ ଚଳାଉଥିବା ଜଣେ ବ୍ୟକ୍ତିଙ୍କୁ ପୋଲିସ ମଙ୍ଗଳବାର ଗିରଫ କରିଛି। ଗାନ୍ଧୀନଗରରେ ରହୁଥିବା ମୋରିସ୍ ସାମୁଏଲ ଖ୍ରୀଷ୍ଟିଆନ ନାମକ ଅଭିଯୁକ୍ତ ନିଜ କାର୍ଯ୍ୟାଳୟରେ ନକଲି କୋର୍ଟ ସ୍ଥାପନ କରି ବିଭିନ୍ନ ଜମି ସମ୍ବନ୍ଧୀୟ ମାମଲାର ଶୁଣାଣି କରୁଥିଲେ। ଜଜ୍ ଭାବେ ନିଜକୁ ପରିଚୟ ଦେଇ ଲୋକଙ୍କୁ ଧୋକା ଦେଉଥିବା ଅଭିଯୋଗରେ ପୋଲିସ ମଙ୍ଗଳବାର ମୋରିସ୍‌ଙ୍କୁ ଗିରଫ କରିଛି। ସେ ଗାନ୍ଧୀନଗରସ୍ଥିତ ନିଜ କାର୍ଯ୍ୟାଳୟରେ ପ୍ରକୃତ ଅଦାଲତ ପରି ମାହୋଲ ସୃଷ୍ଟି କରିବା ସହ ନିଜକୁ ଜଜ୍ ଭାବେ ଦର୍ଶାଇ ଆଦେଶ ପାରିତ କରୁଥିଲେ। ପୋଲିସ ସୂଚନା ଅନୁଯାୟୀ, ୨୦୧୯ର ଏକ ସରକାରୀ ଜମି ସମ୍ବନ୍ଧୀୟ ମାମଲାରେ ମୋରିସ ନିଜ ମହକିଲଙ୍କ ସପକ୍ଷରେ ଆଦେଶ ପାରିତ କରିଥିଲେ। ଏହାପରେ ତାଙ୍କ ନାମରେ ହୋଇଥିବା ଅଭିଯୋଗର ତଦନ୍ତ କରି ପୋଲିସ ତାଙ୍କୁ ଗିରଫ କରିଛି। ଯେଉଁ ଲୋକମାନଙ୍କର ଜମି ବିବାଦ ମାମଲା ସହରର ସିଭିଲ କୋର୍ଟରେ ପଡ଼ି ରହିଥିଲା ସେମାନଙ୍କୁ ମୋରିସ୍ ଟାର୍ଗେଟ କରି ଫସାଉଥିଲେ ବୋଲି ପ୍ରାରମ୍ଭିକ ☞ପୃଷ୍ଠା-୪




**ରୁଷୀୟ ସେନାରୁ ମୁକୁଳିଛନ୍ତି ୮୫ ଭାରତୀୟ** ବର୍ତ୍ତମାନ ସୁଦ୍ଧା ୮୫ ଭାରତୀୟ ରୁଷୀୟ ସେନାରୁ ମୁକୁଳିଥିବା ନେଇ ମଙ୍ଗଳବାର ବହିର୍ବ୍ୟାପାର ସଚିବ ବିକ୍ରମ ମିଶ୍ରି ସୂଚନା ଦେଇଛନ୍ତି। ଅନ୍ୟ ୨୦ ଭାରତୀୟଙ୍କୁ ମୁକ୍ତ କରିବା ପାଇଁ ଭାରତ ସରକାରଙ୍କ ପକ୍ଷରୁ ପ୍ରୟାସ ଜାରି ରହିଛି। ଗତ ଜୁଲାଇରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମସ୍କୋ ଗସ୍ତରେ ଯାଇ ରୁଷୀୟ ସେନାରେ କାର୍ଯ୍ୟରତ ଭାରତୀୟ ନାଗରିକଙ୍କୁ ମୁକୁଳାଇବା ପାଇଁ ରାଷ୍ଟ୍ରପତି ଭ୍ଲାଡ଼ିମିର ପୁଟିନଙ୍କୁ କହିଥିଲେ।

# ଡଲାର, ଏସ୍‌ଡବ୍ଲ୍ୟୁଆଇଏଫ୍‌ଟିରୁ ନିର୍ଭରଶୀଳତା ହ୍ରାସ ଲକ୍ଷ୍ୟ



ବ୍ରିକ୍ସ ସମ୍ମିଳନୀରେ ଯୋଗଦେବା ପାଇଁ ରୁଷିଆର କାଜାନ ସହରରେ ପହଞ୍ଚିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରବାସୀ ଭାରତୀୟମାନେ ସ୍ୱାଗତ କରୁଛନ୍ତି।

## ବ୍ରିକ୍ସ ସମ୍ମିଳନୀ ଆରମ୍ଭ

କାଜାନ,୨୨।୧୦

ରୁଷିଆର କାଜାନ ସହରରେ ମଙ୍ଗଳବାରଠାରୁ ୩ ଦିନିଆ ବ୍ରିକ୍ସ ସମ୍ମିଳନୀ ଆରମ୍ଭ ହୋଇଛି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଉକ୍ତ ସମିଟ୍‌ର ଆୟୋଜନ କରୁଥିବାବେଳେ ଏଥିରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ ସମେତ ଅନ୍ୟ ବିଶ୍ୱ ନେତାମାନେ ଯୋଗଦେଇଛନ୍ତି। ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର ସମର୍ଥନ ପାଉଥିବା ୟୁକ୍ରେନ୍ ସହ ରୁଷିଆର ଯୁଦ୍ଧ ୨ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲା ଜାରି ରହିଥିବାବେଳେ ବହୁ ଦଶନ୍ଧି ପରେ ବିଶ୍ୱନେତାମାନଙ୍କୁ ନେଇ ସମ୍ମିଳନୀର ଆୟୋଜନ କରିବା ରୁଷିଆ ପାଇଁ ଏକ ବଡ଼ ସଫଳତା। ଏହି ସମ୍ମିଳନୀ ଜରିଆରେ ରୁଷିଆ ଏହା ପଛରେ ଗ୍ଲୋବାଲ ସାଉଥ୍‌ର ସମର୍ଥନ ରହିଥିବା ଦେଖାଇବାକୁ ଚାହିଁଛି।

ବ୍ରାଜିଲ, ରୁଷିଆ, ଭାରତ, ଚାଇନା ଓ ଦକ୍ଷିଣ ଆଫ୍ରିକା ବ୍ରିକ୍ସର ସଦସ୍ୟ ରାଷ୍ଟ୍ର ହୋଇଥିବାବେଳେ ସମ୍ମିଳନୀରେ ୩୬ଟି ଦେଶରୁ ନେତାମାନେ ଯୋଗ ଦେଇଛନ୍ତି। ଇରାନ, ଇଜିପ୍ଟ, ଇଥିଓପିଆ, ୟୁନାଇଟେଡ୍ ଆରବ ଏମିରେଟ୍ସ ଏବଂ ସାଉଦି ଆରବ ଉକ୍ତ ଗୋଷ୍ଠୀର ସଦସ୍ୟତା ଗ୍ରହଣ କରିଥିବାବେଳେ ତୁର୍କୀ, ଆଜରବୈଜାନ ଏବଂ ମାଲେସିଆ ସଦସ୍ୟ ହେବା ପାଇଁ ଆବେଦନ କରିଛନ୍ତି।

ବିଶ୍ୱ ଅର୍ଥନୀତିରେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର ଆଧିପତ୍ୟ ବିସ୍ତାରକୁ ନେଇ ବ୍ରିକ୍ସ ସଦସ୍ୟ ରାଷ୍ଟ୍ରଗୁଡ଼ିକ ଅସନ୍ତୁଷ୍ଟ। ବିଶେଷକରି ୨୦୨୨ରେ ରୁଷିଆ ୟୁକ୍ରେନ୍ ଉପରେ ଆକ୍ରମଣ କରିବା ପରେ ଏହା ଉପରେ ପାଶ୍ଚାତ୍ୟ ରାଷ୍ଟ୍ର କଟକଣା ଲଗାଇଥିଲେ, ଯାହାକୁ ନେଇ ଗ୍ଲୋବାଲ ସାଉଥ୍‌ର ଅନେକ ରାଷ୍ଟ୍ର ଚିନ୍ତାବ୍ୟକ୍ତ କରିଥିଲେ। ବିଶ୍ୱ ଅର୍ଥନୀତିକୁ ନିୟନ୍ତ୍ରଣ କରିବା ଲାଗି ପାଶ୍ଚାତ୍ୟ ଶକ୍ତି କଟକଣାକୁ ଅସ୍ତ୍ର କରୁଥିବା ସେମାନେ କହିଥିଲେ। ବ୍ରିକ୍ସ ସହଯୋଗୀମାନେ ଆମେରିକା ଡଲାର ଏବଂ ଆର୍ଥିକ କାରବାର ଲାଗି ରହିଥିବା ଅନ୍ତର୍ଜାତୀୟ ମେସେଜିଂ ନେଟ୍‌ୱର୍କ ଏସ୍‌ଡବ୍ଲ୍ୟୁଆଇଏଫ୍‌ଟି ବ୍ୟବସ୍ଥା ଉପରୁ ନିର୍ଭରଶୀଳତା କମାଇବାକୁ ଚାହାନ୍ତି। ୨୦୨୨ରୁ ରୁଷିଆର ବ୍ୟାଙ୍କଗୁଡ଼ିକ ଏହି ବ୍ୟବସ୍ଥାରୁ ବାଦ୍ ପଡ଼ିଛନ୍ତି। ଚାଇନା ଏସ୍‌ଡବ୍ଲ୍ୟୁଆଇଏଫ୍‌ଟି ପେମେଣ୍ଟ ସିଷ୍ଟମର ବିକଳ୍ପ ଆଣିଥିବାବେଳେ ଏହା ସୀମିତ ଉପଯୋଗ ହେଉଛି। ବ୍ରିକ୍ସ ସମ୍ମିଳନୀ ଅବସରରେ ପୁଟିନ୍ ୨୦ଟି ଦେଶର ନେତାମାନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି। ଗୁରୁବାର ପୁଟିନ୍ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍‌ଙ୍କୁ ଭେଟିବା କାର୍ଯ୍ୟକ୍ରମ ରହିଛି।

## ୟୁକ୍ରେନ୍ ଯୁଦ୍ଧ ବନ୍ଦ ଦିଗରେ ସହଯୋଗ ପାଇଁ ଭାରତ ପ୍ରସ୍ତୁତ

### ପୁଟିନ୍‌ଙ୍କୁ କହିଲେ ମୋଦି

କାଜାନ,୨୨।୧୦(ପି.ଟି.)

ରୁଷିଆ-ୟୁକ୍ରେନ୍ ବିବାଦର ସମାଧାନ ଶାନ୍ତିପୂର୍ଣ୍ଣ ଉପାୟରେ ହେବା ଆବଶ୍ୟକ। ଏଥିପାଇଁ ସମସ୍ତ ସମ୍ଭାବ୍ୟ ସହଯୋଗ ଯୋଗାଇଦେବାକୁ ଭାରତ ପ୍ରସ୍ତୁତ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍‌ଙ୍କୁ କହିଛନ୍ତି। ରୁଷିଆର କାଜାନରେ ୧୬ତମ ବ୍ରିକ୍ସ ସମ୍ମିଳନୀରେ ଯୋଗଦେବାକୁ ଯାଇଥିବା ମୋଦି ରୁଷିଆ ରାଷ୍ଟ୍ରପତିଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା ବେଳେ ଉପରୋକ୍ତ ପ୍ରତିଶ୍ରୁତି ଦେଇଛନ୍ତି। ଉକ୍ତ ଅଞ୍ଚଳରେ ଯଥାସମ୍ଭବ ଶାନ୍ତି ଓ ସ୍ଥିରତା ଫେରାଇ ଆଣିବାକୁ ନୂଆଦିଲ୍ଲୀ ପୂର୍ଣ୍ଣ ସମର୍ଥନ କରେ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ଗତ ୩ ମାସ ମଧ୍ୟରେ ଏହା ତାଙ୍କର ଦ୍ୱିତୀୟ ରୁଷିଆ ଗସ୍ତ, ଯାହା ଦୁଇ ଦେଶ ମଧ୍ୟରେ ଘନିଷ୍ଠ ସହଯୋଗ ଏବଂ ଗଭୀର ଆସ୍ଥାର ପ୍ରତିଫଳନ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଜାରି ରହିଥିବାବେଳେ ଭାରତ ନିୟମିତ ଯୋଗାଯୋଗରେ ରହିଛି। ଶାନ୍ତିପୂର୍ଣ୍ଣ ଉପାୟରେ ସମସ୍ୟାର ସମାଧାନ ହେବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ ପୂର୍ବରୁ କହିଆସିଛନ୍ତି। ଆମର ସମସ୍ତ ଉଦ୍ୟମ ମାନବିକତାକୁ ପ୍ରାଥମିକତା ଦେଇଆସିଛି। ଆଗକୁ ଭାରତ ସମସ୍ତ ସମ୍ଭାବ୍ୟ ସହଯୋଗ ଯୋଗାଇଦେବ ବୋଲି ମୋଦି କହିଛନ୍ତି।

## ଆଜି ମୋଦି-ଜିନ୍‌ପିଙ୍ଗ୍ ଦ୍ୱିପାକ୍ଷିକ ଆଲୋଚନା

ନୂଆଦିଲ୍ଲୀ,୨୨।୧୦

ବ୍ରିକ୍ସ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ। ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି)ରେ ପାଟ୍ରୋଲିଂ ପାଇଁ ନୂଆଦିଲ୍ଲୀ ଏବଂ ବେଜିଂ ସହମତିରେ ପହଞ୍ଚିଥିବାବେଳେ ସୀମାରୁ ସେନା ପ୍ରତ୍ୟାହାର ନେଇ ଆଶା ଉଜ୍ଜ୍ୱଳ ହୋଇଛି। ୨୦୨୦ରେ ସୃଷ୍ଟି ହୋଇଥିବା ମୁହାଁମୁହିଁ ସ୍ଥିତିର ସମାଧାନ ହେବା ଆଶା କରାଯାଉଛି। ଏଭଳି ସମୟରେ ମୋଦି ଏବଂ ଜିନ୍‌ପିଙ୍ଗଙ୍କ ମଧ୍ୟରେ ୫ ବର୍ଷ ମଧ୍ୟରେ ପ୍ରଥମ ଥର ଆନୁଷ୍ଠାନିକ ଆଲୋଚନା ହେବାକୁ ଯାଉଛି। ଏହା ପୂର୍ବରୁ ଗତବର୍ଷ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ବ୍ରିକ୍ସ ସମିଟ୍ ଅବସରରେ ଦୁଇ ନେତା ପରସ୍ପରକୁ ଭେଟିଥିଲେ। ସେତେବେଳେ ମୋଦି ଏଲ୍‌ଏସିର ଅସମାହିତ ପ୍ରସଙ୍ଗକୁ ନେଇ ଭାରତର ଉଦ୍‌ବେଗ ଜିନ୍‌ପିଙ୍ଗଙ୍କୁ ଜଣାଇଥିଲେ। ସୀମାରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ଉପରେ ମୋଦି ଗୁରୁତ୍ୱ ଦେବା ସହ ଦୁଇ ଦେଶ ମଧ୍ୟରେ ସମ୍ପର୍କ ସ୍ୱାଭାବିକ ସ୍ଥିତିକୁ ଆଣିବାକୁ ହେଲେ ଏଲ୍‌ଏସିକୁ ସମ୍ମାନ ଦେବା ଜରୁରୀ ବୋଲି କହିଥିଲେ। ମଙ୍ଗଳବାରଠାରୁ ରୁଷିଆର କାଜାନ ସହରରେ ୩ ଦିନିଆ ବ୍ରିକ୍ସ ସମ୍ମିଳନୀ ଆରମ୍ଭ ହୋଇଥିବାବେଳେ ସେଠାରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍‌ଙ୍କ ସମେତ ବ୍ରାଜିଲ ରାଷ୍ଟ୍ରପତି ଲୁଲା ଡା ସିଲ୍‌ଭା, ଦକ୍ଷିଣ ଆଫ୍ରିକା ପ୍ରତିପକ୍ଷ ସିରିଲ ରାମାଫୋସାଙ୍କ ସହ ମୋଦି ଏବଂ ଜିନ୍‌ପିଙ୍ଗ୍ ଉପସ୍ଥିତ ଅଛନ୍ତି।

## ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନ: ୟୁପି ସରକାରଙ୍କୁ ଚେତାଇଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୨।୧୦

ଉତ୍ତରପ୍ରଦେଶର ବାହରାଇଚ୍‌ରେ ସାମ୍ପ୍ରଦାୟିକ ସଂଘର୍ଷ ପରେ ଘର ଭାଙ୍ଗିବା ପାଇଁ ପ୍ରଶାସନ ନୋଟିସ୍ ଜାରି କରିଥିବାରୁ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ସର୍ବୋଚ୍ଚ ଅଦାଲତ ପିଟିଶନର ଶୁଣାଣି କରି ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନ ବିରୋଧରେ ଯୋଗୀ ଆଦିତ୍ୟନାଥ ସରକାରଙ୍କୁ ମଙ୍ଗଳବାର ପରୋକ୍ଷ ଚେତାବନୀ ଦେଇଛନ୍ତି। ଶୀର୍ଷ ଅଦାଲତଙ୍କ ନିର୍ଦ୍ଦେଶର ଉଲ୍ଲଂଘନ କରିବାର ରିସ୍କ ନେବା (କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବା)କୁ ରାଜ୍ୟ ସରକାର ଚାହୁଁଥିଲେ, ତାହା ସେମାନଙ୍କ ନିଷ୍ପତ୍ତି। ତେବେ ପରବର୍ତ୍ତୀ ଶୁଣାଣି ପୂର୍ବରୁ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାକୁ ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ କେ.ଭି. ବିଶ୍ୱନାଥନ୍‌ଙ୍କ ଖଣ୍ଡପୀଠ କହିଛନ୍ତି।

## 'ଧର୍ମନିରପେକ୍ଷତାର ଅର୍ଥ ବଞ୍ଚିବା ଓ ଅନ୍ୟକୁ ବଞ୍ଚିବାକୁ ଦେବା'

ନୂଆଦିଲ୍ଲୀ,୨୨।୧୦

ଧର୍ମନିରପେକ୍ଷତାର ଅର୍ଥ ହେଉଛି ବଞ୍ଚ ଏବଂ ବଞ୍ଚିବାକୁ ଦିଅ ବୋଲି ସୁପ୍ରିମ୍‌କୋର୍ଟ ମଙ୍ଗଳବାର କହିଛନ୍ତି। 'ଉତ୍ତରପ୍ରଦେଶ ମଦ୍ରାସା ଶିକ୍ଷା ବୋର୍ଡ ଅଧିନିୟମ ୨୦୦୪'କୁ ଅସାମ୍ବିଧାନିକ ଦର୍ଶାଇଥିବା ଆଲ୍ଲାହାବାଦ ହାଇକୋର୍ଟଙ୍କ ରାୟ ବିରୋଧରେ ଏକ ଆବେଦନର ଶୁଣାଣିକରି ମଙ୍ଗଳବାର ସର୍ବୋଚ୍ଚ ଅଦାଲତ ଏପରି କହିଛନ୍ତି। ସୁପ୍ରିମକୋର୍ଟ ଉକ୍ତ ଆବେଦନକୁ ନେଇ ନିଜ ରାୟକୁ ସଂରକ୍ଷିତ ରଖିଛନ୍ତି। ମାମଲାର ୨ ଦିନ ଧରି ଶୁଣାଣି କରିବା ପରେ ପ୍ରଧାନ ବିଚାରପତି ଡି.ୱାଇ ଚନ୍ଦ୍ରଚୂଡ଼ଙ୍କୁ ନେଇ ଗଠିତ ୩ ଜଣିଆ ଖଣ୍ଡପୀଠ କହିଛନ୍ତି, ଭାରତକୁ ବ୍ୟାପକ ଦୃଷ୍ଟିକୋଣରୁ ଦେଖାଯିବାର ଆବଶ୍ୟକତା ରହିଛି। କୌଣସି ଧାର୍ମିକ ନିର୍ଦ୍ଦେଶକୁ ଭାରତରେ ନକାରାତ୍ମକ ଭାବେ ଦେଖାଯାଏ ନାହିଁ।

## 'ଦୃଶ୍ୟମ୍' ଶୈଳୀରେ ବାନ୍ଧବୀଙ୍କୁ ହତ୍ୟା

ନାଗପୁର,୨୨।୧୦

ଅଜୟ ଦେବଗନଙ୍କ ଅଭିନୀତ ସିନେମା 'ଦୃଶ୍ୟମ୍' ଶୈଳୀରେ ଜଣେ ଯବାନ ତାଙ୍କ ବାନ୍ଧବୀଙ୍କୁ ହତ୍ୟା କରି ମୃତଦେହକୁ ପୋତି ତାହା ଉପରେ ସିମେଣ୍ଟ ପ୍ଲାଷ୍ଟର କରିଦେଇଥିଲେ। ଅଭିଯୁକ୍ତ ଯବାନ ହେଉଛନ୍ତି ନାଗପୁର କୈଲାସନଗର ଅଞ୍ଚଳର ଅଜୟ ୱାଙ୍ଖଡେ(୩୩)। ଅଗଷ୍ଟ ୨୮ରେ ୩୨ ବର୍ଷୀୟା ମହିଳା ନିଖୋଜ ଘଟଣାର ତଦନ୍ତ କରୁ କରୁ ପୋଲିସ ଏଭଳି ଭୟଙ୍କର ଅପରାଧର ପର୍ଦ୍ଦାଫାଶ୍ କରିଛି। ମହାରାଷ୍ଟ୍ରର ନାଗପୁର ପୋଲିସ ମଙ୍ଗଳବାର ତାଙ୍କୁ ଗିରଫ କରିଛି।

## ପୂର୍ବ ଲଦାଖରେ ଅଚଳାବସ୍ଥା ଦୂର ପାଇଁ ବୁଝାମଣା ହୋଇଛି: ଚାଇନା

ବେଜିଂ,୨୨।୧୦(ପି.ଟି.)

ପୂର୍ବ ଲଦାଖ ଅନ୍ତର୍ଗତ ନିୟନ୍ତ୍ରଣ ରେଖାରେ ଦୁଇ ସେନା ମଧ୍ୟରେ ଲାଗିରହିଥିବା ଅଚଳାବସ୍ଥାର ଅବସାନ ପାଇଁ ଭାରତ ସହ ବୁଝାମଣା ହୋଇଥିବା ମଙ୍ଗଳବାର ଚାଇନା ସ୍ପଷ୍ଟ କରିଛି। ଭାରତ-ଚାଇନା ସୀମା ବିବାଦ ପ୍ରସଙ୍ଗକୁ ନେଇ ଦୁଇ ଦେଶ କିଛି ମାସ ହେଲା କୂଟନୈତିକ ଏବଂ ସାମରିକ ଚ୍ୟାନେଲ ଜରିଆରେ ସମାଧାନ ପାଇଁ ଯୋଗାଯୋଗ ରଖିଆସିଥିବା ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଲିନ୍ ଜିଆନ୍ ଗଣମାଧ୍ୟମକୁ କହିଛନ୍ତି। ପୂର୍ବ ଲଦାଖରେ ପାଟ୍ରୋଲିଂକୁ ନେଇ ୪ ବର୍ଷ ହେଲା ଲାଗିରହିଥିବା ଅଚଳାବସ୍ଥା ଦୂର କରିବା ପାଇଁ ଦୁଇ ଦେଶ ସହମତିରେ ପହଞ୍ଚିଥିବା ନେଇ ଭାରତ ସୋମବାର ଘୋଷଣା କରିଥିବାବେଳେ ଏହା ଉପରେ ଲିନ୍‌ଙ୍କ ପ୍ରତିକ୍ରିୟା ମଗାଯାଇଥିଲା। ଉଭୟ ପକ୍ଷ ଉପରୋକ୍ତ ପ୍ରସଙ୍ଗରେ ସମାଧାନରେ ପହଞ୍ଚିଥିବା ଲିନ୍ କହିଛନ୍ତି। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ବେଜିଂ ନୂଆଦିଲ୍ଲୀ ସହ ଏକାଠି କାର୍ଯ୍ୟ କରିବ ବୋଲି ସେ କହିଥିବାବେଳେ ସବିଶେଷ ତଥ୍ୟ ଦେବାକୁ ମନା କରିଦେଇଥିଲେ। ସୂଚନାଯୋଗ୍ୟ, ୨୦୨୦ ଜୁନ୍‌ରେ ଗଲୱାନ୍ ଉପତ୍ୟକାରେ ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ସଂଘର୍ଷ ହୋଇ ଉଭୟ ପକ୍ଷରୁ କେତେକ ସୈନ୍ୟ ମୃତାହତ ହୋଇଥିଲେ। ଏହା ବହୁ ଦଶନ୍ଧି ମଧ୍ୟରେ ଦୁଇ ଦେଶ ମଧ୍ୟରେ ସବୁଠୁ ବଡ଼ ସାମରିକ ସଂଘର୍ଷ ଥିଲା। ଏହି ଘଟଣା ପରେ ଭାରତ ଓ ଚାଇନା ମଧ୍ୟରେ ତିକ୍ତତା ବୃଦ୍ଧି ପାଇଥିଲା।

## ନିର୍ମାଣାଧୀନ ବିଲ୍ଡିଂ ଭୁଶୁଡ଼ି ୩ ମୃତ

### ଭଗ୍ନାବଶେଷ ତଳେ ୧୬ ଫସିଛନ୍ତି

ବେଙ୍ଗାଲୁରୁ,୨୨।୧୦

ବେଙ୍ଗାଲୁରୁରେ ଗତ ସପ୍ତାହରୁ ପ୍ରବଳ ବର୍ଷା ଲାଗିରହିଥିବାବେଳେ ମଙ୍ଗଳବାର ଏକ ନିର୍ମାଣାଧୀନ ବିଲ୍ଡିଂ ଭୁଶୁଡ଼ି ୩ ଜଣ ପ୍ରାଣ ହରାଇଛନ୍ତି। ଭଗ୍ନାବଶେଷ ତଳୁ ୩ ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ଅନ୍ୟ ୧୬ ଜଣ ଫସିରହିଥିବା ଜଣାପଡ଼ିଛି। ଉତ୍ତର ବେଙ୍ଗାଲୁରୁର ବାବୁସାପାଲ୍ୟାଠାରେ ଥିବା ୬ ମହଲା ବିଲ୍ଡିଂ ଶ୍ରମିକମାନେ ରହୁଥିବା ଶେଡ୍ ଉପରେ ଢଳିପଡ଼ିଥିଲା। ଉଦ୍ଧାରକାରୀ ଟିମ୍ ସେଠାରୁ ଭଗ୍ନାବଶେଷ ହଟାଇବା କାର୍ଯ୍ୟରେ ଲାଗିଛନ୍ତି। ଲଗାଣ ବର୍ଷା ଯୋଗୁ ଚାରିଆଡ଼େ ପାଣି ଜମି ରହି ସ୍ୱାଭାବିକ ଜୀବନଯାତ୍ରା ବ୍ୟାହତ ହୋଇଛି।

## ଗୋଳାବାରୁଦ ଫ୍ୟାକ୍ଟ୍ରିରେ ବିସ୍ଫୋରଣ: ୨ ମୃତ

ଭୋପାଳ, ୨୨।୧୦



ମଧ୍ୟପ୍ରଦେଶର ଜବଲପୁର ଜିଲାର ଏକ ଗୋଳାବାରୁଦ କାରଖାନାରେ ବୁଧବାର ବିସ୍ଫୋରଣ ଘଟି ୨ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୧୬ ଜଣ ଆହତ ହୋଇଛନ୍ତି। ଘଟଣା ସମ୍ପର୍କରେ ସୂଚନା ପାଇ ଦମକଳ ବାହିନୀ ଓ ସ୍ଥାନୀୟ ପୋଲିସ ପହଞ୍ଚି ଉଦ୍ଧାରକାର୍ଯ୍ୟ ଜାରି ରଖିଛନ୍ତି। ବିସ୍ଫୋରଣ ଘଟିବା ସମୟରେ କାରଖାନାରେ ୧୨ରୁ ୧୩ ଜଣ ଶ୍ରମିକ କାର୍ଯ୍ୟ କରୁଥିଲେ ବୋଲି ଅଗ୍ନିଶମ ଅଧିକାରୀ କହିଛନ୍ତି। ସମସ୍ତ ଆହତଙ୍କୁ ମହାକୌଶଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତେବେ ଏବେ ମଧ୍ୟ ଘଟଣାସ୍ଥଳରେ ଅନେକେ ଫସି ରହିଥିବା ନେଇ ଜବଲପୁର ଜିଲାପାଳ ଆଶଙ୍କାବ୍ୟକ୍ତ କରିଛନ୍ତି। ବିସ୍ଫୋରଣର କାରଣ ଜଣାପଡ଼ିନାହିଁ। ଘଟଣାକୁ ନେଇ ପୋଲିସର ତଦନ୍ତ ଜାରି ରହିଛି।

## ଅଧକ୍ଷଙ୍କୁ ଭଙ୍ଗା ବୋତଲ ଫିଙ୍ଗି କଲ୍ୟାଣ ବାନାର୍ଜୀ ନିଲମ୍ବିତ

### ୱାକ୍‌ଫ ସଂସଦୀୟ କମିଟି ବୈଠକ

ନୂଆଦିଲ୍ଲୀ,୨୨।୧୦



ୱକଫ୍ (ସଂଶୋଧନ) ବିଲ୍ ଉପରେ ଆଲୋଚନା ପାଇଁ ମଙ୍ଗଳବାର ସଂସଦୀୟ କମିଟି ବୈଠକ ବସିଥିବାବେଳେ ଟିଏମ୍‌ସି ଏମ୍‌ପି କଲ୍ୟାଣ ବାନାର୍ଜୀ ଏକ ଗ୍ଲାସ୍ ବୋତଲ ଭାଙ୍ଗି ଅଧକ୍ଷଙ୍କ ଉପରକୁ ଫିଙ୍ଗିବା ବେଳେ ନିଜେ ଆହତ ହୋଇଛନ୍ତି। ତେବେ ଆକ୍ରମଣରୁ କମିଟି ଅଧକ୍ଷ ଜଗଦମ୍ବିକା ପାଲ୍ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏଭଳି ବ୍ୟବହାର ପାଇଁ କଲ୍ୟାଣଙ୍କୁ ସଂସଦୀୟ କମିଟିରୁ ଦିନକ ପାଇଁ ନିଲମ୍ବନ କରାଯାଇଛି। ତାଙ୍କର ଏଭଳି କାର୍ଯ୍ୟକୁ ଭାଜପାର ବରିଷ୍ଠ ଏମ୍‌ପି ଜଗଦମ୍ବିକା ନିନ୍ଦା କରିଛନ୍ତି। ଏହା ଅଭୂତପୂର୍ବ ଏବଂ ସବୁ ସୀମା ଟପିଯାଇଥିବା ଜଗଦମ୍ବିକା କହିଛନ୍ତି। ଏମ୍‌ପିମାନେ ସ୍ୱାଧିକାର ଉପଭୋଗ କରିବା ଅର୍ଥ ନୁହେଁ, ଜଣେ ରିଭଲଭର ଧରି ଆସିବ ବୋଲି ଭାଜପା ଏମ୍‌ପି ଖବରଦାତାମାନଙ୍କୁ କହିଛନ୍ତି। ବୈଠକରେ କଲ୍ୟାଣ ଏବଂ ଭାଜପା ଏମ୍‌ପି ତଥା କୋଲକାତା ହାଇକୋର୍ଟର ପୂର୍ବତନ ବିଚାରପତି ଅଭିଜିତ ଗଙ୍ଗୋପାଧ୍ୟାୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଉଭୟ ଏମ୍‌ପି ପରସ୍ପରକୁ ବଙ୍ଗଳା ଭାଷାରେ ଗାଳିଗୁଲଜ କରିଥିଲେ। ଜଗଦମ୍ବିକା ଓ ଅନ୍ୟ ସଦସ୍ୟମାନେ ସେମାନଙ୍କୁ ବୁଝାଶୁଝା କରି ଶାନ୍ତ କରିବାକୁ ଉଦ୍ୟମ କରୁଥିବାବେଳେ କଲ୍ୟାଣ କାଚ ବୋତଲ ଭାଙ୍ଗି ତାଙ୍କ ଉପରକୁ ଫିଙ୍ଗିଥିଲେ। ଏହି ସମୟରେ କଲ୍ୟାଣଙ୍କ ଡାହାଣ ହାତର ଦୁଇଟି ଆଙ୍ଗୁଠିରେ କ୍ଷତ ସୃଷ୍ଟି ହୋଇଥିଲା। ଏହି ଘଟଣା ପରେ ବୈଠକକୁ ସ୍ଥଗିତ ରଖାଯାଇଥିଲା।

## ଜେଲରୁ ମୁକୁଳି ୨୧ ଥର 'ଭାରତ ମାତା କୀ ଜୟ୍'

ଭୋପାଳ, ୨୨।୧୦


ଫୈଜଲ

ଭାରତରେ ରହି 'ପାକିସ୍ତାନ ଜିନ୍ଦାବାଦ' ସ୍ଲୋଗାନ ଦେଇଥିବା ଫୈଜଲ ନାମକ ଜଣେ ଯୁବକ ମଙ୍ଗଳବାର ମଧ୍ୟପ୍ରଦେଶ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ଭୋପାଳର ମିସ୍‌ରୌଦ ଥାନାରେ 'ଭାରତ ମାତା କୀ ଜୟ' ସ୍ଲୋଗାନ ସହ ତ୍ରିରଙ୍ଗାକୁ ୨୧ଥର ସାଲ୍ୟୁଟ୍ କରିଛନ୍ତି। ତାଙ୍କୁ ଏହି ସର୍ତ୍ତରେ ହାଇକୋର୍ଟ ଜାମିନ ଦେଇଥିଲେ।

ପାକିସ୍ତାନ ଜିନ୍ଦାବାଦ୍ ଓ ହିନ୍ଦୁସ୍ତାନ ମୁର୍ଦ୍ଦାବାଦ୍‌ର ସ୍ଲୋଗାନ ଦେଇଥିବା ନେଇ ମଧ୍ୟପ୍ରଦେଶର ରାୟସେନ୍ ନିବାସୀ ଫୈଜଲ ଓରଫ ଫୈଜାନଙ୍କ ନାମରେ ଅଭିଯୋଗ ରହିଥିଲା। ଗତ ମେ' ୧୭ରେ ମିସ୍‌ରୌଦ ପୋଲିସ ତାଙ୍କ ବିରୋଧରେ ଏଫ୍‌ଆଇଆର୍ ରୁଜୁ କରଥିଲା। ପୋଲିସ ଫୈଜଲଙ୍କୁ ଗିରଫ କରିବା ସହ ତାଙ୍କ ବିରୋଧରେ ଚାର୍ଜଶିଟକୁ ଟ୍ରାଏଲ କୋର୍ଟରେ ଉପସ୍ଥାପନ କରିଥିଲା। ଟ୍ରାଏଲ କୋର୍ଟରେ ଫୈଜଲଙ୍କ ଜାମିନ ଆବେଦନ ନାମଞ୍ଜୁର ହେବା ପରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଶୁଣାଣି ସମୟରେ ସରକାରୀ ଓକିଲ ସି.କେ. ମିଶ୍ରା ଏକ ଭିଡିଓ କ୍ଲିପ୍‌କୁ ଉପସ୍ଥାପନ କରିଥିଲେ। ଅଭିଯୁକ୍ତ ଯୁବକ ବିବାଦୀୟ ସ୍ଲୋଗାନ ଦେଉଥିବା ନେଇ ଭିଡିଓରୁ ସ୍ପଷ୍ଟ ହୋଇଥିଲା। ଶୁଣାଣି ସମୟରେ ସରକାରୀ ଓକିଲ ମିଶ୍ରା କହିଥିଲେ, ଅଭିଯୁକ୍ତ ଜଣଙ୍କ ଯେଉଁ ଦେଶରେ ଜନ୍ମ ହୋଇଛନ୍ତି, ଯେଉଁଠାରେ ବଡ଼ ହୋଇଛନ୍ତି, ତାହା ବିରୋଧରେ ସ୍ଲୋଗାନ ଦେଉଛନ୍ତି। ଯଦି ଫୈଜଲ ଭାରତରେ ସନ୍ତୁଷ୍ଟ ନାହାନ୍ତି, ତେବେ ଭଲ ହେବ ଯେଉଁଦେଶ ସପକ୍ଷରେ ସେ ସ୍ଲୋଗାନ ଦେଇଛନ୍ତି, ସେହି ଦେଶକୁ ଚାଲିଯାଆନ୍ତୁ। ଶୁଣାଣି ପରେ ହାଇକୋର୍ଟ ଫୈଜଲଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲେ। ଜଷ୍ଟିସ୍ ଦିନେଶ କୁମାର ପାଲିବାଲଙ୍କ ଖଣ୍ଡପୀଠ ଫୈଜଲଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିବା ସହ ନିର୍ଦ୍ଦେଶ ଦେଇଥିଲେ, ଟ୍ରାଏଲ ଶେଷ ହେବା ପର୍ଯ୍ୟନ୍ତ ପ୍ରତ୍ୟେକ ମାସର ପ୍ରଥମ ଓ ଚତୁର୍ଥ ମଙ୍ଗଳବାର ଫୈଜଲଙ୍କୁ ମିସ୍‌ରୌଦ ଥାନାରେ ଥିବା ତ୍ରିରଙ୍ଗାକୁ ୨୧ ଥର ସାଲ୍ୟୁଟ କରିବା ସହ 'ଭାରତ ମାତା କୀ ଜୟ' ସ୍ଲୋଗାନ ଦେବାକୁ ପଡ଼ିବ। ଭୋପାଳ ପୋଲିସ କମିଶନରଙ୍କୁ ଏହି ସର୍ତ୍ତ ପାଳନ କରିବା ନେଇ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଉଚ୍ଚ ନ୍ୟାୟାଳୟଙ୍କ ଏହି ନିର୍ଦ୍ଦେଶକୁ ପାଳନ କରିବା ପାଇଁ ମଙ୍ଗଳବାର ଫୈଜଲକୁ ମିସ୍‌ରୌଦ ଥାନା ଅଣାଯାଇଥିଲା ଏବଂ ସେ 'ଭାରତ ମାତା କୀ ଜୟ' ସ୍ଲୋଗାନ ସହ ୨୧ ଥର ତ୍ରିରଙ୍ଗାକୁ ସାଲ୍ୟୁଟ୍ କରିଛନ୍ତି।

ଫୁର୍‌ସତ୍


ଅଲ୍ଲୁ ଅର୍ଜୁନ

## ପୁଷ୍ପା-୨: ରିଲିଜ୍ ପୂର୍ବରୁ ୧୦୮୫ କୋଟିର ବ୍ୟବସାୟ

ମୁମ୍ବାଇ

ସାଉଥ୍ ସୁପରଷ୍ଟାର ଅଲ୍ଲୁ ଅର୍ଜୁନଙ୍କ ଅଭିନୀତ 'ପୁଷ୍ପା ୨: ଦି ରୁଲ୍' ଚଳିତ ବର୍ଷର ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର ମଧ୍ୟରୁ ଅନ୍ୟତମ। ତେବେ ରିଲିଜ୍ ପୂର୍ବରୁ ଏହି ଚଳଚ୍ଚିତ୍ର ୧ ହଜାର କୋଟି ଟଙ୍କାର ବ୍ୟବସାୟ କରିପାରିଥିବା ଫିଲ୍ମ କ୍ଲବ୍‌ରେ ସାମିଲ ହୋଇପାରିଛି। ରିପୋର୍ଟ ଅନୁଯାୟୀ, 'ପୁଷ୍ପା ୨' ନିଜର ଥିଏଟ୍ରିକାଲ ରାଇଟ୍ସକୁ ୬୪୯ କୋଟିରେ ବିକ୍ରି କରିଛି। ସେହିପରି ଏହି ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର ନିଜର ଷ୍ଟ୍ରିମିଂ ରାଇଟ୍ସରୁ ମଧ୍ୟ ଭଲ ରୋଜଗାର କରିଛି। ଫିଲ୍ମଟି ନିଜର ଡିଜିଟାଲ୍ ରାଇଟ୍ସକୁ ଓଟିଟି ପ୍ଲାଟଫର୍ମ ନେଟ୍‌ଫ୍ଲିକ୍ସକୁ ୨୭୫ କୋଟି ଟଙ୍କାରେ ବିକ୍ରି କରିଛି। ସେହିପରି ଏହି ଚଳଚ୍ଚିତ୍ରର ମ୍ୟୁଜିକ୍ ରାଇଟ୍ସ ୬୫ କୋଟି ଟଙ୍କାରେ ବିକ୍ରି ହୋଇଛି । ଏହାର ସାଟେଲାଇଟ ରାଇଟ୍ସକୁ ମଧ୍ୟ ନିର୍ମାତାମାନେ ବିକ୍ରି କରି ୮୫ କୋଟି ଟଙ୍କା ରୋଜଗାର କରିଛନ୍ତି। ଅନ୍ୟପକ୍ଷରେ ଫିଲ୍ମର ନିର୍ମାତା ଏହାର ନନ୍ ଥିଏଟ୍ରିକାଲ୍ ରାଇଟ୍ସକୁ ବିକ୍ରି କରି ୪୨୫ କୋଟି ଟଙ୍କା ରୋଜଗାର କରିଛନ୍ତି। 'ପୁଷ୍ପା ୨: ଦି ରୁଲ୍' ଫିଲ୍ମ ଆସନ୍ତା ଡିସେମ୍ବର ୬ରେ ମୁକ୍ତିଲାଭ କରିବାକୁ ଯାଉଛି। ରିଲିଜ୍ ପୂର୍ବରୁ ଏହି ଚଳଚ୍ଚିତ୍ର ଆନ୍ଧ୍ରପ୍ରଦେଶ ଏବଂ ତେଲଙ୍ଗାନାରୁ ୨୨୦ କୋଟି ଟଙ୍କା ରୋଜଗାର କରିଛି। ଏଥିସହିତ ଫିଲ୍ମଟି ଉତ୍ତର ଭାରତରେ ୨୦୦ କୋଟି, ତାମିଲନାଡୁରେ ୫୦ କୋଟି, କର୍ନାଟକରେ ୩୦ କୋଟି, କେରଳରେ ୨୦ କୋଟି ଏବଂ ଅନ୍ତର୍ଜାତୀୟ ବଜାରରେ ୧୪୦ କୋଟି ରୋଜଗାର କରିଛି। ସୁକୁମାରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଅଲ୍ଲୁ ବିପକ୍ଷରେ ଅଭିନେତ୍ରୀ ରଶ୍ମିକା ମନ୍ଦନାଙ୍କୁ ଦେଖିବାକୁ ମିଳିବ।

## ୫ ହଜାର ଫୁଟ ଉଚ୍ଚରେ ରହସ୍ୟମୟ ଗୁମ୍ଫା

ବେଜିଂ



ବିଶ୍ୱରେ ଏପରି ଅନେକ ପର୍ଯ୍ୟଟନସ୍ଥଳୀ ରହିଛି, ଯାହାର କିଛି ନା କିଛି ରହସ୍ୟ ରହିଛି। ଏହି ପର୍ଯ୍ୟଟନ ସ୍ଥଳୀଗୁଡ଼ିକୁ ଅନେକ ସଂଖ୍ୟାରେ ପର୍ଯ୍ୟଟକ ଭ୍ରମଣ କରିବାକୁ ଆସିଥାନ୍ତି। ଚାଇନାରେ ମଧ୍ୟ ଏପରି ଏକ ସ୍ଥାନ ରହିଛି, ଯାହା ଦୀର୍ଘ ବର୍ଷ ଧରି ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି।

ଚାଇନାର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀଗୁଡ଼ିକ ମଧ୍ୟରୁ ତିଆନ୍‌ମେନ୍ ମାଉଣ୍ଟେନ ଅନ୍ୟତମ। ଏହି ପର୍ବତମାଳାର ଉପର ମୁଣ୍ଡରେ ଏକ ଗୁମ୍ଫା ଅଛି, ଯାହା ଭୂମିଠାରୁ ୧୫୧୮ ମିଟର (ପ୍ରାୟ ୫ ହଜାର ଫୁଟ) ଉଚ୍ଚରେ ଅବସ୍ଥିତ। କୌଣସି ପର୍ବତ ଉପରେ ଅବସ୍ଥିତ ଏହି ଗୁମ୍ଫାକୁ ବିଶ୍ୱର ସର୍ବୋଚ୍ଚ ଗୁମ୍ଫା ଭାବରେ ବିବେଚନା କରାଯାଏ । ସେହିପରି ଏହି ଗୁମ୍ଫାକୁ ସ୍ୱର୍ଗର ଦ୍ୱାର ବୋଲି ମଧ୍ୟ କୁହାଯାଏ। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ପ୍ରାୟ ୨୫୩ ଖ୍ରୀଷ୍ଟାବ୍ଦରେ ଏହି ପର୍ବତର କିଛି ଅଂଶ ଭାଙ୍ଗି ଯାଇଥିଲା। ଫଳରେ ଏହି ଗୁମ୍ଫା ସୃଷ୍ଟି ହୋଇଥିଲା। ଏହି ଗୁମ୍ଫାର ଲମ୍ବ ୧୯୬ ଫୁଟ, ଉଚ୍ଚତା ୪୩୧ ଫୁଟ ଏବଂ ମୋଟେଇ ୧୮୭ ଫୁଟ ରହିଛି। ଏତେମାତ୍ରାରେ ଉଚ୍ଚରେ ଥିବା ହେତୁ ଏହି ଗୁମ୍ଫା ସର୍ବଦା ମେଘ ଦ୍ୱାରା ଘେରି ହୋଇ ରହିଥାଏ। ବୋଧହୁଏ ସେଥିପାଇଁ ଏହାକୁ ସ୍ୱର୍ଗର ଦ୍ୱାର ଭାବେ ଲୋକେ ବିବେଚନା କରନ୍ତି ବୋଲି ଅନେକ ଅନୁମାନ କରୁଛନ୍ତି।

ତେବେ ବହୁ ବର୍ଷ ପୂର୍ବେ ଏହି ଗୁମ୍ଫାରେ ପହଞ୍ଚିବା ପର୍ଯ୍ୟଟକଙ୍କ ପାଇଁ କଷ୍ଟସାଧ ସାବ୍ୟସ୍ତ ହେଉଥିଲା। କଠିନ ରାସ୍ତାରେ ଯିବାବେଳେ ଲୋକଙ୍କ ଅବସ୍ଥା ବିଗିଡି ଯାଉଥିଲା। କିନ୍ତୁ ଏବେ ପର୍ଯ୍ୟଟକମାନେ ରାସ୍ତା ଏବଂ କେବୁଲ ୱେ ବ୍ୟବହାର କରି ଏହି ଗୁମ୍ଫାରେ ପହଞ୍ଚି ପାରୁଛନ୍ତି। ତେବେ ରାସ୍ତା କିମ୍ବା କେବୁଲ ୱେରୁ ଓହ୍ଲାଇବା ପରେ ଗୁମ୍ଫାରେ ପହଞ୍ଚିବା ପାଇଁ ଲୋକଙ୍କୁ ୯୯୯ ପାହାଚ ଚଢ଼ିବାକୁ ପଡ଼ିଥାଏ।

ADVERTORIAL

उत्तराखण्ड शासन



# DISCOVER NEW EXPERIENCES AND A SENSE OF BELONGING IN *Uttarakhand*



HAR MAUSAM UTTARAKHAND

**EXPERIENCE THE AMAZING CONFLUENCE OF DEVOTION, CULTURE AND ADVENTURE**

"Under the guidance of Honorable Prime Minister, Shri Narendra Modi, we are committed to harnessing the overall development, natural beauty, rich cultural heritage and immense potential of the state. Our aim is to make Uttarakhand a model of progress, where tradition and innovation meet and every person contributes towards the prosperity and welfare of the state."

**Pushkar Singh Dhami**
Chief Minister, Uttarakhand

Uttarakhand is the land of gods. The way this state is moving on the path of development by keeping law and order at the forefront is praiseworthy. This effort is also necessary to maintain the identity of Devbhoomi. Therefore, I believe that in the near future, Devbhoomi Uttarakhand will become the centre of attraction for the spiritual consciousness of the entire world and we have to develop Uttarakhand according to this potential.

**Narendra Modi**
Prime Minister



## Uttarakhand Tourism Sector

### Provides best incentives for investment.

## Continuous development of rural tourism with Uttarakhand Homestay Scheme

**Due to the efforts of the government, the local population has got employment through tourism schemes in Uttarakhand. Besides, this initiative has also strengthened the economy of the state.**

## For weddings, it has become a New Destination.

Devbhoomi is a religious, spiritual, beautiful destination with lush green and snowy fort of mountains which has better connectivity, excellent infrastructure and all the necessary facilities. Dhami Sarkar along with pilgrimage and tourism in the state, at present this place is giving special emphasis on promoting the tradition of destination wedding and the facilities are constantly being developed. People are taking interest in organizing destination weddings at the holy religious, spiritual and natural places of Uttarakhand. But, after Prime Minister Narendra Modi's appeal, he expressed hope that in the coming time, Uttarakhand will gain prominence in the near future as a prime 'destination wedding' location.

Devbhoomi Uttarakhand is a holy place which is famous for marriage celebrations. Now Shri Triyuginarayan temple located in Triyuginarayan village of Rudraprayag district of Uttarakhand is one of them. It is believed that this is the place where Lord Shiva circumambulated the sacred fire with Mother Parvati. This is why every year a large number of couples get married in the sacred bond of marriage in this place. This place is establishing a new identity as a destination wedding location.

Similarly, in the sacred city of Haridwar, a large number of couples tie the knot in the sacred bond of matrimony at Shantikunj every year, following all traditional rituals. Speaking of the pilgrimage town of Rishikesh, it is currently emerging as a major wedding destination for both Indian and international youth. Mussoorie, Nainital, and Ramnagar are among the luxurious venues with all modern amenities, where the trend of destination weddings is gaining popularity both domestically and abroad. Uttarakhand also offers hill stations like Auli, known as 'Mini Switzerland,' for those looking to marry in the lap of nature.

Due to the developed facilities for tourism and pilgrimage in Uttarakhand, the attraction towards wedding destinations here is increasing. After the Prime Minister's slogan 'Wed in India,' it is now expected that the Dhami government will work swiftly in this direction. The 'Wed in India' movement will, in the coming times, establish Uttarakhand as the perfect destination for weddings. This will not only boost local businesses but also create new livelihood opportunities.

Uttarakhand is called the 'land of gods'. The state not only boasts of breathtaking natural beauty, but also offers travelers a unique opportunity to experience the local culture and traditions through homestays. In such a situation, the homestay running under 'Deendayal Upadhyay Grih Awas Yojana' has not only provided self-employment to the local people, but it is also making a significant contribution to the economy of the state. The homestay system has gained momentum under the 'Deendayal Upadhyay Grih Awas Yojana' started by the Uttarakhand government. The objective of this scheme is to uplift the economic condition of the local people by providing them a sustainable source of income. Under the scheme, local people get the opportunity to host domestic and foreign tourists at their own homes. In this way tourists get an opportunity to understand the indigenous cuisine, local culture, historical heritage, traditional hill lifestyle and art of Uttarakhand. Through this they are reaching places about which they had not heard before.

Ranging from cozy cottages to traditional wooden houses that reflect the architecture of the region, each homestay offers tourists a comfortable and welcoming environment, allowing them to connect with the local community.

The development of homestays in Uttarakhand has had a positive impact on the economy of the state. These accommodations provide tourists with not only unique and presently with Uttarakhand Tourism Department there are around 5000 registered homestays listed. Nestled in the lap of Himalayas in these homestays provide comfortable cottages to traditional wooden houses that reflect the region's architectural style, each homestay offers tourists a welcoming and comfortable environment, allowing them to connect with the local community. The development of homestays in Uttarakhand has had a positive impact on the state's economy. These accommodations provide tourists with not only a unique and personalized experiences but also promote local businesses by creating employment opportunities. As a result, their contribution is strengthening the local economy. Homestay owners often collaborate with local artisans, farmers, and service providers. This promotes local supply chains and sustainable development. Homestays have played a crucial role in curbing migration from the state. Homestays have played a significant role in preventing migration from the state. It must be said that this initiative has not only increased income but also provided a solid foundation for local people to stay, promote, and develop their communities. It has helped preserve the state's cultural heritage and traditions, ensuring that future generations remain connected to their roots. The popularity of homestays in Uttarakhand is in itself proof that this initiative is touching the hearts of travelers. Tourists are not just seeking comfortable accommodation; they also enjoy strengthening connections with new destinations and people. The homestay initiative is connecting tourists with the local way of life and presenting a fresh image of the state in their minds. They are leaving with happy memories after staying here.



In 2024, the Ministry of Tourism, Government of India, awarded the title of Best Tourism Village to four villages in Uttarakhand: Jakhoul village and Harsil village in Uttarkashi district, Gunji village in the border area of Pithoragarh district, and Supi village in Bageshwar district.

> **Prime Minister Narendra Modi has stated that rural areas are becoming centers of tourism. Additionally, every tourist destination can develop its own revenue model. To boost the rural economy, we need to promote businesses like homestays and small hotels.**

## A State of Pilgrimage and Tourism, Something Special for Every Age

**You must visit these charming places:**
**These picturesque places situated in the lap of nature will touch your heart.**



There are many such places in the charming natural wealth of Uttarakhand, which are no less than a treasure. If you come to Devbhoomi then definitely visit these places. Away from the hustle and bustle of tourists, these lesser-known destinations make your trip more exciting. You are able to connect directly with nature. From the picturesque Kartikeya Swamy Temple to the tranquil village of Peora, the breathtaking views of Khirsu and the untouched beauty of Mandal, places like this have a unique charm. Don't forget to enjoy birdwatching among the birds in the lush green delightful Pangot of Chaukori. The peaceful atmosphere of Gwaldamakh Abbott Mount, Shitalakhet and Nagathat are places that provide coolness to the mind. These hidden treasures of Uttarakhand are inviting you to go on a unique journey. Surely you will be impressed by the peace and natural beauty of this place. Believe it, you will be able to reach such a place, which you haven't even imagined before. A visit to these places will give you an experience to be remembered throughout your life. Sachin Kurve, CEO of Uttarakhand Tourism Development Board, says that these lesser-known destinations of Uttarakhand offer a glimpse of the rich cultural heritage of the state. For example, Kartikeya Swami Temple is situated in the beautiful landscape of Uttarakhand. It reflects traditional architecture and spiritual significance. We are promoting offbeat destinations in every nook and corner of the state and our aim is to provide unique experiences to tourists and promote sustainable tourism development.

## A UNIQUE CONFLUENCE OF UNSEEN ADVENTURES

### Uttarakhand provides a unique experience to adventure sports lovers around the world.

When it comes to adventure tourism in the country, Uttarakhand has become a favorite destination for adventure lovers due to its diverse landscapes. There is no dearth of exciting activities here. You get to play many exciting sports here and that is why this state provides an extraordinary experience for adventure lovers around the world. Many tourists come to Uttarakhand only to participate in these activities. For adventure lovers, there are many exciting sports and activities available here including river rafting, trekking, hiking and bungee jumping.

**TREKKING AND HIKING**

You can travel to remote places of Uttarakhand through trekking and hiking. Here one can enjoy trekking on the traditional Roopkund track amidst lush green forests and grasslands or passing through the valley of flowers can give a pleasant feeling. For long walkers, Kedarkantha and Gaumukh Tapovan tracks provide a memorable experience of a lifetime.

**BUNGEE JUMPING**

Also known as the Yoga Capital of the World, Rishikesh is also known for its high-intensity adventures as it is the site of the highest bungee jumping in the entire country. Thrill lovers who want to defy gravity come here to go bungee jumping amidst the spectacular Himalayan hills.

**SKIING**

Auli, located in Chamoli district, is known as the center of skiing lovers. Adventure lovers visit Auli to find their way through its winter wonderland with snow-capped mountain slopes. This spectacular venue is also famous for hosting the National Winter Games, where athletes get the perfect opportunity to showcase their prowess.

**RIVER RAFTING**

The rivers of Uttarakhand not only enhance the beauty of the state but also excite the lovers of white water rafting who come here for the thrill. When tourists conquer the rapids through white water rafting or boat on the water during a serene canoeing or kayaking in the Ganges, Tons and Alaknanda rivers, they definitely get to experience different thrills.





**PARAGLIDING**

Thrill lovers can also take a trip to the sky here and enjoy the grandeur of Uttarakhand by paragliding. They can also take a sky flight from the scenic spots of Nainital, Mukteshwar, or Pithoragarh and view the magnificent Himalayan regions. Apart from adventure, the tourism sector of Uttarakhand has also brought prosperity to the local residents and created employment opportunities. This has also encouraged the development of adventure tourism infrastructure.

#ExploreUttarkhand

ISSUED IN PUBLIC INTEREST BY DEPARTMENT OF INFORMATION & PUBLIC RELATIONS, DEHRADUN, UTTARAKHAND | www.uttarainformation.gov.in | DIPR_UK | UttarakhandDIPR | UttarakhandDIPR

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଶା ବିକାଶ କନକ୍ଲେଭ, ସ୍ଥାନ: ଲାଇଫଂ, ଜନପଥ, ସମୟ: ପୂର୍ବାହ୍ନ ୧୦ଟା।
- ୧୦ମ ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା, ସ୍ଥାନ: ଜନତା ମଇଦାନ, ସମୟ: ଅପରାହ୍ନ ୫ଟା ୪୫।
- ଶତାବ୍ଦୀର କଳାକାର ପକ୍ଷରୁ ନାଟକ 'ଘଟାନ୍ତର', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ଭଗବତୀ ଚରଣ ପାଣିଗ୍ରାହୀଙ୍କ ୮୧ତମ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ, ସ୍ଥାନ: କଟକ ସତୀଚଉରା, ସମୟ: ସକାଳ ୮ଟା।
- ୮୧ତମ ଭଞ୍ଜ ଜୟନ୍ତୀ ସପ୍ତାହର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ଭଞ୍ଜ ମଣ୍ଡପ, ମିଶନ ରୋଡ୍, ସମୟ: ସନ୍ଧ୍ୟା ୬ଟା।

## ପୁରୀ

- ସଚେତନ ନାଗରିକ ମଞ୍ଚ ପକ୍ଷରୁ ପୁରୀ ଜିଲା ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।

## ଖୋର୍ଦ୍ଧା

- ସମୂହ ଗଜଲକ୍ଷ୍ମୀ ଭସାଣି ଉତ୍ସବ, ସ୍ଥାନ: ବିଜେବି ହାଇସ୍କୁଲ ପଡ଼ିଆ, ଖୋର୍ଦ୍ଧା, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ମାନସିକ ରୋଗର ଚିହ୍ନଟ ଓ ଚିକିତ୍ସା ଶିବିର, ସ୍ଥାନ:ଗୋପୀ କିଶାନ ଡାକ୍ତରଖାନା ପରିସର, ଜଳେଶ୍ୱର. ସମୟ: ସକାଳ ୯ଟା।
- ଶିଶୁ ନାଟକ ମହୋତ୍ସବ ରୌପ୍ୟ ଜୟନ୍ତୀର ଷଷ୍ଠ ସନ୍ଧ୍ୟା, ସ୍ଥାନ:ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର. ସମୟ:ସନ୍ଧ୍ୟା ୬ଟା।

## ଭଦ୍ରକ

- ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ମହାଲକ୍ଷ୍ମୀ ଭସାଣୀ ଉତ୍ସବ, ସ୍ଥାନ: ଢେଙ୍କିକୋଟ, ସମୟ: ଅପରାହ୍ନ ୨ଟା।
- ବାତ୍ୟା ମୁକାବିଲା ପାଇଁ ସମୀକ୍ଷା ଏବଂ ପ୍ରସ୍ତୁତି ବୈଠକ, ସ୍ଥାନ:ହାଟଡିହୀ ବ୍ଲକ, ସମୟ:ଅପରାହ୍ନ ୩ଟା।
- ସାଂସ୍କୃତିକ ପ୍ରତିଯୋଗିତା ଏବଂ ଭଜନ ସମାରୋହ, ସ୍ଥାନ:ଶାଳନିଆଁ ବଜାର, ହାଟଡିହୀ, ସମୟ :ସନ୍ଧ୍ୟା ୭ଟା।
- ଆନନ୍ଦପୁର ବିଧାୟକଙ୍କ ବିଭିନ୍ନ ଅଞ୍ଚଳ ପରିଦର୍ଶନ, ବୈଠକ ଏବଂ ବିଭିନ୍ନ ସଭାରେ ଯୋଗଦାନ, ସ୍ଥାନ: ହାଟଡିହୀ ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା ଏବଂ ସନ୍ଧ୍ୟା ୬ଟା।

## ମୟୂରଭଞ୍ଜ

- ମେଗା ସ୍ୱାସ୍ଥ୍ୟ ଶିବିର, ସ୍ଥାନ:ତ୍ରିରଙ୍ଗା କ୍ଲବ, ବାରିପଦା, ସମୟ: ସକାଳ ୯ଟା।
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- କରଞ୍ଜିଆ ନାଟ୍ୟ ଉତ୍ସବ-୨୦୨୪ର ନାଟକ 'ଫାଶ', ସ୍ଥାନ: ପଲ୍ଲବୀ ମଣ୍ଡପ, କରଞ୍ଜିଆ, ସମୟ: ସନ୍ଧ୍ୟା ୭ଟା।

## ଗଞ୍ଜାମ

- ବିଶ୍ୱଶାନ୍ତି ଯଜ୍ଞ ପାଇଁ ଶୁଭସ୍ତମ୍ଭ ସ୍ଥାପନ, ସ୍ଥାନ: ଭଞ୍ଜନଗର ନିୟନ୍ତ୍ରିତ ବଜାର ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଆସିକା ଏନ୍ଏସି କାଉନସିଲର ସ୍ୱତନ୍ତ୍ର ବୈଠକ, ସ୍ଥାନ: ଏନଏସି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଶୀତଳ ଭଣ୍ଡାର ଉଦ୍‌ଘାଟନ, ସ୍ଥାନ: ଭଞ୍ଜନଗର ଆର୍ଏମସି କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।

## କନ୍ଧମାଳ

- ବିଜେଡିର ପଦଯାତ୍ରା, ସ୍ଥାନ: ଦାରିଙ୍ଗବାଡ଼ି ବସ୍‌ଷ୍ଟାଣ୍ଡ, ସମୟ: ପୂର୍ବାହ୍ନ ୧୦ଟା।
- ୟୁନିସେଫ ପକ୍ଷରୁ ଆଲୋଚନା, ସ୍ଥାନ: ଫୁଲବାଣୀସ୍ଥିତ ଜିଲା ପରିଷଦ ସଭାଗୃହ, ସମୟ : ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- ମା' ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ଭସାଣି, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୬ରୁ ସନ୍ଧ୍ୟା ୬ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ବଳରାମପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- କ୍ରିକେଟ ପ୍ରିମିୟର ଲିଗ୍ ମ୍ୟାଚର ଚତୁର୍ଥ ଦିବସ, ଶତପଥି ଲାୟନସ୍ ବନାମ ସ୍ୱାଜା ସୁପର ଷ୍ଟ୍ରକର୍, ସ୍ଥାନ:କଣ୍ଟିଲୋ ପଲଟନ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- କ୍ରିକେଟ ପ୍ରିମିୟର ଲିଗ୍ ମ୍ୟାଚର ଚତୁର୍ଥ ଦିବସରେ ଥଣ୍ଡର ବାଲଙ୍କେଶ୍ୱର ବନାମ ଦିପୁ କିଙ୍ଗସ୍, ସ୍ଥାନ:କଣ୍ଟିଲୋ ପଲଟନ ପଡ଼ିଆ, ସମୟ: ଅପରାହ୍ନ ୨ଟା।
- ଶ୍ରୀମଦ୍ ଭାଗବତ ପାରାୟଣର ତୃତୀୟ ଦିବସ, ସ୍ଥାନ: ନୟାଗଡ ପୁରୁଣା ସହର ଜଗନ୍ନାଥ ମନ୍ଦିର ପରିସର, ସମୟ:ସନ୍ଧ୍ୟା ୭ ଟା।

## ନବରଙ୍ଗପୁର

- ଜିଲା ସଡ଼କ ସୁରକ୍ଷା କମିଟି ବୈଠକ, ସ୍ଥାନ: ନବରଙ୍ଗପୁର ଅଶୋକ ମେହେଟ୍ଟା ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ମାଲକାନଗିରି

- ସାମ୍ବାଦିକଙ୍କୁ ସ୍ୱାସ୍ଥ୍ୟ ବୀମା କାର୍ଡ ବଣ୍ଟନ, ସ୍ଥାନ: ମାଲକାନଗିରି ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।

## ସମ୍ବଲପୁର

- ଯୋଗ କ୍ଲବ ଆୟୋଜିତ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୬ଟା।
- ୨୫ତମ ସୈରେନ୍ଦ୍ରୀ ନାୟକ ସ୍ମାରକୀ ଆନ୍ତଃ ହାଇସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟ-ବୁଢ଼ାରଜା ହାଇସ୍କୁଲ ବନାମ ଇଣ୍ଡିଆନ ପବ୍ଲିକ ସ୍କୁଲର ମ୍ୟାଚ, ସ୍ଥାନ : ସିଂହପାଲି - କାଇଁଶିର ଖେଳ ପଡ଼ିଆ, ସମୟ : ଅପରାହ୍ନ ୨ଟା।
- ଡା. ରାସେଶ୍ୱରୀ ପାଣିଗ୍ରାହୀ ୱେଲଫେୟାର ଟ୍ରଷ୍ଟ ଆୟୋଜିତ ଶ୍ରୀମଦ ଭାଗବତ କଥାମୃତ, ସ୍ଥାନ : ଝାଡୁଆପଡା ସ୍ଥିତ ଆରଣ୍ୟକ ମଞ୍ଚ, ସମୟ : ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର

- ବଲାଙ୍ଗୀର ଦିନ୍ ଆୟୋଜକ କମିଟି ପ୍ରସ୍ତୁତି ବୈଠକ,ସ୍ଥାନ: ପିପି ଏକାଡେମୀ ସମ୍ମିଳନୀ, ବଲାଙ୍ଗୀର,ସମୟ: ସନ୍ଧ୍ୟା ୬ଟା।

## ସୁବର୍ଣ୍ଣପୁର

- ତରଭାରେ ବ୍ଲକସ୍ତରୀୟ ଚାଷୀ ସମାବେଶ ଓ ସାଧାରଣ ସଭା, ସ୍ଥାନ: ବ୍ଲକ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ସପ୍ତାହ ପାରାୟଣର ଚତୁର୍ଥ ଦିବସ, ସ୍ଥାନ: ବୀରମହାରାଜପୁର ଜଗନ୍ନାଥ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ଗଜଲକ୍ଷ୍ମୀ ଓ ରାମାୟଣ ପାରାୟଣର ସପ୍ତମ ଦିବସ, ସ୍ଥାନ: ମୁର୍ଷୁଣ୍ଡୀ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଗଜଲକ୍ଷ୍ମୀ ପୂଜା ଭସାଣୀ, ସ୍ଥାନ: ଖଣ୍ଡହତା,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଶହୀଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ପଣ୍ଡିଆପାଲି, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରି,ବୀରମହାରାଜପୁର, ସମୟ: ସନ୍ଧ୍ୟା ୭ ଟା।
- ମୁରାସୁର ଦରବାରର ସପ୍ତମ ରଜନୀ, ସ୍ଥାନ: ମୁର୍ଷୁଣ୍ଡୀ, ବୀରମହାରାଜପୁର, ସମୟ: ରାତି ୮ଟା।

## ବରଗଡ଼

- ସି. କେ. ନାଇଡୁ କ୍ରିକେଟ୍ ଟ୍ରଫି, ସ୍ଥାନ: ବିକାଶ ଗ୍ରାଉଣ୍ଡ୍, ବରଗଡ଼, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସ, ସ୍ଥାନ: ସରକାରୀ ବାଳିକା ହାଇସ୍କୁଲ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।

## ସୁନ୍ଦରଗଡ଼

- ସୁନ୍ଦରଗଡ଼ ଟ୍ରକ ମାଲିକ ସଂଘର ବୈଠକ, ସ୍ଥାନ: ସଂଘ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହର କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପନୀ, ସ୍ଥାନ: ଭବାନୀପୁର ଷ୍ଟାଡ଼ିୟମ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ରାଉରକେଲା

- ବେଦବ୍ୟାସ ସଂସ୍କୃତ କଲେଜରେ ବେଦ ହିତୈଷୀ ଆଲୋଚନା, ସ୍ଥାନ: ବେଦବ୍ୟାସ, ସମୟ: ପୂର୍ବାହ୍ନ ୧୦ଟା।
- ସୁଶୀଳାବତୀ ସରକାରୀ ମହିଳା କଲେଜରେ ସାହିତ୍ୟ ଆଲୋଚନାଚକ୍ର, ସ୍ଥାନ: ସେକ୍ଟର-୪, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼

- ବିଶ୍ୱ ମାନକ ଦିବସ ଅବସରରେ ସୃଜନଶୀଳନ ସମ୍ପର୍କିତ ପ୍ରତିଯୋଗିତା, ସ୍ଥାନ: ରିଆମାଳ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଗଜଲକ୍ଷ୍ମୀ ପୂଜା କମିଟି କଣ୍ଠେଇ ପକ୍ଷରୁ ଫୁଟ୍‌ବଲ ମ୍ୟାଚ୍, ସ୍ଥାନ: କଣ୍ଠେଇ ଗ୍ରାମ ଖେଳ ପଡ଼ିଆ, ସମୟ: ଅପରାହ୍ନ ୩ଟା।
- ଗଜଲକ୍ଷ୍ମୀ ପୂଜା କମିଟି କଣ୍ଠେଇ ପକ୍ଷରୁ ପୂଜା ଓ ବିଶ୍ରାମ, ସାଂସ୍କୃତିକ କାର୍ଯ୍ୟକ୍ରମ, ଶଙ୍କର ସମ୍ବଲପୁରୀ ଡାନ୍ସ ଗ୍ରୁପ୍, ବଲାଙ୍ଗୀର, ସ୍ଥାନ: ବାରକୋଟ ବ୍ଲକ ଗଜଲକ୍ଷ୍ମୀ ପୂଜା କମିଟି କଣ୍ଠେଇ ଗ୍ରାମ ପେଣ୍ଡାଲ, ସମୟ: ସନ୍ଧ୍ୟା ୭ଟା।
- ଅନ୍ନ ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ବାରକୋଟ ବ୍ଲକ ଗଜଲକ୍ଷ୍ମୀ ପୂଜା କମିଟି କଣ୍ଠେଇ ଗ୍ରାମ, ସମୟ: ସନ୍ଧ୍ୟା ୭ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଗଜଲକ୍ଷ୍ମୀ ପୂଜା ଅବସରରେ ଟିକେଟ ଶୋ' ଅପେରା ଗୌରୀ, ସ୍ଥାନ: କଣ୍ଠେଇ ଗ୍ରାମ, ମଣ୍ଡପ ନିକଟ, ସମୟ: ରାତି ୧୧ଟା।

## କଳାହାଣ୍ଡି

- ପ୍ରଗତିପଥ ମହୋତ୍ସବର ଦ୍ୱିତୀୟ ଦିବସରେ ସ୍ୱରଚିତ କବିତା ପାଠୋତ୍ସବ, ସ୍ଥାନ: ଭବାନୀପାଟଣା ପ୍ରଗତି ଶିକ୍ଷାନୁଷ୍ଠାନ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ରାଜସ୍ୱ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ଯାଦବ ସମାଜ ପକ୍ଷରୁ ଗିରି ଗୋବର୍ଦ୍ଧନ ପୂଜା ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ଼ ଗାଁ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୯ଟା।
- ବୃନ୍ଦିକୋମନା ସ୍ପୋର୍ଟସ ଆସୋସିଏଶନ ନୂଆପଡ଼ା ପକ୍ଷରୁ ୩ୟ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସ, ସ୍ଥାନ: ବୃନ୍ଦିକୋମନା ମା' ବସ୍ତ୍ରାଣୀ ଖେଳପଡ଼ିଆ, ସମୟ: ଅପରାହ୍ନ ୩ଟା ୩୦।

## ବୌଦ୍ଧ

- ଶ୍ରୀମଦଦେବୀ ଭାଗବତ ନବଦିନାତ୍ମକ ପାରାୟଣ ଓ ପ୍ରବଚନର ଷଷ୍ଠ ଦିନ, ସ୍ଥାନ: ମହାନଦୀ ଆଳତି ଘାଟ, ଚନ୍ଦ୍ରଚୁଡ ମନ୍ଦିର ବୌଦ୍ଧ, ସମୟ: ସକାଳ ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଚତୁର୍ଥ କେନ୍ଦ୍ରରେ ନୀଚସ୍ଥ ମଙ୍ଗଳ ପାରିବାରିକ ଖର୍ଚ୍ଚ ବଢ଼ାଇବା ସହ ସ୍ୱାସ୍ଥ୍ୟସମସ୍ୟା ସୃଷ୍ଟି କରିବ। ବନ୍ଧୁଙ୍କ ସହ ଆଲୋଚନା ମାନସିକ ଆଶ୍ୱସ୍ତି ପ୍ରଦାନ କରିବ। କିନ୍ତୁ ବ୍ୟବସାୟ, ପରିବହନ ଏବଂ ଶିଳ୍ପ, ବାଣିଜ୍ୟ, କ୍ଷେତ୍ରରେ ଶିଥିଳତା ଦେଖାଦେଇପାରେ। ଆନୁଷ୍ଠାନିକ କାମରେ ଭଲ ସମ୍ପର୍କ ରହିଥିବା ବ୍ୟକ୍ତିଙ୍କ ଦ୍ୱାରା ସହଯୋଗ ଲାଭକରି ଖୁସିହେବେ।

**ବୃଷ** ଆକସ୍ମିକ ଭାବେ କୌଣସି ଜିନିଷ କିମ୍ବା ଖବର ପାଇ ଖୁସି ଅନୁଭବ କରିବେ। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବାରେ କଠୋର ଶ୍ରମ କରିପାରନ୍ତି। ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ର ମନ୍ଦ ହେବନି, ତଥାପି ଦିନଟିରେ ଆୟଠାରୁ ଖର୍ଚ୍ଚ ବଳିଯିବ। ପାରିବାରିକ ସ୍ଥିତି ଓ କର୍ମକ୍ଷେତ୍ର ପୂର୍ବପରି ରହିବ। ସାଧାରଣ କଥାରୁ ହଡ଼ ବଡ଼େଇ ଯାଇପାରନ୍ତି।

**ମିଥୁନ** କର୍ମସ୍ଥାନରେ ଧନାଧିପତି ଅର୍ଥଲାଭ ସହ ବନ୍ଧଙ୍କ ପ୍ରତିଭାଜନ କରାଇବ। ପରିବାର, ଯାନବାହନ, ଆଲୋଚନା, ଯାତ୍ରା, ବ୍ୟବସାୟ ଦିଗଟି ଭଲ ରହିବ। ଯେଉଁ ବିଷୟରେ ଚିନ୍ତିତ ରହିଛନ୍ତି ତାହା ଅଚିରେ ସମାଧାନ ହୋଇଯିବ। ଆଶା ଫଳବତୀ ହେବାରେ ଅସୁବିଧା ରହିବ ନାହିଁ। ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ।

**କର୍କଟ** ଆଜି ଖର୍ଚ୍ଚାନ୍ତ ହେବେ ସିନା ଚେଷ୍ଟା କରୁଥିବା କାର୍ଯ୍ୟ ସାଧନରେ ନିଜର ଲୋକଙ୍କ ତରଫରୁ ସହଯୋଗ ପାଇବେନି। ସାମାଜିକ ସ୍ତରରେ ପରିସ୍ଥିତି ବଦଳି ଯିବାରୁ ଖୁସି ଅନୁଭବ କରିବେ। ନିର୍ମାଣାଧୀନ ଗୃହ, ରାସ୍ତାକାମ, ହଠାତ୍ କିଛିଦିନ ସକାଶେ ଅଟକି ରହି ଯାଇପାରେ। ଲେଖାପଢ଼ା, ଆଲୋଚନା, ଚୁକ୍ତିପତ୍ର କ୍ଷେତ୍ରରେ ସୁଫଳ ପାଇବେ।

**ସିଂହ** ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବାରୁ ମନ ହାଲୁକା ହୋଇଯିବ। ବ୍ୟବସାୟ ଓ ପରିବହନରେ ଉନ୍ନତି କରି ଋଣମୁକ୍ତ ହେବାର ସୂଚନା ରହିଛି। ଗୃହ, ଜମିଜମା ସମ୍ବନ୍ଧୀୟ ବିଷୟରେ ଯୋଗାଯୋଗ କଲେ ଉପକୃତ ହେବେ। ପାରିବାରିକ କ୍ଷେତ୍ରରେ ବନ୍ଧୁଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ମନସ୍ଥ କରି ସଫଳତା ହାସଲ କରିବେ।

**କନ୍ୟା** ଯାହା ପାଇବା ସକାଶେ ଆଶା କରୁଛନ୍ତି ତାହା ନିଶ୍ଚିତ ଭାବରେ ପାଇପାରିବେ। ତଥାପି ବିଭିନ୍ନ ପ୍ରକାର କାମରେ ଅନୁପ୍ରବେଶ କରି ମନକୁ ଭାରାକ୍ରାନ୍ତ କରି ପାରନ୍ତି। କର୍ମ କ୍ଷେତ୍ରରେ ଏକ ସାଧାରଣ ଘଟଣାରେ ଉଚ୍ଚବାଚ ଓ ବିତର୍କ ଘଟିପାରେ। ପରିବାରର ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିବେ କିନ୍ତୁ କୌଣସି ଉପାୟ ପାଇବେ ନାହିଁ।

**ତୁଳା** ବନ୍ଧୁମାନଙ୍କ ସକାଶେ ଯେତିକି ସହଜ ଓ ସୁବିଧାରେ କାମଟିଏ ସମ୍ପନ୍ନ କରିପାରିବେ ନିଜ ପାଇଁ ସେତିକି କରିପାରିବେ ନାହିଁ। ଆଶା କରୁଥିବା ଦିଗରୁ ଅର୍ଥ ପାଇବେ କିନ୍ତୁ ଏଥିପାଇଁ ଆପଣଙ୍କୁ ସାମାନ୍ୟ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିବା ସହ ବନ୍ଧୁମାନଙ୍କ ଆଚରଣରେ ଅସନ୍ତୁଷ୍ଟ ରହିବେ।

**ବିଛା** ଆଜିର ଗ୍ରହଯୋଗ ଉଚ୍ଚକୋଟୀର କିନ୍ତୁ ଠିକଣା ସମୟରେ ସୁଯୋଗ ନେଇ ପାରିଲେ ହିଁ ଉପକୃତ ହେବେ। ପ୍ରତ୍ୟେକ କଥାରେ ଅତୀତକୁ ଖୋଜିବସିଲେ ଅନୁତାପ କରିବା ବ୍ୟତୀତ କିଛି ଲାଭହେବନି। କାରବାର ବୃଦ୍ଧିଜନିତ ଆର୍ଥିକ ସ୍ୱଚ୍ଛଳତା ଫେରି ଆସିବ। ବନ୍ଧୁଙ୍କ ପ୍ରେରଣାରେ ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହେବେ।

**ଧନୁ** ନିଜ ମନର ଚିନ୍ତାଧାରାର ବିଷମତା ହିଁ ମାନସିକ ଅଶାନ୍ତି ସୃଷ୍ଟି କରିପାରେ। ପାରିବାରିକ କଳହ, ଟଙ୍କା ଦେଣନେଣ, କଚେରି ମାମଲାର ଟେନ୍ସନ ପ୍ରଭୃତି ସମସ୍ୟା ମଧ୍ୟ ରହିପାରେ। ସଭାସମିତିରେ ଏପରି କିଛି ପ୍ରସ୍ତାବ ମାନ ଦେବେ, ଯାହାକି ବନ୍ଧୁଙ୍କ ମନକୁ ପାଇବ। ଏଜେନ୍ସିପ୍, ଗଣମାଧ୍ୟମ, ଆଇନ ଅଦାଲତ କ୍ଷେତ୍ରରେ ଶୁଭଫଳ ପାଇବେ।

**ମକର** ଭାଗ୍ୟର ଅନୁକୂଳତା ପ୍ରାପ୍ତ ହୋଇ କାର୍ଯ୍ୟସିଦ୍ଧି ସଙ୍ଗକୁ ସମସ୍ୟାର ଦୂରୀକରଣ ଦିଗରେ ଯତ୍ନବାନ୍ ହେବେ। ଅସୁସ୍ଥତା ଓ ଅଭାବବୋଧ ପ୍ରଭୃତି ଦୁଶ୍ଚିନ୍ତାରେ ମନ ଭାରାକ୍ରାନ୍ତ ରହିବ। ଲୋକସମ୍ପର୍କ ବୃଦ୍ଧି ସକାଶେ ନୂତନ ଉପାୟ ଖୋଜି ବାହାର କରିବାରେ ସମର୍ଥ ହେବେ। ପ୍ରତୀକ୍ଷା କରିଥିବା କୌଣସି ଖବର ମଧ୍ୟାହ୍ନ ପରେ ପାଇ ଖୁସି ହୋଇପାରନ୍ତି।

**କୁମ୍ଭ** ଚନ୍ଦ୍ରଙ୍କ ସୁପ୍ରଭାବରୁ ଆଜି ଭଲକଥାଗୁଡ଼ିକ ମଧ୍ୟ ପ୍ରିୟଜନଙ୍କୁ ଖଟା ଲାଗିପାରେ। ତଥାପି ସ୍ଥଗିତ କାମକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେବେ ଓ ପାରିବେ ମଧ୍ୟ। ଆନୁଷ୍ଠାନିକ କାମରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିପାରନ୍ତି। ସାହିତ୍ୟ, ସାମ୍ବାଦିକତା, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ମୀନ** ଆଜିର ଭଲ ଚିନ୍ତା ଆପଣଙ୍କ ଆଚାରବ୍ୟବହାର ଓ କାର୍ଯ୍ୟଶୈଳୀକୁ ନିୟନ୍ତ୍ରିତ କରିବ। ପରିବାରରୁ ଶ୍ରଦ୍ଧା, ବନ୍ଧୁଙ୍କ ଆଦର, ସମ୍ମାନନୀୟ ବ୍ୟକ୍ତିଙ୍କ ପ୍ରଶଂସାରେ ଉତ୍‌ଫୁଲ୍ଲ ହୋଇପାରନ୍ତି। ହିତୈଷୀଙ୍କ ଜରିଆରେ ଦୀର୍ଘଦିନରୁ ଖୋଜୁଥିବା ଜିନିଷଟି ପାଇ ଖୁସୀ ହୋଇଯିବେ। ବ୍ୟବସାୟ ଏବଂ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ମଧ୍ୟ ଦୂର ହୋଇଯିବ।

ଆଜି ଅକ୍ଟୋବର ୨୩ ତାରିଖ, କାର୍ତ୍ତିକ କୃଷ୍ଣ ସପ୍ତମୀ ବୁଧବାର, ରାଶି ନକ୍ଷତ୍ର-ପୁନର୍ବସୁ/ମିଥୁନ, ସପ୍ତମୀର ଏକୋଦ୍ଦିଷ୍ଟ ଓ ନବମୀର ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୪୭ମି. ଗତେ ଘ.୦୮.୦୫ମି. ମଧ୍ୟେ, ଘ. ୧୦.୨୨ମି. ଗତେ ଘ.୧୧.୩୦ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧.୩୦ମି. ଗତେ ଘ.୧୨.୫୬ମି. ମଧ୍ୟେ ରାହୁକାଳ।

ପ୍ରଥମ ପୃଷ୍ଠାରୁ...

## ଲଗାତର ବୋମା...

ପରିସରରେ ଥିବା ୨ କେନ୍ଦ୍ରୀୟ ବିଦ୍ୟାଳୟକୁ ଅନୁରୂପ ଧମକପୂର୍ଣ୍ଣ ବାର୍ତ୍ତା ମିଳିଥିଲା। ଦିଲ୍ଲୀ ପୋଲିସର ସ୍ପେଶାଲ ସେଲ୍ ବୋମା ଧମକ ଘଟଣାର ତଦନ୍ତ ଚଳାଇଥିବାବେଳେ ବାର୍ତ୍ତା ପଠାଇଥିବା ବ୍ୟକ୍ତିଙ୍କ ପରିଚୟ ଏବଂ ଅନ୍ୟାନ୍ୟ ବିବରଣୀ ପ୍ରଦାନ ପାଇଁ ଇମେଲ୍ ସେବା ପ୍ରଦାନକାରୀ ସଂସ୍ଥାକୁ ପତ୍ର ଲେଖାଯାଇଥିବା ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି। ରବିବାରର ବିସ୍ଫୋରଣ ଘଟଣାରେ ଖଲିସ୍ତାନୀ ସମର୍ଥକଙ୍କ ଭୂମିକା ଉପରେ ମଧ୍ୟ ତଦନ୍ତ ଚାଲିଛି। ଧମକପୂର୍ଣ୍ଣ ବାର୍ତ୍ତାରେ ତାମିଲନାଡୁର ରାଜନୀତି ଏବଂ ବହିଷ୍କୃତ ଡିଏମ୍‌କେ ନେତା ଜାଫର ସାଦିକ୍‌ଙ୍କ ସମ୍ପର୍କରେ ଉଲ୍ଲେଖ ଥିଲା।

ଭାରତୀୟ ଏୟାରଲାଇନ୍ସର ବିମାନଗୁଡ଼ିକୁ ବୋମାରେ ଉଡ଼ାଇଦେବା ପାଇଁ ଧମକପୂର୍ଣ୍ଣ ବାର୍ତ୍ତା ବନ୍ଦ ହେବାର ନାଁ ନେଉନାହିଁ। ସୋମବାର ରାତିଠାରୁ ମଙ୍ଗଳବାର ମଧ୍ୟରେ ଏଭଳି ଅନ୍ୟୁନ ୭୯ ଧମକ ମିଳିଲାଣି। ଏହାକୁ ମିଶାଇ ସପ୍ତାହେ ମଧ୍ୟରେ ଧମକପୂର୍ଣ୍ଣ ବାର୍ତ୍ତା ସଂଖ୍ୟା ୧୬୯ରେ ପହଞ୍ଚିଛି। ବିଶେଷକରି ଅନ୍ତର୍ଜାତୀୟ ରୁଟ୍‌ରେ ଯିବାକୁ ଥିବା ବିମାନଗୁଡ଼ିକୁ ଏଭଳି ଧମକ ମିଳୁଛି। ଗତ ୨୪ ଘଣ୍ଟା ମଧ୍ୟରେ ଇଣ୍ଡିଗୋର ୨୩, ଭିସ୍ତାରାର ୨୧, ଆକାଶର ୧୨ ଏବଂ ଏୟାର ଇଣ୍ଡିଆର ୨୩ ବିମାନକୁ ଏଭଳି ଧମକପୂର୍ଣ୍ଣ କଲ୍ ଆସିଛି। ତେବେ ସେଗୁଡ଼ିକ ହୋକ୍ସ କଲ୍ ବା ମିଥ୍ୟା ଧମକ ଥିବା ତଦନ୍ତରୁ ଜଣାପଡ଼ିଛି। ବିଶେଷକରି ଜେଦ୍ଦା, ଇସ୍ତାନବୁଲ୍ ଏବଂ ରିୟାଧ ଭଳି ସ୍ଥାନକୁ ଯିବାକୁ ଥିବା ବିମାନଗୁଡ଼ିକୁ ଟାର୍ଗେଟ କରାଯାଉଛି। ବୋମା ଧମକ ଯୋଗୁ ଯାତ୍ରୀମାନେ ହଇରାଣ ହେବା ସହ ଏୟାରଲାଇନ୍ସଗୁଡ଼ିକୁ ବିପୁଳ କ୍ଷତି ସହିବାକୁ ପଡୁଛି। ଧମକପୂର୍ଣ୍ଣ ବାର୍ତ୍ତା ପଠାଉଥିବା ବ୍ୟକ୍ତିମାନଙ୍କୁ ନୋ-ଫ୍ଲାଇଂ ତାଲିକାରେ ରଖାଯିବା ସହ ଏହାକୁ ଧର୍ତ୍ତବ୍ୟ ଅପରାଧ ବିବେଚନା କରାଯିବ ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁଙ୍କ କହିବା ସତ୍ତ୍ୱେ ଧମକପୂର୍ଣ୍ଣ ବାର୍ତ୍ତା ଆସିବା ଜାରି ରହିଛି।

## ଦର ବଢ଼ାଉଛି...

କାର୍ଯ୍ୟାନୁଷ୍ଠାନ ନେବାକୁ ଅଣ୍ଟାଭିଡ଼ିଛନ୍ତି। ହେଲେ ସୃଷ୍ଟି ହୋଇସାରିଥିବା ପରିସ୍ଥିତିକୁ କିପରି ନିୟନ୍ତ୍ରଣ କରାଯାଇପାରିବ ତାହା ଏବେ ଖାଉଟିଙ୍କ ପାଇଁ ବଡ଼ ଚିନ୍ତା ପାଲଟିଛି। ଏ ନେଇ ମଙ୍ଗଳବାର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିଭିନ୍ନ ପ୍ରସଙ୍ଗରେ ସମୀକ୍ଷା କରିଛନ୍ତି। ରାଜ୍ୟ ଅତିଥି ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ବିଭାଗୀୟ ଅଧିକାରୀ ଏବଂ ବିଭିନ୍ନ ବ୍ୟବସାୟୀ ସଂଘର କର୍ମକର୍ତ୍ତାମାନଙ୍କ ସହ ସେ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦରବୃଦ୍ଧି ଓ ଏହା ଉପରେ ଲଗାମ ଲଗାଇବା ନେଇ ଆଲୋଚନା କରିଛନ୍ତି। ବିଭିନ୍ନ ସ୍ଥାନରେ ପନିପରିବା ଭଳି ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟବୃଦ୍ଧି ରୋକିବା ପାଇଁ ମନ୍ତ୍ରୀ ବ୍ୟବସାୟୀ ସଂଘକୁ ପରାମର୍ଶ ଦେଇଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜନସାଧାରଣଙ୍କୁ ସହଯୋଗ କରିବାକୁ ବ୍ୟବସାୟୀ ସଂଘକୁ ଅନୁରୋଧ କରିଛନ୍ତି। ଅନାବଶ୍ୟକ ଭାବେ ଆବଶ୍ୟକତାଠାରୁ ଅଧିକ ଦାମ୍‌ରେ ସାମଗ୍ରୀ ବିକ୍ରୟ କରୁଥିବା ଅସାଧୁ ବ୍ୟକ୍ତି ଏବଂ କଳାବଜାର କରୁଥିବା ବେପାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ବୈଠକରେ ବ୍ୟବସାୟୀ ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇ ମନ୍ତ୍ରୀ କହିଛନ୍ତି, ଏହାକୁ ଦୂରକରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବ। ଉଭୟ ବ୍ୟବସାୟୀ ଏବଂ ଖାଉଟିମାନଙ୍କ ସ୍ୱାର୍ଥରକ୍ଷା ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ପର୍ଯ୍ୟାୟକ୍ରମେ ବିଭିନ୍ନ ଦାବି ପୂରଣ କରାଯିବ। ଏହାବ୍ୟତୀତ ସମ୍ଭାବ୍ୟ ବାତ୍ୟାବେଳେ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବୃଦ୍ଧି ନେଇ ଖାଉଟିମାନଙ୍କ ବିଭିନ୍ନ ଅଭିଯୋଗକୁ ବିଚାରକୁ ନେଇ ଯୋଗାଣ ବିଭାଗ ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସହାୟକ ମଧୁସୂଦନ ବେହେରା, ନାଫେଡ୍ ଓଡ଼ିଶା ରାଜ୍ୟ ମୁଖ୍ୟ ଅନିନ୍ଦିତା ଗୁହା, ବିଭାଗୀୟ ଉପ ନିର୍ଦ୍ଦେଶକ ଦୀପକ ଶତପଥୀ, ଓଡ଼ିଶା ବ୍ୟବସାୟୀ ସଂଘ ମହାସଚିବ ସୁଧାକର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ଲଘୁଚାପ ମଙ୍ଗଳବାର ଅବପାତ (ଡିପ୍ରେଶନ)ରେ ପରିଣତ ହୋଇଥିବାବେଳେ ବୁଧବାର ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ବାତ୍ୟା(ଦାନା)ରେ ପରିଣତ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ପକ୍ଷରୁ ସୂଚନା ଦିଆଯାଇଛି। ବାତ୍ୟା ୨୪ ସକାଳ ସୁଦ୍ଧା ବଳ ଗୋଟାଇ ଉତ୍ତର ପଶ୍ଚିମ ଦିଗରେ ଗତିକରି ଆହୁରି ଉଗ୍ରରୂପ ଧାରଣ କରିବ। ଏହାର ପ୍ରଭାବରେ ବୁଧବାର ସନ୍ଧ୍ୟା କିମ୍ବା ରାତିରୁ ପାଗରେ ପରିବର୍ତ୍ତନ ହେବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଅବପାତ ପାରାଦୀପ ଉପକୂଳରୁ ୭୦୦ କିଲୋମିଟର ଦକ୍ଷିଣପୂର୍ବ ଦିଗରେ କେନ୍ଦ୍ରୀଭୂତ ହୋଇଛି। ଘଣ୍ଟା ପ୍ରତି ୬ କିଲୋମିଟର ବେଗରେ ଧୀରେ ଧୀରେ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରେ ଗତି କରୁଛି।

ବାତ୍ୟା ୨୪ ରାତି ଓ ୨୫ ସକାଳେ କେନ୍ଦ୍ରାପଡ଼ା କିମ୍ବା ଭଦ୍ରକ ଜିଲା ମଧ୍ୟ ଦେଇ ଓଡ଼ିଶା ଉପକୂଳ ଅତିକ୍ରମ କରିବ ବୋଲି ୱିଣ୍ଡ ଡଟ୍ କମ୍ ଓ ଅନ୍ୟ କେତେକ ଅନ୍ତର୍ଜାତୀୟ ପାଣିପାଗ ମଡେଲ ପୂର୍ବାନୁମାନ କରିଛନ୍ତି। ଅନ୍ୟପକ୍ଷରେ ଭାରତୀୟ ପାଣିପାଗ ବିଭାଗ ସୂଚନା ଅନୁଯାୟୀ ବାତ୍ୟା ପୁରୀ ଏବଂ ସାଗର ଦ୍ୱୀପ ଦେଇ ସ୍ଥଳଭାଗ ଅତିକ୍ରମ କରିବ। ଏହି ସମୟରେ ପବନର ବେଗ ଘଣ୍ଟା ପ୍ରତି ୧୧୦ରୁ ୧୨୦ କିଲୋମିଟର ହେବ ବୋଲି ଆକଳନ କରାଯାଇଛି। ବାତ୍ୟା ବେଳେ ବଡ଼ ବଡ଼ ଢେଉ ଉଠିବା ସହ ସମୁଦ୍ର ଅଶାନ୍ତ ରହିବ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ବନ୍ଦରରେ ୧ ନମ୍ବର ବିପଦ ସଙ୍କେତ ଜାରି କରାଯାଇଛି। ଏଥିସହିତ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ସମୁଦ୍ରକୁ ନ ଯିବାକୁ ମତ୍ସ୍ୟଜୀବୀଙ୍କୁ ପରାମର୍ଶ ଦିଆଯାଇଛି। ବାତ୍ୟାରେ କଚ୍ଚାଘର, ଗଛ ଭାଙ୍ଗିବା ସହ ଧାନ ଫସଲ ଓ ପନିପରିବା ଚାଷ ପ୍ରଭାବିତ ହେବା ସମ୍ଭାବନା ରହିଛି। ବାତ୍ୟା ପ୍ରଭାବରେ ବୁଧବାରଠାରୁ ଭଦ୍ରକ, ବାଲେଶ୍ୱର, ଜଗତ୍‌ସିଂହପୁର. କେନ୍ଦ୍ରାପଡ଼ା, ଯାଜପୁର, ପୁରୀ, ଗଞ୍ଜାମ, ଖୋର୍ଦ୍ଧା ଜିଲାର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମଧରଣର ବର୍ଷା ହେବା ସମ୍ଭାବନା ରହିଛି।

୨୪ ତାରିଖରେ ମୟୂରଭଞ୍ଜ, କଟକ, ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁର ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହିସବୁ ଜିଲାଗୁଡ଼ିକୁ ରେଡ୍ ଆଲର୍ଟ ଜାରି କରାଯାଇଛି। ଏହାଛଡା ପୁରୀ, ଗଞ୍ଜାମ, ଖୋର୍ଦ୍ଧା, ନୟାଗଡ଼, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ ଜିଲାରେ ମଧ୍ୟ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏହିସବୁ ଜିଲା ପାଇଁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, ସମ୍ବଲପୁର, ସୋନପୁର, ବୌଦ୍ଧ, କନ୍ଧମାଳ, ଗଜପତି ଜିଲାର କେତେକ ସ୍ଥାନରେ ୭ରୁ ୧୧ ସେଣ୍ଟିମିଟର ବର୍ଷା ହେବା ସମ୍ଭାବନା ରହିଛି। ସେହିସବୁ ଜିଲା ପାଇଁ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି।

ସେହିପରି ୨୫ ତାରିଖରେ ବାତ୍ୟା ପ୍ରଭାବରେ କେନ୍ଦୁଝର, ମୟୂରଭଞ୍ଜ, ଭଦ୍ରକ, ବାଲେଶ୍ୱର ଜିଲାର କେତେକ ସ୍ଥାନରେ ୨୦ ସେଣ୍ଟିମିଟରରୁ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲା ପାଇଁ ରେଡ୍ ୱାର୍ନିଂ ଜାରି କରାଯାଇଛି। ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, କଟକ, ଯାଜପୁର, ଢେଙ୍କାନାଳ, ଅନୁଗୋଳ, ଦେଓଗଡ଼ ଓ ସୁନ୍ଦରଗଡ଼ ଜିଲାରେ ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି। ଏହିସବୁ ଜିଲା ପାଇଁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ସମସ୍ତ ଡାକ୍ତରଙ୍କ ଛୁଟିକୁ ସରକାର ବାତିଲ କରିବା ସହ ହସ୍ପିଟାଲଗୁଡ଼ିକରେ ଖାଦ୍ୟାବାନ୍ତି ଏବଂ ସାପକାମୁଡ଼ା ଔଷଧ ମହଜୁତ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବରୁ ଏହି ୩ ଦିନ ସବୁ ସ୍କୁଲ ଛୁଟି ଘୋଷଣା କରାଯାଇଥିବାବେଳେ କଲେଜ ଓ ବିଶ୍ୱବିଦ୍ୟାଳୟଗୁଡ଼ିକୁ ବନ୍ଦ ରଖିବା ପାଇଁ ମଙ୍ଗଳବାର ନିର୍ଦ୍ଦେଶ ଦିଆଯାଇଛି। ପୂର୍ବ ଭାରତରେ ପ୍ରାୟ ୨୦୦ ଟ୍ରେନ୍ ଚଳାଚଳ ବାତିଲ କରାଯାଇଛି।

## ୧୯୬ ଟ୍ରେନ୍ ବାତିଲ...

କରିବାକୁ ପରାମର୍ଶ ଦିଆଯାଇଛି। ବାତ୍ୟା ମୁକାବିଲା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ବାତ୍ୟା ସମ୍ବନ୍ଧୀୟ ପ୍ରସ୍ତୁତି ବୈଠକରେ ଅଧ୍ୟକ୍ଷତା କରି ଟ୍ରେନ ଯାତ୍ରୀମାନଙ୍କୁ ସମ୍ପୂର୍ଣ୍ଣ ବିପଦମୁକ୍ତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରମୁଖ ବିଭାଗୀୟ ଅଧିକାରୀ ଓ ରେଳ ମଣ୍ଡଳର ମଣ୍ଡଳ ରେଳପଥ ପ୍ରବନ୍ଧକମାନଙ୍କୁ ପରାମର୍ଶ ଦେଇଛନ୍ତି। ପୂର୍ବତଟ ରେଳପଥ ଏହାର ମୁଖ୍ୟାଳୟ ରେଳସଦନ ସହିତ ଖୋର୍ଦ୍ଧା ରୋଡ୍, ବିଶାଖାପାଟଣା ଏବଂ ସମ୍ବଲପୁରରେ ଥିବା ରେଳମଣ୍ଡଳ ମୁଖ୍ୟାଳୟରେ ୨୪ ଘଣ୍ଟିଆ ବିପର୍ଯ୍ୟୟ ପରିଚାଳନା ନିୟନ୍ତ୍ରଣ କକ୍ଷ ଖୋଲିଛି। ବାତ୍ୟା ଦ୍ୱାରା ପ୍ରଭାବିତ ହେବାର ସମ୍ଭାବନା ଥିବାରୁ ଟ୍ରେନ ସେବା ଏବଂ ରେଳ ଭିତ୍ତିଭୂମିର ଶୀଘ୍ର ପୁନରୁଦ୍ଧାର ପାଇଁ ସ୍ୱତନ୍ତ୍ର ଦଳ ଗଠନ କରାଯାଇଛି। ଟ୍ରାକ୍‌ଗୁଡ଼ିକର ଶୀଘ୍ର ପୁନରୁଦ୍ଧାର, ସିଗ୍‌ନାଲିଂ ସିଷ୍ଟମ ଏବଂ ବିଦ୍ୟୁତୀକରଣ ପାଇଁ ସ୍ୱତନ୍ତ୍ର ଦଳ ନିୟୋଜନ ଏବଂ ବାତ୍ୟା ପରେ ଟ୍ରେନ ସେବାଗୁଡ଼ିକର ଶୀଘ୍ର ପୁନରୁଦ୍ଧାର ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଉପକୂଳବର୍ତ୍ତୀ ଅଞ୍ଚଳ ପାଇଁ ରେଡ ଆଲର୍ଟ ଜାରି କରାଯିବା ସହିତ ପୂର୍ବତଟ ରେଳପଥ ବ୍ରହ୍ମପୁର-ଭଦ୍ରକ ରେଳ ସେକ୍ସନ ମଧ୍ୟରେ ଥିବା ସମସ୍ତ ଷ୍ଟେଶନରେ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ବାତ୍ୟା ବିପଦକୁ ଦୃଷ୍ଟିରେ ରଖି ବିଭିନ୍ନ ଟ୍ରେନ ଚଳାଚଳ ବାତିଲ କରିବାକୁ ପୂର୍ବତଟ ରେଳପଥ ନିଷ୍ପତ୍ତି ନେଇଛି। ପ୍ରବଳ ବର୍ଷା ହେତୁ ରେଳବ୍ରିଜ୍, ଟ୍ରାକ, ୟାର୍ଡ ଏବଂ ସିଗ୍ନାଲ ସିଷ୍ଟମ୍ ସଂରକ୍ଷଣ ଉପରେ ଧ୍ୟାନ ଦିଆଯାଉଛି। ପାଟ୍ରୋଲମ୍ୟାନ୍ ଏବଂ ୱାଚମ୍ୟାନ୍‌ମାନଙ୍କୁ ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ ନିୟୋଜନ କରାଯିବା ସହ ପ୍ରବଳ ବର୍ଷାଜନିତ ବନ୍ୟା ପରିସ୍ଥିତିକୁ ନଜର ରଖିବା ପାଇଁ ସେକ୍ସନାଲ ଗ୍ୟାଙ୍ଗମ୍ୟାନ୍ ଟ୍ରାକରେ ପାଟ୍ରୋଲିଂ କରିବେ। ପାଣିପାଗ ବିଭାଗ ଏବଂ ଅନ୍ୟାନ୍ୟ ସରକାରୀ ସଂସ୍ଥାଗୁଡ଼ିକ ସହିତ ସମନ୍ୱୟ ରଖିବାକୁ ଅଧିକାରୀ ଓ କର୍ମଚାରୀଙ୍କୁ ପରାମର୍ଶ ଦିଆଯାଇଛି। ଟ୍ରେନଗୁଡ଼ିକ ଯାତାୟାତ ପାଇଁ ସୁରକ୍ଷିତ ଚିହ୍ନିତ ସମ୍ବେଦନଶୀଳ ସ୍ଥାନରେ ପର୍ଯ୍ୟାପ୍ତ ପରିମାଣର ବାତ୍ୟା ସରଞ୍ଜାମ ଗଚ୍ଛିତ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ଇଞ୍ଜିନିୟରିଂ ରିଲିଫ ଭ୍ୟାନ ଏବଂ ଯନ୍ତ୍ରପାତି ପ୍ରସ୍ତୁତ ରଖାଯାଇଛି। ସିସି କ୍ରିଭ୍ ଏବଂ ରିଲିଫ ଗାଡର୍‌ଗୁଡ଼ିକ ମଧ୍ୟ ପ୍ରସ୍ତୁତ ରଖାଯାଇଛି। କୌଣସି ଜରୁରିକାଳୀନ ପୁନରୁଦ୍ଧାର କାର୍ଯ୍ୟ ସହଜ ହେବା ପାଇଁ ଡିଜେଲ ଲୋକୋମୋଟିଭ, ଟାୱାର ୱାଗନ୍ ଏବଂ ଅନ୍ୟାନ୍ୟ ହେଭି ମେକାନିଜମ୍‌ଗୁଡ଼ିକୁ ସମ୍ବେଦନଶୀଳ ସ୍ଥାନରେ ରଖାଯାଇଛି।

## ଜେଲ ଗଲେ...

ତଦନ୍ତରୁ ଜଣା ପଡ଼ିଥିବା ପୋଲିସ କହିଛି। ସେ ନିଜ ମହକିଲମାନଙ୍କଠାରୁ ସେମାନଙ୍କର ଜମି ବିବାଦ ସମ୍ବନ୍ଧିତ ମାମଲା ସମାଧାନ କରିବାର ଆଶା ଦେଖାଇ ତାଙ୍କଠାରୁ ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ନେଉଥିବା ପୋଲିସ କହିଛି। ମୋରିସ୍ ନିଜକୁ କୋର୍ଟଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା ମଧ୍ୟସ୍ଥ ଭାବେ ପରିଚୟ ଦେଉଥିବା ପୋଲିସ କହିଛି। ସେ ତାଙ୍କ ମହକିଲମାନଙ୍କୁ ଗାନ୍ଧୀନଗରସ୍ଥିତ ନିଜ କାର୍ଯ୍ୟାଳୟକୁ ଡକାଉଥିଲେ, ଯାହାକୁ ସେ ଏକ ଅଦାଲତ ପରି ପ୍ରସ୍ତୁତ କରି ରଖିଥିଲେ। ସେ ଟ୍ରିବ୍ୟୁନାଲର ଅଧିକାରୀ ଭାବେ ଆଦେଶ ମଧ୍ୟ ପାରିତ କରୁଥିଲେ। ସେହିପରି ସେ ନିଜର ସହଯୋଗୀମାନଙ୍କୁ ଅଦାଲତର କର୍ମଚାରୀ କିମ୍ବା ଓକିଲ ଭାବେ ଦେଖାଉଥିଲେ। ଏହି ଉପାୟରେ ମୋରିସ୍ ୧୧ରୁ ଅଧିକ ବିବାଦୀୟ ଜମି ମାମଲାରେ ନିଜ ସପକ୍ଷରେ ଆଦେଶ ପାରିତ କରିଥିବା ପୋଲିସ ସୂଚନା ଦେଇଛି। ସୂଚନାଯୋଗ୍ୟ, ୨୦୧୯ର ଏକ ବିବାଦୀୟ ଜମି ସମ୍ବନ୍ଧୀୟ ମାମଲାରେ ମୋରିସ୍ ଏକ ୧୦୦ ଏକର ସରକାରୀ ଜାଗାକୁ ନିଜ ନାମରେ କରିବା ପାଇଁ ଆଦେଶ ପାରିତ କରିଥିଲେ। ପୋଲିସ ଉକ୍ତ ମାମଲାରେ ହୋଇଥିବା ଅଭିଯୋଗକୁ ଆଧାର କରି ତଦନ୍ତ ଚଳାଇଛି।

## ୧୫ରେ ରାଉରକେଲା....

ସ୍କୁଲ ହଷ୍ଟେଲର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ସେହିପରି ଓଡିଆ ଅସ୍ମିତା କେନ୍ଦ୍ର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ୧୫୦ଫୁଟ ବିଶିଷ୍ଟ ବିର୍ସା ମୁଣ୍ଡା ସ୍ମାରକୀ ପାଇଁ ଆଧାରଶିଳା ସ୍ଥାପନ କରିବେ ବୋଲି କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ ସୂଚନା ଦେଇଛନ୍ତି।

## ୩ ଦିନ ବନ୍ଦ ରହିବ ଶିମିଳିପାଳ

ବାରିପଦା,୨୨।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବଙ୍ଗୋପସାଗରରେ ସୃଷ୍ଟ ବାତ୍ୟା 'ଦାନା' ପାଇଁ ଶିମିଳିପାଳ ଅଭୟାରଣ୍ୟ ପର୍ଯ୍ୟଟକଙ୍କ ନିମନ୍ତେ ୩ ଦିନ ବନ୍ଦ ରହିବ। ଅକ୍ଟୋବର ୨୩ ରୁ ୨୫ ତାରିଖ ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କୁ ଅଭୟାରଣ୍ୟ ମଧ୍ୟକୁ ଛଡ଼ାଯିବ ନାହିଁ ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ ସୂଚନା ଦେଇଛନ୍ତି। ସମ୍ଭାବ୍ୟ ବାତ୍ୟା 'ଦାନା'କୁ ନେଇ ମୟୂରଭଞ୍ଜ ଜିଲାକୁ ରେଡ୍ ଆଲର୍ଟ ଜାରି କରାଯାଇଛି। ଉକ୍ତ ସମୟରେ ଜିଲାରେ ପ୍ରବଳ ବୃଷ୍ଟିପାତ ହେବା ସମ୍ଭାବନା ରହିଛି। ଫଳରେ ପର୍ଯ୍ୟଟକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ୩ ଦିନ ଶିମିଳିପାଳ ଅଭୟାରଣ୍ୟ ବନ୍ଦ କରାଯାଇଛି। ଶିମିଳିପାଳ ମଧ୍ୟରେ ପାହାଡ଼ିଆ ମାଟି ରାସ୍ତାରେ ଅଘଟଣକୁ ରୋକିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ୩ ଦିନ ମଧ୍ୟରେ ଅଭୟାରଣ୍ୟ ମଧ୍ୟକୁ କୌଣସି ଗାଡ଼ି ପ୍ରବେଶ କିମ୍ବା ପ୍ରସ୍ଥାନ କରିବ ନାହିଁ ବୋଲି ଉଲ୍ଲେଖ କରାଯାଇଛି।

## ବିଧାୟକଙ୍କ ସହଯୋଗ ଲୋଡ଼ିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୨।୧୦ (ଅନିଲ ଦାସ): ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମସ୍ତ ବିଧାୟକଙ୍କ ସହଯୋଗ ଲୋଡ଼ିଛନ୍ତି। ବାତ୍ୟାବେଳେ ବିଧାୟକମାନଙ୍କୁ ନିଜ ନିଜ ଅଞ୍ଚଳବାସୀଙ୍କ ସହ ରହିବାକୁ ସେ ସୋସିଆଲ ମିଡିଆରେ ସହଯୋଗ କାମନା କରିଛନ୍ତି। ବିଧାୟକମାନେ ଲୋକଙ୍କୁ ଆବଶ୍ୟକ ସହାୟତା ଦେବାଲାଗି ଯଥାସମ୍ଭବ ଚେଷ୍ଟିତ ହେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।




# ବାତ୍ୟା ପ୍ରସ୍ତୁତି: ଜିଲ୍ଲା ଦାୟିତ୍ୱରେ ୧୧ ଅଧିକାରୀ

ଭୁବନେଶ୍ୱର,୨୨।୧୦ (ଅନିଲ ଦାସ)

ବାତ୍ୟା 'ଦାନା'ର ମୁକାବିଲା ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ୧୧ଜଣ ବରିଷ୍ଠ ଅଫିସରଙ୍କୁ ବିଭିନ୍ନ ଜିଲ୍ଲା ଦାୟିତ୍ୱ ଦିଆଯାଇଛି। ଏ ନେଇ ସମସ୍ତ ମହାନଗର ନିଗମ ଓ ପୌରାଞ୍ଚଳ ନିମନ୍ତେ ଷ୍ଟାଣ୍ଡାର୍ଡ ଅପରେଶନ୍ ପ୍ରୋସିଜିଓର (ଏସ୍ଓପି) ଜାରି କରାଯାଇଛି। ବରିଷ୍ଠ ଅଧିକାରୀମାନଙ୍କୁ ସେମାନଙ୍କ ଆବଣ୍ଟିତ ଜିଲାରେ ଥିବା ସମସ୍ତ ପୌରାଞ୍ଚଳରେ ବାତ୍ୟା ମୁକାବିଲାର ପ୍ରସ୍ତୁତି ସହ ଅନ୍ୟାନ୍ୟ କାର୍ଯ୍ୟ ତଦାରଖ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମା ଅନୁସାରେ, ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ସାଗରିକା ପଟ୍ଟନାୟକଙ୍କୁ ଅନୁଗୋଳ, ଢେଙ୍କାନାଳ ଓ କଟକ ଜିଲା ଦାୟିତ୍ୱ ଦିଆଯାଇଥିବା ବେଳେ ଅତିରିକ୍ତ ସଚିବ ଶୁଭେନ୍ଦୁ କାନୁନଗୋଙ୍କୁ ବୌଦ୍ଧ, ଦେବଗଡ଼ ଓ କନ୍ଧମାଳ,ସ୍ୱତନ୍ତ୍ର ସଚିବ ଦେବାଶିଷ ସିଂଙ୍କୁ ଗଞ୍ଜାମ ଓ ଗଜପତି, ସ୍ୱତନ୍ତ୍ର ସଚିବ ଗଙ୍ଗାଧର ନାୟକଙ୍କୁ ମୟୂରଭଞ୍ଜ ଓ ବାଲେଶ୍ୱର, ଅତିରିକ୍ତ ସଚିବ ସୁଶାନ୍ତ କୁମାର ମିଶ୍ରଙ୍କୁ କଳାହାଣ୍ଡି, ନୂଆପଡ଼ା ଓ ବରଗଡ଼, ଅତିରିକ୍ତ ସଚିବ ବିନୟ କୁମାର ଦାଶଙ୍କୁ ଖୋର୍ଦ୍ଧା, ପୁରୀ ଓ ନୟାଗଡ଼, ଅତିରିକ୍ତ ସଚିବ ରବୀନ୍ଦ୍ର କୁମାର ସାହୁଙ୍କୁ ଭଦ୍ରକ ଓ ଯାଜପୁର, ଅତିରିକ୍ତ ସଚିବ ସୌରିନ୍ଦ୍ର ରାଉତରାୟଙ୍କୁ କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର, ଅତିରିକ୍ତ ସଚିବ ଦୁର୍ଗେଶ ନନ୍ଦିନୀ ସାହୁଙ୍କୁ ବଲାଙ୍ଗୀର, ସୋନପୁର ଓ ସମ୍ବଲପୁର, ଚିଫ୍ ଇଞ୍ଜିନିୟର ତଥା ଅତିରିକ୍ତ ସଚିବ ଇଞ୍ଜିନିୟର ଅରବିନ୍ଦ ଜେନାଙ୍କୁ କୋରାପୁଟ, ମାଲକାନଗିରି, ରାୟଗଡ଼ା ଓ ନବରଙ୍ଗପୁର ଏବଂ ଯୁଗ୍ମ ସଚିବ ସରୋଜ କୁମାର ଦାଶଙ୍କୁ କେନ୍ଦୁଝର, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଜିଲା ଦାୟିତ୍ୱ ଦିଆଯାଇଛି। ଯଦିଓ ବାତ୍ୟା ରାଜ୍ୟର ସର୍ବାଧିକ ୧୪ ଜିଲାରେ କ୍ଷୟକ୍ଷତି କରିପାରେ ବୋଲି ଆଶଙ୍କା କରାଯାଉଛି ତଥାପି ନଗର ଉନ୍ନୟନ ବିଭାଗ ନିଜର ୧୧ଜଣ ଅଫିସରଙ୍କୁ ୩୦ ଜିଲା(ସମସ୍ତ ମହାନଗର ନିଗମ, ପୌରା ସଂସ୍ଥା ଓ ଏନଏସି)ରେ ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତି ସହ ବାତ୍ୟା ପରବର୍ତ୍ତୀ ରିଲିଫ ଓ ଉଦ୍ଧାର କାର୍ଯ୍ୟ ମଧ୍ୟ ତଦାରଖ କରିବେ ବୋଲି ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## ୬ ଜିଲାକୁ ଗଲେ ୬ ବରିଷ୍ଠ ଆଇଏଏସ୍ ଅଫିସର

ଭୁବନେଶ୍ୱର,୨୨।୧୦(ଅନିଲ ଦାସ)

ରାଜ୍ୟରେ ସମ୍ଭାବ୍ୟ ବାତ୍ୟା 'ଦାନା'କୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଜୋରଦାର ପ୍ରସ୍ତୁତି ଆରମ୍ଭ କରିଛନ୍ତି । ପ୍ରଭାବିତ ହେବାକୁ ଥିବା ବାଲେଶ୍ୱର, ଭଦ୍ରକ, ପୁରୀ, ମୟୂରଭଞ୍ଜ, ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲାକୁ ରାଜ୍ୟ ସରକାର ୬ଜଣ ବରିଷ୍ଠ ଆଇଏଏସ ଅଫିସରଙ୍କୁ ପଠାଇଛନ୍ତି। ଲଘୁ ଖଣିଜ ନିର୍ଦ୍ଦେଶକ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ବାଲେଶ୍ୱର ଜିଲା ଦାୟିତ୍ୱ ଦିଆଯାଇଥିବା ବେଳେ ରାଜସ୍ୱ ବିଭାଗ ଅତିରିକ୍ତ ସଚିବ ତ୍ରିଲୋଚନ ମାଝୀଙ୍କୁ ଭଦ୍ରକ, ପର୍ଯ୍ୟଟନ ସଚିବ ବଳବନ୍ତ ସିଂଙ୍କୁ ପୁରୀ, ପାନୀୟଜଳ ଓ ପରିଚ୍ଛନ୍ନତା ନିର୍ଦ୍ଦେଶକ ଭିନିତ ଭରଦ୍ୱାଜଙ୍କୁ ମୟୂରଭଞ୍ଜ, ଆଦର୍ଶ ସ୍କୁଲ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଯାମିନୀ ଷଡ଼ଙ୍ଗୀଙ୍କୁ ଜଗତସିଂହପୁର ଏବଂ ପର୍ଯ୍ୟଟନ ନିର୍ଦ୍ଦେଶକ ସମର୍ଥ ବର୍ମାଙ୍କୁ କେନ୍ଦ୍ରାପଡ଼ା ଜିଲା ଦାୟିତ୍ୱ ଦିଆଯାଇଛି।

# ଆଜି ରାତି ସୁଦ୍ଧା ଲୋକଙ୍କୁ ସ୍ଥାନାନ୍ତର କରାଯିବ: ରାଜସ୍ୱ ମନ୍ତ୍ରୀ

## ୧୪ ଜିଲାରେ ୨୫ ଯାଏ ଅଙ୍ଗନୱାଡି କେନ୍ଦ୍ର ବନ୍ଦ

ଭୁବନେଶ୍ୱର,୨୨।୧୦ (ଅନିଲ ଦାସ)

ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ରାଜ୍ୟ ସରକାର ପୂରା ଦମ୍‌ରେ ପ୍ରସ୍ତୁତ ଚଳାଇଛନ୍ତି। ତୃଣମୂଳ ସ୍ତରରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ବାତ୍ୟା ଦ୍ୱାରା ପ୍ରଭାବିତ ହେବାକୁ ଥିବା ଅଞ୍ଚଳର ଲୋକଙ୍କୁ ବୁଧବାର ରାତି ସୁଦ୍ଧା ସ୍ଥାନାନ୍ତର କରାଯିବ। ଏନେଇ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ଏକ ଉଚ୍ଚସ୍ତରୀୟ ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି, ସମ୍ଭାବ୍ୟ ବାତ୍ୟା ଦ୍ୱାରା ପ୍ରଭାବିତ ହେବାକୁ ଥିବା ଜିଲାଗଡ଼ିକରେ ୨୫୦ ରିଲିଫ୍ କେନ୍ଦ୍ର ବ୍ୟବସ୍ଥା କରାଯାଇଛି। ସମସ୍ତ ରିଲିଫ୍ କେନ୍ଦ୍ରରେ ମହିଳା ପୋଲିସ ମୁତୟନ ରହିବେ। ଗର୍ଭବତୀ, ଶିଶୁ ଓ ବୟସ୍କଙ୍କୁ ଆଗୁଆ ସ୍ଥାନାନ୍ତର ପାଇଁ ପରାମର୍ଶ ଦିଆଯାଇଛି। ଅନୁଗୋଳ, ପୁରୀ, ନୟାଗଡ଼, ଖୋର୍ଦ୍ଧା, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର, କେନ୍ଦୁଝର, ଢେଙ୍କାନାଳ, ଗଞ୍ଜାମ, ମୟୂରଭଞ୍ଜ ଆଦି ୧୪ଟି ଜିଲାକୁ ସତର୍କ କରାଯିବା ସହ ବାତ୍ୟା ମୁକାବିଲା ପାଇଁ ଆବଶ୍ୟକ ପ୍ରସ୍ତୁତି ଓ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏନ୍‌ଡିଆରଏଫ, ଓଡ୍ରାଫ ଓ ଅଗ୍ନିଶମ ସେବା ସଂସ୍ଥା ମୁତୟନ ପାଇଁ ଆକ୍ସନ ପ୍ଲାନ ପ୍ରସ୍ତୁତ କରାଯାଇଛି। ସମ୍ବେଦନଶୀଳ ଜିଲାଗୁଡ଼ିକରେ ୫୧ଟି ଓଡ୍ରାଫ୍ ଟିମ୍ ମୁତୟନ କରାଯାଇଛି। ୧୭୮ଟି ଅଗ୍ନିଶମ ସେବା ଟିମ୍ ନିୟୋଜିତ ହୋଇଥିବା ବେଳେ ୪୦ଟି ଅଗ୍ନିଶମ ସେବା ଟିମ୍ ସମ୍ବେଦନଶୀଳ ସ୍ଥାନରେ ନିୟୋଜିତ ହୋଇଛନ୍ତି। ୨୦ଟି ଏନ୍‌ଡିଆରଏଫ ଟିମ୍ ମୁତୟନ କରାଯାଇଛି। ଆଶ୍ରୟସ୍ଥଳୀଗୁଡ଼ିକରେ ଖାଦ୍ୟ, ପାନୀୟ ଜଳ, ଆଲୋକ, ପରିମଳ ଓ ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦେବା ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯାଇଛି। ବାତ୍ୟା ପରେ ରାସ୍ତା ଓ ଯାତାୟାତ ବ୍ୟବସ୍ଥାକୁ ସଫା କରିବା ପାଇଁ ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ଆବଶ୍ୟକ ଆଗୁଆ ବ୍ୟବସ୍ଥା କରାଯାଇଛି। ରିଲିଫ ଓ ଉଦ୍ଧାର କାର୍ଯ୍ୟରେ ବ୍ୟବହୃତ ହେବାକୁ ଥିବା ଗୋଟିଏ ହେଲିକପ୍ଟର ଯୋଗାଇ ଦେବାକୁ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟକୁ ଅନୁରୋଧ କରାଯାଇଛି। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ୧୪ ଜିଲାର ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ ଏବଂ ଅଙ୍ଗନୱାଡି କେନ୍ଦ୍ର ଅକ୍ଟୋବର ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ। ସର୍ଚ୍ଚ ଆଣ୍ଡ ରେସ୍କ୍ୟୁ ଅପରେଶନର ସାମଗ୍ରିକ ତଦାରଖ ପାଇଁ ବରିଷ୍ଠ ଅଧିକାରୀମାନଙ୍କୁ ଜିଲାଗୁଡ଼ିକରେ ନିୟୋଜିତ କରାଯାଇଛି। ୬ ହଜାରରୁ ଊର୍ଦ୍ଧ୍ୱ ବହୁମୁଖୀ ଆଶ୍ରୟସ୍ଥଳୀ ପ୍ରସ୍ତୁତ ରଖାଯାଇଛି। ୩ ହଜାରରୁ ଊର୍ଦ୍ଧ୍ୱ ସମ୍ବେଦନଶୀଳ ସ୍ଥାନରୁ ଜନସାଧାରଣଙ୍କୁ ସ୍ଥାନାନ୍ତରିତ କରିବା ପାଇଁ ଚିହ୍ନଟ କରାଯାଇଛି। ଆବଶ୍ୟକସ୍ଥଳେ ପ୍ରାୟ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ସ୍ଥାନାନ୍ତର କରାଯିବ। ୮ ହଜାରରୁ ଊର୍ଦ୍ଧ୍ୱ ଗର୍ଭବତୀଙ୍କୁ ନିରାପଦ ପ୍ରସବ ପାଇଁ ଡାକ୍ତରଖାନାକୁ ସ୍ଥାନାନ୍ତର କରିବା ଲାଗି ଚିହ୍ନଟ କରାଯାଇଛି। ୭୦୦ରୁ ଊର୍ଦ୍ଧ୍ୱ ବିଦ୍ୟୁତ ଗ୍ୟାଙ୍ଗମ୍ୟାନମାନଙ୍କୁ ବାତ୍ୟା ପରବର୍ତ୍ତୀ ସମୟରେ ପୁନଃ ବିଦ୍ୟୁତ ସଂଯୋଗୀକରଣ କାର୍ଯ୍ୟରେ ନିୟୋଜିତ କରିବା ପାଇଁ ପ୍ରସ୍ତୁତ ରଖାଯାଇଛି। ବାତ୍ୟା ପରବର୍ତ୍ତୀ ସମୟରେ ଲୋକଙ୍କୁ ଯୋଗାଇ ଦେବା ପାଇଁ ୫ ହଜାର ପ୍ୟାକେଟ୍‌ରୁ ଊର୍ଦ୍ଧ୍ୱ ପଲିଥିନ୍ ମହଜୁଦ୍ ରଖାଯାଇଛି ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି। ଏହି ଅବସରେ ସ୍ୱତନ୍ତ୍ର ରିଲିଫ୍ କମିଶନର ଦେଓରଞ୍ଜନ କୁମାର ସିଂହ ଉପସ୍ଥିତ ଥିଲେ।

## ୧୪ ଜିଲାରେ ୩ ଦିନ କଲେଜ, ବିଶ୍ୱବିଦ୍ୟାଳୟ ବନ୍ଦ

ଭୁବନେଶ୍ୱର,୨୨।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ବାତ୍ୟା 'ଦାନା' ପାଇଁ ଆସନ୍ତା ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ରାଜ୍ୟର ୧୪ଟି ଜିଲାରେ ଉଚ୍ଚଶିକ୍ଷା ବିଭାଗ ଅଧୀନସ୍ଥ ସମସ୍ତ କଲେଜ ଓ ବିଶ୍ୱବିଦ୍ୟାଳୟ ବନ୍ଦ ରହିବ। ଏନେଇ ମଙ୍ଗଳବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗ ପକ୍ଷରୁ ଦିଆଯାଇଥିବା ନିର୍ଦ୍ଦେଶ ଅନୁଯାୟୀ, ସମ୍ଭାବ୍ୟ ବାତ୍ୟା 'ଦାନା' ଦ୍ୱାରା ପ୍ରଭାବିତ ହେବାକୁ ଥିବା ଗଞ୍ଜାମ, ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ଯାଜପୁର, ଅନୁଗୋଳ, ନୟାଗଡ଼, କଟକ ଓ ଖୋର୍ଦ୍ଧା ଜିଲା ଅଧୀନରେ ଥିବା ସମସ୍ତ ସରକାରୀ, ବେସରକାରୀ ବିଶ୍ୱବିଦ୍ୟାଳୟ ଏବଂ କଲେଜ ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ। ଏନେଇ ସମ୍ପୃକ୍ତ ଜିଲାରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳୟର ପିଜି କାଉନସିଲ୍ ଚେୟାରମ୍ୟାନମାନଙ୍କୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଚିଠି କରାଯାଇଛି। ସେହିପରି ଏହି ସବୁ ଜିଲାରେ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ସରକାରୀ ଓ ବେସରକାରୀ କଲେଜର ଅଧ୍ୟକ୍ଷମାନଙ୍କୁ ଚିଠି କରାଯାଇଛି। ଉଲ୍ଲେଖଯୋଗ୍ୟ, ସ୍ୱତନ୍ତ୍ର ରିଲିଫ କମିଶନର ସମସ୍ତ ସ୍କୁଲକୁ ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ଛୁଟି ଘୋଷଣା କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ସୋମବାର ଚିଠି ଲେଖିଥିଲେ।

# ୯ ଜିଲାରେ ତଦାରଖ କରିବେ ମନ୍ତ୍ରୀ

ଭୁବନେଶ୍ୱର,୨୨।୧୦ (ଅନିଲଦାସ)

ସମ୍ଭାବ୍ୟ ବାତ୍ୟା ଦାନାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଭାବିତ ଆଶଙ୍କା ଥିବା ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ବାଲେଶ୍ୱର , ଭଦ୍ରକ, ମୟୂରଭଞ୍ଜ, ପୁରୀ, ଗଞ୍ଜାମ, କେନ୍ଦୁଝର ଏବଂ କଟକ ଜିଲାର ବାତ୍ୟା ପରିଚାଳନା କାର୍ଯ୍ୟକୁ ତଦାରଖ କରିବା ପାଇଁ ୯ ଜଣ ମନ୍ତ୍ରୀଙ୍କୁ ଦାୟିତ୍ୱ ଦେଇଛନ୍ତି। ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କୁ ଜଗତସିଂହପୁର ଜିଲାର ବାତ୍ୟା ପରିଚାଳନା ତଦାରଖ ଦାୟିତ୍ୱ ଦିଆଯାଇଥିବା ବେଳେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାଏକଙ୍କୁ ବାଲେଶ୍ୱର, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଭଦ୍ରକ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ମୟୂରଭଞ୍ଜ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ପୁରୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କୁ କେନ୍ଦ୍ରାପଡ଼ା, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କୁ ଗଞ୍ଜାମ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କୁ କେନ୍ଦୁଝର ଏବଂ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ କଟକ ଜିଲାର ତଦାରଖ ଦାୟିତ୍ୱ ଦିଆଯାଇଛି। ମନ୍ତ୍ରୀମାନେ ନିଜ ନିଜ ଜିଲାରେ ରହି ବାତ୍ୟା ପରିଚାଳନା ତଦାରଖ କରିବେ।






# ଧାମରାରେ ବୁଡ଼ିଲା ବୋଟ୍

## ୧୦ଜଣଙ୍କୁ ଉଦ୍ଧାର କଲା ମେରାଇନ ପୋଲିସ


ବୁଡ଼ିଯାଇଥିବା ମତ୍ସ୍ୟଜୀବୀଙ୍କ ବୋଟ୍‌କୁ ଉଦ୍ଧାର କରାଯାଉଛି।

ଚାନ୍ଦବାଲି,୨୨।୧୦ (ଅଶୋକ ପଣ୍ଡା/କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ଧାମରାଠାରେ ବୈତରଣୀ ନଦୀ ମୁହାଣରେ ମଙ୍ଗଳବାର ଏକ ମାଛଧରା ବୋଟ୍ ବୁଡ଼ିଯାଇଛି। ସେଥିରେ ଥିବା ୧୦ ମତ୍ସ୍ୟଜୀବୀଙ୍କୁ ଧାମରା ମେରାଇନ ପୋଲିସ ସୁରକ୍ଷିତ ଉଦ୍ଧାର କରିଛି। ସୂଚନା ଅନୁଯାୟୀ, ପଶ୍ଚିମବଙ୍ଗ ଦୀଘାର ଏକ ମାଛଧରା ବୋଟ୍‌ରେ ୧୨ଜଣ ମତ୍ସ୍ୟଜୀବୀ ମାଛ ଧରିବା ପାଇଁ ସମୁଦ୍ରକୁ ଯାଇଥିଲେ। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ଯୋଗୁ ପାଣିପାଗ ବିଭାଗ ପକ୍ଷରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରରୁ ଫେରି ଆସିବାକୁ ସୂଚନା ଦିଆଯାଇଥିଲା। ବାତ୍ୟା ସୂଚନା ପାଇବା ପରେ ସେମାନେ କୂଳକୁ ଫେରିଆସି ବୋଟ୍‌କୁ ଧାମରା ମୁହାଣରେ ଲଙ୍ଗର ପକାଇ ରଖିଥିଲେ। ୨ଚାଳକ ଧାମରା ବଜାରକୁ ଯାଇଥିବା ବେଳେ ସେଥିରେ ଥିବା ଅନ୍ୟ ମତ୍ସ୍ୟଜୀବୀ ବୋଟ୍‌କୁ ଷ୍ଟାର୍ଟ କରି ଦେଇଥିଲେ। ହେଲେ ସେମାନେ ଚାଳନା ଜାଣି ନ ଥିବାରୁ ବୋଟ୍‌ଟି ଯାଇ ଗୋଟିଏ ସ୍ଥାନରେ ମାଡ଼ ହୋଇଥିଲା। ସେଥିରୁ କାଠ ପଟା ବାହାରି ଯାଇ ସେହି ବାଟ ଦେଇ ଭିତରକୁ ପାଣି ପଶିବାରୁ ବୋଟ୍‌ଟି ଧୀରେ ଧୀରେ ପାଣିରେ ବୁଡ଼ି ଯାଇଥିଲା। ଖବର ପାଇ ମେରାଇନ ପୋଲିସ ପହଞ୍ଚି ସମସ୍ତ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରିଥିଲା। ପରେ ମତ୍ସ୍ୟଜୀବୀଙ୍କ ସହାୟତାରେ ବୋଟ୍‌ଟିକୁ ଉଦ୍ଧାର କରାଯାଇଛି।

# ବର୍ଥ ଛାଡ଼ି ସମୁଦ୍ରରେ ରହିବେ ଜାହାଜ

## ବାତ୍ୟା ମୁକାବିଲା ପାଇଁ ପାରାଦୀପ ବନ୍ଦରର ପ୍ରସ୍ତୁତି

ପାରାଦୀପ,୨୨।୧୦ (ଶରତ ରାଉତ)

ବାତ୍ୟା 'ଦାନା'କୁ ନେଇ ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ବିଶେଷକରି ବନ୍ଦର ପୋତାଶ୍ରୟ ମଧ୍ୟରେ ଥିବା ସମସ୍ତ ପଣ୍ୟବାହୀ ଜାହାଜ ବୁଧବାର ମଧ୍ୟାହ୍ନଠାରୁ ବର୍ଥ ଛାଡ଼ି ସମୁଦ୍ର ଭିତରକୁ ଯିବେ ଏବଂ ବାତ୍ୟା ପ୍ରଭାବ କମିବା ପରେ ପୁଣି ବର୍ଥକୁ ଆସିବେ ବୋଲି ନିଷ୍ପତ୍ତି ହୋଇଛି। ଏହା ଆଇଏମଓ (ଇଣ୍ଟରନ୍ୟାଶନାଲ ମେରିଟାଇମ ଅର୍ଗାନାଇଜେସନ) ନିୟମ। କାରଣ ବାତ୍ୟା ସମୟରେ ଜାହାଜ ବର୍ଥ ପାଖରେ ରହିଲେ ପବନ ପ୍ରଭାବରେ କ୍ଷତିଗ୍ରସ୍ତ ହେବାର ଭୟ ରହିଛି। ସମୁଦ୍ର ମଧ୍ୟରେ ଜାହାଜ ବାତ୍ୟା ଅଞ୍ଚଳଠାରୁ ଦୂରେଇ ଯାଇପାରିବ ବୋଲି ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହାରାନ୍ଧ ସୂଚନା ଦେଇଛନ୍ତି। ଏହାବ୍ୟତୀତ ବନ୍ଦର ମଧ୍ୟରେ ଥିବା ବଡ଼ ବଡ଼ କ୍ରେନ,


ପାରାଦୀପ ବନ୍ଦର ପୋତାଶ୍ରୟ ମଧ୍ୟରେ ଥିବା ଏକ ଜାହାଜ।

ହାଇମାଷ୍ଟ ଲାଇଟ୍‌କୁ ଡାଉନ କରାଯିବ। ମେରାଇନ୍, ଟ୍ରାଫିକ, ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ସମସ୍ତ ପ୍ରକାର ମୁକାବିଲା ପାଇଁ ବ୍ୟବସ୍ଥା କରାଯାଇଛି। ପୋର୍ଟ ଟାଉନଶିପ୍ ମଧ୍ୟରେ ଥିବା ନିଜସ୍ୱ ୫ଟି ବାତ୍ୟା ଆଶ୍ରୟସ୍ଥଳୀକୁ ରହିବା ଉପଯୋଗୀ ଭଳି କରାଯାଇଛି। ସେଠାରେ ଖାଦ୍ୟ ପାନୀୟ ଜଳ, ଜେନେରେଟର, ମହମବତି, ଟର୍ଚ୍ଚ ଆଦି ରଖାଯାଇଛି। ରାସ୍ତା ମୁକ୍ତ କରିବା ପାଇଁ ସିଆଇଏସ୍ଏଫ୍ ପକ୍ଷରୁ ସ୍ୱତନ୍ତ୍ର ଟିମ୍ କରାଯାଇଛି। ବାତ୍ୟା 'ଦାନା'ର ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ବିପର୍ଯ୍ୟସ୍ତ ପ୍ରଶମନ ଟିମ୍ ସହ ମିଶି ପାରାଦୀପ ବନ୍ଦର ପକ୍ଷରୁ ସବୁପ୍ରକାର ପ୍ରସ୍ତୁତି କରାଯାଇଛି ବୋଲି ଅଧ୍ୟକ୍ଷ ହାରାନ୍ଧ କହିଛନ୍ତି।




ଏହି ଘନୀଭୂତ ଓ ଜଡୀଭୂତ ଜଡ-ଚେତନା ଭିତରୁ ଧୀରେ ଧୀରେ ଆତ୍ମାକୁ ପ୍ରକାଶ କରି ଚାଲିବା ଏବଂ ଏହି ଆପାତତଃ ପ୍ରାଣିକ ସତ୍ତା ଭିତରୁ ଈଶ୍ୱରଙ୍କର ଆତ୍ମପ୍ରକାଶକୁ ଘଟାଇ ଚାଲିବା ହେଲା କ୍ରମବିକାଶର ଉଦ୍ଦେଶ୍ୟ- ଏକମାତ୍ର ଉଦ୍ଦେଶ୍ୟ । - **ଶ୍ରୀଅରବିନ୍ଦ**



# କ୍ରାନ୍ତିକାରୀ ସମ୍ବତ୍ସର ୧୯୩୬ ଓ ଭଗବତୀଚରଣ



ଡ. ହୃଷୀକେଶ ମଲ୍ଲିକ

ସମୟ ସ୍ଥିର ନୁହେଁ, ଗତିଶୀଳ। କାଳର ଅସ୍ଥିରତା ଭିତରେ କେବେ କେବେ ଏପରି ଏକ ସମ୍ବତ୍ସରର ଆବିର୍ଭାବ ଘଟେ, ଯାହା କାଳକାଳକୁ ମାନବ-ଚିନ୍ତନର କୀର୍ତ୍ତିକଳସ ସ୍ଥାପନ କରିଯାଏ। ବିଂଶ ଶତାବ୍ଦୀର ଚତୁର୍ଥ ଦଶକର ମଧ୍ୟଭାଗ ଅର୍ଥାତ୍ ୧୯୩୬ରେ ଶୁଭିଥିଲା ଓଡ଼ିଶାରେ ଏପରି ଏକ କାଳଖଣ୍ଡର ପଦଧ୍ୱନି, ଯାହା ଓଡ଼ିଆ ସାହିତ୍ୟ ଓ ରାଜନୀତିର ଘଟଣାଚକ୍ରକୁ ବଦଳାଇ ଏକ କ୍ରାନ୍ତିକାରୀ ନବଯୁଗର ସୂତ୍ରପାତ କରିଥିଲା। ନାନା କାରଣରୁ ଓଡ଼ିଶାର ସମାଜ, ରାଜନୀତି, ଦର୍ଶନ ଓ ସାହିତ୍ୟରେ ଦଶକର ସବୁଠୁଁ ସ୍ମରଣୀୟ ସମ୍ବତ୍ସର ହେଉଛି ୧୯୩୬। ଏହି ସମ୍ବତ୍ସରରେ ସଂଘଟିତ ସାରସ୍ୱତ ଓ ରାଜନୈତିକ ଘଟଣାପ୍ରବାହର ଅନୁପେକ୍ଷ ସୂତ୍ରଧର ଥିଲେ ଭଗବତୀଚରଣ ପାଣିଗ୍ରାହୀ। ଓଡ଼ିଆ ସାହିତ୍ୟ ଓ ଓଡ଼ିଆ ଜନଜୀବନର ସୁସ୍ଥ, ପ୍ରତିବଦ୍ଧ ଭିତ୍ତି ନିର୍ମାଣ ଏହି ଯୁଗପୁରୁଷଙ୍କ ସମର୍ପିତ ନେତୃତ୍ୱ ଯୋଗୁଁ ସମ୍ଭବ ହୋଇଥିଲା।

୧୯୩୬ ମେ ପହିଲାଦିନ ଭଗବତୀଙ୍କ ସମ୍ପାଦନାରେ ପ୍ରକାଶ ପାଇଥିଲା 'ଆଧୁନିକ' ପତ୍ରିକା। ପତ୍ରିକାର ପ୍ରକାଶକ ଥିଲେ ଢେଙ୍କାନାଳ ପ୍ରଜାମଣ୍ଡଳ ଆନ୍ଦୋଳନର ଅଦ୍ୱିତୀୟ ନେତା ବୀର ବୈଷ୍ଣବ ପଟ୍ଟନାୟକଙ୍କ ବଡ଼ଭାଇ ଉଦୟନାଥ ପଟ୍ଟନାୟକ। ପ୍ରକାଶନସ୍ଥଳୀ ଥିଲା 'ନବଭାରତ' ପ୍ରେସ୍ ଓ 'ଆଧୁନିକ'ର ଲେଖା ଯୋଗାଡ଼, ପ୍ରେସ୍ କପି ପ୍ରସ୍ତୁତି, ପ୍ରୁଫ୍ ସଂଶୋଧନ ଆଦିର ଦାୟିତ୍ୱରେ ଥିଲେ ଯଶସ୍ୱୀ କବି ଅନନ୍ତ ପଟ୍ଟନାୟକ। ତଗରପଡ଼ା, କଟକ ଥିଲା ଆଧୁନିକର ଠିକଣା। କ୍ରାଉନ୍ ୧/୪ ସାଇଜ୍‌ର ୪୮ ପୃଷ୍ଠା ବିଶିଷ୍ଟ ଏହି ପତ୍ରିକାଟିର ମାତ୍ର ୬ଟି ସଂଖ୍ୟା ପ୍ରକାଶ ପାଇଥିଲା। ପ୍ରଥମ ଭାଗର ପ୍ରଥମ ପୃଷ୍ଠା ୧ରୁ ଆରମ୍ଭ ହୋଇ ଶେଷ ସଂଖ୍ୟାର ପୃଷ୍ଠା ଥିଲା ୨୯୧। ଅର୍ଥାତ୍ 'ଆଧୁନିକ'ର ସବୁଯାକ ସଂଖ୍ୟାର କଳେବର ମାତ୍ର ୨୯୧ ପୃଷ୍ଠା ଥିଲା ଓ ଏତିକିରେ ଏହା ଏକ ନୂଆ ଯୁଗର ବାର୍ତ୍ତାବହ ହେବାର ଗୌରବ ଅର୍ଜନ କରିଥିଲା। 'ନବଭାରତ'ରେ 'ଆଧୁନିକ' ପତ୍ରିକାର ଆବିର୍ଭାବ ନେଇ ଯେଉଁ ବିଜ୍ଞାପନଟି ପ୍ରକାଶ ପାଇଥିଲା, ତା'ର ୭ଟି ଧାଡ଼ିର ଉଲ୍ଲେଖ ମଧ୍ୟରୁ ମୁଖ୍ୟ ଦୁଇଟି ଧାଡ଼ି ଥିଲା- 'ଓଡ଼ିଆ ପତ୍ରିକା ରାଜ୍ୟରେ ଯୁଗାନ୍ତର', 'ଧ୍ୱଂସ କରିବ ଅସାହିତ୍ୟର ଘୃଣ୍ୟ ଆବର୍ଜନା'। ଅର୍ଥାତ୍ ଉଦ୍ଦେଶ୍ୟହୀନ, ହଯବରଳ ସାହିତ୍ୟର 'ଆଧୁନିକ' ହେବ ଅଂତକ ଓ ଏହା ହେବ ନବଯୁଗର ବିଶ୍ୱସ୍ତ ବାର୍ତ୍ତାବହ।

'ଆଧୁନିକ'ର ପ୍ରଥମ ସଂଖ୍ୟାରେ ଭଗବତୀ ପତ୍ରିକାର ଇସ୍ତାହାର ବାଢ଼ିଦେଇଥିଲେ ଏହିପରି: ''ଆଧୁନିକ କେବଳ ସାହିତ୍ୟ ପାଇଁ ସାହିତ୍ୟ ଚର୍ଚ୍ଚା କରିବାକୁ ଯାଉନାହିଁ। ଓଡ଼ିଶାରେ ପୃଥିବୀ ବ୍ୟାପୀ ଆନ୍ଦୋଳନ ବିଷୟରେ ଚେତନା ଆଣିବା ଏହାର ଲକ୍ଷ୍ୟ।'' ଏହି ଘୋଷଣାରୁ ସ୍ପଷ୍ଟ ହୁଏ ଯେ, 'ଆଧୁନିକ' ହେଉଛି ଓଡ଼ିଆ ପତ୍ରିକା ଜଗତରେ ସର୍ବପ୍ରଥମ ଆନ୍ତର୍ଜାତିକ ପୁରୋଦୃଷ୍ଟିର ନାନ୍ଦୀପୀଠ ଓ ଭଗବତୀ ହେଉଛନ୍ତି ଓଡ଼ିଆ ସାହିତ୍ୟରେ ଅନ୍ତର୍ଜାତୀୟ ସାରସ୍ୱତ ଜାଗରଣର ଆଦ୍ୟ ପୁରୋଧା। ସ୍ୱଦେଶର ସୀମା ଭାଙ୍ଗି ପୃଥିବୀର ବିପୁଳ ଭାବାକାଶରେ 'ଆଧୁନିକ' ହିଁ ଥିଲା ପହିଲି ଉଡ଼ାଣର ରୋମାଞ୍ଚକର ସ୍ପର୍ଦ୍ଧା। ଭଗବତୀ ଇସ୍ତାହାରରେ ପୁଣି ଲେଖିଥିଲେ: ''ଆଧୁନିକ ଏପରି ଲେଖାର ପୋଷକତା କରିବ, ଯାହା ମାନବର ମନକୁ କର୍ମତତ୍ପର ହେବା ପାଇଁ ଚଞ୍ଚଳ କରିବ। ଆରାମ ଚୌକିରେ ବସି ପଢ଼ିବା ଯୋଗ୍ୟ ସୂକ୍ଷ୍ମ ସୌଖୀନ ସାହିତ୍ୟ ପାଇଁ 'ଆଧୁନିକ'ର ସ୍ଥାନ ପ୍ରଶସ୍ତ ନୁହେଁ।'' ଓଡ଼ିଶାରେ ଅନ୍ୟ ପତ୍ରିକାମାନଙ୍କର ସାଧାରଣ ନୀତି ସେତେବେଳେ ଥିଲା 'ସାପ ମରିବ ନାହିଁ କି ବାଡ଼ି ଭାଙ୍ଗିବ ନାହିଁ'। ମାତ୍ର 'ଆଧୁନିକ'ର ପରିବର୍ତ୍ତିତ ନୀତି ହେଲା- 'ବାଡ଼ି ଭାଙ୍ଗିଯାଉ ପଛେ ସାପ ମରୁ।' ଏଥିରୁ ମନେହୁଏ, ଭଗବତୀ ସାହିତ୍ୟକୁ ପୀଡ଼ିତ ମଣିଷର ଦୁଃଖମୋଚନରେ ଅସ୍ତ୍ର ପରି ବ୍ୟବହାର କରିବାକୁ ଚାହୁଁଥିଲେ। ଏଥିରେ ପ୍ରକାଶିତ ଲେଖାମାନଙ୍କରେ ଥିଲା ସୁପ୍ତମାନବର ଜାଗରଣର ମନ୍ତ୍ର। ଭଗବତୀ ଓ ଅନନ୍ତଙ୍କ ବ୍ୟତୀତ ଏହି ପତ୍ରିକାର ଲେଖକ ଥିଲେ କାଳିନ୍ଦୀଚରଣ ପାଣିଗ୍ରାହୀ, ମୋହିନୀମୋହନ ସେନାପତି, ଗୋପୀନାଥ ମହାନ୍ତି, ବିଶ୍ୱନାଥ ପଶାୟତ, ସରସ୍ୱତୀ ପାଣିଗ୍ରାହୀ, ଜଗତ୍‌ବନ୍ଧୁ ମହାପାତ୍ର, ଗୁରୁଚରଣ ପଟ୍ଟନାୟକ, ସଚ୍ଚିଦାନନ୍ଦ ରାଉତରାୟ, ମାୟାଧର ମାନସିଂହ, କୃଷ୍ଣଚନ୍ଦ୍ର କର, ମନମୋହନ ଚୌଧୁରୀ ଓ ପ୍ରତାପ ସେନ ପ୍ରମୁଖ। ମନେରଖିବାର କଥା ଯେ 'ଆଧୁନିକ'ରେ ପ୍ରକାଶ ପାଇଥିଲା ଭଗବତୀଙ୍କର ପ୍ରସିଦ୍ଧ କ୍ଷୁଦ୍ରଗଳ୍ପ 'ଶିକାର', ଗୋପୀନାଥ ମହାନ୍ତିଙ୍କର ପ୍ରଥମ ଗଳ୍ପ 'ଡଁ', ଅତନୁ ଛଦ୍ମନାମରେ ଅନନ୍ତ ପଟ୍ଟନାୟକଙ୍କର



କାଳଜୟୀ କବିତା 'ଲୋଡ଼ାନାହିଁ', ଶ୍ରୀ ଉତ୍କଳୀୟ ଛଦ୍ମନାମରେ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କର ଯୁଗାନ୍ତକାରୀ କବିତା 'ବିଦାୟ ଭଗବାନ'। 'ନବଯୁଗ ସାହିତ୍ୟ ସଂସଦ' ତରଫରୁ ୧୯୩୬ରେ ଅନୁଷ୍ଠିତ ଏକ ସଭାରେ ଜବାହରଲାଲ ନେହେରୁଙ୍କ ଅଭିଭାଷଣଟି ମଧ୍ୟ 'ଆଧୁନିକ'ର ୬ଷ୍ଠ ବା ଶେଷ ସଂଖ୍ୟାରେ ସ୍ଥାନିତ ହୋଇଥିଲା। ଏହା ଥିଲା ୧୯୩୬ ନିର୍ବାଚନ ଅବକାଶରେ ଜବାହରଙ୍କର ଏକ ରାଜନୈତିକ ଭାଷଣ। ଜବାହର ଏହି ଭାଷଣରେ ସମବେତ ଜନସାଧାରଣଙ୍କ ଉଦ୍ଦେଶ୍ୟରେ କହିଥିଲେ- ''ଯାହା ଆସୁ ପଛେ ପଛଘୁଞ୍ଚା ଦିଅନାହିଁ।'' 'ଆଧୁନିକ' ସବୁଦୃଷ୍ଟିରୁ ଥିଲା ମେହନତକାରୀ, କୃଷିଜୀବୀ, ଶ୍ରମିକଶ୍ରେଣୀର ମୂକ ମୁଖରେ ଜାଗୃତିର ଓଁକାର। ଏହାର ଲେଖକମାନେ କଲମର ସୌଦାଗର ନ ଥିଲେ, ଥିଲେ କଲମର ସିପାହି, 'ଆତ୍ମାର କାରିଗର'।

୧୯୩୬ରେ ଓଡ଼ିଶାରେ 'କୃଷକ-ସଭା'କୁ ମାଧ୍ୟମ କରି ଯେଉଁ ଜନଜାଗରଣ ଉପକୂଳ-ଓଡ଼ିଶା ଓ ଗଡ଼ଜାତ-ଓଡ଼ିଶାରେ ଯତ୍ରତତ୍ର ଶିଖା ଟେକି ଉଠିଥିଲା, ସେହି ପ୍ରଦୀପର ଅନିର୍ବାଣ ସଳିତା ଥିଲେ ଭଗବତୀ। ନିଜର ସତୀର୍ଥମାନଙ୍କୁ ନେଇ ଅଭିଯାନର ଆଗଥାଟରେ ଉଭା ଥିଲେ ସେ। ଏହି ବର୍ଷ ଭାରତର ବିଭିନ୍ନ ରାଜ୍ୟରେ ଦାୟିତ୍ୱମୂଳକ ସରକାର ଗଠନ ଲକ୍ଷ୍ୟରେ ଅନୁଷ୍ଠିତ ନିର୍ବାଚନରେ ସେ ଓଡ଼ିଶାର ନେତୃତ୍ୱ ନେଇଥିଲେ। ୬୦ଜଣ ଜନପ୍ରତିନିଧିଙ୍କୁ ନେଇ ଗଠିତ ରାଜ୍ୟ ବିଧାନସଭାରେ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେଇଥିଲେ ଗଞ୍ଜାମ ଭୂଇଁର ନେତା ବିଶ୍ୱନାଥ ଦାଶ। ଏହି ନିର୍ବାଚନ ନାନା ଦୃଷ୍ଟିରୁ ଥିଲା ଏକ କୌତୂହଳପୂର୍ଣ୍ଣ ନିର୍ବାଚନ। ନିର୍ବାଚନ ଫଳାଫଳକୁ ନିଜ ସପକ୍ଷରେ ନେବାପାଇଁ ବ୍ରିଟିଶ୍ ସରକାର ଭୋଟରମାନଙ୍କର ଯୋଗ୍ୟତା ନିର୍ଦ୍ଧାରଣ କରିଥିଲେ ଏହିପରି- ଯେଉଁମାନେ ମାଟ୍ରିକ ଓ ତତୋଽଧିକ ଶିକ୍ଷାଗତ ଯୋଗ୍ୟତାର ଅଧିକାରୀ ହୋଇଥିବେ ଏବଂ ଯେଉଁମାନେ ଅତି ଉଚ୍ଚହାରର ଟିକସ ଦେଉଥିବେ, ସେମାନେ ହିଁ କେବଳ ଭୋଟ ଦେଇପାରିବେ, ଅନ୍ୟ କେହି ନୁହେଁ। ବ୍ରିଟିଶ୍ ସରକାର ତାଙ୍କ ତରଫରୁ ପ୍ରାର୍ଥୀ ଚୟନ ଓ ନିର୍ବାଚନ ପରିଚାଳନା ଭାର ଦେଇଥିଲେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦେବ ଓ କନିକା ରାଜାଙ୍କୁ। ସ୍ୱତନ୍ତ୍ର ଓଡ଼ିଶା ଗଠନର ଯେଉଁ ଗଜପତି ଥିଲେ ପ୍ରମୁଖ ଧ୍ୱଜାଧାରୀ ଓ ଏହି କାରଣରୁ ଓଡ଼ିଶାବାସୀଙ୍କର ଏକାନ୍ତ ଶ୍ରଦ୍ଧାଭାଜନ, ବ୍ରିଟିଶ୍ ସରକାର ତାଙ୍କୁ ଅତ୍ୟନ୍ତ ଚତୁରତାର ସହ ଜନତାଙ୍କ ପ୍ରତିପକ୍ଷରେ ଲଢ଼େଇ ପାଇଁ ଉଭା କରାଇ ଦେଇଥିଲେ। ଉତ୍ସାହ ନ ହରାଇ ଭଗବତୀ ନିଜର ସତୀର୍ଥମାନଙ୍କୁ ନେଇ କଂଗ୍ରେସ ଦଳର ପ୍ରାର୍ଥୀମାନେ କିପରି ନିର୍ବାଚନ ଜିତିବେ, ସେଇ ଲକ୍ଷ୍ୟରେ ଦିନରାତି ଲାଗିପଡ଼ିଥିଲେ। ଏହି ନିର୍ବାଚନରେ ଏକ ପଟେ ଥିଲା ହୀନ କୂଟନୀତିର ଅଟ୍ଟହାସ ଓ ଅନ୍ୟପଟେ ଥିଲା ଭଗବତୀଙ୍କ ଓଠର ମନଜିଣା ସ୍ମିତ। ସେ ସରଳ ଭାଷାରେ ନିର୍ବାଚନର ଗୁରୁତ୍ୱ ଲୋକଙ୍କୁ ବୁଝାଇ ଶୋଷକ, ଜମିଦାର, ମହାଜନ ଓ ମହନ୍ତମାନଙ୍କର ଶୋଷଣ କଷଣର ଶେଷ ପାଇଁ ଭୋଟ ଦେବାକୁ କହିଥିଲେ। ଭଗବତୀଙ୍କ ସମ୍ପାଦନାରେ ପ୍ରକାଶିତ 'କୃଷକ' କାଗଜ ଥିଲା ଶ୍ରମିକଙ୍କର ସର୍ବମାନିତ ମୁଖପତ୍ର, ଯାହାର ପରିଚାଳକ ଥିଲେ ଗୁରୁଚରଣ ପଟ୍ଟନାୟକ।

ବ୍ରିଟିଶ୍ ସରକାର ସେତେବେଳେ ଏକ ବିଚିତ୍ର ଆଇନ କରିଥିଲେ ଯେ, ଖୋର୍ଦ୍ଧା ମାଟିରେ କେହି ୪ ଇଞ୍ଚରୁ ଅଧିକ ଲମ୍ବର ଛୁରି ଧରିପାରିବେ ନାହିଁ। ଯେଉଁ ଭୂଇଁ ପାଇକପୁଅଙ୍କ ଭିଟାମାଟି, ତରବାରି ଯେଉଁମାନଙ୍କର କଟୀ-ଭୂଷଣ, ସେମାନଙ୍କ ପ୍ରତି ଏପରି ଆକଟବିଧାନର ଉଦ୍ଦେଶ୍ୟ ଥିଲା ଲୋକଙ୍କୁ ଭୟ ଦେଖାଇ ନିଜର ବଶମ୍ବଦ କରି ରଖିବା। ଭଗବତୀ ଗାଁ ଗାଁ ବୁଲି ଖୋର୍ଦ୍ଧାର ଦୁର୍ବାର ପାଇକମାନଙ୍କୁ ତାଙ୍କ ଅତୀତ-ଗୌରବ ମନେପକାଇ ସଂଗଠିତ କରାଇଥିଲେ ଓ ଭୟଶୂନ୍ୟ ଚିତ୍ତରେ ଭୋଟ ଦେବାକୁ ନିବେଦନ କରିଥିଲେ। ଫଳସ୍ୱରୂପ ୬୦ଟି ଆସନ ପାଇଁ ହୋଇଥିବା ରାଜ୍ୟ ନିର୍ବାଚନରେ କଂଗ୍ରେସ ୩୬ଟି ଆସନ ପାଇ ସରକାର ଗଢ଼ିବାକୁ ସମର୍ଥ ହୋଇଥିଲା। କେନ୍ଦ୍ରର କଂଗ୍ରେସ ନେତୃତ୍ୱ ଓଡ଼ିଶା-ନେତୃତ୍ୱର ପ୍ରଶଂସା କରି କହିଥିଲେ- 'ସାବାସ୍ ଉତ୍କଳ କଂଗ୍ରେସ'। ୧୯୩୬ ନିର୍ବାଚନରେ ଜବାହର ଥିଲେ ଜାତୀୟ ସ୍ତରରେ ସର୍ବମାନ୍ୟ ନେତା ଓ ଓଡ଼ିଶାରେ ନିର୍ବାଚନର ରଣଡୋରି ଥିଲା ଭଗବତୀଙ୍କ ହାତରେ। ଦିଲ୍ଲୀରେ ଓଡ଼ିଶାର ଜନସ୍ୱରକୁ ପହଞ୍ଚାଇବାରେ ୧୯୩୬ର ନିର୍ବାଚନ ଥିଲା ଏକ ନିର୍ଣ୍ଣାୟକ ନିର୍ବାଚନ, ଯାହା ଭଗବତୀଙ୍କ କୁଶଳ ଗୋଟିଚାଳନା ଯୋଗୁଁ ସଫଳ ହୋଇଥିଲା। ସଂଯୋଗକୁ ଏହି ବର୍ଷ ଏପ୍ରିଲ ପହିଲାରେ ଭାଷାଭିତ୍ତିରେ ଦେଶର ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ପାଇଥିଲା ସ୍ୱତନ୍ତ୍ର ପ୍ରଦେଶ ମାନ୍ୟତା। ସୁତରାଂ ୧୯୩୬ ହିଁ ସାହିତ୍ୟ ଓ ରାଜନୀତି ଉଭୟ ଦୃଷ୍ଟିରୁ ଥିଲା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ବର୍ଷ, ଯାହାର ଫଳପ୍ରସୂ ଅଦ୍ୱିତୀୟ ଚାଳକ ଥିଲେ ଯୁଗସ୍ରଷ୍ଟା ଭଗବତୀ। ଆଜିର ମହାପ୍ରୟାଣ ଦିବସ ଅବକାଶରେ ତାଙ୍କୁ ଧରିତ୍ରୀ ଓ ଓଡ଼ିଆ ଜାତିର ଶତକୋଟି ପ୍ରଣାମ!

ମୋ: ୯୮୫୩୨୮୭୭୫୫

## ଦିନେ ବେଳାଭୂମିରେ



ଅନୀତା ପଟ୍ଟନାୟକ

ଚାରିଜଣ ବାନ୍ଧବୀ ଥିଲେ। ସେମାନଙ୍କର ନାମ ଥିଲା ମୈତ୍ରୀ, କରୁଣା, ମୁଦିତା ଓ ଉପେକ୍ଷା। ପୁରୀର ସମୁଦ୍ର କୂଳରେ ବସି ଏହି ଚାରି ବାନ୍ଧବୀ ତାଙ୍କର ଚାରି ଗୁଣ ବିଷୟରେ ଆଲୋଚନା କରୁଥିଲେ। ସମୁଦ୍ରର ଘୋ ଘୋ ଶବ୍ଦକୁ ଏଡ଼ାଇବା ପାଇଁ ବଡ଼ ପାଟିରେ କଥାବାର୍ତ୍ତା ହେଉଥିବାରୁ ମୁଁ ସେମାନଙ୍କ ନିକଟରେ ବସି ଥିବାରୁ ସେମାନଙ୍କର କଥୋପକଥନ ଶୁଣି ପାରିଥିଲି। ମୈତ୍ରୀ କହିଲା, ଲୋକେ ଏହାକୁ ବନ୍ଧୁତା ବୋଲି ଭାବନ୍ତି ହେଲେ, ବନ୍ଧୁତା କ'ଣ ? କାହା ସହିତ ଓ କିପରି ତାହା ଜାଣିବା ଉଚିତ। ସେ କହିଲା ବୟସ, ସ୍ତର, ସଂସ୍କୃତିରେ ସମାନମାନଙ୍କ ସହିତ ଆମେ ବନ୍ଧୁତା କରିବା ଉଚିତ। ଯେଉଁମାନେ ଆମଠାରୁ ଉପରେ ବା ତଳେ ଅଛନ୍ତି ସେମାନଙ୍କ ସହ ମିତ୍ରତା କରାଯାଏ ନାହିଁ।

କରୁଣା ନିଜର ନାମର ସାର୍ଥକତା ବୁଝାଇବାକୁ ଯାଇ ବାନ୍ଧବୀମାନଙ୍କୁ କହିଲା 'ବୟସ, ଧନ, ସ୍ୱାସ୍ଥ୍ୟ, ପଦ ଓ ଶିକ୍ଷାଦୃଷ୍ଟିରୁ ଯେଉଁମାନେ ଆମଠାରୁ ନିମ୍ନ ସ୍ତରରେ ଅଛନ୍ତି, ସେମାନଙ୍କ ପ୍ରତି ଆମେ କରୁଣା ପ୍ରଦର୍ଶନ କରିବା ଉଚିତ। ଏପରି କଲେ ବା ହେଲେ କରୁଣା ସାର୍ଥକ ଓ ମୂଲ୍ୟବାନ ହୁଏ ଏବଂ ତା'ର ଯଥାର୍ଥତା ପ୍ରଦର୍ଶନ କରିପାରିଥାଏ।

ମୈତ୍ରୀ ଓ କରୁଣା ନିଜ ନାମର ବୈଶିଷ୍ଟ୍ୟ ବିଷୟରେ କହିସାରିବା ପରେ ସେମାନେ ମୁଦିତା ଆଡ଼କୁ ଅନାଇ କହିଲେ, ଆଲୋ ତୋ ନାମର କିଛି ମହତ୍ତ୍ୱ ଅଛି। ମୁଦିତା କ'ଣ ? ସେ କହିଲା ମୋର ନାମର ଅର୍ଥ ଈର୍ଷାରୁ ମୁକ୍ତି। ଆମଠାରୁ ଭଲରେ ଥିବା ବ୍ୟକ୍ତିମାନଙ୍କ ପ୍ରତି ଆମେ କି ପ୍ରକାର ମନୋଭାବ ପ୍ରଦର୍ଶନ କରିବା ଉଚିତ ? ମୁଦିତା କହିଲା ମୋର ଗୋଟିଏ ଗୁଣ ହେଉଛି ମୋଠାରୁ ଭଲରେ ଥିବା ଲୋକଙ୍କୁ ଦେଖିଲେ, ମୁଁ ଆନନ୍ଦ ଅନୁଭବ କରେ, ଯେଉଁମାନେ ମୋଠାରୁ ସମ୍ପତ୍ତି ଓ ପଦବୀରେ ଉଚ୍ଚତର ସେମାନଙ୍କୁ ଦେଖି ମୁଁ ଖୁସି ହୁଏ। ମୁଦିତାର ଅର୍ଥ ଈର୍ଷାରୁ ମୁକ୍ତି ଓ ଅନ୍ୟମାନଙ୍କ ସୌଭାଗ୍ୟରେ ଯିଏ ଆନନ୍ଦ ଲାଭ କରିଥାଏ।

ଏଥର ପଡ଼ିଲା ଉପେକ୍ଷାର ପାଳି। ସେ କହିଲା ମୋର ନାମର ଅର୍ଥ ତ୍ୟାଗ - ଘୃଣା, ଅପେକ୍ଷା ଓ ଉପେକ୍ଷା ବୋଲି ଦୁଇଟି ଶବ୍ଦ ଅଛି। ଅସତ୍ କର୍ମ ଓ ଅସତ୍ ଚିନ୍ତାରେ ଲିପ୍ତ ଥିବା ବ୍ୟକ୍ତିମାନଙ୍କ ପ୍ରତି ଆମର ଅପେକ୍ଷା ଭାବ ରହିବା ଉଚିତ ନୁହେଁ। ଇଲୋ ମା' ଲୋ ସେମାନଙ୍କୁ ଦୂରୁ ଜୁହାର। ଅସତ୍ ଚିନ୍ତା, ଅସତ୍ ଭାଷଣ ଓ ଅସତ୍ କର୍ମରେ ଲିପ୍ତ ବ୍ୟକ୍ତିମାନଙ୍କଠାରୁ ଦୂରରେ ରହିବା, ସେମାନଙ୍କୁ ତ୍ୟାଗ ଓ ଘୃଣା କରିବା ହେଉଛି ଉପେକ୍ଷା।

ବେଦ ଉପନିଷଦରେ ଚାରି ପୁରୁଷାର୍ଥ ବା ଧର୍ମ, ଅର୍ଥ, କାମ, ମୋକ୍ଷ ବିଷୟରେ ବୁଝାଯାଇଛି। ଧର୍ମ ମାର୍ଗରେ ଅର୍ଥ ଉପାର୍ଜନ କରିବା ଉଚିତ। ଅର୍ଥକୁ ଏପରି କର୍ମରେ ବିନିଯୋଗ କରିବା ଯାହା ଆମର ମୋକ୍ଷ ପ୍ରାପ୍ତିରେ ସହାୟକ ହେବ। ତେଣୁ ଚାରି ବାନ୍ଧବୀ ସ୍ଥିର କଲେ ଯେଉଁ ବ୍ୟକ୍ତିମାନେ ସମାନ ସ୍ତରର ବ୍ୟକ୍ତିମାନଙ୍କ ସହ ମୈତ୍ରୀ ଓ ଛୋଟମାନଙ୍କ ପ୍ରତି କରୁଣା ଓ ଆମଠାରୁ ଭଲରେ ଥିବା ଲୋକମାନଙ୍କ ପ୍ରତି ମୁଦିତା ଓ ଦୁଷ୍ଟମାନଙ୍କ ପ୍ରତି ଉପେକ୍ଷା ଭାବ ରଖିବେ ସେମାନେ ଜୀବନର ଲକ୍ଷ୍ୟ ଓ ଚାରି ପୁରୁଷାର୍ଥର ପ୍ରକୃତ ଅର୍ଥ ବୁଝିପାରିବେ।

ମୁଁ ପଛରୁ ଆଉ ରହିପାରିଲି ନାହିଁ। ମୋର ସେମାନଙ୍କ ସହ ବନ୍ଧୁତା ନ ଥିଲେ ମଧ୍ୟ ଉଠିଯାଇ ସେମାନଙ୍କୁ କହିଲି, ବର୍ତ୍ତମାନ ସମାଜର ଲୋକମାନେ ଦୈତ୍ୟ ଓ ଦାନବ ପରି ବ୍ୟବହାର କରୁଛନ୍ତି। ସୁରା ପାନୋ ଦୈତ୍ୟ ସମାନଃ। ମଦ୍ୟପାନ ପାଇଁ ଚାରିଆଡ଼େ ହୋଟେଲ ଖୋଲିଛି। ନର ପଶୁ ପାଲଟି ଗଲାଣି। ବ୍ୟଭିଚାର, ବଳାତ୍କାରରେ ସମାଜ ପରିପୂର୍ଣ୍ଣ ହୋଇଛି। ଦଶହରା ପାଳନ କରୁଛି। କିନ୍ତୁ ନାରୀ ଓ ଦେବୀଙ୍କର ପ୍ରକୃତ ଅର୍ଥ ବୁଝିନି। 'ଜ୍ଞାନେନଶୂନ୍ୟଃ ପଶୁଭିଃ ସମାନାଃ' ଜ୍ଞାନ ଅଭାବରେ ମନୁଷ୍ୟ ଓ ନର ପଶୁ ସମାନ ହୋଇଯାଇଛି। ସମସ୍ତେ ମୋର ନାମ ଓ ଠିକଣା ନେଲେ ଓ କହିଲେ ଆମେ ବାନ୍ଧବୀମାନେ ପୁରୀ ଆସିଲେ ଆପଣଙ୍କୁ ବି ଡାକିବୁ।

ଅବସରପ୍ରାପ୍ତ ପ୍ରାଧ୍ୟାପିକା
ସିଡିଏ, କଟକ,
ମୋ : ୯୬୯୨୯୮୦୦୨୬

## ଏଇ ଭାରତରେ

ପୁରୁଣା ଜିନ୍ସର ପୁନଃ ଉପଯୋଗ କରୁଛନ୍ତି ଦିଲ୍ଲୀର ନିର୍ବାଣ ସୋମାନି। ଆରାମଦାୟକ ସ୍ଲିପିଂ ବ୍ୟାଗ ତିଆରି କରି ତାହାକୁ ଗୃହହୀନ ଲୋକଙ୍କୁ ମାଗଣାରେ ଦେଉଛନ୍ତି। ଦେଶରେ ପ୍ରତି ମିନିଟରେ ଅନେକ ଟନ୍ ପୁରୁଣା କପଡା ପୋଡ଼ାଯାଉଛି ଓ ତାହା ପରିବେଶକୁ ପ୍ରଦୂଷିତ କରୁଛି। ଏଭଳି ନକାରାତ୍ମକ ପ୍ରଭାବ ରୋକିବା ପାଇଁ ସେ ଅନେକ ଉପାୟ ଚିନ୍ତା କରିଥିଲେ ମଧ୍ୟ ଶେଷରେ ଏହି ବିକଳ୍ପ ପାଇପାରିଥିଲେ। ୨୦୨୨ରେ ନିର୍ବାଣ 'ପ୍ରୋଜେକ୍ଟ ଜିନ୍ସ - ବ୍ଲୁ ଟୁ ଗ୍ରୀନ୍'ଆରମ୍ଭ କରି ଦିଲ୍ଲୀରେ ରାସ୍ତାକଡ଼ରେ ରହୁଥିବା ଲୋକଙ୍କୁ ପୁରୁଣା ଜିନ୍ସରୁ ସ୍ଲିପିଂ ବ୍ୟାଗ ତିଆରି କରି ବାଣ୍ଟିବା ଆରମ୍ଭ କରିଥିଲେ। ଏବେ ସୁଦ୍ଧା ସେ ଦିଲ୍ଲୀ-ଏନ୍‌ସିଆର୍, ହିମାଚଳ ପ୍ରଦେଶ, ବେଙ୍ଗାଲୁରୁ, ପୁଣେରେ ୨୦୦୦ରୁ ଅଧିକ ସ୍ଲିପିଂ ବ୍ୟାଗ ବାଣ୍ଟିସାରିଛନ୍ତି। ଏବେ ଏହି କାର୍ଯ୍ୟରେ ୧୫ ଜଣ ମହିଳାଙ୍କୁ ନିଯୁକ୍ତି ଦେଇଛନ୍ତି। ପ୍ରତ୍ୟେକ ବ୍ୟାଗ୍ ତିଆରି କରିବା ପାଇଁ ୮୦୦ ଟଙ୍କା ଖର୍ଚ୍ଚ ହେଉଛି ଓ ଦାନରୁ ପାଉଥିବା ଅର୍ଥରେ ଏହା ଭରଣା କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୩ ଅକ୍ଟୋବର ୧୯୭୫

- ସୁଦାନସ୍ଥିତ ଭାରତୀୟ ରାଜଦୂତ ଡ. ଚନ୍ଦ୍ର ପ୍ରକାଶ ସିଂହଙ୍କୁ ଏକକାଳୀନ ଭାବେ ଚାଦରେ ରାଷ୍ଟ୍ରଦୂତ ଦାୟିତ୍ୱ ତୁଲାଇବା ଲାଗି ନିଯୁକ୍ତ କରାଯାଇଛି।
- ହିସାବ ବହିର୍ଭୂତ ସମ୍ପତ୍ତି ଓ ଆୟର ହିସାବ ଜାଣିବା ପାଇଁ ସ୍ୱେଚ୍ଛାକୃତ ହିସାବ ପ୍ରକାଶ ସଂକ୍ରାନ୍ତରେ କେନ୍ଦ୍ର ସରକାର ଏକ ୧୦ ବର୍ଷିଆ ଦଣ୍ଡ ଛାଡ଼ିଛନ୍ତି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | | | 8 | 7 | | | 3 |
| | | | 6 | | | | | |
| 4 | 5 | | | | | 8 | | |
| | | | | 2 | | | | |
| | | 7 | | | | 9 | | 1 |
| | 8 | | 9 | | 5 | | 3 | 4 |
| | 4 | | | | | 7 | | 5 |
| 9 | | | | | | | | |
| | | 6 | 1 | | | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 8 | 7 | 4 | 1 | 3 | 5 | 9 | 6 |
| 1 | 9 | 4 | 7 | 6 | 5 | 3 | 8 | 2 |
| 3 | 6 | 5 | 9 | 2 | 8 | 1 | 4 | 7 |
| 5 | 7 | 8 | 2 | 4 | 1 | 6 | 3 | 9 |
| 6 | 1 | 2 | 3 | 8 | 9 | 7 | 5 | 4 |
| 4 | 3 | 9 | 5 | 7 | 6 | 2 | 1 | 8 |
| 9 | 4 | 6 | 1 | 3 | 2 | 8 | 7 | 5 |
| 8 | 5 | 1 | 6 | 9 | 7 | 4 | 2 | 3 |
| 7 | 2 | 3 | 8 | 5 | 4 | 9 | 6 | 1 |

ଗତକାଲିର ଉତ୍ତର

# ବିଦ୍ୟାର୍ଥୀଙ୍କ ଦାୟିତ୍ୱ ରାଗିଂମୁକ୍ତ ଶିକ୍ଷାନୁଷ୍ଠାନ



କିଶୋର ଚନ୍ଦ୍ର ବେହେରା

ପ୍ରତ୍ୟେକ ସରକାରୀ ଓ ଘରୋଇ ଶିକ୍ଷାନୁଷ୍ଠାନ ହେଉଛି ପବିତ୍ର ଶିକ୍ଷାର ମନ୍ଦିର, ଯେଉଁଠି ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନ ହୁଏ। ତେଣୁ ସେଠାରେ ମନ୍ଦିର ସମାନ ଶାନ୍ତିର ବାତାବରଣ ସୃଷ୍ଟି ହେବା କଥା। ମାତ୍ର ଏବେ ରାଗିଂ ଭଳି କୁତ୍ସିତ, ଘୃଣିତ ଓ ଅମାନବିକ ମାନସିକତା ରୋଗ ଦେଶର ବିଭିନ୍ନ ଶିକ୍ଷାନୁଷ୍ଠାନରେ ସୃଷ୍ଟି ହେଉଛି।

ବିଦ୍ୟାଳୟ ପାଠପଢ଼ା ପରେ ଯେତେବେଳେ ଜଣେ ମହାବିଦ୍ୟାଳୟରେ ପାଦ ଦିଏ, ତା' ମନରେ ଅନେକ ସ୍ୱପ୍ନ ଥାଏ। ନୂଆ ପରିବେଶ ଭିତରେ କେମିତି ପାଠ ପଢ଼ିବ, କେମିତି ଆଗକୁ ବଢ଼ିବ, ଏ ନେଇ ତା' ମନ ଭିତରେ ଥାଏ ଆଶା ଓ ଆକାଂକ୍ଷା। ଗ୍ରାମାଞ୍ଚଳରେ ଦଶମ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହେଲାପରେ ସେ ସହରକୁ ଆସେ ନାମୀଦାମୀ ଶିକ୍ଷାନୁଷ୍ଠାନରେ ପାଠପଢ଼ିବାକୁ। କିନ୍ତୁ ଯେତେବେଳେ ଜଣେ ନବାଗତ ରାଗିଂର ଶିକାର ହୁଏ, ତା'ର ମନରେ ଯେଉଁ ପ୍ରଭାବ ପଡ଼େ, ତାକୁ କେବଳ ସେ ହିଁ ବୟାନ କରିପାରିବ ଗାଁରୁ ସହରକୁ ଆସି ପାଠ ପଢୁଥିବା ଛାତ୍ରୀ କିମ୍ବା ଛାତ୍ରମାନେ। ଅତୀତରେ ବରିଷ୍ଠ ଓ କନିଷ୍ଠଙ୍କ ମଧ୍ୟରେ ପାରସ୍ପରିକ ବିଚାରବିମର୍ଶର ପ୍ରକ୍ରିୟାରୁ ରାଗିଂ ଜନ୍ମ ନେଇଥିଲା। ସାଧାରଣତଃ, ବରିଷ୍ଠ ଛାତ୍ରୀଛାତ୍ରମାନେ କନିଷ୍ଠ ଛାତ୍ରୀଛାତ୍ରଙ୍କ ସହ ଥଟ୍ଟାମଜା କରି ନିଜର କର୍ତ୍ତୃତ୍ୱ ଜାହିର କରିଥା'ନ୍ତି, ଯାହା କନିଷ୍ଠ ଛାତ୍ରୀଛାତ୍ରମାନଙ୍କୁ ଅପମାନିତ କରିଥାଏ ସତ, ମାତ୍ର ପରବର୍ତ୍ତୀ ସମୟରେ ବରିଷ୍ଠ ଛାତ୍ରମାନଙ୍କ ସହିତ ମିଶିବାକୁ ଦୃଢ଼ ମନୋବଳ ଯୋଗାଇଥାଏ। ସେହିପରି ଜଣେ ବରିଷ୍ଠ ଛାତ୍ର ତାଙ୍କ ତଳ ବ୍ୟାଚର ଛାତ୍ରଟିକୁ ହୋଟେଲରୁ ଖାଇବା ଆଣିବା ପାଇଁ ନିର୍ଦ୍ଦେଶ ଦିଏ ଏବଂ କନିଷ୍ଠ ଛାତ୍ରଜଣକ ତାହା ପାଳନ କଲେ ବରିଷ୍ଠ ଛାତ୍ରଟିର କର୍ତ୍ତୃତ୍ୱ ସାବ୍ୟସ୍ତ ହୋଇଥାଏ। କିନ୍ତୁ ସମୟ ବଦଳିବା ସହିତ ବଦଳିଯାଇଛି ପରିସ୍ଥିତି। ରାଗିଂ ଏବେ ହିଂସାର ରୂପ ନେଉଛି। ପ୍ରତି ଶିକ୍ଷାନୁଷ୍ଠାନରେ ବରିଷ୍ଠ ଛାତ୍ରମାନେ କନିଷ୍ଠ ଛାତ୍ରଙ୍କୁ ହିଂସାତ୍ମକ ଓ ଆକ୍ରମଣାତ୍ମକ ଅତ୍ୟାଚାର କରୁଥିବା ଅଭିଯୋଗମାନ ଆସୁଛି। ପୂର୍ବରୁ କେବଳ ବୈଷୟିକ ଶିକ୍ଷାନୁଷ୍ଠାନମାନଙ୍କରେ ଏଭଳି ହିଂସାତ୍ମକ ରାଗିଂ ହେଉଥିବା ବେଳେ ଏବେ ସାଧାରଣ ଶିକ୍ଷାନୁଷ୍ଠାନକୁ ମଧ୍ୟ ରାଗିଂ ଭଳି ମାନସିକ ରୋଗ ଭଳି ଏହା ବ୍ୟାପିବାରେ ଲାଗିଛି। ନବାଗତ ବିଦ୍ୟାର୍ଥୀଟି ନିଜର ପରିବାରବର୍ଗ ଓ ଆତ୍ମୀୟ ସୋଦରଙ୍କୁ ଛାଡ଼ି ସହରି ଜୀବନ ତା' ପାଇଁ ହୋଇଯାଏ ଅଭିଶପ୍ତ। ରାଗିଂ ଭଳି କୁତ୍ସିତ ମାନସିକତାକୁ ସହି ନ ପାରି ଅନେକ ଛାତ୍ରୀଛାତ୍ର ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି।

ଶିକ୍ଷାନୁଷ୍ଠାନଗୁଡ଼ିକ ଆଣ୍ଟି-ରାଗିଂ କମିଟିର ସକ୍ରିୟ ଭାବେ କାମ କଲେ ହିଁ ରାଗିଂ କମିପାରିବ ନଚେତ ମାନସିକ ବିକାର ଛାତ୍ରୀଛାତ୍ରଙ୍କ ଶିରାପ୍ରଶିରାରେ ଏହି ଭୂତାଣୁ ସକ୍ରିୟ ହୋଇ ସୁସ୍ଥ ସମାଜକୁ ନଷ୍ଟଭ୍ରଷ୍ଟ କରିଦେବେ। ତେଣୁ ନାମଲେଖା ସମୟରେ କେବଳ ଆଣ୍ଟି-ରାଗିଂ ସତ୍ୟପାଠ ସଂଗ୍ରହ ଯଥେଷ୍ଟ ନୁହେଁ ବୋଲି ଛାତ୍ରୀଛାତ୍ର ଓ ଅଭିଭାବକ ବିଶ୍ୱାସ କରୁଛନ୍ତି। ଛାତ୍ରୀଛାତ୍ରମାନେ ଗୁରୁତ୍ୱାରୋପ କରିଛନ୍ତି ଯେ, ଏହି କମିଟିଗୁଡ଼ିକ ଅଧିକ ସକ୍ରିୟ ହେଲେ ରାଗିଂକୁ ରୋକାଯାଇପାରିବ। ଆଣ୍ଟି-ରାଗିଂ ସେଲ୍ ଶିକ୍ଷାନୁଷ୍ଠାନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହେବା ଉଚିତ। ୧୯୫୬ ଅଧିନିୟମ ଅନୁଯାୟୀ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ନିର୍ଦ୍ଦେଶାବଳୀ ଅନୁଯାୟୀ, ଯାହା ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକରେ ରାଗିଂ ବିପଦକୁ ରୋକିବା ପାଇଁ ନିୟମାବଳୀ ଭାବରେ ପରିବର୍ତ୍ତିତ ହୋଇଛି। ୨୦୦୯ ନିର୍ଦ୍ଦେଶାବଳୀ ଅନୁଯାୟୀ ଆଣ୍ଟି-ରାଗିଂ ସେଲ ପ୍ରତିଷ୍ଠା ଅତ୍ୟନ୍ତ ବାଧ୍ୟତାମୂଳକ ଓ ସକ୍ରିୟ ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ମହାବିଦ୍ୟାଳୟ ପରିସରରେ ରାଗିଂ ମୁକ୍ତ ପରିବେଶର ସଂସ୍କୃତିର ସଂରକ୍ଷଣ ପାଇଁ ଆଣ୍ଟି-ରାଗିଂ କମିଟି ପର୍ଯ୍ୟବେକ୍ଷକ ଏବଂ ପରାମର୍ଶଦାତା କମିଟିଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟଗୁଡ଼ିକ ହେଉଛି ଏହାର ବିକୃତତା ମଧ୍ୟରେ ଅନ୍ତର୍ନିହିତ ରାଗିଂର ମାନବିକ ପ୍ରଭାବ ବିଷୟରେ ଛାତ୍ରମାନଙ୍କୁ ସଚେତନ କରିବା। ଆମ ନଜରକୁ ଆସୁଥିବା ରାଗିଂ ଘଟଣାଗୁଡ଼ିକ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ତୁରନ୍ତ ଏବଂ କଠୋର ଭାବରେ ମୁକାବିଲା କରିଥାନ୍ତି। ଗୋଷ୍ଠୀଗତ ସମସ୍ୟା ପରିଲକ୍ଷିତ ହେଲେ ଉଭୟ ଗୋଷ୍ଠୀଙ୍କୁ ଡକାଯାଇ ଆପୋସ ସମାଧାନ କରାଯାଇଥାଏ। ଯେକୌଣସି ଛାତ୍ରୀ କିମ୍ବା ଛାତ୍ର ଗୋଷ୍ଠୀ ଶିକ୍ଷାନୁଷ୍ଠାନ ପରିସରରେ କିମ୍ବା ବାହାରେ ଦୋଷୀ ସାବ୍ୟସ୍ତ ହୋଇଥାଆନ୍ତି ତେବେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଉକ୍ତ ଛାତ୍ରୀ କିମ୍ବା ଛାତ୍ର ଗୋଷ୍ଠୀଙ୍କୁ କୌଣସି ଅଧିବେଶନ ପରୀକ୍ଷା କିମ୍ବା ବିଶ୍ୱବିଦ୍ୟାଳୟ ପରୀକ୍ଷାରେ ଉପସ୍ଥିତ ହେବାକୁ ବାରଣ କରିଥାନ୍ତି। ଶ୍ରେଣୀ ଗୃହରେ ଅଧ୍ୟୟନ ନିମନ୍ତେ ଅନୁମତି ପ୍ରଦାନ କରାଯାଏନାହିଁ। ଛାତ୍ରବୃତ୍ତି ଏବଂ ଅନ୍ୟାନ୍ୟ ସୁବିଧା ପ୍ରତ୍ୟାହାର, ମହାବିଦ୍ୟାଳୟରୁ ନିଲମ୍ବନ, ନାମଲେଖାକୁ ବାତିଲ ଓ ପରୀକ୍ଷାଫଳ ପ୍ରକାଶନକୁ ଅଟକାଇ ଦିଆଯାଇଥାଏ।




ଉଚ୍ଚଶିକ୍ଷା ବିଭାଗ ଓଡ଼ିଶା ସରକାରଙ୍କ ଦ୍ୱାରା ପରିଚାଳିତ ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଚଳିତ ଶିକ୍ଷାବର୍ଷ ଅଗଷ୍ଟ ପହିଲାରୁ ଆରମ୍ଭ ହୋଇଯାଇଛି ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମରେ। ଉଚ୍ଚଶିକ୍ଷା ବିଭାଗଠାରୁ ଆରମ୍ଭ କରି ସମସ୍ତ ଶିକ୍ଷାନୁଷ୍ଠାନ ପର୍ଯ୍ୟନ୍ତ ପ୍ରୟାସ ଜାରି ରଖିଛନ୍ତି ଶତପ୍ରତିଶତ ରାଗିଂମୁକ୍ତ ପରିସର ସୃଷ୍ଟି କରିବା ପାଇଁ। ଏଥିଲାଗି ସଚେତନତା ମଧ୍ୟ ସୃଷ୍ଟି କରାଯାଉଛି। ବରିଷ୍ଠ ଛାତ୍ରୀଛାତ୍ର ଓ ନବାଗତ ଛାତ୍ରୀଛାତ୍ରଙ୍କୁ ନେଇ ମହାବିଦ୍ୟାଳୟ ପରିସରରେ ସୁସ୍ଥ ବାତାବରଣ ସୃଷ୍ଟି ନିମନ୍ତେ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ପରାମର୍ଶଦାତା କାର୍ଯ୍ୟକ୍ରମ ଓ ଆଲୋଚନା ଚକ୍ରମାନ ଅନୁଷ୍ଠିତ ହୋଇସାରିଥିଲେ ମଧ୍ୟ ୨ ମାସ ନ ହେଉଣୁ ୧୯ଟି ରାଗିଂ ଅଭିଯୋଗ ସାମ୍ନାକୁ ଆସିଲାଣି। ଏଥିମଧ୍ୟରୁ ୧୩ଟି ସରକାରୀ ଶିକ୍ଷାନୁଷ୍ଠାନ ନାମରେ ଅଭିଯୋଗ ଆସିଥିଲା ବେଳେ ୬ଟି ବେସରକାରୀ ଅନୁଷ୍ଠାନ ନାମରେ ଅଭିଯୋଗ ସାମ୍ନାକୁ ଆସିଛି। ସୂଚନାଯୋଗ୍ୟ ସାରା ଦେଶରେ ଚଳିତ ଶିକ୍ଷାବର୍ଷ ମଧ୍ୟରେ ୩୦୬ଟି ଅଭିଯୋଗ ପଞ୍ଜୀକରଣ ହୋଇଛି। ରାଗିଂ ରୋକିବା ପାଇଁ ସମସ୍ତ ବ୍ୟବସ୍ଥା ଓ ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି କରିବା ସହ ଶିକ୍ଷାନୁଷ୍ଠାନରେ ଅଣଛାତ୍ରଙ୍କ ପ୍ରବେଶ ଉପରେ ତୀକ୍ଷ୍ଣ ନଜର ରଖି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ରହିଛି।

ଅଧ୍ୟାପକ (ରାଜନୀତି ବିଜ୍ଞାନ ବିଭାଗ)
ସିଦ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ
ନନ୍ଦପୁର, କୋରାପୁଟ
ମୋ: ୯୪୩୭୯୫୫୫୬୮

## ଚିରନ୍ତନୀ

ଧାନକ୍ଷେତ ଡାକେ ମୋତେ
ହାତଠାରି ଅବା ସତେ-
କାମ ତୋର ନୀରବରେ ଦେଖିବା
ଆଜି ଖାଲି ବପସି ଛବି ଲେଖିବା।
(ଶରତ-ସନ୍ଧ୍ୟା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସବୁ ଥାନାରେ ସିସିଟିଭି ଲଗାଯାଉ

ମହାଶୟ,

ସବୁ ଥାନାରେ ସିସିଟିଭି କ୍ୟାମେରା ବ୍ୟବସ୍ଥା କରାଯାଉ। ବହୁଦିନରୁ ମୁଖ୍ୟାଳୟରେ ଏସବୁ ପଡ଼ିରହିଥିଲେ ମଧ୍ୟ ତାହା ଲଗାଯାଉ ନାହିଁ। ଏଥିପ୍ରତି ମହାନିର୍ଦ୍ଦେଶକ ନିର୍ଦ୍ଦେଶ ଦେବା ଆବଶ୍ୟକ। କ୍ୟାମେରା ଲଗାଯାଇ ଅପରାଧୀଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଉ। ଦିନ ଓ ରାତ୍ର ପାଟ୍ରୋଲିଂ ଜୋର୍‌ଦାର କରିବା ପ୍ରତି ଗୁରୁତ୍ୱ ଦିଆଯାଉ। ଅପରାଧୀମାନେ ଅପରାଧ ଘଟାଇ ସହଜରେ ଖସିଯାଉଛନ୍ତି। ସାଧାରଣତଃ ବଳାତ୍କାର, ଅସଦାଚରଣ, ଲୁଟ୍ ଓ ରାହାଜାନି ଇତ୍ୟାଦି ଗତିବିଧିକୁ ସବୁବେଳେ ନିୟନ୍ତ୍ରଣରେ ରଖାଯାଉ। ନିଶାଖୋରମାନଙ୍କ ପ୍ରତି ଅଧିକ କଡ଼ାକଡ଼ି ପଦକ୍ଷେପ ନିଆଯାଉ।

**- ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଲଳିତ ଦାସ ଓଏସ୍ଏସ୍ଏସ୍‌ସି ଅଧ୍ୟକ୍ଷ

## ୨ ନୂତନ ସଦସ୍ୟଙ୍କୁ ମିଳିଲା ନିଯୁକ୍ତି


ଲଳିତ ଦାସ

ଭୁବନେଶ୍ୱର,୨୨।୧୦ (ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍ଏସ୍ଏସ୍‌ସି)ର ନୂତନ ଅଧ୍ୟକ୍ଷ ଭାବେ ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ ଲଳିତ ଦାସଙ୍କୁ ନିଯୁକ୍ତି ମିଳିଛି। ଏଥିସହ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଉଦ୍ଧବ ଚନ୍ଦ୍ର ମାଝୀ ଏବଂ ଅବସରପ୍ରାପ୍ତ ଓଏଏସ୍ ଅଧିକାରୀ ସରୋଜ କୁମାର ମିଶ୍ରଙ୍କୁ ସଦସ୍ୟ ଭାବେ ନିଯୁକ୍ତି ଦିଆଯାଇଛି। ମଙ୍ଗଳବାର ଏ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ,ଓଏସ୍ଏସ୍ଏସ୍‌ସିକୁ ନେଇ ବେଶ୍ କିଛିଦିନ ହେବ ବିବାଦ ଦେଖିବାକୁ ମିଳିଥିଲା। ଓଏସ୍ଏସ୍ଏସ୍‌ସି ଦ୍ୱାରା ପରିଚାଳିତ ଅମିନ, ଆର୍ଆଇ, ଫରେଷ୍ଟର ସମେତ ବିଭିନ୍ନ ପଦପଦବୀର ପରୀକ୍ଷାରେ ଅନିୟମିତତା ହୋଇଥିବା ଅଭିଯୋଗ ଆଣି ପରୀକ୍ଷାର୍ଥୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରୀକ୍ଷା ବାତିଲ ସହ ପୂର୍ବ ଅଧ୍ୟକ୍ଷଙ୍କୁ ପରିବର୍ତ୍ତନ କରାଯିବା ପାଇଁ ମଧ୍ୟ ଦାବି ଉଠିଥିଲା। ପରୀକ୍ଷାରେ ସ୍ୱଚ୍ଛତା ଆଣିବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଥିଲେ। ତାହାକୁ ଦୃଷ୍ଟିରେ ରଖି ଏହି ନୂତନ ନିଯୁକ୍ତି ଦିଆଯାଇଥିବା କୁହାଯାଉଛି।

# ମହିଳା କର୍ମଚାରୀଙ୍କ ଅତିରିକ୍ତ ସାମୟିକ ଛୁଟି ୧୨ ଦିନକୁ ବୃଦ୍ଧି ଲାଗି ନିର୍ଦ୍ଦେଶ

ଭୁବନେଶ୍ୱର, ୨୨।୧୦ (ସୁନିତ୍ ମିଶ୍ର)

ରାଜ୍ୟ ସରକାରଙ୍କ ମହିଳା କର୍ମଚାରୀଙ୍କ ପାଇଁ ଅତିରିକ୍ତ ସାମୟିକ ଛୁଟି ୧୨ ଦିନକୁ ବୃଦ୍ଧି କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ନିର୍ଦ୍ଦେଶ ଦେଇଛନ୍ତି। ସେମାନେ ଏହି ଅତିରିକ୍ତ ଛୁଟି ପ୍ରଚଳିତ ୧୦ ଦିନ ସାମୟିକ ଛୁଟି (ସିଏଲ୍) ଓ ୫ ଦିନ ସ୍ୱତନ୍ତ୍ର ସାମୟିକ ଛୁଟି (ସ୍ପେଶାଲ ସିଏଲ୍) ସହିତ ପାଇପାରିବେ। ଏହି ୧୨ ଦିନ ଅତିରିକ୍ତ ସାମୟିକ ଛୁଟି ସେମାନେ ମାସକୁ ଗୋଟିଏ ଦିନ ଲାଭ କରିପାରିବେ। ମହିଳାମାନଙ୍କ ଋତୁସ୍ରାବ ଜନିତ କାରଣରୁ ଏହି ଅତିରିକ୍ତ ଛୁଟି ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଯେ ଏହି ଅତିରିକ୍ତ ସାମୟିକ ଛୁଟି ପୂର୍ବରୁ ୧୦ ଦିନ ପାଇଁ ମିଳୁଥିଲା।

# ତାଡୋବା ଅଭୟାରଣ୍ୟରୁ ଶିମିଳିପାଳ ଆସିବେ ୨ ବାଘ

ଚନ୍ଦ୍ରପୁର, ୨୨।୧୦ (ପି.ଟି.)

ମହାରାଷ୍ଟ୍ରର ତାଡୋବା-ଅନ୍ଧେରୀ ବ୍ୟାଘ୍ର ଅଭୟାରଣ୍ୟ (ଟିଏଟିଆର୍)ରୁ ଓଡ଼ିଶାର ମୟୂରଭଞ୍ଜ ଜିଲାସ୍ଥିତ ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟକୁ ସ୍ଥାନାନ୍ତର ହେବା ପାଇଁ ୨ଟି ବାଘ ଚିହ୍ନଟ ହୋଇଛନ୍ତି। ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ (ଏନ୍‌ଟିସିଏ) ପକ୍ଷରୁ ଟିଏଟିଆର୍‌ରୁ ୨ଟି ବାଘ ଶିମିଳିପାଳ ଅଭୟାରଣ୍ୟକୁ ସ୍ଥାନାନ୍ତର କରିବା ପାଇଁ ପ୍ରସ୍ତାବକୁ ମଞ୍ଜୁରୀ ଦିଆଯିବା ପରେ ଏହି ପ୍ରକ୍ରିୟା ଆରମ୍ଭ ହୋଇଛି। ଏନ୍‌ଟିସିଏର ଆଞ୍ଚଳିକ ନିର୍ଦ୍ଦେଶକ ଜିତେନ୍ଦ୍ର ରାମଗାଓକର ମଙ୍ଗଳବାର ଏହି ସୂଚନା ଦେଇଛନ୍ତି। ଖୁବ୍‌ଶୀଘ୍ର ଚିହ୍ନଟ ହୋଇଥିବା ୨ ବାଘଙ୍କୁ ଶିମିଳିପାଳ ଅଭୟାରଣ୍ୟକୁ ସ୍ଥାନାନ୍ତର କରାଯିବ ବୋଲି ସେ କହିଛନ୍ତି।

# ଜୁଆ ଆଡ୍ଡାରେ ଚଢ଼ାଉବେଳେ ଗର୍ଭବତୀଙ୍କୁ ପୋଲିସର ଦୁର୍ବ୍ୟବହାର ଅଭିଯୋଗ

ରାୟଗଡ଼ା,୨୨।୧୦ (ଆଶିଷ ରଞ୍ଜନ ପଣ୍ଡା)

ପୋଲିସ ଜୁଆ ଆଡ୍ଡାରେ ଚଢ଼ାଉ କରିବାକୁ ଯାଇ ଜଣେ ଗର୍ଭବତୀଙ୍କୁ ଦୁର୍ବ୍ୟବହାର କରିଥିବା ମଙ୍ଗଳବାର ଏସ୍‌ପିଙ୍କ ନିକଟରେ ଅଭିଯୋଗ ହୋଇଛି। ରାୟଗଡ଼ା ସହର ବ୍ରାହ୍ମଣସାହିର ସୁନୀଲ ପାଢ଼ୀଙ୍କ ସ୍ତ୍ରୀ ଶ୍ରାବଣୀ କୁମାରୀ ଜେନା ରାୟଗଡ଼ା ଥାନା ଆଇଆଇସି କେକେବିକେ କହଁର, କନ୍‌ଷ୍ଟେବଲ ବିଜୟ କୁମାର ସାହୁ ଓ ବିଜୟ କୁମାର ଖୋଡ଼ିଆଙ୍କ ନାଁରେ ଏସ୍‌ପି ସ୍ୱାତୀ ଏସ୍. କୁମାରଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ କରାଯିବ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପକ୍ଷରେ ଅଭିଯୋଗ କରିବା ପାଇଁ ଆସିଥିବା ଶ୍ରାବଣୀଙ୍କ ଗର୍ଭ ଯନ୍ତ୍ରଣା ହେବାରୁ ଜିଲା ପୋଲିସ କାର୍ଯ୍ୟାଳୟରେ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କ ସାଥିରେ ଆସିଥିବା ସ୍ୱାମୀ ଓ ଜଣେ ସମ୍ପର୍କୀୟ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ପୋଲିସ ଘରେ ପଶି ଜଣେ ଗର୍ଭବତୀଙ୍କୁ ଦୁର୍ବ୍ୟବହାର କରିବା ଘଟଣାକୁ ସାଧାରଣରେ ନିନ୍ଦା କରାଯାଇଛି।

# ନୂଆପଡ଼ାରେ ଉପସ୍ଥିତି ଜାହିର କଲେ ମାଓବାଦୀ

ନୂଆପଡ଼ା,୨୨।୧୦ (ମକାରୁ ବେମାଲ)

କିଛିମାସର ବ୍ୟବଧାନ ପରେ ନୂଆପଡ଼ା ଜିଲାରେ ମାଓବାଦୀମାନେ ନିଜ ଉପସ୍ଥିତି ଜାହିର କରିଛନ୍ତି। ସୋମବାର କୋମନା ବ୍ଲକ ଅନ୍ତର୍ଗତ ସୁନାବେଡ଼ା ଅଭୟାରଣ୍ୟ ଭିତରେ ସିଆର୍‌ପିଏଫ୍ ଓ ଏସ୍‌ଓଜି ଯବାନ ମିଳିତ କୋମ୍ବିଂ ଅପରେଶନ କରୁଥିବାବେଳେ ଚେରେଚୁଆଁ ଖୋଲ ଜାମଗାଁ ଘାଟି ରାସ୍ତାରୁ ବିସ୍ଫୋରକ ସାମଗ୍ରୀ ଜବତ କରିଛନ୍ତି। ଏଥିରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି ଯବାନ। ମୁଖ୍ୟ ଘାଟି ରାସ୍ତାରେ ୨ଟି ଆଇଇଡି (ହାତତିଆରିବୋମା) ସହ ୩ଟି ଡେଟୋନେଟର ଖଞ୍ଜାଯାଇଥିଲା। ଲୁହା ଓ କାଚ ଗୁଣ୍ଡ ସହ ୩ ଇଞ୍ଚ ଗୋଲେଇ, ୨୫.୫ ଇଞ୍ଚ ଲମ୍ବର ଲୁହା ପାଇପ୍‌ର ଗୋଟିଏ ପଟେ ପ୍ଲେଟ ଦେଇ ୱେଲଡିଂ ଦ୍ୱାରା ସିଲ୍ କରାଯାଇଥିଲା। ସେହି ପାଇପ୍ ଭିତରେ ଲୁହା ଓ କାଚ ଗୁଣ୍ଡରେ ତିଆରି ବିସ୍ଫୋରକ ସାମଗ୍ରୀ ରହିଥିଲା। ଡି/୨୧୬ ବାଟାଲିୟନ, ସଦର ମହକୁମା ୨୧୬ ବାଟାଲିୟନ, ୧୯ ବାଟାଲିୟନ ସିଆର୍‌ପିଏଫ ସ୍ୱତନ୍ତ୍ର ସ୍କ୍ୱାଡ୍ ଓ ଏସ୍‌ଓଜି ଯବାନଙ୍କ ମିଳିତ ଉଦ୍ୟମରେ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି।

# ‘କାମ୍ ନାଇଁ ଦେଲେ ଦାଦନ୍ ଯିମୁ’

ବଲାଙ୍ଗୀର, ୨୨।୧୦ (ବୀରେନ୍ଦ୍ର କୁମାର ଝାଙ୍କର)



■ କୋଡ଼ି, କୋଦାଳ, ଡାଲା, ଭାର ଧରି ଜିଲା ପରିଷଦ ଅଫିସ ଘେରିଲେ ଶ୍ରମିକ

ଗ୍ରାମପଞ୍ଚାୟତ ସ୍ତରରେ ବାରମ୍ବାର କାମ ଯୋଗାଇଦେବାକୁ ଅନୁରୋଧ କରିବା ପରେ ମଧ କାମ ଦିଆ ନ ଯିବା ପ୍ରତିବାଦରେ ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ୍ ସୁଲେଇକେଲା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଝରିଆମୁଣ୍ଡା ଗାଁର ଶ୍ରମିକମାନେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ସେମାନେ କୋଡ଼ି, କୋଦଳ, ଡାଲା, ଭାର ଧରି ସ୍ଥାନୀୟ କୋଶଳ କଳା ମଣ୍ଡଳରୁ ଏକ ରାଲିରେ ଆସି ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନେ ‘ଜୟ କୋଶଲ୍’ ନାରା ଦେବା ସହ କାମ ଦିଅ ନ ହେଲେ ରାଜ୍ୟ ବାହାରକୁ ଦାଦନ ଖଟି ଯିବୁ ବୋଲି ଶୁଣାଇଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ପରେ ସେଠାରେ ଉପସ୍ଥିତ ଥିବା ପୋଲିସ କର୍ମଚାରୀମାନେ ଜିଲା ପରିଷଦ କାର୍ଯ୍ୟାଳୟ ଗେଟ୍ ବନ୍ଦ କରିଦେବାରୁ ଶ୍ରମିକମାନେ ହାତରେ ଧରିଥିବା କୋଡ଼ି, କୋଦଳ, ଡାଲା ଓ ଭାରକୁ ଗେଟ୍ ଉପର ଦେଇ ଅଫିସ ହତା ଭିତରକୁ ଫିଙ୍ଗି ଦେଇଥିଲେ। କୋଶଲବାଦୀ ଯୁବନେତା ସିଫୁନ୍ ଖମାରୀଙ୍କ ନେତୃତ୍ୱରେ ଜିଲା ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିବା ଝରିଆମୁଣ୍ଡାର ଶ୍ରମିକମାନେ କହିଛନ୍ତି, ଜିଲା ପ୍ରଶାସନ ପକ୍ଷରୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ୩୦୦ ଦିନର କାମ ଯୋଗାଇ ଦିଆଯିବ ବୋଲି କୁହାଯାଇଥିଲା। ତେବେ ବାସ୍ତବ ଚିତ୍ର ଓଲଟା ରହିଛି। ଗରିବ ଶ୍ରେଣୀର ଲୋକେ ବାରମ୍ବାର କାମ ଯୋଗାଇଦେବାକୁ ଅନୁରୋଧ କରୁଥିଲେ ମଧ ବିଭିନ୍ନ ବାହାନା ଦେଖାଇ କାମ ଦିଆଯାଉନାହିଁ। ପ୍ରଶାସନ କାମ ଯୋଗାଇ ନ ପାରିଲେ ସେମାନେ ବାଧହୋଇ ଦାଦନ ଖଟି ଯିବେ ଏବଂ ସେଠାରେ ଯାହା ଅଘଟଣ ଘଟିବ ପ୍ରଶାସନ ଦାୟୀ ରହିବ ବୋଲି ଶ୍ରମିକମାନେ କହିଛନ୍ତି। ରାଜ୍ୟ ବାହାରକୁ ଦାଦନ ଖଟି ଯିବା ଆଗରୁ ପ୍ରଶାସନକୁ ଚେତାଇ ଦେବାକୁ ସେମାନେ ପ୍ରତୀକାତ୍ମକ ଭାବେ କୋଡ଼ି, କୋଦଳ, ଡଲା ଭାର ଧରି ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ବୋଲି କହିଛନ୍ତି।

# ଲାଞ୍ଚ ନେଇ ‘କଂସ’ ନିଲମ୍ବିତ

ବରଗଡ଼,୨୨।୧୦(ପ୍ରେମାନନ୍ଦ ଖମାରୀ)


ହୃଷୀକେଶ ଭୋଇ

ଆସନ୍ତା ବରଗଡ଼ ଧନୁଯାତ୍ରା ମହୋତ୍ସବର ଅବ୍ୟବହିତ ପୂର୍ବରୁ କଂସ ଅଭିନେତା ହୃଷୀକେଶ ଭୋଇ ବିବାଦୀୟ ହୋଇପଡ଼ିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ମୁଖ୍ୟ ଡ୍ରାଇଭର ଭାବେ କାର୍ଯ୍ୟରତ ଥାଇ ମହାପ୍ରୟାଣ ଗାଡ଼ି ଚଳାଉଥିବା ହୃଷୀକେଶ ଶବ ପରିବହନ ବାବଦକୁ ମୃତକଙ୍କ ପରିବାର ଲୋକଙ୍କଠାରୁ ଟଙ୍କା ନେଇ ବିବାଦରେ ଫସିଛନ୍ତି। ଏହି ଘଟଣାରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡ଼ିଏମ୍‌ଓ) ଡା. ନିରୁପମା ଷଡ଼ଙ୍ଗୀ ହୃଷୀକେଶଙ୍କୁ ସରକାରୀ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ସେହିପରି ସିଡ଼ିଏମ୍‌ଓ ଷଡ଼ଙ୍ଗୀ ଏ ନେଇ ଭଟଲି ଥାନାରେ ଏତଲା ଦେବା ପରେ ହୃଷୀକେଶଙ୍କ ବିରୋଧରେ ଏକ ଆପରାଧିକ ମାମଲା (ନଂ.୩୨୨/୨୪) ରୁଜୁ ହୋଇଛି। ଅନ୍ୟପଟେ ହୃଷୀକେଶଙ୍କୁ ସରକାରୀ ଚାକିରିରୁ ନିଲମ୍ବନ କରାଯିବା ଏବଂ ତାଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ ହେବା ପରେ ତାଙ୍କୁ ଏଥର ଧନୁଯାତ୍ରା ମହୋତ୍ସବ ସମିତି କଂସ ଅଭିନୟର ସୁଯୋଗ ଦେବ କି ନାହିଁ ତାହା ଉପରେ ସମସ୍ତଙ୍କ ନଜର ରହିଛି। ଗତ ୭ ତାରିଖରେ ହୃଷୀକେଶ ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରୁ ଗାଇସିଲେଟ ବ୍ଲକ ଅନ୍ତର୍ଗତ ବଡ଼ସାହାଜବାହାଲ ଗ୍ରାମକୁ ମହାପ୍ରୟାଣ ଗାଡ଼ିରେ ଶବ ପରିବହନ କରିଥିଲେ ଏବଂ ମୃତକ ପ୍ରହ୍ଲାଦ ସାହୁଙ୍କ ସମ୍ପର୍କୀୟଙ୍କଠାରୁ ବେଆଇନ ଭାବେ ୩ହଜାର ଟଙ୍କା ନେଇଥିଲେ। ଏ ନେଇ ଅଭିଯୋଗ ହେବା ସହିତ ଘଟଣାଟି ପ୍ରଘଟ ହେବା ପରେ ହୃଷୀକେଶ ଗତ ୧୧ତାରିଖରେ ତାଙ୍କର ଜଣେ ସମ୍ପର୍କୀୟଙ୍କ ମୋବାଇଲରୁ ଫୋନ୍ ପେ ମାଧ୍ୟମରେ ମୃତକଙ୍କ ସମ୍ପର୍କୀୟଙ୍କୁ ୩୫୦୦ ଟଙ୍କା ପଠାଇଥିଲେ। ତେବେ ମୃତକଙ୍କ ସମ୍ପର୍କୀୟ ଅଧିକ ପାଇଥିବା ୫୦୦ ଟଙ୍କା ପୁଣି ହୃଷୀକେଶଙ୍କ ସମ୍ପର୍କୀୟଙ୍କ ମୋବାଇଲକୁ ଫୋନ୍ ପେରେ ଫେରାଇ ଦେଇଥିଲେ। ଅନ୍ୟପଟେ ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ସିଡ଼ିଏମ୍‌ଓ ଷଡ଼ଙ୍ଗୀ ଏହାର ତଦନ୍ତ ପାଇଁ ଏକ ଟିମ୍ ଗଠନ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟର ଅଧୀକ୍ଷକ ଡା. ଡି. କେ. ଦତ୍ତଙ୍କ ନେତୃତ୍ୱରେ ଗଠିତ ଟିମ୍ ହୃଷୀକେଶଙ୍କୁ ଧରି ଗତ ୧୭ତାରିଖରେ ମୃତକଙ୍କ ଘରେ ପହଞ୍ଚି ତଦନ୍ତ କରିଥିଲା। ତଦନ୍ତରେ ଘଟଣାର ସତ୍ୟାସତ୍ୟ ସାମ୍ନାକୁ ଆସିଥିଲା। ଏହାପରେ ତଦନ୍ତ ରିପୋର୍ଟକୁ ଆଧାର କରି ହୃଷୀକେଶଙ୍କ ବିରୋଧରେ ସେଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ସିଡ଼ିଏମ୍‌ଓ ଷଡ଼ଙ୍ଗୀ କହିଛନ୍ତି।

# ଆଦିବାସୀ ଅଞ୍ଚଳରେ ସ୍ଥାନୀୟ ଶାସନକୁ ସୁଦୃଢ଼ କରିବା ‘ପେସା ଆଇନ-୧୯୯୬’ର ମୁଖ୍ୟ ଉଦ୍ଦେଶ୍ୟ: ମନ୍ତ୍ରୀ ରବିନାରାୟଣ

ଭୁବନେଶ୍ୱର, ୨୨।୧୦ (ସୁନିତ୍ ମିଶ୍ର)

ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନଠାରେ ଅନୁଷ୍ଠିତ ୨ ଦିନିଆ ‘ପେସା’ ଶୀର୍ଷକ ଜାତୀୟ କର୍ମଶାଳା ପଞ୍ଚାୟତିରାଜ ଏବଂ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ଦେଶର ୧୦ଟି ରାଜ୍ୟରୁ ଆସି ଏହି କର୍ମଶାଳାରେ ଯୋଗଦେଇଥିବା ପ୍ରଶିକ୍ଷାର୍ଥୀମାନଙ୍କୁ ସମ୍ବୋଧିତକରି ମନ୍ତ୍ରୀ ଅନୁସୂଚିତ ଅଞ୍ଚଳ ଓ ଜନଜାତି ସଶକ୍ତୀକରଣରେ ପଞ୍ଚାୟତ ସମ୍ପ୍ରସାରଣ ଅଧିନିୟମ (ପେସା ଆଇନ)ର ଭୂମିକା ଓ ଉପଯୋଗିତା ବିଷୟରେ ନିଜର ଅଭିମତ ରଖିଛନ୍ତି। ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନରେ ପଞ୍ଚାୟତ ସମ୍ପ୍ରସାରଣ ଅଧିନିୟମ (ପେସା ଆଇନ) ଅଞ୍ଚଳରେ ପାରମ୍ପରିକ ପଦ୍ଧତିରେ ବିବାଦ ସମାଧାନ ସମ୍ପର୍କରେ ଆୟୋଜିତ ୨ଦିନିଆ ଜାତୀୟ କର୍ମଶାଳାର ଉଦ୍‌ଘାଟନୀ ଉତ୍ସବରେ ମନ୍ତ୍ରୀ ନାଏକ ମୁଖ୍ୟ ଅତିଥିଭାବେ ଯୋଗଦେଇଛନ୍ତି। ଏହି କର୍ମଶାଳାକୁ ସମ୍ବୋଧିତକରି ମନ୍ତ୍ରୀ କହିଛନ୍ତି, ୭୩ତମ ସମ୍ବିଧାନ ସଂଶୋଧନର ବ୍ୟବସ୍ଥାଗୁଡ଼ିକୁ ଭାରତର ଅନୁସୂଚିତ ଅଞ୍ଚଳକୁ ସମ୍ପ୍ରସାରିତକରି ଆଦିବାସୀ ଅଞ୍ଚଳରେ ସ୍ଥାନୀୟ ଶାସନକୁ ସୁଦୃଢ଼ ଓ ସଶକ୍ତ କରିବା ହେଉଛି ‘ପେସା ଆଇନ-୧୯୯୬’ର ପ୍ରମୁଖ ଉଦ୍ଦେଶ୍ୟ। ଭାରତର ୧୦ଟି ଆଦିବାସୀବହୁଳ ରାଜ୍ୟରେ ଏହି ପେସା ଆଇନ କାର୍ଯ୍ୟକାରୀ ହେଉଛି । ଆମ ରାଜ୍ୟର ୪୫ ପ୍ରତିଶତ ଅନୁସୂଚିତ ଅଞ୍ଚଳରେ ବିବିଧ ଆଦିବାସୀ ସଂସ୍କୃତି ହେତୁ ଓଡ଼ିଶା ସମଗ୍ର ଦେଶରେ ଅନନ୍ୟ ସ୍ଥାନ ହାସଲ କରିଛି। ଓଡ଼ିଶାର ୩୦ରୁ ୧୩ ଜିଲାର ୧୧୯ ବ୍ଲକ୍‌ର ୧୯୬୨ଟି ଗ୍ରାମପଞ୍ଚାୟତ ପେସା ଅଞ୍ଚଳ ଅନ୍ତର୍ଭୁକ୍ତ। ରାଜ୍ୟରେ ୬୪ ପ୍ରକାର ଆଦିବାସୀ ସମ୍ପ୍ରଦାୟ ଅଛନ୍ତି। ସେମାନଙ୍କ ମଧ୍ୟରେ ୧୩ ପ୍ରକାରର ବିଶେଷ ଭାବେ ଅନୁନ୍ନତ ଜନଜାତି (ପିଭିଟିଜି)। ଏହି ସମସ୍ତ ଜନଜାତି ପାରମ୍ପରିକ ପଦ୍ଧତିରେ ବିବାଦ ସମାଧାନର ଉତ୍କୃଷ୍ଟ ଉଦାହରଣ ପ୍ରସ୍ତୁତ କରିପାରିଛନ୍ତି। ତେଣୁ ଦେଶର ବିଭିନ୍ନ ପେସା ଅଞ୍ଚଳ ପାଇଁ ତାହା ପ୍ରେରଣାର ସ୍ରୋତ ବୋଲି ମନ୍ତ୍ରୀ ମତ ପ୍ରକାଶ କରିଛନ୍ତି।

# ଭୁଲ୍ ଇଞ୍ଜେକ୍ସନ ଯୋଗୁ ପ୍ରସୂତିଙ୍କ ମୃତ୍ୟୁ ଅଭିଯୋଗ

ନବରଙ୍ଗପୁର,୨୨।୧୦ (ସଦାଶିବ ପ୍ରହରାଜ)

ଏଏନ୍‌ଏମ୍‌ଙ୍କ ଭୁଲ୍ ଇଞ୍ଜେକ୍ସନ ଯୋଗୁ ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଚେରଚେଟା ପଞ୍ଚାୟତ ଭାଟିକୋଟ ଗ୍ରାମର ଚାଉ କୁମାର ସାନ୍ତାଙ୍କ ସ୍ତ୍ରୀ ତାମ୍ବ (୨୦)ଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ପାପଡ଼ାହାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନାନୁଯାୟୀ ତାମ୍ବ ୩ ମାସ ତଳେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଯାଆଁଳା ଛୁଆ ଜନ୍ମ କରିଥିଲେ। ୧୫ ଦିନ ପରେ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ପରିବାର ଲୋକେ ତାଙ୍କୁ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଣି ଦେଖାଇଥିଲେ। ରକ୍ତ ଅଭାବ ଥିବା କହି ଡାକ୍ତର ତାଙ୍କୁ କିଛି ଔଷଧ ଦେଇଥିଲେ ଏବଂ ପରେ ଆସି ଦେଖା କରିବାକୁ କହିଥିଲେ। ଏହା ପରେ ସେ ଘରେ ରହି ଔଷଧ ଖାଉଥିଲେ। ମଙ୍ଗଳବାର ଚେରଚେଟା ଏଏନ୍‌ଏମ୍ ମୀନା ବରାଳ ଓ ଅଙ୍ଗନୱାଡ଼ି କର୍ମୀ ତାମ୍ବଙ୍କ ଘରକୁ ଯାଇ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିଥିଲେ। ଦେହ ଖରାପ ଥିବା ଜାଣି ଏଏନ୍‌ଏମ୍ ୨ଟି ଇଞ୍ଜେକ୍ସନ ଓ କିଛି ଔଷଧ ଦେଇଥିଲେ। ଏହା ବାବଦକୁ ୧୫୦୦ ଟଙ୍କା ମାଗିଥିଲେ। ପାଖରେ ଥିବା ହଜାର ଟଙ୍କା ତାଙ୍କୁ ଦେଇଥିବା ତାମ୍ବଙ୍କ ସ୍ୱାମୀ ଚାଉ କହିଛନ୍ତି। ଇଞ୍ଜେକ୍ସନ ନେବାର ୧୫ ମିନିଟ ପରେ ତାମ୍ବଙ୍କ ମୃତ୍ୟୁ ହୋଇଛି। ଭୁଲ୍ ଇଞ୍ଜେକ୍ସନ ଯୋଗୁ ମୃତ୍ୟୁ ହୋଇଥିବା ଚାଉ ପାପଡ଼ାହାଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିସହ ମା’ ଛେଉଣ୍ଡ ୨ ଶିଶୁଙ୍କ ଲାଳନପାଳନ ପାଇଁ ସରକାରୀ ସହାୟତା ପ୍ରଦାନ କରିବାକୁ ଚାଉ ଦାବି କରିଛନ୍ତି। ପାପଡ଼ାହାଣ୍ଡି ଥାନା ପୋଲିସ ଅଭିଯୋଗ ପାଇବା ପରେ କେସ୍ ନମ୍ବର ୨୨୦ /୨୪ରେ ମାମଲା ରୁଜୁ କରିଛି। ଅତିରିକ୍ତ ତହସିଲଦାର ସସ୍ମିତା ଜେନା, ଏସ୍‌ଡିପିଓ ମୀନାକ୍ଷୀ ଠାକୁର, ଥାନାଧିକାରୀ ଦୀପକ କୁମାର ଜେନା ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ସନ୍ତୋଷ କୁମାର ମାଝୀ ସୂଚନା ଦେଇଛନ୍ତି। ଅଭିଯୋଗ ସମ୍ପର୍କରେ ଏଏନଏମ୍ ମୀନା ବରାଳଙ୍କୁ ପଚାରିବାରୁ ସେ ଏହାକୁ ଖଣ୍ଡନ କରିଛନ୍ତି। ମାତୃ ଦିବସ କ୍ୟାମ୍ପକୁ ତାମ୍ବ ଆସି ନ ଥିଲେ। ଏନେଇ ତାଙ୍କ ଘରକୁ ଯାଇ ରକ୍ତ ପରୀକ୍ଷା କରାଇଥିଲି। ହିମୋଗ୍ଲୋବିନ ୪ ପ୍ରତିଶତ ଥିଲା। ତାଙ୍କୁ ଔଷଧ, ଇଞ୍ଜେକ୍ସନ ଦେଇ ନ ଥିବା ଓ ଟଙ୍କା ମାଗି ନାହାନ୍ତି ବୋଲି ସେ କହିଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

REQUIRED
SALES & MARKETING STAFF WITH 1 TO 2 YEARS EXPERIENCE WITH GOOD COMMUNICATION SKILL.
POKHARIPUT, BHUBANESWAR
MOB – 9124069464

See Career Appointment on every Wednesday & Saturday

**Fast Communication**
An INS accredited ad agency having Pan India presence requires the following personnel for immediate recruitment :
WE ARE HIRING
**Liaison Officer :** Retired Govt. Class-1 Officers having good rapport with Govt. & Corporates. To be based at Bhubaneswar.
**Chief Accountant :** Possessing minimum 10 years exp., with expertise in Tally & GST. To be based at Cuttack.
**Translator :** Candidate having expertise in English to Hindi translation desirable. To be posted at Bhubaneswar.
**Marketing Executive :** Having adequate experience in space selling preferably in Media. To be based at Bhubaneswar.
**Social Media Handler :** Candidate having adequate exp. in handling social media accounts, min. 2 years exp. desirable.
**BTL Expert :** Candidate should be expert in handling BTL activities, with minimum 5 years exp. in similar capacity.
**Event Manager :** Candidate should be expert in handling Events independently, with minimum 5 years exp. in similar capacity.
**Electronic Media Planner :** Should have knowledge of tv commercial release
**Front Office Executive (M/F) :** Graduate. Should have good communication skill in English, knowledge of Excel, Photoshop , drafting of letters and can present PPT in front of clients. Should possess own two wheeler.
Salary : As per industry standards. All the above posts carry advantage of EPF, ESI and other perks.
Join our amazing team! Interested candidates are requested to apply in confidence with Resume & 2 P.P size photos to : **acc.fast.2016@gmail.com** within the next 7 days. (Plz. mention post applied for in the subject)
fastcommunication.in @fastcommbbsr @fastcommunication.fc



## ସଂକ୍ଷେପରେ

### ବାରଙ୍ଗ ପଞ୍ଚାୟତର ୧୬ ବାତ୍ୟା ଆଶ୍ରୟସ୍ଥଳ ପ୍ରସ୍ତୁତ

ତ୍ରିଶୂଳିଆ,୨୨।୧୦(ତୁଷାରକାନ୍ତ ବେହେରା) ବାତ୍ୟା 'ଦାନା'ର ମୁକାବିଲା ନିମନ୍ତେ ବାରଙ୍ଗ ବ୍ଲକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ମଙ୍ଗଳବାର ଏକ ସମୀକ୍ଷା ବୈଠକ ବସିଥିଲା। ଏଥିରେ ବିଡିଓ ଧର୍ମରଞ୍ଜନ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ଦଳାଇ, ତହସିଲଦାର ତୁଷାର ଜ୍ୟୋତିରଞ୍ଜନ, ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକଙ୍କ ସମେତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ବୈଠକରେ ଯୋଗଦେଇଥିଲେ। କଟକ ଏଡିଏମ ଶିବ ଟପୋ ସ୍ଥିତି ଅନୁଧ୍ୟାନ କରିଥିଲେ। ବ୍ଲକର ୧୬ ପଞ୍ଚାୟତରେ ଗୋଟିଏ ଲେଖାଏ ଆଶ୍ରୟସ୍ଥଳ ପ୍ରସ୍ତୁତ ରହିଛି। ସବୁ ଆଶ୍ରୟସ୍ଥଳ ଦାୟିତ୍ୱରେ ଜଣେ ଲେଖାଏ ନୋଡାଲ ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଛି। ଆବଶ୍ୟକ ପଡ଼ିଲେ ଅଗ୍ନିଶମ ବାହିନୀ, ପୋଲିସ ପ୍ରଶାସନ, ବିଦ୍ୟୁତ୍ ଓ ପାନୀୟ ଜଳ ଯୋଗାଣ, ଚିକିତ୍ସା ବିଭାଗ ସମେତ କର୍ମଚାରୀଙ୍କ ସହିତ ଯୋଗସୂତ୍ର ରଖି ଉପୁଜିଥିବା ସମସ୍ୟାକୁ ତୁରନ୍ତ ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

### ଆଳୁ ଦର ୬୦, ପିଆଜ ୭୦ ଟଙ୍କା

ବାରଙ୍ଗ,୨୨।୧୦(ଲିଙ୍ଗରାଜ ରାଉତ) ସମ୍ଭାବ୍ୟ ବାତ୍ୟା 'ଦାନା'ର ପ୍ରଭାବ ଏବେଠାରୁ ବାରଙ୍ଗ ଅଞ୍ଚଳରେ ଦେଖିବାକୁ ମିଳିଛି। ବାରଙ୍ଗ ବଜାର ପରିବା ମାର୍କେଟରେ ପରିବା ମୂଲ୍ୟ ଅହେତୁକ ଭାବେ ବୃଦ୍ଧି ପାଇଛି। ବାରଙ୍ଗ ପରିବା ବ୍ୟବସାୟୀ ବିଶେଷ କରି କଟକ ଛତ୍ରବଜାରରୁ ପରିବା ସଂଗ୍ରହ କରୁଥିବାବେଳେ ବାରଙ୍ଗ ଆଖପାଖ ଅଞ୍ଚଳରେ ହେଉଥିବା ପରିବା ଏଠାକୁ ବିକ୍ରି ହେବାକୁ ଆସିଥାଏ। ଫଳରେ ଆଖପାଖ ୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଏହି ପରିବା ମାର୍କେଟ ଉପରେ ନିର୍ଭର କରିଥାନ୍ତି। ଏହି ସୁଯୋଗରେ ବ୍ୟବସାୟୀମାନେ ବାତ୍ୟା ନାଁରେ ପରିବା ମୂଲ୍ୟ ଆଶାଠାରୁ ଅଧିକ ବଢାଇ ଦେଇଥିବା ଜଣାପଡ଼ିଛି। ମଙ୍ଗଳବାର ବାରଙ୍ଗରେ ଆଳୁ କିଗ୍ରା ପିଛା ମୂଲ୍ୟ ୬୦ ଟଙ୍କା, ପିଆଜ ୭୦ ଟଙ୍କା ହୋଇଥିବାବେଳେ ଅନ୍ୟ ପରିବା ମୂଲ୍ୟ ସର୍ବନିମ୍ନ ୬୦/୭୦ ଟଙ୍କାରୁ କମ୍ ନ ଥିବା ଦେଖିବାକୁ ମିଳିଛି। ବାତ୍ୟା ପାଇଁ ପରିବା ମାର୍କେଟରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି। ଲୋକମାନେ ବାଧ୍ୟ ହୋଇ ପରିବା ମୂଲ୍ୟ ଯାହାବି ହେଉ କିଣି ନେଉଥିବା ଦେଖିବାକୁ ମିଳିଛି।

### ମଦ ଜବତ, ବେପାରୀ ଗିରଫ

ବାରଙ୍ଗ/ତ୍ରିଶୂଳିଆ,୨୨।୧୦(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା) ବେଆଇନ ଭାବେ ଦେଶୀମଦ ବିକ୍ରି କରିବା ଅଭିଯୋଗରେ ନନ୍ଦନକାନନ ଥାନା ପୋଲିସ ଜଣେ ବେପାରୀଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ଗଣ୍ଡରପୁର ମଝିସାହିର ଗଣେଶ ରାଉତ। ତାଙ୍କ ପାଖରୁ ୮୦ ଲିଟର ଦେଶୀମଦ ଜବତ ହୋଇଛି। ଏନେଇ ପୋଲିସ ୨୯୯/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସେ ପଦାସାହି ରେଲୱେ ଷ୍ଟେଶନ ରାସ୍ତାରେ ଦେଶୀମଦ ବିକ୍ରି କରୁଥିଲେ ବୋଲି ଥାନା ଅଧିକାରୀ ସମିତା ମିଶ୍ର କହିଛନ୍ତି।

# ବିଏମ୍‌ସି ପକ୍ଷରୁ ୮୦ ବାତ୍ୟା ଆଶ୍ରୟସ୍ଥଳ ପ୍ରସ୍ତୁତ

**ବାତ୍ୟା ପାଇଁ ଭୟଭୀତ ହୁଅନ୍ତୁନି: ମେୟର**

- ଖୋଲା ଡ୍ରେନ୍‌ରେ ବ୍ୟାରିକେଡ୍ କରିବା କିମ୍ବା ସ୍ଲାବ ପକାଇବାକୁ ନିର୍ଦ୍ଦେଶ
- ୩ ଶିଫ୍ଟରେ କାମ ହେବ, ଗାଡ଼ି, ପମ୍ପସେଟ୍ ଓ ଗଛକଟା ମେଶିନ୍ ମହଜୁଦ୍ ରହିବ

ଭୁବନେଶ୍ୱର, ୨୨।୧୦ (ବନ୍ଦନା ସେଠୀ)

ସମ୍ଭାବ୍ୟ ବାତ୍ୟା 'ଦାନା'ର ସଫଳ ମୁକାବିଲା କରିବା ପାଇଁ ବିଏମ୍‌ସି ପକ୍ଷରୁ ମଙ୍ଗଳବାର ଆଉ ଏକ ସମୀକ୍ଷା ବୈଠକ ମୁଖ୍ୟାଳୟସ୍ଥିତ ଏକାମ୍ର ହଲରେ ଅନୁଷ୍ଠିତ ହୋଇଯାଇଛି। ବିଏମ୍‌ସି ପକ୍ଷରୁ ସମସ୍ତ ଆନୁଷଙ୍ଗିକ ପଦକ୍ଷେପ ଗ୍ରହଣ କରାଯାଉଥିବାରୁ ଲୋକେ ଭୟଭୀତ ନ ହେବାକୁ ମେୟର ସୁଲୋଚନା ଦାସ ଏବଂ କମିଶନର ରାଜେଶ ପ୍ରଭାକର ପାଟିଲ୍ ଅନୁରୋଧ କରିଛନ୍ତି। ସୋମବାର ହୋଇଥିବା ପ୍ରସ୍ତୁତି ବୈଠକରେ କେଉଁ କାମ କେତେଦୂର ଆଗେଇଛି, ସେ ସମ୍ପର୍କରେ ଏଥିରେ ସମୀକ୍ଷା କରାଯାଇଥିଲା। ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବିଏମ୍‌ସିର ସାଉଥ-ୱେଷ୍ଟ ଜୋନ୍‌ରେ ୩୦ଟି, ନର୍ଥ ଜୋନ୍‌ରେ ୨୧ଟି ଏବଂ ସାଉଥ-ଇଷ୍ଟ ଜୋନ୍‌ରେ ୨୯ଟି ଏପରି ମୋଟ ୮୦ଟି ବାତ୍ୟା ଆଶ୍ରୟସ୍ଥଳ ପ୍ରସ୍ତୁତ କରାଯାଇଛି। ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ, କମ୍ୟୁନିଟି ସେଣ୍ଟର, କଲ୍ୟାଣ ମଣ୍ଡପରେ ଲୋକଙ୍କୁ ରଖିବା ପାଇଁ ବ୍ୟବସ୍ଥା ହୋଇଛି। ସେଠାରେ ଲୋକଙ୍କ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ବିଶେଷକରି ଖାଲୁଆ ଅଞ୍ଚଳ ଓ କଚ୍ଚା ଘରେ ରହୁଥିବା ଲୋକଙ୍କୁ ଆଗୁଆ ସ୍ଥାନାନ୍ତର କରିବାକୁ ଜୋନାଲ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଡ୍ରେନେଜ୍ ସମସ୍ୟା ପାଇଁ ଲୋକେ ୭୮୦୯୮୯୬୬୨୧ ନମ୍ବରରେ ଫୋନ୍ କରି ଜଣାଇବାକୁ ବିଏମ୍‌ସି ପକ୍ଷରୁ କୁହାଯାଇଛି। ଚିହ୍ନଟ ହୋଇଥିବା ୩୦ଟି ଜଳବନ୍ଦୀ ଅଞ୍ଚଳରେ ପମ୍ପସେଟ୍ ରଖାଯାଇଛି। ସେହିପରି ଖୋଲାଥିବା ଡ୍ରେନଗୁଡ଼ିକରେ ବୁଧବାର ସନ୍ଧ୍ୟା ସୁଦ୍ଧା ବ୍ୟାରିକେଡ୍ କରିବା କିମ୍ବା ସ୍ଲାବ ପକାଇବାକୁ ମେୟର ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାରଠାରୁ ୩ ଜୋନ୍ ସହ ବିଏମ୍‌ସି ମୁଖ୍ୟାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକାରୀ ହୋଇଛି। ଜରୁରୀକାଳୀନ ଟେଲିଫୋନ ନଂ ୧୯୨୯ ସହ ୧୦ଟି ଲାଇଫ୍‌ଲାଇନ୍ ରହୁଛି। ଏହିସବୁ ଫୋନ୍ ଲାଇନରେ ୩ ଶିଫ୍ଟରେ ୧୦ ଜଣ ଲେଖାଏ କର୍ମଚାରୀ ରହିବେ, ଏବଂ ସେମାନଙ୍କୁ ତଦାରଖ କରିବା ପାଇଁ ଜଣେ ଲେଖାଏ ବରିଷ୍ଠ ଅଧିକାରୀ ଦାୟିତ୍ୱରେ ରହିବେ। ଏହାବାଦ୍ ସମସ୍ତ ଡାକ୍ତରଖାନାରେ ଜେନେରେଟର ଏବଂ ଡିଜେଲ୍ ମହଜୁଦ୍ ରଖିବା ପାଇଁ କୁହାଯାଇଛି। ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ଗଛର ଡାଳ ତୁରନ୍ତ କାଟିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗଛ କାଟିବା ପାଇଁ ଆବଶ୍ୟକ ଗାଡ଼ି ସହ ଅଗ୍ନିଶମ ବିଭାଗର ୬୫ଟି ଗଛକଟା ମେଶିନ ଏବଂ ୧୦ଟି ଟିମ୍ ସଜାଗ ରହିଛନ୍ତି। ସେମାନଙ୍କ ସହ ବିଏମ୍‌ସିର ଗଛ କଟାଳି, ମେଶିନ ଓ ଗାଡ଼ି ମଧ୍ୟ ପ୍ରସ୍ତୁତ ରହିଛି। ସେମାନଙ୍କୁ ସହାୟତା କରିବା ପାଇଁ ୫୦ ଜଣିଆ ଟିମ୍ ଗଠନ କରାଯାଇଛି। ସେମାନେ ୨୪ ଘଣ୍ଟିଆ କାମ କରିବେ। ସେହିପରି ବିଭିନ୍ନ ସ୍ଥାନରେ ଥିବା ବଡ଼ ବଡ଼ ହୋର୍ଡିଂଗୁଡ଼ିକୁ ହଟାଇ ଦିଆଯାଇଛି। ପ୍ରତ୍ୟେକ ୱାର୍ଡରେ କର୍ପୋରେଟରଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କୁ ଜାଗ୍ରତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। କର୍ପୋରେଟର, ନୋଡାଲ ଅଫିସର, ଦାୟିତ୍ୱରେ ଥିବା ଅଧିକାରୀ, ମେୟର ସମସ୍ତଙ୍କ ନମ୍ବର ଶେୟାର କରିବାକୁ କୁହାଯାଇଛି। ଯେତେବେଳେ, ଯେଉଁଠି ଏବଂ ଯାହା ଦରକାର ପଡ଼ିବ, କାଳ ବିଳମ୍ବ ନ କରି ତୁରନ୍ତ କାର୍ଯ୍ୟକାରୀ କରିବାକୁ ସମସ୍ତଙ୍କୁ ତାଗିଦ କରାଯାଇଛି।



ସମ୍ଭାବ୍ୟ ବାତ୍ୟା ପୂର୍ବରୁ ମଙ୍ଗଳବାର ପରିବା କିଣିବା ପାଇଁ ରସୁଲଗଡ଼ କୋଚିଲେଇ ହାଟରେ ଗ୍ରାହକଙ୍କ ଭିଡ଼। (ଫଟୋ: ମନୋରଞ୍ଜନ ମିଶ୍ର)

# ବାତ୍ୟା ସମୟରେ ତ୍ୱରିତ ସେବା ଯୋଗାଅ: ପୋଲିସ କମିଶନର



ଭୁବନେଶ୍ୱର,୨୨।୧୦(ସତ୍ୟଜିତ୍ ରାଉତ)

ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଏହାର ମୁକାବିଲା ପାଇଁ ଭୁବନେଶ୍ୱର-କଟକ କମିଶନରେଟ୍ ପୋଲିସ ପକ୍ଷରୁ ପ୍ରସ୍ତୁତି ହୋଇଛି। ମଙ୍ଗଳବାର ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ଭିଡିଓ କନଫରେନ୍ସ ଜରିଆରେ ଥାନାଗୁଡ଼ିକର ଆଇଆଇସିଙ୍କ ସହ ଆଲୋଚନା କରିଛନ୍ତି। ଚେକ୍ ଲିଷ୍ଟ ଅନୁଯାୟୀ ସମସ୍ତ ଆବଶ୍ୟକୀୟ ସାମଗ୍ରୀ ସହିତ ସଜାଗ ରହିବାକୁ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ଜଟିଳ ପରିସ୍ଥିତି ସମୟରେ ଲୋକଙ୍କୁ ତୁରନ୍ତ ଏବଂ ପ୍ରଭାବଶାଳୀ ସେବା ଯୋଗାଇବା ଉପରେ କମିଶନର ଗୁରୁତ୍ୱାରୋପ କରିଛନ୍ତି। ଏହି ସମୟରେ ସମ୍ପୃକ୍ତ ଏଜେନ୍ସିଗୁଡିକ ସହିତ ସମନ୍ୱୟ ରକ୍ଷା କରିବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

# ଅସହାୟଙ୍କ ମୁହଁରେ ହସ ଫୁଟାଇବାକୁ ପଡ଼ିବ

ଭୁବନେଶ୍ୱର,୨୨।୧୦(ବନ୍ଦନା ସେଠୀ)

ଭୁବନେଶ୍ୱର ଟଙ୍କପାଣି ରୋଡ୍‌ଠାରେ ସ୍ୱାମୀ ସଂଯୋଗ ସେବାନୁଷ୍ଠାନ ଓ ପ୍ରକାଶନୀ କାର୍ଯ୍ୟାଳୟର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶିଷ୍ଟ କବି ତଥା ଗୀତିକାର ଡା. ସହଦେବ ସ୍ୱାଇଁ ଯୋଗଦେଇ କହିଛନ୍ତି ଯେ, ଈଶ୍ୱର ତଥା ସ୍ୱାମୀ ହେଉଛନ୍ତି ଆମ ସମସ୍ତଙ୍କର ମାଲିକ। ସେ ସବୁଠି ଅଛନ୍ତି। ନିରନ୍ତର ସାଧନା ବଳରେ ସେହି ସ୍ୱାମୀଙ୍କ ସହ ଆମେ ସଂଯୋଗ ହୋଇପାରିବା। ନିଷ୍ଠା, ଭକ୍ତି ଓ ଉଦ୍ୟମ ବଳରେ ହିଁ ତାଙ୍କ ସହ ଭାବ ବିନିମୟ କରିପାରିବା। ଏହି ଅବସରରେ ଡ. ସହଦେବ ସ୍ୱାମୀ ଚିଦାନନ୍ଦଙ୍କ ଅମୃତବାଣୀ ପ୍ରକାଶ କରିବା ସହ କହିଥିଲେ, ସତ୍ୟ ହିଁ ପରମଧର୍ମ। ସମାଜର ହିତ ସାଧନା ପାଇଁ ସମସ୍ତେ ସତ୍ୟ କହିବା ଉଚିତ୍। କରୁଣା, ଦୟା ଓ ପ୍ରେମ ସବୁରି ମଧ୍ୟରେ ରହିଛି। ଦୁଃଖୀ, ଦରିଦ୍ର ଓ ଅସହାୟଙ୍କ ମୁହଁରେ ହସ ଫୁଟାଇବା ପାଇଁ ଆମମାନଙ୍କୁ କରୁଣାର ଗଙ୍ଗା ବୁହାଇବାକୁ ପ୍ରେମର ଭାଷାକୁ ପିଲାଠୁ ଆରମ୍ଭ କରି ବୁଢ଼ା, ଅନ୍ଧଠୁ ଆରମ୍ଭ କରି ବଧିର ପର୍ଯ୍ୟନ୍ତ ସଭିଏଁ ବୁଝିପାରନ୍ତି। କରୁଣା, ଦୟା ଓ ପ୍ରେମ ଭାବନାରେ ଜଡ଼ିତ ହେବା ହେଉଛି ସ୍ୱାମୀ ସଂଯୋଗର ମୁଖ୍ୟ ଉଦ୍ଦେଶ୍ୟ। ଏନେଇ ଲୋକଙ୍କ ହୃଦୟର ସହ ଯୋଡ଼ି ହୋଇ ଏକ ମନ ଓ ଏକ ପ୍ରାଣ ହୋଇ କାନ୍ଧରେ କାନ୍ଧ ମିଶାଇ ଅଗ୍ରସର ହେବାକୁ ଡ. ସହଦେବ ଆହ୍ୱାନ ଦେଇଥିଲେ। ସମ୍ପାଦକ ସିଦ୍ଧେଶ୍ୱର ପଣ୍ଡା କାର୍ଯ୍ୟକ୍ରମରେ ଅନୁଷ୍ଠାନର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ବିଷୟରେ କହିଥିଲେ। ସେ କହିଥିଲେ, ଆମେ ସମସ୍ତେ ଗୋଟିଏ ପରିବାରର ସଦସ୍ୟ। ଏନେଇ ପରସ୍ପର ଭିତରେ କିଭଳି ସଦ୍‌ଭାବନାର ଭାବାବେଗ ବଜାୟ ରଖିହେବ ସେଥିପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। ଅନ୍ୟମାନଙ୍କ ମଧ୍ୟରେ ଆୟୁର୍ବେଦିକ ଡାକ୍ତର ପୁଷ୍ପଲତା ସ୍ୱାଇଁ, ବରିଷ୍ଠ ସାମାଜିକ କର୍ମୀ ଶୈଳେନ୍ଦ୍ର ଛାଟୋଇ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସଦସ୍ୟା ଅନୁରାଧା ତିୱାରୀ ଧନ୍ୟବାଦ ଅର୍ପଣ କରିଥିଲେ।



ଡ. ସହଦେବଙ୍କୁ ସ୍ୱାମୀ ସଂଯୋଗ ପକ୍ଷରୁ ଭଗବତ ଗୀତା ପ୍ରଦାନ କରାଯାଉଛି ।



ଆଙ୍ଗିକ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ମଙ୍ଗଳବାର ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ୮ମ ଗୁରୁପୂଜନ ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ମାନିତ ବ୍ୟକ୍ତିତ୍ୱ।

# ଦୟାନିଧି ଦାସଙ୍କୁ ମରଣୋତ୍ତର 'ଆଙ୍ଗିକ ଗୁରୁଶ୍ରେଷ୍ଠ ସମ୍ମାନ'

**୩ ଗୁରୁଙ୍କୁ ଆଙ୍ଗିକ ଗୁରୁଶ୍ରୀ ସମ୍ମାନ**

ଭୁବନେଶ୍ୱର,୨୨।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ଆଙ୍ଗିକ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ମଙ୍ଗଳବାର ରବୀନ୍ଦ୍ର ମଣ୍ଡପରେ ୮ମ ଗୁରୁପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ମହାନ୍ ନୃତ୍ୟଗୁରୁ ସ୍ୱର୍ଗତ ଦୟାନିଧି ଦାସଙ୍କୁ ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ମରଣୋତ୍ତର 'ଆଙ୍ଗିକ ଗୁରୁଶ୍ରେଷ୍ଠ ସମ୍ମାନ' ପ୍ରଦାନ କରାଯାଇଛି। ଏଥିସହ ମର୍ଦ୍ଦଳ ବାଦକ ଗୁରୁ ସଚ୍ଚିଦାନନ୍ଦ ଦାସ, ଗୁରୁ ପଦ୍ମଶ୍ରୀ ଡ. ଇଲିଆନା ଚିତାରିସ୍ତି ଏବଂ ଓଡ଼ିଶୀ ନୃତ୍ୟ ଗୁରୁ ସିକତା ଦାସଙ୍କୁ ଆଙ୍ଗିକ ଗୁରୁଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଛି। ଉତ୍ସବରେ ଅତିଥି ଭାବେ ଓଡ଼ିଶୀ ନୃତ୍ୟଗୁରୁ ଡ. ସ୍ନେହପ୍ରଭା ସାମନ୍ତରାୟ, ଗୁରୁ ରତିକାନ୍ତ ମହାପାତ୍ର, କାଦମ୍ବିନୀ ସମ୍ପାଦିକା ଇତିରାଣୀ ସାମନ୍ତ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ଭାସ୍କର୍ଯ୍ୟ ଶିଳ୍ପୀ ରବିନାରାୟଣ ରଥ ଅତିଥି ପରିଚୟ ଏବଂ ଉପଦେଷ୍ଟା ଡ. ଶେଖ କଲିମୁଲ୍ଲା ଓ ଆଙ୍ଗିକ ସମ୍ପାଦିକା ଶ୍ରାବଣୀ ମିତ୍ର ଧନ୍ୟବାଦ ଦେଇଥିଲେ। କବିଗୁରୁ ରବୀନ୍ଦ୍ରନାଥ ଟାଗୋରଙ୍କ ୬ଟି ଋତୁ ଉପରେ ଆଧାରିତ 'ରିତୁ ରଙ୍ଗ'ର ଓଡ଼ିଆ ଅନୁବାଦ ଯାହା କି ପ୍ରଥମ ଥର ପାଇଁ ଓଡ଼ିଶୀ ନୃତ୍ୟ ମାଧ୍ୟମରେ ପ୍ରଦର୍ଶିତ ହୋଇଥିଲା। ଏହାର ନିର୍ଦ୍ଦେଶନା ଦେଇଥିଲେ ଗୁରୁ ଶ୍ରାବଣୀ ମିତ୍ର। ଗୁରୁ ସଚ୍ଚିଦାନନ୍ଦ ଦାସଙ୍କ ବୃନ୍ଦ ମର୍ଦ୍ଦଳ ବାଦନ, ଆର୍ଟ ଭିଜନ, ଓଡ଼ିଶୀ ନୃତ୍ୟ ମଣ୍ଡଳ ଓ ଦୟାନିଧି ସ୍ମୃତି କଳା ପରିଷଦର ପରିବେଷଣ ମଧ୍ୟ ଦର୍ଶକଙ୍କ ଦ୍ୱାରା ଆଦୃତ ହୋଇଥିଲା। ଡ. ଶ୍ରୀନିବାସ ଘଟୁଆରୀ ମଞ୍ଚ ପରିଚାଳନା କରିଥିଲେ। ମଲ୍ଲିକା ମିତ୍ର ଓ ଭକ୍ତିଲତା ରାମ ସହଯୋଗ କରିଥିଲେ।

## କଳାଭୂମି ପରିଦର୍ଶନ କଲେ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ

ଭୁବନେଶ୍ୱର,୨୨।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ମଙ୍ଗଳବାର ପୋଖରୀପୁଟ ଶିଳ୍ପୀବିହାରସ୍ଥିତ ରାଜ୍ୟ ହସ୍ତଶିଳ୍ପ ସଂଗ୍ରହାଳୟ 'କଳାଭୂମି' ପରିଦର୍ଶନ କରିଛନ୍ତି। ସେଠାରେ ପ୍ରଦର୍ଶିତ ରାଜ୍ୟର ଅନନ୍ୟ କଳାକୃତିଗୁଡ଼ିକୁ ଦେଖି ସେ ଅଭିଭୂତ ହୋଇଥିଲେ। 'କଳାଭୂମି' ପରିଦର୍ଶନ କଲେ ଆମ ଐତିହ୍ୟସମ୍ପନ୍ନ ହସ୍ତଶିଳ୍ପର ସମୃଦ୍ଧ ପରମ୍ପରା ବିଷୟରେ ଜାଣିହେବ ବୋଲି ସେ କହିଛନ୍ତି। ଏହି ପରିଦର୍ଶନ ସମୟରେ ସ୍ୱତନ୍ତ୍ର ଶାସନ ସଚିବ ମଧୁମିତା ରଥ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ନିର୍ଦ୍ଦେଶିକା ପ୍ରଣତି ଛୋଟରାୟ, ବ୍ୟକ୍ତିଗତ ସଚିବ ପୀତାମ୍ବର ସାମଲ, ହସ୍ତଶିଳ୍ପର ଯୁଗ୍ମ ନିର୍ଦ୍ଦେଶକ ଶିଶିର କୁମାର ରଥ ପ୍ରମୁଖ ଉପସ୍ଥିତ ଥିଲେ।

## ଗାଡ଼ି ଧକ୍କାରେ ଶ୍ରମିକ ମୃତ

ବାରଙ୍ଗ/ତ୍ରିଶୂଳିଆ,୨୨।୧୦(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା) ତ୍ରିଶୂଳିଆ ସୁବାସ ସେତୁ ଉପରେ ଏକ ଗାଡ଼ି ଧକ୍କାରେ ମଙ୍ଗଳବାର ସକାଳେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବଡମ୍ବା ଥାନା ଅଧୀନ ଝରିଆଗ୍ରାମର ପ୍ରଫୁଲ୍ଲ ରାଉତ (୪୫)। ଏନେଇ ପରିବାର ଲୋକଙ୍କ ବାରଙ୍ଗ ଥାନାରେ ଏକ ଲିଖିତ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପ୍ରଫୁଲ୍ଲ ମଙ୍ଗଳବାର ସକାଳୁ ସାଇକେଲ ଯୋଗେ କଟକରୁ ସୁବାଷ ସେତୁ ଦେଇ ତ୍ରିଶୂଳିଆ ଆସୁଥିଲେ। ସେତୁ ଉପରେ ପଛପଟୁ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇ ସେଠାରୁ ପଳାଇ ଯାଇଥିଲା। ଘଟଣାସ୍ଥଳରେ ପ୍ରଫୁଲ୍ଲ ଗୁରୁତର ଅବସ୍ଥାରେ ପଡ଼ିଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।



୫ଦଫା ଦାବିରେ ଓଡ଼ିଶା ସେଲ୍ସ ରିପ୍ରେଜେଣ୍ଟେଟିଭ୍ ୟୁନିୟନ ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକଠାରେ ଧାରଣା ଦିଆଯାଇଛି। (ଫଟୋ-ମନୋରଞ୍ଜନ ମିଶ୍ର)

# ଏଜୁକେଶନ-ୱାର୍ଲ୍ଡ ଇଣ୍ଡିଆ ସ୍କୁଲ ର୍‍ୟାଙ୍କିଙ୍ଗ୍‌ରେ ଓଡିଏମ୍‌ର ପାରଦର୍ଶିତା



ଭୁବନେଶ୍ୱର,୨୨।୧୦
(ଅନୁରାଧା ମହାରଣା)

ଏଜୁକେଶନ୍-ୱାର୍ଲ୍ଡ ଇଣ୍ଡିଆ ସ୍କୁଲ୍ ର୍‍ୟାଙ୍କିଙ୍ଗ୍‌ରେ ଚଳିତ ଶିକ୍ଷାବର୍ଷ ୨୦୨୪-୨୫ ପାଇଁ ପୂର୍ବ ଭାରତର ଅଗ୍ରଣୀ ସିବିଏସ୍‌ଇ ବିଦ୍ୟାଳୟଗୁଡିକ ମଧ୍ୟରେ କ୍ରମାଗତ ଭାବେ ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ୨ଟି ବିଦ୍ୟାଳୟ ଯଥା- ଓଡିଏମ୍ ପବ୍ଲିକ୍ ସ୍କୁଲ୍ ଏବଂ ଓଡିଏମ୍ ଗ୍ଲୋବାଲ୍ ସ୍କୁଲ୍, ଭୁବନେଶ୍ୱର ରାଷ୍ଟ୍ରସ୍ତରୀୟ ଶିକ୍ଷା ଜଗତରେ ନିଜର ପାରଦର୍ଶିତା ଅର୍ଜନ କରିପାରିଛନ୍ତି। ଓଡିଏମ୍ ପବ୍ଲିକ୍ ସ୍କୁଲ୍, ଭୁବନେଶ୍ୱର 'କୋ-ଏଡ୍' ଏବଂ ବୋର୍ଡିଂ ସ୍କୁଲ୍ ବର୍ଗରେ ଓଡ଼ିଶାରେ ଦ୍ୱିତୀୟ ସ୍ଥାନ ଲାଭ କରିଥିବାବେଳେ ସମଗ୍ର ଭାରତରେ ଦଶମ ସ୍ଥାନ ଅଧିକାର କରିପାରିଛି । ସେହିଭଳି ଓଡିଏମ୍ ଗ୍ଲୋବାଲ୍ ସ୍କୁଲ୍, ଭୁବନେଶ୍ୱର 'କୋ-ଏଡ୍-ଡେ' ବିଦ୍ୟାଳୟଗୁଡିକ ମଧ୍ୟରେ ୫ମ ସ୍ଥାନ ହାସଲ କରି ଶିକ୍ଷା ଜଗତରେ ଖ୍ୟାତି ଅର୍ଜନ କରିପାରିଛି। ଏଜୁକେଶନ ୱାର୍ଲ୍ଡର ଅଭିଜ୍ଞ ବିଶେଷଜ୍ଞମଣ୍ଡଳୀ ଦ୍ୱାରା ବିଭିନ୍ନ ମାନଦଣ୍ଡରେ ମୂଲ୍ୟାଙ୍କନ କରାଯାଇ ଓଡିଏମ୍‌ର ଉତ୍କର୍ଷତାକୁ ସମ୍ମାନିତ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନ ଦିଲ୍ଲୀ ଗସ୍ତ କରି ଉକ୍ତ ପୁରସ୍କାର ଗ୍ରହଣ କରିଛନ୍ତି। ଓଡିଏମ୍ ଶିକ୍ଷାସମୂହର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱୟନ୍ ସତ୍ୟେନ୍ଦୁ କହିଛନ୍ତି, ଏହି ମାନ୍ୟତା ଗୁଣାତ୍ମକ ଶିକ୍ଷା ପ୍ରଦର୍ଶନ କ୍ଷେତ୍ରରେ ଆମର ପ୍ରତିବଦ୍ଧତାର ସୂଚକ ଅଟେ। ପ୍ରତିଷ୍ଠାତା ଡ. ମୀନକେତନ ବିଦ୍ୟାଳୟର ଏଭଳି ସଫଳତା ପାଇଁ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, ଅଭିଭାବିକା ଅଭିଭାବକ, କର୍ମଚାରୀମାନଙ୍କୁ ସାଧୁବାଦ ଜଣାଇଛନ୍ତି। ବିଦ୍ୟାଳୟ ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ ଏବଂ ସମସ୍ତ ଶିକ୍ଷୟିତ୍ରୀ, ଅଭିଭାବକମାନେ ଏହି ସଫଳତା ନିମନ୍ତେ ଡ. ମୀନକେତନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଷ୍ଟୁଡେଣ୍ଟ୍ସ ଏଗେନ୍‌ଷ୍ଟ କରପ୍‌ଶନ୍‌ର ଆନ୍ଦୋଳନ ସ୍ଥଗିତ

ଭୁବନେଶ୍ୱର,୨୨।୧୦(ଶର୍ମିଷ୍ଠା ପାଣିଗ୍ରାହୀ): ଓଏସ୍‌ଏସ୍‌ଏସ୍‌ସିର ଆର୍‌ଆଇ, ଅମିନ ପରୀକ୍ଷାରେ ବ୍ୟାପକ ଅନିୟମିତତାକୁ ବିରୋଧ କରି ଷ୍ଟୁଡେଣ୍ଟ୍ସ ଏଗେନ୍‌ଷ୍ଟ କରପ୍‌ଶନ୍ ନେତୃତ୍ୱରେ ସାରା ରାଜ୍ୟରେ ଆନ୍ଦୋଳନ କରାଯାଇଥିଲା। ଏହାପରେ ସରକାର ସବୁ ବିଷୟରେ ଅବଗତ ଅଛନ୍ତି ଓ ଶୀଘ୍ର ସମୁଚିତ ନିଷ୍ପତ୍ତି ନିଆଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ପ୍ରେସ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଥିଲା। ପରୀକ୍ଷା ବାତିଲ ଦାବିରେ ବିଭିନ୍ନ ଜିଲାରେ ଆନ୍ଦୋଳନ ଜାରି ରହିଥିବାବେଳେ ସହସ୍ରାଧିକ ପରୀକ୍ଷାର୍ଥୀଙ୍କ ଦ୍ୱାରା ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଅନୁରୋଧପତ୍ର ପ୍ରେରଣ କରାଯାଇଥିଲା। ଆସନ୍ତା ୨୪ତାରିଖରେ ନିଯୁକ୍ତି ଦୁର୍ନୀତି ବିରୋଧରେ ମହାସଂଗ୍ରାମ ଡାକରା ଦିଆଯାଇଥିଲା। ତେବେ ବାତ୍ୟାକୁ ଦୃଷ୍ଟିରେ ରଖି ଏହି ଆନ୍ଦୋଳନ ସ୍ଥଗିତ ରଖାଯାଇଛି। ଆନ୍ଦୋଳନ ନେଇ ଖୁବଶୀଘ୍ର ଆଗାମୀ ତାରିଖ ଘୋଷଣା କରାଯିବ ବୋଲି ସଙ୍ଗଠନ ପକ୍ଷରୁ ସୂଚନା ଦିଆଯାଇଛି।

# 'ଉତ୍ତର-ପୂର୍ବାଞ୍ଚଳ କବିଙ୍କ ସହ ଜୟନ୍ତଙ୍କର ଥିଲା ଘନିଷ୍ଠତା'

**ପ୍ରଥମ ଜୟନ୍ତ ମହାପାତ୍ର ସ୍ମାରକୀ ବକ୍ତୃତା**

ଭୁବନେଶ୍ୱର,୨୨।୧୦
(ଶର୍ମିଷ୍ଠା ପାଣିଗ୍ରାହୀ)

କେତକୀ ଫାଉଣ୍ଡେଶନ ଟ୍ରଷ୍ଟ ଦ୍ୱାରା ଆୟୋଜିତ ପ୍ରଥମ ଜୟନ୍ତ ମହାପାତ୍ର ସ୍ମାରକୀ ବକ୍ତୃତା ମଙ୍ଗଳବାର ଗୀତଗୋବିନ୍ଦ ସଦନଠାରେ ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ତଥା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଔପନ୍ୟାସିକା ତଥା ସାମ୍ବାଦିକା ମାମାଙ୍ଗ ଦାଇ ଯୋଗଦେଇ କହିଥିଲେ, ଜୟନ୍ତ ମହାପାତ୍ରଙ୍କ ସମ୍ପର୍କରେ ଏହା କେବଳ ଏକ ଆୟୋଜନ ନୁହେଁ, ବରଂ ଜୀବନର ଗୋଟିଏ ଉତ୍ସବ। ସେ ଜୟନ୍ତଙ୍କ କବିତା ଓ ଜୀବନ ଯନ୍ତ୍ରଣା ଉପରେ ତାଙ୍କର ମନୋଜ୍ଞ ଅଭିଭାଷଣ ପ୍ରଦାନ କରିଥିଲେ। ଉତ୍ତର-ପୂର୍ବାଞ୍ଚଳ କବିମାନଙ୍କ ସହ ଜୟନ୍ତଙ୍କର ଘନିଷ୍ଠତାକୁ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ କବି, ଗୀତିକାର ଏବଂ ଗାଳ୍ପିକ ଦେବଦାସ ଛୋଟରାୟ ଯୋଗଦେଇ ଜୟନ୍ତଙ୍କ ସହ ତାଙ୍କର ବ୍ୟକ୍ତିଗତ ସମ୍ପର୍କ ଓ କଟକର ସାହିତ୍ୟିକ ପାଣିପାଗ ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ିଆ ଭାଷାରେ ସୁନାମ ଅର୍ଜନ କରିଥିବା କବି ମନୁଆ ଦାଶ, କେଦାର ମିଶ୍ର, ବାସୁଦେବ ସୁନାନୀ, ପ୍ରତୀକ୍ଷା ଜେନା ଓ ଇଂରାଜୀ କବି ପ୍ରୋବାଲ ମଜୁମଦାର ଜୟନ୍ତ ମହାପାତ୍ରଙ୍କ ଓଡ଼ିଆ ଓ ଇଂଲିଶ କବିତା ପାଠ କରିଥିଲେ। ସଭା ଆରମ୍ଭରେ ଅଧ୍ୟାପିକା ରଚିତା ସ୍ୱାଇଁ ଅତିଥିମାନଙ୍କୁ ଆମନ୍ତ୍ରଣ କରିବା ସହ ପରିଚୟ ପ୍ରଦାନ କରିଥିଲେ। ସଭାରେ ଟ୍ରଷ୍ଟି ଡ. ରବିନ୍ଦ୍ର କୁମାର ସ୍ୱାଇଁ ସଭାପତିତ୍ୱ କରି ଜୟନ୍ତ ମହାପାତ୍ର ଓ ତାଙ୍କ ସାହିତ୍ୟ ଜୀବନ ସମ୍ବନ୍ଧ ବିଷୟରେ ଆଲୋକପାତ କରିଥିଲେ। ଜୟନ୍ତ ମହାପାତ୍ର ସ୍ମାରକୀ ବକ୍ତୃତାମାଳା ଏକ ବାର୍ଷିକ କାର୍ଯ୍ୟକ୍ରମ ଭାବେ ଆୟୋଜନ କରାଯିବ ବୋଲି ସେ ଘୋଷଣା କରିଥିଲେ।




ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ସଂକ୍ଷେପରେ**

## ବାଗଲପୁରରେ ସାଂସ୍କୃତିକ ଉତ୍ସବ

ବାଲିପାଟଣା,୨୨।୧୦(ଅଭିମନ୍ୟୁ ନାୟକ)

ବାଲିପାଟଣା ବ୍ଲକ ତୁରନ୍ତିରା ପଞ୍ଚାୟତ ଅଧୀନ ବାଗଲପୁର ଗ୍ରାମରେ ଗଜଲକ୍ଷ୍ମୀ ପୂଜା ଅବସରରେ ଗତ ସୋମବାର ସାଂସ୍କୃତିକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ଅରୁଣ କୁମାର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବାଲିପାଟଣା ପ୍ରେସ କ୍ଲବର ସଭାପତି ଦିଲୀପ କୁମାର ଓଝା ଯୋଗଦେଇ ମତବ୍ୟକ୍ତ କରିଥିଲେ। ସେହିପରି ପ୍ରାଚୀଧାରା ପତ୍ରିକାର ସମ୍ପାଦକ ଭଗବାନ ସାହୁ, ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆ, ସ୍ଥାନୀୟ ସିଆର୍‌ସିସି ଝୁନି ଦେଇ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବଂଶୀ ବାଦକ ରାଜକିଶୋର ଦଳବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସାମ୍ବାଦିକ ଗଙ୍ଗାଧର ଓଝା, ବଦ୍ରି ମହାପାତ୍ର, ରମେଶ ରଥ, ସୁମିତି ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ରାମଲୀଳା ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ୮୦ ଲିଟର ଦେଶୀମଦ ଜବତ, ବେପାରୀ ଗିରଫ

ବାରଙ୍ଗ/ତ୍ରିଶୂଳିଆ,୨୨।୧୦
(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

ବେଆଇନ ଭାବେ ଚୋରାରେ ଦେଶୀମଦ ବିକ୍ରି କରିବା ଅଭିଯୋଗରେ ନନ୍ଦନକାନନ ଥାନା ପୋଲିସ ଜଣେ ବେପାରୀଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଗଣ୍ଡରପୁର ମଝିସାହିର ଗଣେଶ ରାଉତ(୪୨)। ଯାଞ୍ଚବେଳେ ତାଙ୍କ ପାଖରୁ ୮୦ ଲିଟର ଦେଶୀମଦ ଜବତ ହୋଇଛି। ଏନେଇ ପୋଲିସ ୨୯୯/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସେ ପଦାସାହି ରେଲ୍‌ୱେ ଷ୍ଟେଶନ ରାସ୍ତାରେ ବେଆଇନ ଭାବେ ଦେଶୀମଦ ବିକ୍ରି କରୁଥିଲେ। ବିଶେଷ ସୂତ୍ରରୁ ଖବର ପାଇ ନନ୍ଦନକାନନ ଥାନା ଅଧିକାରୀ ସମିତା ମିଶ୍ର ଚଢ଼ାଉ କରି ଗଣେଶଙ୍କୁ କାବୁ କରିଥିଲେ। ଗଣେଶଙ୍କ ନାମରେ ପୂର୍ବରୁ ନନ୍ଦନକାନନ ଥାନାରେ ୨ଟି ବେଆଇନ ମଦ ବିକ୍ରି ଜନିତ ମାମଲା ରହିଥିବା ତଦନ୍ତବେଳେ ପୋଲିସ ଜାଣିବାକୁ ପାଇଛି।

## ଷ୍ଟୁଡେଣ୍ଟ୍ସ ଏଗେନ୍‌ଷ୍ଟ କରପ୍‌ଶନ୍‌ର ଆନ୍ଦୋଳନ ସ୍ଥଗିତ

ଭୁବନେଶ୍ୱର,୨୨।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ଓଏସ୍ଏସ୍ଏସ୍‌ସିର ଆର୍‌ଆଇ, ଅମିନ ପରୀକ୍ଷାରେ ବ୍ୟାପକ ଅନିୟମିତତାକୁ ବିରୋଧ କରି ଷ୍ଟୁଡେଣ୍ଟ୍ସ ଏଗେନ୍‌ଷ୍ଟ କରପ୍‌ଶନ୍ ନେତୃତ୍ୱରେ ସାରା ରାଜ୍ୟରେ ଆନ୍ଦୋଳନ କରାଯାଇଥିଲା। ଏହାପରେ ସରକାର ସବୁ ବିଷୟରେ ଅବଗତ ଅଛନ୍ତି ଓ ଶୀଘ୍ର ସମୁଚିତ ନିଷ୍ପତ୍ତି ନିଆଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ପ୍ରେସ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଥିଲା। ପରୀକ୍ଷା ବାତିଲ ଦାବିରେ ବିଭିନ୍ନ ଜିଲାରେ ଆନ୍ଦୋଳନ ଜାରି ରହିଥିବାବେଳେ ସହସ୍ରାଧିକ ପରୀକ୍ଷାର୍ଥୀଙ୍କ ଦ୍ୱାରା ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଅନୁରୋଧପତ୍ର ପ୍ରେରଣ କରାଯାଇଥିଲା। ଆସନ୍ତା ୨୪ତାରିଖରେ ନିଯୁକ୍ତି ଦୁର୍ନୀତି ବିରୋଧରେ ମହାସଂଗ୍ରାମ ଡାକରା ଦିଆଯାଇଥିଲା। ତେବେ ବାତ୍ୟାକୁ ଦୃଷ୍ଟିରେ ରଖି ଏହି ଆନ୍ଦୋଳନ ସ୍ଥଗିତ ରଖାଯାଇଛି। ଆନ୍ଦୋଳନ ନେଇ ଖୁବଶୀଘ୍ର ଆଗାମୀ ତାରିଖ ଘୋଷଣା କରାଯିବ ବୋଲି ସଙ୍ଗଠନ ପକ୍ଷରୁ ସୂଚନା ଦିଆଯାଇଛି।

## ଗାଡ଼ି ଧକ୍କାରେ ସାଇକେଲ ଆରୋହୀ ମୃତ

ବାରଙ୍ଗ/ତ୍ରିଶୂଳିଆ,୨୨।୧୦
(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

ତ୍ରିଶୂଳିଆ ସୁବାସ ସେତୁ ଉପରେ ଏକ ଗାଡ଼ି ଧକ୍କାରେ ମଙ୍ଗଳବାର ସକାଳେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବଡମ୍ବା ଥାନା ଅଧୀନ ଝରିଆଗ୍ରାମର ପ୍ରଫୁଲ୍ଲ ରାଉତ (୪୫)। ଏନେଇ ପରିବାର ଲୋକଙ୍କ ବାରଙ୍ଗ ଥାନାରେ ଏକ ଲିଖିତ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପ୍ରଫୁଲ୍ଲ ମଙ୍ଗଳବାର ସକାଳୁ ସାଇକେଲ ଯୋଗେ କଟକରୁ ସୁବାଷ ସେତୁ ଦେଇ ତ୍ରିଶୂଳିଆ ଆସୁଥିଲେ। ସେତୁ ଉପରେ ପଛପଟୁ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇ ସେଠାରୁ ପଳାଇ ଯାଇଥିଲା। ଘଟଣାସ୍ଥଳରେ ପ୍ରଫୁଲ୍ଲ ଗୁରୁତର ଅବସ୍ଥାରେ ପଡ଼ିଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

# ପିଲାଙ୍କ ଅନ୍ତର୍ନିହିତ ପ୍ରତିଭା ବିକଶିତକରେ ସୁରଭି

କୃଷ୍ଣପ୍ରସାଦ/ ବାଣପୁର,୨୨।୧୦
(କୈଳାସ ଚନ୍ଦ୍ର ପଟ୍ଟନାୟକ/ ଦିଲୀପ କୁମାର ସ୍ୱାଇଁ)


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

କୃଷ୍ଣପ୍ରସାଦ ମଣ୍ଡଳ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୪ ଚିଲିକା ନୂଆପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ କବିରାଜ ଜେନା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ନାରାୟଣ ବିଦ୍ୟାପୀଠ ପ୍ରଧାନଶିକ୍ଷକ ପ୍ରବୀର ଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବିଆର୍‌ସିସି ସତ୍ୟବ୍ରତ ସାହୁ, ମୁଖ୍ୟ ବକ୍ତା ବ୍ରହ୍ମଗିରି ବିଆର୍‌ସିସି ପ୍ରଶାନ୍ତ କୁମାର ଜେନା, ସମ୍ମାନିତ ଅତିଥି ଅତିରିକ୍ତ ଶିକ୍ଷା ଅଧିକାରୀ ସିଦ୍ଧେଶ୍ୱର କରଣ, ବରିଷ୍ଠ ପ୍ରଧାନ ଶିକ୍ଷକ ସନାତନ ତରେଇ, ମାଲୁଦ ଶିକ୍ଷା ସର୍କଲ ସଭାପତି ବିମଳ କୁମାର ରଣସିଂହ, ନୂଆପଡ଼ା ଶିକ୍ଷା ସର୍କଲ ସଭାପତି ବସନ୍ତ କୁମାର ଜାଲି, ସାତପଡ଼ା ଶିକ୍ଷା ସର୍କଲ ସଭାପତି ସୁବାସ ଚନ୍ଦ୍ର ପ୍ରଧାନ, ଉଗ୍ରେସନ ଶଙ୍ଖୁଆଳ, ଚକ୍ରଧର ମିସ୍ତ୍ରୀ, ବିଶ୍ୱ ରଞ୍ଜନ ଜେନା, ଖଗେଶ୍ୱର ଜେନା ପ୍ରମୁଖ ଯୋଗଦେଇ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟରୁ ୫ଶହ ଜଣ ଛାତ୍ରୀଛାତ୍ର ଯୋଗଦେଇଥିବା ବେଳେ ୨୯ ଜଣ ପ୍ରତିଯୋଗୀ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି। ଅତିଥିମାନଙ୍କ ଦ୍ୱାରା କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଏବଂ ଟ୍ରଫି ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା। ସିଆର୍‌ସିସି ବିଦ୍ୟାଧର ଜେନା, ସୁନୀଲ କୁମାର ଜେନା, ରମାକାନ୍ତ ଜେନା, ସତ୍ୟବାଦୀ ବିଶ୍ୱାଳ, ପ୍ରଶାନ୍ତ କୁମାର ନାୟକ, ଧ୍ରୁବ ଚରଣ ପ୍ରଧାନ, ଦାଶରଥି ମହାନ୍ତି, ପ୍ରଶାନ୍ତ କୁମାର ପ୍ରଧାନ, ସୁକାନ୍ତ କୁମାର ଜେନାଙ୍କ ସମେତ ୧୭ଜଣ ଆଞ୍ଚଳିକ ସାଧନକର୍ମୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରଦୀପ କୁମାର ପଲେଇ ମଞ୍ଚ କାର୍ଯ୍ୟ ପରିଚାଳନା କରିଥିବା ବେଳେ ବୈକୁଣ୍ଠ ନାଥ ବଳବନ୍ତରାୟ ଧନ୍ୟବାଦ ଦେଇଥିଲେ।

ବାଣପୁର ବ୍ଲକର ୧୨ଟି କ୍ଲଷ୍ଟରକୁ ନେଇ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୪ ବାଣପୁର ଗୋଷ୍ଠୀ ଶିକ୍ଷା ଆନୁକୂଲ୍ୟରେ ସ୍ଥାନୀୟ ଗୋଦାବରୀଶ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ ମିଟୁ ନାୟକ, ସମ୍ମାନିତ ଅତିଥିଭାବେ ଜିଲାପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ରମାକାନ୍ତ ନାୟକ, ସହ ଗୋଷ୍ଠୀ ଅଧିକାରୀ ପ୍ରଭାତ କୁମାର ସେଠି, ବାଣପୁର ସରକାରୀ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଝରଣା ଓଝା, ଗୋଦାବରୀଶ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ରାମ ଚନ୍ଦ୍ର ବେହେରା, ବରିଷ୍ଠ ମଣ୍ଡଳ ଅଧିକାରିଣୀ ସି.ଏଚ୍. ବିଜୟଲକ୍ଷ୍ମୀ ଯୋଗଦେଇ ସୁରଭି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଗୀତ, ନୃତ୍ୟ, ଭାଷଣ, ହସ୍ତାକ୍ଷର, ସୃଜନଶୀଳତା ଲିଖନ, ଚିତ୍ରାଙ୍କନ ଆଦି ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଏହି ସୁରଭି କାର୍ଯ୍ୟକ୍ରମରେ ୨୪୫ଜଣ ପ୍ରତିଯୋଗୀ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷକ ବିନାୟକ ହୋତା ଏବଂ ମଣ୍ଡଳ ଅଧିକାରିଣୀ ସି.ଏଚ୍. ବିଜୟଲକ୍ଷ୍ମୀ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

# ହାତୀ ଉପଦ୍ରବ: ଧାନଫସଲ ନଷ୍ଟ



ବେଗୁନିଆ,୨୨।୧୦(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ହଜ୍ ପଞ୍ଚାୟତ ଅନ୍ତର୍ଗତ ମୁକ୍ତାପୁର ଗ୍ରାମରେ ୨୦ ଟିକିଆ ହାତୀପଲ କ୍ଷେତରେ ପଶି ଧାନ ଫସଲ ନଷ୍ଟ କରିଦେଇଛନ୍ତି। ଚଳିତ ବର୍ଷ ଧାନ ଫସଲ ଭଲ ହୋଇଥିବା ବେଳେ ଚାଷୀଙ୍କ ମନରେ ଆନନ୍ଦର ଲହରି ଖେଳିଯାଇଥିଲା। ହେଲେ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଜନବସତି ମୁହାଁ ହୋଇ ଧାନ ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରିଦେଇଛନ୍ତି। ଗ୍ରାମର ଚାଷୀ ମାଧବ ଚନ୍ଦ୍ର ସାହୁ, ମାଗୁଣି ସାହୁ, ଦେବରାଜ ସାହୁ, ଗଦାଧର ଜେନା, ନୀଳକଣ୍ଠ ଜେନା ଓ କିଶୋର ଜେନାଙ୍କ ୩ ରୁ ୪ ଏକର ଧାନ ଫସଲ ନଷ୍ଟ ହୋଇଥିବା ଜଣାପଡ଼ିଛି।

# 'ମହୋତ୍ସବ ପରମ୍ପରାକୁ ପୁନର୍ଜୀବିତ କରିଥାଏ'


ଡାଲତୋଳା ଗଜଲକ୍ଷ୍ମୀ ମହୋତ୍ସବ ଉଦ୍‌ଯାପନ ଉତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ବେଗୁନିଆ,୨୨।୧୦(ସନ୍ଧ୍ୟାରାଣୀ ମିଶ୍ର)

**ଡାଲତୋଳା ଗଜଲକ୍ଷ୍ମୀ ମହୋତ୍ସବ ଉଦ୍‌ଯାପିତ**

ବେଗୁନିଆ ବ୍ଲକ ଅନ୍ତର୍ଗତ ଡାଲତୋଳା ଠାରେ ଚାଲିଥିବା ଗଜଲକ୍ଷ୍ମୀ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ମହୋତ୍ସବର ସଭାପତି ରୁସ୍ତମ ଖାନଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ଶିକ୍ଷାବିତ୍ ଗଣେଶ୍ୱର ସାଇଁ ମୁଖ୍ୟ ବକ୍ତା, ଜିଲାପରିଷଦ ସଭ୍ୟ ତନୁଜା ପାଇକଶାଣୀ, ହେମନ୍ତ ସୁନ୍ଦରାୟ, ସରପଞ୍ଚ ଲାବଣ୍ୟ ଜୟସିଂହ, କରୁଣାକର ଦଳସିଂହରାୟ, ନାଏବ ସରପଞ୍ଚ ଦୁଃଖୀଶ୍ୟାମ ଦଳାଇ, ରୋଟାରିଆନ ଯୋଗୀନାଥ ସେନାପତି, ଡ. ଅଜିତ ପଟ୍ଟନାୟକ, ଅମିୟ କୁମାର ପଣ୍ଡା, ଜୟନ୍ତ କୁମାର ସାହୁ, ପଦ୍ମନାଭ ସାହୁ, ପରମାନନ୍ଦ ସାହୁ, ସଂଗ୍ରାମ କେଶରୀ ମିଶ୍ର, ଜାଗର ମାଝୀ, ବୀରେନ ହରିଚନ୍ଦନ, ପ୍ରଭାକର ସାହୁ, ଉପଦେଷ୍ଟା ନିରଞ୍ଜନ ସାମନ୍ତସିଂହାର, ସମ୍ପାଦକ ଅଭୟ କୁମାର ସିଂହ, ଶାନ୍ତି କମିଟି ସଭାପତି ବିପିନ ବିହାରୀ ହରିଚନ୍ଦନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ମହୋତ୍ସବ ପରମ୍ପରାକୁ ପୁନର୍ଜୀବିତ କରିଥାଏ ବୋଲି ମତପ୍ରକାଶ କରିଥିଲେ। ଶିକ୍ଷକ ରତିକାନ୍ତ କହଲସିଂହ ଓ ସୋନାଲି ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗଣେଶ ସାହୁ ଅତିଥି ପରିଚୟ ଏବଂ ଶିକ୍ଷକ ଜମ୍ମେଶ୍ୱର ମଙ୍ଗରାଜ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ପରେ ଓଡ଼ିଶୀ ନୃତ୍ୟ ମୟୂରୀ, ନଟରାଜ ଡ୍ୟାନ୍ସ, ମୋହନୀ ଫକ୍ ଡ୍ୟାନ୍ସ, ସମ୍ବଲପୁରୀ, ଘୁମୁରା ଡ୍ୟାନ୍ସ ଏବଂ ଆଞ୍ଚଳିକ କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷିତ ହୋଇଥିଲା।

## ଦୟାନିଧି ଦାସଙ୍କୁ ମରଣୋତ୍ତର 'ଆଙ୍ଗିକ ଗୁରୁଶ୍ରେଷ୍ଠ ସମ୍ମାନ'

ଭୁବନେଶ୍ୱର,୨୨।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ଆଙ୍ଗିକ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ମଙ୍ଗଳବାର ରବୀନ୍ଦ୍ର ମଣ୍ଡପରେ ୮ମ ଗୁରୁପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ମହାନ ନୃତ୍ୟଗୁରୁ ସ୍ୱର୍ଗତ ଦୟାନିଧି ଦାସଙ୍କୁ ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ମରଣୋତ୍ତର 'ଆଙ୍ଗିକ ଗୁରୁଶ୍ରେଷ୍ଠ ସମ୍ମାନ' ପ୍ରଦାନ କରାଯାଇଛି। ଏଥିସହ ମର୍ଦ୍ଦଳ ବାଦକ ଗୁରୁ ସଚ୍ଚିଦାନନ୍ଦ ଦାସ, ଗୁରୁ ପଦ୍ମଶ୍ରୀ ଡ. ଇଲିଆନା ଚିତାରିଷ୍ଟି ଏବଂ ଓଡ଼ିଶୀ ନୃତ୍ୟ ଗୁରୁ ସିକତା ଦାସଙ୍କୁ ଆଙ୍ଗିକ ଗୁରୁଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଛି। ଅତିଥି ଭାବେ ଓଡ଼ିଶୀ ନୃତ୍ୟଗୁରୁ ଡ. ସ୍ନେହପ୍ରଭା ସାମନ୍ତରାୟ, ଗୁରୁ ରତିକାନ୍ତ ମହାପାତ୍ର, କାଦମ୍ବିନୀ ସମ୍ପାଦିକା ଇତିରାଣୀ ସାମନ୍ତ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ରବିନାରାୟଣ ରଥ ଅତିଥି ପରିଚୟ ଏବଂ ଉପଦେଷ୍ଟା ଡ. ଶେଖ କଲିମୁଲ୍ଲା ଓ ଆଙ୍ଗିକ ସମ୍ପାଦିକା ଶ୍ରାବଣୀ ମିତ୍ର ଧନ୍ୟବାଦ ଦେଇଥିଲେ।

## ବାଇକ୍ ଧକ୍କାରେ ମହିଳା ମୃତ, ରାସ୍ତା ଅବରୋଧ

ଗୋପ,୨୨।୧୦(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ-ନିମାପଡ଼ା ରାସ୍ତାର ବିଶରପୁର ନିକଟରେ ମଙ୍ଗଳବାର ୯ଟା ୩୦ ମିନିଟ୍ ସମୟରେ ଏକ ବାଇକ୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବିଶରପୁର ଗ୍ରାମର ନବି ପ୍ରଧାନ(୫୨)। ବାଇକ ଚାଳକ ଗୋପ ଥାନା ଅଧୀନ ତରଙ୍ଗିରା ଗ୍ରାମର ରାଜା ସାହାଣୀଙ୍କୁ ଗୁରୁତର ଅବସ୍ଥାରେ ଗୋପ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଗ୍ରାମବାସୀ ରାସ୍ତା ଅବରୋଧ କରିଥିଲେ। ବାଇକ୍ ଆରୋହୀଙ୍କୁ ଗ୍ରାମବାସୀ ଅଟକ ରଖିଥିବା ଜଣାପଡ଼ିଛି। ପ୍ରକାଶ ଯେ, ରାଜା ଓ ତାଙ୍କ ସାଙ୍ଗ ନିମାପଡ଼ାରୁ ଗାଁକୁ ଫେରୁଥିବାବେଳେ ବିଶରପୁର ନିକଟରେ ନବିଙ୍କୁ ଧକ୍କା ଦେଇଥିଲେ। ଗ୍ରାମବାସୀ ମହିଳାଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବା ସହ ଦୁର୍ଘଟଣା ଘଟାଇଥିବା ଯୁବକଙ୍କୁ ଗ୍ରାମବାସୀ ଛାଡ଼ି ନ ଥିଲେ। ଘଟଣାସ୍ଥଳରେ ଗୋପ ଥାନା ଅଧିକାରୀ ପ୍ରଶାନ୍ତ ପଢିହାରୀ, ଏଏସ୍ଆଇ ଜହୁର୍ ଖାଁ ପହଞ୍ଚି ବୁଝାଶୁଝା କରିବା ପରେ ୧୦୮ ଆମ୍ବୁଲାନ୍ସ ଦ୍ୱାରା ଚାଳକଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ସ୍ଥାନରେ ଉତ୍ତେଜନା ଲାଗି ରହିଥିବାବେଳେ ଚାଳକଙ୍କ ସାଙ୍ଗକୁ ଗ୍ରାମବାସୀ ଅଟକ ରଖିବା ସହିତ ମୃତକ ପରିବାରକୁ ୧୦ ଲକ୍ଷ ଟଙ୍କାର ସହାୟତା ଦାବି କରିଛନ୍ତି। ମୃତକଙ୍କ ପରିବାର ଗୋପ ଡାକ୍ତରଖାନାରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଯୁବକଙ୍କୁ ରେଫର କରାଯାଇଥିଲେ ମଧ୍ୟ ଛାଡି ନ ଥିବା ଯୋଗୁ ଡାକ୍ତରଖାନାରେ ଉତ୍ତେଜନା ଦେଖା ଦେଇଛି। ନିମାପଡ଼ା ଡିଏସପି ପ୍ରଭାତ ମଲ୍ଲିକ ପହଞ୍ଚି ବୁଝାଶୁଝା କରୁଛନ୍ତି।

# ପର୍ଯ୍ୟାପ୍ତ ପରିମାଣରେ ଔଷଧ, ସାପ କାମୁଡ଼ା ଇଞ୍ଜେକ୍ସନ୍ ମହଜୁଦ ରଖ

**ବାତ୍ୟା ମୁକାବିଲା ପାଇଁ ବିଧାୟକ-ପ୍ରଶାସନ ସମୀକ୍ଷା ବୈଠକ**


ବୈଠକରେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଏବଂ ପ୍ରଶାସନିକ ଅଧିକାରୀମାନେ।

କଳାପଥର,୨୨।୧୦(ଗଙ୍ଗାଧର ସାହୁ)

ବାତ୍ୟା 'ଦାନା'ର ମୁକାବିଲା ପାଇଁ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଓ ପ୍ରଶାସନିକ ଅଧିକାରୀଙ୍କ ସହ ଏକ ବୈଠକ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବାତ୍ୟା ପରିସ୍ଥିତି ମୁକାବିଲା ପାଇଁ ବିଧାୟକ ତ୍ରିପାଠୀ ସରକାରୀ ଡାକ୍ତରଖାନାରେ ପର୍ଯ୍ୟାପ୍ତ ପରିମାଣରେ ଔଷଧ, ସାପ କାମୁଡ଼ା ଇଞ୍ଜେକ୍ସନ, ଓଆର୍‌ଏସ୍ ସହ ପ୍ରାଣୀମାନଙ୍କ ପାଇଁ ଗୋ-ଖାଦ୍ୟ ମହଜୁଦ୍ ରଖିବାକୁ ପରାମର୍ଶ ଦେଇଥିଲେ। ଗ୍ରାମ୍ୟ ପାନୀୟ ଜଳ ବିଭାଗକୁ ବିଶୁଦ୍ଧ ପାନୀୟ ଜଳ ଟ୍ୟାଙ୍କର ମାଧ୍ୟମରେ ଜନସାଧାରଣଙ୍କୁ ଯୋଗାଇବା ସହ ପଞ୍ଚାୟତରେ ବସୁଧା ଯୋଜନାରେ ଥିବା ପାଣି ଟାଙ୍କିରେ ପାଣି ସଂରକ୍ଷଣ କରିବାକୁ ପ୍ରସ୍ତାବ ଦେଇଥିଲେ। ଦରଦାମ୍ ନିୟନ୍ତ୍ରଣ ପାଇଁ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ବାତ୍ୟା ସମୟରେ ଗଛପଡି ରାସ୍ତା ଅବରୋଧ ହେଲେ, ଅଗ୍ନିଶମ ବିଭାଗ ତରଫରୁ କଟର ସାହାଯ୍ୟରେ ରାସ୍ତା ଅବରୋଧ ହଟାଇ ଗମନାଗମନର ସୁବିଧା କରିବା ଉପରେ ଜୋର ଦେଇଥିଲେ। ବାଙ୍କୀରେ ଗୋଟିଏ ଓଡ୍ରାଫ୍ ଟିମ ପ୍ରସ୍ତୁତ ରହିବା ସହ ସମସ୍ତ କର୍ମଚାରୀମାନେ କାର୍ଯ୍ୟାଳୟ ନ ଛାଡ଼ିବା ପାଇଁ ବାଙ୍କୀ ଉପଜିଲାପାଳ ଦେବୀପ୍ରସାଦ ମହାନ୍ତି ନିର୍ଦ୍ଦେଶ ଦେଇଥିଲେ। ବାଙ୍କୀ ବ୍ଲକର ବନ୍ଦାଳ, ଅନୁଆରୀ, ଓସ୍ତିଆ ଏବଂ ଡମପଡା ବ୍ଲକର ବିଲିପଡା ଓ ଡମପ ବାତ୍ୟା ଆଶ୍ରୟସ୍ଥଳରେ ସବୁପ୍ରକାର ସୁବିଧା ଯୋଗାଇ ଦିଆଯାଇଛି ବୋଲି ବିଡିଓ ଅଂଶୁମାନ ଦାସ ପ୍ରକାଶ କରିଛନ୍ତି। ଏହି ବୈଠକରେ ଡମପଡ଼ା ତହସିଲଦାର ସୁଚୀସ୍ମିତା ଦାଶ, ଏନଏସି ନିର୍ବାହୀ ଅଧିକାରୀ ସମ୍ପଦ ସ୍ୱାଇଁ, ନଗରପାଳ ମାଣିକ ସାହୁ, ଉପନଗରପାଳ ସନ୍ତୋଷ କୁମାର ରଣା, ଜିଲାପରିଷଦ ସଦସ୍ୟ ସଞ୍ଜୟ ପାତ୍ର, ସରଣ୍ଡା ଉନ୍ନୟନ ପରିଷଦର ସଭାପତି ଗତିକୃଷ୍ଣ ସ୍ୱାଇଁ, ସହକାରୀ ଜିଲାପାଳ ଧନଞ୍ଜୟ କିଷାନ, କାଉନ୍‌ସିଲର ସନାତନ ବେହେରା, ସମରେନ୍ଦ୍ର ମହାପାତ୍ର, ରାଜସ୍ୱ ସୁପରଭାଇଜର ଶ୍ରୀକାନ୍ତ ମହାପାତ୍ର ଯୋଗଦେଇଥିଲେ। ମହାନଦୀ ବନ୍ଧର ସୁରକ୍ଷା ପାଇଁ ଜଳସମ୍ପଦ ବିଭାଗ ତରଫରୁ ବାଲିବସ୍ତା ମହଜୁଦ ରହିଛି ବୋଲି ସହକାରୀ ଯନ୍ତ୍ରୀ ପ୍ରଭାତ ପଟ୍ଟନାୟକ ପ୍ରକାଶ କରିଥିଲେ। ଆସନ୍ନ ପ୍ରସବ ମହିଳାମାନଙ୍କୁ ଜରୁରିକାଳୀନ ଭିତ୍ତିରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବକା ଅଙ୍ଗନୱାଡି କର୍ମୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା ସମୟରେ ସମସ୍ତ ସୁବିଧା ଜନସାଧାରଣଙ୍କୁ ଯୋଗାଇଦେବାକୁ ବିଧାୟକ ତ୍ରିପାଠୀ ବାଙ୍କୀ ପ୍ରଶାସନକୁ ପରାମର୍ଶ ଦେଇଥିଲେ।

# ଗୋ ବନ୍ଧ୍ୟା ନିରାକରଣ ଚିକିତ୍ସା ଶିବିର


ଶିବିରରେ ଉପସ୍ଥିତ ଡାକ୍ତର ଏବଂ ଅନ୍ୟମାନେ।

ବାଣପୁର,୨୨।୧୦(ଦିଲୀପ କୁମାର ସ୍ୱାଇଁ)

ପଶୁଧନ ଜାଗୃତି ଅଭିଯାନ ଆନୁକୂଲ୍ୟରେ ବାଣପୁର ବ୍ଲକ ଅନ୍ତର୍ଗତ ଗୋତପଲ୍ଲୀ ଗ୍ରାମରେ ମଙ୍ଗଳବାର ଗୋ ବନ୍ଧ୍ୟା ନିରାକରଣ ଚିକିତ୍ସା ଶିବିର ଏବଂ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଚାଷୀମାନେ ଯୋଗଦେଇ ଗାଈଙ୍କ ଗର୍ଭଜନିତ ସମସ୍ୟାର ଚିକିତ୍ସା କରାଇବା ସହ ଗାଈଗୋରୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଶିବିରରେ ମୋଟ୍ ୫୨ଟି ଗୋରୁଙ୍କ ଚିକିତ୍ସା କରାଯିବା ସହ ଚାଷୀମାନଙ୍କୁ ଔଷଧ ବଣ୍ଟନ କରାଯାଇଥିଲା। ଶିବିରରେ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ସନ୍ଦୀପ ପଟ୍ଟନାୟକ ଯୋଗଦେଇ ଫାଟୁଆ, ସାହାଣ ତଥା ଅନ୍ୟ ସଂକ୍ରାମକ ରୋଗର ଟୀକା ଦ୍ୱାରା ଗାଈଗୋରୁଙ୍କୁ ରୋଗରୁ ସୁରକ୍ଷା ମିଳୁଥିବାରୁ ଟୀକାକରଣର ଉପାଦେୟତା ସମ୍ପର୍କରେ ଚାଷୀଙ୍କୁ ସଚେତନ କରିବା ସହ କିପରି ସୁଷମ ଖାଦ୍ୟ ଓ ମିନେରାଲ ମିକ୍ସଚର ବ୍ୟବହାର ଦ୍ୱାରା ଗୋ ବନ୍ଧ୍ୟାକୁ ଏଡାଇ ଦିଆଯାଇପାରିବ ସେ ବିଷୟରେ ଆଲୋଚନା କରିଥିଲେ। ନାରୁଣୀ ପ୍ରାଣୀ ଚିକିତ୍ସକ ଅମିତ ବେହେରା ଶିବିର ପରିଚାଳନା କରିଥିଲେ। ବାଣପୁର ବ୍ଲକ ଅନ୍ତର୍ଗତ ସମସ୍ତ ପ୍ରାଣୀଧନ ଉପଦେଷ୍ଟା, ନୀରିକ୍ଷକ ଓ ସହାୟକ ସହଯୋଗ କରିଥିଲେ।

# ଆଜି ମେଲାଣି ନେବେ ମା'ଗଜଲକ୍ଷ୍ମୀ

ଖୋର୍ଦ୍ଧା,୨୨।୧୦(ପ୍ରଭାତ ପାଣିଗ୍ରାହୀ)


ବିଧାୟକ ଏବଂ ପୌରାଧ୍ୟକ୍ଷା ଟିଏଲ୍‌ସି ସ୍ଥିତ ଖଣି ପୋଖରୀ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

- ସନ୍ଧ୍ୟା ଆଳତି ଦର୍ଶନକଲେ ଶତାଧିକ ଶ୍ରଦ୍ଧାଳୁ
- ମନ୍ତ୍ରଧ୍ୱନିରେ କମ୍ପିଲା ପରିବେଶ

ଗଜଲକ୍ଷ୍ମୀ ପୂଜା ପାଇଁ ଉତ୍ସବମୁଖର ହୋଇଉଠିଥିଲା ଖୋର୍ଦ୍ଧା ସହର। ଶେଷ ସନ୍ଧ୍ୟାରେ ମଙ୍ଗଳବାର ମା'ଙ୍କ ସାନ୍ନିଧ୍ୟ ଏବଂ ସନ୍ଧ୍ୟା ଆଳତି ଦର୍ଶନ ପାଇଁ ସମସ୍ତ ପୂଜାମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼ ରହିଥିଲା। ସବୁଠି ରହିଥିଲା ଆଧାତ୍ମିକ ପରିବେଶ। ମଣ୍ଡପରେ ଦିନତମାମ ପୂଜାର୍ଚ୍ଚନା ଚାଲିଥିବା ବେଳେ ରାତିରେ ଶ୍ରଦ୍ଧାଳୁଙ୍କ ନିମନ୍ତେ ଅନ୍ନପ୍ରସାଦ ବ୍ୟବସ୍ଥା ରହିଥିଲା। ଶ୍ରଦ୍ଧାଳୁମାନେ ମଣ୍ଡପ ବୁଲି ଭକ୍ତି ନୈବେଦ୍ୟ ଅର୍ପଣ ସହ ପରିବାର, ସାଙ୍ଗସାଥିଙ୍କ ମେଳରେ ସେଲ୍ଫି ଉଠାଇଥିଲେ। ବୁଧବାର ମିଳିତ ଭସାଣି ନେଇ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସମସ୍ତ ପୂଜାକମିଟି ନିର୍ଦ୍ଧାରିତ ସମୟ ପୂର୍ବରୁ ବିଜେବି ହାଇସ୍କୁଲ ପଡିଆଠାରେ ପହଞ୍ଚିବେ। ଏହା ପରେ ଶୋଭାଯାତ୍ରାରେ ବାହାରିବେ। ଏହି ଶୋଭାଯାତ୍ରା ବିଜେବି ହାଇସ୍କୁଲ ଠାରୁ ନୟାଗଡ଼ ରୋଡକୁ ବାହାରି ପୁରୁଣା ବସ୍‌ଷ୍ଟାଣ୍ଡ, ଟ୍ରାଫିକ ଛକ, ଟାଉନ ହଲ୍, ସମବାୟ ଛକ, ଏସ୍‌ବିଆଇ ଛକ, ନୂଆବସଷ୍ଟାଣ୍ଡ ଦେଇ ଟିଏଲ୍‌ସି ରୋଡ(ନୟାଗଡ ବାଇପାସ) ସ୍ଥିତ ଖଣି ପୋଖରୀଠାରେ ମୂର୍ତ୍ତି ବିସର୍ଜନ କରାଯିବ। ସେଠାରେ ପୌର ପ୍ରଶାସନ ପକ୍ଷରୁ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଛି। ମୂର୍ତ୍ତି ଉଠାଇବା ଲାଗି କ୍ରେନ, ଜେସିବି ମେଶିନ, ଆଲୋକୀକରଣ ବ୍ୟବସ୍ଥା କରାଯାଇଛି ବୋଲି ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି ସୂଚନା ଦେଇଛନ୍ତି। ଭସାଣି ଉତ୍ସବ ସୁରୁଖୁରୁରେ ସମାପନ ନିମନ୍ତେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଏବଂ ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି ବ୍ୟବସାୟୀ ମହାସଂଘର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ପ୍ରତ୍ୟେକ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିବା ସହିତ ଅସ୍ଥାୟୀ ପୋଖରୀ, ଶୋଭାଯାତ୍ରା ମାର୍ଗର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଭସାଣି ଉତ୍ସବରେ ଯୋଗଦାନ କରିଥିବା ପୂଜା କମିଟି ମଧ୍ୟରୁ ସର୍ବଶ୍ରେଷ୍ଠ ୩ କମିଟିକୁ ଜିଲା ପ୍ରଶାସନ ପକ୍ଷରୁ ଟ୍ରଫି ପ୍ରଦାନ କରାଯିବ। ଚୟନ ଲାଗି କମିଟି ଗଠନ କରାଯାଇଛି। ଏହି କମିଟି ଶ୍ରେଷ୍ଠ ମୃଣ୍ମୟୀ ମୂର୍ତ୍ତି ଓ ସାଜସଜ୍ଜା, ଶ୍ରେଷ୍ଠ ଶୋଭାଯାତ୍ରା ଓ ଶ୍ରେଷ୍ଠ ଶାନ୍ତି ଶୃଙ୍ଖଳାକାରୀ ଦଳକୁ ଚୟନ କରିବେ। ଏଥିଲାଗି ଜୟୀ ରାଜଗୁରୁ ଭବନ(ଟାଉନ ହଲ) ଠାରେ ଏକ ମଞ୍ଚର ବ୍ୟବସ୍ଥା କରାଯିବ। ସେଠାରେ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଶୋଭାଯାତ୍ରା ନିରୀକ୍ଷଣ କରିବେ। ଭସାଣି ଉତ୍ସବ ପରବର୍ତ୍ତୀ ସମୟରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଶ୍ରେଷ୍ଠ ୩ ପୂଜା କମିଟିକୁ ପୁରସ୍କୃତ କରାଯିବ। ଭସାଣି ସମୟରେ ଫୁଟପାଥ ବ୍ୟବସାୟୀ, ଉଠାଦୋକାନୀଙ୍କୁ ହଟାଯିବ। ଏଥିସହ ସହର ଦେଇ ଭାରିଯାନ ଚଳାଚଳ ବନ୍ଦ ରହିବ। ଭସାଣି ସମୟରେ ଅସ୍ଥାୟୀ ମେଡିକାଲ କ୍ୟାମ୍ପ ଏବଂ ଆମ୍ବୁଲାନ୍ସ ବ୍ୟବସ୍ଥା କରାଯାଇଛି। ଏସ୍‌ପି ସାଗରିକା ନାଥ କହିଛନ୍ତି, ଭସାଣି ଉତ୍ସବରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବା ସମ୍ଭାବନା ରହିଛି। ସହରରେ ୩ପ୍ଲାଟୁନ ଫୋର୍ସ, ଅଫିସରମାନେ ନିୟୋଜିତ ରହିବେ। ଭିଡ଼ ନିୟନ୍ତ୍ରଣ ଲାଗି ଶୋଭଯାତ୍ରା ଦେଇ ଯିବାକୁ ଥିବା ରାସ୍ତାକୁ ସଂଯୋଗ କରୁଥିବା ଗଳି ବନ୍ଦ କରାଯିବ। ଏଥିରେ ସହରବାସୀଙ୍କ ସହଯୋଗ କାମନା କରିଛନ୍ତି। ଡିଜେ ଏବଂ ଲେଜର ଲାଇଟକୁ ବାରଣ କରାଯାଇଛି। ସାଉଣ୍ଡ ୬୫ଡେସିବଲରୁ ଅଧିକ ହେବ ନାହିଁ, ଏହାକୁ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।


ଅଗ୍ନିଶମ ବାହିନୀ ପକ୍ଷରୁ ଡାକବାଜି ଯନ୍ତ୍ରଯୋଗେ ସଚେତନ କରାଯାଉଛି ।


ପର୍ଯ୍ୟଟକମାନେ ପୁରୀରୁ ଫେରିଯିବା ପରେ ବଡ଼ଦାଣ୍ଡ ଜନଶୂନ୍ୟ ହୋଇଛି ।


ପୁରୀ ବେଳାଭୂମିରେ ମତ୍ସ୍ୟଜୀବୀମାନେ ଡଙ୍ଗାଗୁଡ଼ିକୁ ନିରାପଦ ସ୍ଥାନକୁ ନେଉଛନ୍ତି ।




୨୨।୧୦।୨୦୨୪

| | |
|---|---|
| ୩,୭୦,୯୯୪ ଟଙ୍କା | |
| ସୁନା | ୨.୦୫୦ ଗ୍ରାମ୍ |
| ରୁପା | ୫୧.୭୦୦ ଗ୍ରାମ୍ |

## ଖୁବ୍‌ଶୀଘ୍ର ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚର ନବନିର୍ମାଣ

ପୁରୀ,୨୨।୧୦( ଅଜିତ୍ କୁମାର ମହାନ୍ତି)

ଉତ୍କଳୀୟ ନାଟ୍ୟକଳାର ଅନ୍ୟତମ ଅନ୍ତୁଡ଼ିଶାଳ ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚର ଖୁବ୍‌ଶୀଘ୍ର ନବକଳେବର ହେବ ବୋଲି ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏକ ଆଲୋଚନାରେ କହିଛନ୍ତି ବୋଲି ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ ସଦସ୍ୟ ଡକ୍ଟର ବଦ୍ରି ମିଶ୍ର ସୂଚନା ଦେଇଛନ୍ତି। ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଂଗଠନ ଓଡ଼ିଶା, ମିଶନ ଓଡ଼ିଶା, ନିର୍ମାଲ୍ୟ ଓ ଭକ୍ତି ନିର୍ମାଲ୍ୟ ଅନୁଷ୍ଠାନ ସହ ଆଲୋଚନା ସମୟରେ ମନ୍ତ୍ରୀ କହଛନ୍ତି, ଖୁବ୍‌ଶୀଘ୍ର ମନ୍ଦିର ପ୍ରଶାସନ ସହ ଆଲୋଚନା କରାଯାଇ ଏହାର ଜମି ହାତକୁ ନିଆଯିବ ଓ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚକୁ ଓଡ଼ିଶାର ଏକ ବର୍ଣ୍ଣାଢ଼୍ୟ ପ୍ରେକ୍ଷାଳୟରେ ପରିଣତ କରାଯିବ। ଏତ୍‌ଦ୍‌ଭିନ୍ନ ଦର୍ଶକମାନଙ୍କୁ ନାଟକମନସ୍କ କରିବା ପାଇଁ ଓଡ଼ିଶା ଓ ଓଡ଼ିଶା ବାହାରର ଭଲ ନାଟକ ସେଠାରେ ପ୍ରଦର୍ଶନ କରାଯିବ। ଏହି ଆଲୋଚନା ସମୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ସଦସ୍ୟ ଡ. ମିଶ୍ର, ମିଶନ ଓଡ଼ିଶା ସମ୍ପାଦକ ମଧୁସୂଦନ ମିଶ୍ର, ଭାଜପାର ଯୁବ ନେତୃତ୍ୱ ଜୟନ୍ତ ଦାସ, ଓଡ଼ିଶା ଯୁବ ଚେତନା ସଂଗଠନର ରଶ୍ମିରଞ୍ଜନ ଦାଶ, ଜାତୀୟ ମିଡିଆ ଫାଉଣ୍ଡେଶନର ରଞ୍ଜନ ସାହୁ, ନିର୍ମାଲ୍ୟ ସମ୍ପାଦକ ବିଶ୍ୱନାଥ ମିଶ୍ର ଓ ଭକ୍ତି ନିର୍ମାଲ୍ୟ ସମ୍ପାଦକ ରାଜେନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଚଢ଼ାଦରରେ ବିକିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

## ତହସିଲଦାର ଓ ଯୋଗାଣ ବିଭାଗର ଅତର୍କିତ ଚଢ଼ାଉ

କାକଟପୁର/ଅସ୍ତରଙ୍ଗ, ୨୨।୧୦ (ଶୁଭଦର୍ଶନ ମିଶ୍ର/ ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)


ବଜାର ସ୍ଥିତି ପରଖୁଛନ୍ତି ତହସିଲଦାର ଓ ଯୋଗାଣ ବିଭାଗର ଅଧିକାରୀମାନେ ।

ସମ୍ଭାବ୍ୟ ବାତ୍ୟା ଯୋଗୁ ପୁରୀ ଜିଲା ଅସ୍ତରଙ୍ଗ ଓ କାକଟପୁର ବଜାରରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଓ ପରିବା ଦର ବଢ଼ାଇଲେଣି ଅସାଧୁ ବ୍ୟବସାୟୀ। ସୋମବାର ପୁରୀ ଜିଲା ଅସ୍ତରଙ୍ଗ ଓ କାକଟପୁର ଅଞ୍ଚଳର କେତେକ ସ୍ଥାନରେ ଥିବା ଖୁଚୁରା ବ୍ୟବସାୟୀମାନେ ଆଳୁ କିଲୋ ପ୍ରତି ୪୦ଟଙ୍କାରେ ବିକ୍ରି କରୁଥିବା ଅଭିଯୋଗ ହୋଇଥିଲା। ପିଆଜ ଦର ୬୦ଟଙ୍କା ଥିବା ବେଳେ ତାହା ୬୫ରୁ ୭୦କୁ ବଢ଼ାଇ ଦେଇଛନ୍ତି। ଯାହାକୁ ନେଇ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏନେଇ ଜଣେ ବ୍ୟବସାୟୀ କହିଛନ୍ତି, ବାତ୍ୟା ଆସୁଛି, ଆଳୁ ଗାଡ଼ି ଆସି ନ ପାରେ। ତେଣୁ ଦର ବୃଦ୍ଧି ହୋଇଛି।

ଅନ୍ୟପଟେ ପୁରୀ ଜିଲା ଅତିରିକ୍ତ ଜିଲାପାଳ (ରାଜସ୍ୱ ଓ ବିପର୍ଯ୍ୟୟ) କୈଳାଶ ଚନ୍ଦ୍ର ନାୟକଙ୍କ ନିର୍ଦ୍ଦେଶରେ ମଙ୍ଗଳବାର ମଧ୍ୟାହ୍ନରେ କାକଟପୁର ବଜାରରେ ଯୋଗାଣ ନିରୀକ୍ଷକ ସୁଧାକର ମଲ୍ଲିକ, ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପତି, ଅସ୍ତରଙ୍ଗ ଯୋଗାଣ ନିରୀକ୍ଷକ ଜ୍ୟୋସ୍ନାରାଣୀ ବେହେରା, ମିଶନ ଶକ୍ତି ବିପିଏମ ପାର୍ଥସାରଥୀ ମହାନ୍ତି, ଏମ୍‌ଜିଏନ୍‌ଆରଇଜିଏସ୍‌ର ସହାୟକ ଅନିକେତ ଛାଟୋଇଙ୍କ ସହ ଅସ୍ତରଙ୍ଗ ପୋଲିସ ଅସ୍ତରଙ୍ଗ ହାଟ ପରିସରରେ ଥିବା ବିଭିନ୍ନ ପନିପରିବା, ରାଶନ ସାମଗ୍ରୀ ସହ ଆଳୁ, ପିଆଜ ଦୋକାନରେ ଅଚାନକ ଚଢ଼ାଉ କରିଥିଲେ। ଏହାସହ ଅସ୍ତରଙ୍ଗ ହାଟ ମଧ୍ୟରେ ଥିବା ବିଭିନ୍ନ ଖାଦ୍ୟ ସାମଗ୍ରୀ ଷ୍ଟକ୍ ସେଣ୍ଟରରେ ମଧ୍ୟ ଚଢ଼ାଉ କରାଯାଇଛି। ବିଭିନ୍ନ ସମାଗ୍ରୀର ଦର ତାଲିକା ଦୋକାନ ସାମ୍ନାରେ ଲଗାଇବା ପାଇଁ ଯୋଗାଣ ନିରୀକ୍ଷକ ଜ୍ୟୋସ୍ନାରାଣୀ ବେହେରା ବ୍ୟବସାୟୀଙ୍କୁ କହିଛନ୍ତି। ଫଳରେ ଖାଉଟିମାନେ ଅବଗତ ହୋଇପାରିବେ। ତେଣୁ ଏହି ଦୁର୍ବିପାକ ସମୟରେ ଏଥିରୁ ନିବୃତ୍ତ ରହିବା ପାଇଁ ନିବେଦନ କରିଛନ୍ତି, ଏହାସହ ବର୍ତ୍ତମାନ ସବୁ ଖାଦ୍ୟ ସାମଗ୍ରୀ ମହଜୁଦ ଅଛି। ଖାଉଟିମାନେ ଚିନ୍ତା ନ କରିବା ପାଇଁ କହିଛନ୍ତି ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପତି। ଯଦି କଳାବଜାରୀ ନଜର ଆସେ ତେବେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି।

# ବାତ୍ୟା ନେଇ ପଞ୍ଜିକା ଆକଳନ ସତ୍ୟ ହେବାକୁ ଯାଉଛି

ପୁରୀ,୨୨।୧୦(ଅଜିତ୍ କୁମାର ମହାନ୍ତି)

ଅନେକ ସମୟରେ ଦେଖିବାକୁ ମିଳିଥାଏ ବିଜ୍ଞାନର ଆକଳନ ଫେଲ୍ ମାରିଥାଏ, ମାତ୍ର ସେଠାରେ ଜ୍ୟୋତିଷ ଶାସ୍ତ୍ରର ଗଣନା ଠିକ୍ ହୋଇଥାଏ। ଆଜିର ବିଜ୍ଞାନ ଯୁଗରେ ବି ପଛରେ ପଡ଼ିନାହିଁ ଜ୍ୟୋତିଷ ଶାସ୍ତ୍ର। ସମ୍ଭାବ୍ୟ ବାତ୍ୟାକୁ ନେଇ ବିଜ୍ଞାନର ଯାହା ଅନୁମାନ ରହିଛି ତାହା ବହୁପୂର୍ବରୁ ଓଡ଼ିଆ ପଞ୍ଜିକାରମାନେ ଆକଳନ କରିଛନ୍ତି। ବର୍ତ୍ତମାନ ପଞ୍ଜିକା ଭବିଷ୍ୟବାଣୀ ସତ ହେବାକୁ ଯାଉଛି। ୧୯୯୯ ମହାବାତ୍ୟା ଭଳି ଚଳିତବର୍ଷ ସମ୍ଭାବ୍ୟ ବାତ୍ୟା ନେଇ ମଧ୍ୟ ଓଡ଼ିଆ ପଞ୍ଜିକାରେ ବର୍ଷ ଆରମ୍ଭରୁ ସୂଚନା ଦିଆଯାଇଥିଲା। ଅକ୍ଟୋବରରେ ବଡ଼ ବାତ୍ୟା ନେଇ ଖଡ଼ିରତ୍ନ ପଞ୍ଜିକାରେ ପୂର୍ବାନୁମାନ କରାଯାଇଛି।

ଅକ୍ଟୋବର ୧୭ରୁ ୨୩ ଓ ୨୬ରୁ ୩୦ ମଧ୍ୟରେ ବାତ୍ୟା ହେବାନେଇ ପଞ୍ଜିକାରେ ଗଣନା ହୋଇଥିଲା। ପଞ୍ଜିକାରେ ପ୍ରତ୍ୟେକ ମାସ ଆରମ୍ଭରୁ ରାଜ୍ୟ ତଥା ରାଷ୍ଟ୍ରର ଫଳ କ'ଣ ହେବ ଉଲ୍ଲେଖ କରାଯାଇଥାଏ। ଏଥିସହିତ ପାଣିପାଗର ଅନୁମାନ ସମ୍ବନ୍ଧୀୟ ତଥ୍ୟ ମଧ୍ୟ ରହିଥାଏ। ଖଡ଼ିରତ୍ନ ପଞ୍ଜିକାର ୧୯୬ନଂ ପୃଷ୍ଠାରେ ତୁଳା ମାସର ଆରମ୍ଭରେ ଗଣନା ମୁତାବକ ପାଣିପାଗର ପୂର୍ବାନୁମାନ ସ୍ପଷ୍ଟ ଭାବେ ଲେଖାଯାଇଛି। ନଭେମ୍ବର ୫ରୁ ୯ତାରିଖ ଏବଂ ୧୧ରୁ ୧୫ତାରିଖ ମଧ୍ୟରେ ପ୍ରଚଣ୍ଡ ବାୟୁ ପ୍ରବାହ, ସାମୁଦ୍ରିକ ଝଡ଼, ଲଘୁଚାପ, ଜୁଆର ଓ ବନ୍ୟା ବିପ୍ଳାତ ଦ୍ୱାରା ବହୁ ଧନଜୀବନ ପ୍ରଭାବିତ ହେବ ବୋଲି ପଞ୍ଜିକାରେ ଆକଳନ କରାଯାଇଛି। ତେବେ ପାଣିପାଗ ବିଭାଗ ଯାହା ଏବେ ଆକଳନ କରିଛି, ତାହା ଗତ ଏପ୍ରିଲ ମହାବିଷୁବ ସଂକ୍ରାନ୍ତିଠାରୁ ପଞ୍ଜିକା ଚଳନ ହେବା ପୂର୍ବରୁ ଆକଳନ କରିସାରିଛନ୍ତି ଜ୍ୟୋତିର୍ବିଦ। ସାମନ୍ତ ଚନ୍ଦ୍ରଶେଖର ପଞ୍ଜିକାରେ ମଧ୍ୟ ଅନୁରୂପ ପୂର୍ବାନୁମାନ ରହିଛି। ତେବେ ୧୯୯୯ ମହାବାତ୍ୟା, ୨୦୦୪ରେ ସୁନାମି, ୨୦୧୩ ଫାଇଲିନ୍, ୨୦୧୪ର ମହାସାମୁଦ୍ରିକ ଝଡ଼ ହୁଡହୁଡ଼, ୨୦୧୮ରେ ମହାସାମୁଦ୍ରିକ ଝଡ଼ ତିତିଲି, ୨୦୧୯ ଫାନି ବାତ୍ୟା ବିଷୟରେ ପଞ୍ଜିକାର ପୂର୍ବଗଣନା ସତ ହୋଇଛି। ହିନ୍ଦୁ ଧର୍ମ ତଥା ଓଡ଼ିଆ ପରମ୍ପରାରେ ପଞ୍ଜିକା ବା ପାଞ୍ଜିର ସ୍ଥାନ ସ୍ୱତନ୍ତ୍ର ହୋଇଥିବା ବେଳେ ପାଞ୍ଜି ଗଣନାକାରୀଙ୍କ ସାଧନା, ତତ୍ତ୍ୱ ଓ ଜ୍ୟୋତିଷ ଶାସ୍ତ୍ର ଉପରେ ଦକ୍ଷତା, ନିର୍ଭୁଲ ଗଣନାର ବାଟ ଫିଟାଇଥାଏ। ବିଜ୍ଞାନର ଅଗ୍ରଗତି ସହ ସଭ୍ୟତା ଯେତେ ଆଗକୁ ଗଲେ ମଧ୍ୟ ପଞ୍ଜିକାର ନିର୍ଭୁଲ ଗଣନା ଏବେ ବି ଲୋକଙ୍କୁ ବାନ୍ଧି ରଖିଛି। ତେବେ ପଞ୍ଜିକା ଆକଳନ ଗୋଟିଏ ପରେ ଗୋଟିଏ ସତ ହେବାବେଳେ, ଆସନ୍ତା ନଭେମ୍ବରରେ ମଧ୍ୟ ଏକ ବଡ଼ଧରଣର ବାତ୍ୟା ନେଇ ପଞ୍ଜିକାରେ ଉଲ୍ଲେଖ ରହିଛି।

# ଜିରୋ କାଜୁଆଲିଟି ଉପରେ ଗୁରୁତ୍ୱ


ବୈଠକରେ ବିଡିଓଙ୍କ ସମେତ ଅନ୍ୟ ଅଧିକାରୀବୃନ୍ଦ ।

ପିପିଲି,୨୨।୧୦(ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର)

ବାତ୍ୟା 'ଦାନା'ର ମୁକାବିଲା ପାଇଁ ମଙ୍ଗଳବାର ପିପିଲି ବ୍ଲକ ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପିପିଲି ବିଡିଓ ସରୋଜ ରାଉତଙ୍କ ଅଧ୍ୟକ୍ଷତାରେ ବୈଠକରେ ପିପିଲି ତହସିଲଦାର ଦିଲ୍ଲୀପ କୁମାର ମାଝୀ, ପିପିଲି ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି, ବ୍ଲକ ମେଡିକାଲ ଅଫିସର ବିନୟ କୁମାର ପଣ୍ଡା, ବ୍ଲକ ଅଧ୍ୟକ୍ଷା ଦେବସ୍ମିନୀ ନନ୍ଦ, ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ଜିଲା ପରିଷଦ ଧରଣୀଧର ସାହୁ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ସମେତ ସମସ୍ତ ବିଭାଗର ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ପିପିଲି ବ୍ଲକରେ ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳ ମଧ୍ୟରୁ ୪ଟି ସ୍ଥାୟୀ ମଲ୍ଟି ପ୍ରପୋଜ ବାତ୍ୟା ଆଶ୍ରୟସ୍ଥଳ କରାଯାଇଛି। ଏଥିସହ ୨୫ଟି ପଞ୍ଚାୟତର ସରକାରୀ ସ୍କୁଲ ପରିସରରେ ୫୦ରୁ ୬୦ଟି ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳ କରାଯାଇଛି। ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଓ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବିଡିଓ ସମସ୍ତ ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ କରି ଜିରୋ କାଜୁଆଲିଟି ଉପରେ ଗୁରୁତ୍ୱ ଦେଇଥିବା କହିଛନ୍ତି। ଏହାସହ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଧ୍ୟ ପ୍ରତ୍ୟେକ ପିଏଚ୍‌ସି ଓ ସିଏଚ୍‌ସିରେ ମାତ୍ରାଧିକ ଔଷଧ ରଖାଯାଇଥିବା ଏବଂ ଲୋକମାନଙ୍କ ସମସ୍ୟା ପାଇଁ ଯାହା ଆବଶ୍ୟକ ରହିବ ସମସ୍ତ ସୁବିଧା ଯୋଗାଇଦେବେ ବୋଲି ପିପିଲି ବିଡିଓ ସରୋଜ କୁମାର ରାଉତ କହିଛନ୍ତି। ସେପଟେ ସମ୍ଭାବ୍ୟ ବାତ୍ୟାରେ ସାଧାରଣ ଲୋକଙ୍କ ଖାଦ୍ୟ ସମସ୍ୟାକୁ ଦୃଷ୍ଟିରେ ରଖି ଖାଉଟି ଓ ବିଭାଗୀୟ ଅଧିକାରୀଙ୍କ ଉପରେ ବର୍ଷିଛନ୍ତି ବରିଷ୍ଠ ବିଜେଡି ନେତା ତଥା ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ। ଖାଲି ବାତ୍ୟା ମୁକାବିଲା ସଭା କରି ସରକାରୀ କାମ ସାରିଦେଲେ ଚଳିବନି, ସାଧାରଣ ଲୋକଙ୍କ ଅତ୍ୟାବଶ୍ୟକ ସାମଗ୍ରୀ ଯେପରି କଳାବଜାରୀ ନ ହେବ ସେ ନେଇ ଜିଲା ପ୍ରଶାସନ ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି ସେ ଦାବି କରିଛନ୍ତି।

## ୧୮ ମୋବାଇଲ ଜବତ, ୨ ଗିରଫ

ପୁରୀ,୨୨।୧୦(ଅଜିତ୍ କୁମାର ମହାନ୍ତି)

ଘରେ ପଶି ମୋବାଇଲ ଚୋରି କରିବା ଓ ଚୋରି ମୋବାଇଲକୁ କିଣିବା ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୋଲିସ ୨ ଅଭିଯୁକ୍ତକୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଚନ୍ଦନପୁର ଥାନା ଅନ୍ତର୍ଗତ ରୁଆ ଗ୍ରାମର ସୁରେଶ ବାରିକ ଓ ସତ୍ୟବାଦୀ ଥାନାର ଅଞ୍ଚଳର ଅର୍କତର ମହମ୍ମଦ। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ୧୮ଟି ମୋବାଇଲ ଜବତ କରିଛି। ଏନେଇ କେସ୍ (ନଂ ୩୫୪/୨୪)ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ୧୮ ତାରିଖରେ ଶୀଧର ଖୁଣ୍ଟିଆ ଘରେ ଶୋଇଥିବା ବେଳେ କେହି ଦୁର୍ବୃତ୍ତ ଘରେ ପଶି ୩ଟି ମୋବାଇଲ୍ ଓ ୭ ହଜାର ଟଙ୍କା ଚୋରି କରି ନେଇଥିବା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ସିସିଟିଭି ଯାଞ୍ଚ କରି ସୁରେଶଙ୍କୁ ଚିହ୍ନଟ କରି ପଚରାଉଚରା କରିଥିଲା। ମୋବାଇଲଗୁଡ଼ିକ ସେ ସତ୍ୟବାଦୀଠାରେ ମୋବାଇଲ ଦୋକାନୀ ଅର୍କତର ମହମ୍ମଦଙ୍କୁ ବିକ୍ରି କରିଥିବା ସୂଚନା ଦେଇଥିଲେ। ପୋଲିସ ମୋବାଇଲ ଦୋକାନରେ ଚଢ଼ାଉ କରି ଅର୍କତରଠାରୁ ୩ଟି ମୋବାଲଇ ସହ ଅନ୍ୟ ୧୫ଟି ମୋବାଇଲ୍ ଜବତ କରିଛି। ପୋଲିସ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି।

# ବିଶ୍ୱମ୍ଭର ବିଦ୍ୟାପୀଠର ପ୍ରତିଷ୍ଠାତାଙ୍କ ଜୟନ୍ତୀ


ଅତିଥିମାନେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି।

ପୁରୀ,୨୨।୧୦(ଅଜିତ୍ କୁମାର ମହାନ୍ତି)

ବିଶ୍ୱମ୍ଭର ବିଦ୍ୟାପୀଠର ପ୍ରତିଷ୍ଠାତା ପ୍ରଧାନ ଶିକ୍ଷକ ପଦ୍ମନାଭ ଦାଶଙ୍କ ୧୦୩ ତମ ଜୟନ୍ତୀ ମଙ୍ଗଳବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ପ୍ରାର୍ଥନା ସଭା, ସ୍ମୃତିଚାରଣ ତଥା ପ୍ରତିମୂର୍ତ୍ତିଗୁଡ଼ିକରେ ମାଲ୍ୟାର୍ପଣ ଓ ଦୀପଦାନ କରାଯାଇଛି। ଅତିଥି ଭାବେ ପୌରସଂସ୍ଥାର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ଯୋଗଦେଇ ଦିବଂଗତ ସାରଙ୍କ କର୍ମ ନିଷ୍ଠା ଓ ଆଦର୍ଶରେ ଅନୁପ୍ରାଣିତ ହେବାପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ଛାତ୍ର ସଂସଦର ଡ. ବାନାମ୍ବର ସେନାପତି, ନାରାୟଣ ଦାଶ, ରାଜା ମହାନ୍ତି, ସୁକାନ୍ତ ପଣ୍ଡା, ତନ୍ମୟ ଚାଟାର୍ଜୀ, ଦେବାଶିଷ ମିଶ୍ର, ପ୍ରଧାନ ଶିକ୍ଷୟିତ୍ରୀ ଶୁଭଶ୍ରୀ ଦାସ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଧ୍ରୁବ ଚରଣ କର, 'ମୋ ସ୍କୁଲ'ର ସଭାପତି ରମାବଲ୍ଲଭ ମହାପାତ୍ର, ପଦ୍ମନାଭ ଦାଶ ମେମୋରିଆଲ ଟ୍ରଷ୍ଟର ସଭାପତି ରବିନାରାୟଣ ସେନାପତି, ସମ୍ପାଦକ ଦେବୀପ୍ରସନ୍ନ ନନ୍ଦ, ବିଜୟ ରାମାନୁଜ ଦାସ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ ସୁଦର୍ଶନ ଦାସମହାପାତ୍ର, ରବି ଶତପଥୀ, ତ୍ରିବିକ୍ରମ ମିଶ୍ର, ପ୍ରଦୀପ ପଟ୍ଟନାୟକ, ପ୍ରଦୀପ ମହାନ୍ତି, ଜଗନ୍ନାଥ ପାତ୍ର, ଶ୍ୟାମସୁନ୍ଦର ପାତ୍ର, ଅଶୋକ ମହାନ୍ତି, ସନ୍ତୋଷ ସାହୁ, ପ୍ରଫୁଲ୍ଲ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ 'ହୋପ ଇଜ୍ ଲାଇଫ' ସଂସ୍ଥା ଦ୍ୱାରା ପରିଚାଳିତ ଜରାନିବାସ ଅନ୍ତେବାସୀଙ୍କୁ ମଧ୍ୟାହ୍ନ ଭୋଜନରେ ଆପ୍ୟାୟିତ କରାଯାଇଥିଲା।

# ବିଭିନ୍ନ ସ୍ଥାନ ପରିଦର୍ଶନ କଲେ ଅତିରିକ୍ତ ଜିଲାପାଳ

କାକଟପୁର/ଅସ୍ତରଙ୍ଗ,୨୨।୧୦ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ପାଣିପାଗ ବିଭାଗର ଆକଳନ ଅନୁଯାୟୀ ସୃଷ୍ଟି ହୋଇଥିବା ଲଘୁଚାପ ସମ୍ଭାବ୍ୟ ବାତ୍ୟାର ରୂପନେବା ସୂଚନାକ୍ରମେ ପୁରୀ ଜିଲା ପ୍ରଶାସନ ଦ୍ୱାରା ପ୍ରସ୍ତୁତି ଆରମ୍ଭ ହୋଇସାରିଛି। ମଙ୍ଗଳବାର ପୁରୀ ଅତିରିକ୍ତ ଜିଲାପାଳ (ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ) କୈଳାଶ ଚନ୍ଦ୍ର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାତ୍ୟା ମୁକାବିଲା ପାଇଁ କ୍ଷେତ୍ରୀୟସ୍ତରରେ ପୂର୍ଣ୍ଣ ପ୍ରସ୍ତୁତି ନିମନ୍ତେ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପତି, ଅତିରିକ୍ତ ତହସିଲଦାର ପ୍ରଭୁପ୍ରସାଦ ପଣ୍ଡା ଓ ବ୍ଲକ ପ୍ରଶାସନ ସହ ସ୍ୱତନ୍ତ୍ର ବୈଠକ କରିଥିଲେ। ଅସ୍ତରଙ୍ଗ ବ୍ଲକର ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ କରି ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ କୁହାଯାଇଛି। ସେଠାରେ ପାନୀୟ ଜଳଯୋଗାଣ, ଶୌଚାଳୟ, ଜେନେରେଟର, ଆସ୍କା ଲାଇଟ, ଯାନ୍ତ୍ରିକ କଟର ଓ ଆନୁଷଙ୍ଗିକ ସମସ୍ତ ଉପକରଣ ସଚଳ ଅବସ୍ଥାରେ ରଖିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଆବଶ୍ୟକସ୍ଥଳେ ନିରାପଦ ସ୍କୁଲଗୁଡ଼ିକୁ ମଧ୍ୟ ଆଶ୍ରୟସ୍ଥଳୀ ରୂପେ ଚିହ୍ନଟ କରିବାକୁ କୁହାଯାଇଛି। ଆଶ୍ରୟସ୍ଥଳରେ ଶୁଖିଲା ଖାଦ୍ୟ, ରନ୍ଧାଖାଦ୍ୟ ପାଇଁ ଆବଶ୍ୟକ ଉପକରଣ, ଔଷଧ, ଶିଶୁଖାଦ୍ୟ, ଗୋଖାଦ୍ୟ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅସ୍ତରଙ୍ଗ ବ୍ଲକ ଆଭାସୀ ଗୃହରେ ଆଭାସୀ ମାଧ୍ୟମରେ ଅତିରିକ୍ତ ଜିଲାପାଳ ଓ ବ୍ଲକ ପ୍ରଶାସନ ଅଧିକାରୀମାନେ ବୈଠକରେ ସାମିଲ ହୋଇଥିଲେ। ଏହାପରେ ଅତିରିକ୍ତ ଜିଲାପାଳ, ମତ୍ସ୍ୟ ଉପନିର୍ଦ୍ଦେଶକ (ପୁରୀ ଜୋନ୍) ନରସିଂହ ମୁଣ୍ଡ, ସହ ମତ୍ସ୍ୟଅଧିକାରୀ ସତ୍ୟବ୍ରତ ଦାସ ନୂଆଗଡ଼ ଜେଟି ପରିଦର୍ଶନ କରି ବୋଟଗୁଡ଼ିକ ସୁରକ୍ଷିତ ସ୍ଥାନକୁ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ୨୩ ଓ ୨୪ତାରିଖ ବେଳକୁ ଅଧିକ ବର୍ଷା ହେବାର ଆଶଙ୍କାଥିବାରୁ ଏହାର ମୁକାବିଲା ପାଇଁ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି ବୋଲି ସୂଚନା ଦେଇଛନ୍ତି।



# ବାତ୍ୟା ମୁକାବିଲା ପାଇଁ ସଜାଗ ରହିବାକୁ ନିର୍ଦ୍ଦେଶ

ନିମାପଡ଼ା/ଗୋପ,୨୨।୧୦ (ବିଚିତ୍ରାନନ୍ଦ ସାହୁ/ଭାରତୀ ଭୂଷଣ ଉପାଧ୍ୟାୟ)


ନିମାପଡା ବ୍ଲକ ବୈଠକରେ ମଞ୍ଚାସୀନ ଉପମୁଖ୍ୟମନ୍ତ୍ରୀ ଓ ଅନ୍ୟ ଅତିଥିମାନେ।

ସମ୍ଭାବ୍ୟ ବାତ୍ୟା ପରିସ୍ଥିତିକୁ ନେଇ ନିମାପଡ଼ା ବ୍ଲକ ଓ ଏନ୍‌ଏସି ପ୍ରଶାସନ ସବୁମତେ ସଜାଗ ରହିବାକୁ ସ୍ଥାନୀୟ ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ନିମାପଡ଼ା ବ୍ଲକ ଓ ଏନ୍‌ଏସି କାର୍ଯ୍ୟାଳୟଠାରେ ବାତ୍ୟା ମୁକାବିଲା ସମ୍ପର୍କିତ ଏକ ସ୍ୱତନ୍ତ୍ର ଜରୁରୀ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପରିଡ଼ା, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ଉପାଧ୍ୟକ୍ଷା ଅନସୂୟା ମହାନ୍ତି, ବିଡିଓ ଡ. ଅଭିଜିତ୍ ଷଡ଼ଙ୍ଗୀ, ଅତିରିକ୍ତ ବିଡିଓ ପ୍ରିୟଦର୍ଶିନୀ ବରାଳ, ତହସିଲଦାର ବସନ୍ତ କୁମାର ହାତୀ, ପୋଲିସ ଏସ୍‌ଡିପିଓ ପ୍ରଭାତ ମଲ୍ଲିକ, ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। ଜନସାଧାରଣ ଭୟଭୀତ ନ ହେବାକୁ ପରିଡ଼ା ପରାମର୍ଶ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଗ୍ନିଶମ ଅଧିକାରୀ ସରୋଜକାନ୍ତ ସାହୁ, ଯୋଗାଣ ଅଧିକାରୀ ଜୟନ୍ତୀ ହରିଚନ୍ଦନ, ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀ ବିଶ୍ୱରଞ୍ଜନ ବେହେରା, ବିଇଓ ଦ୍ୱିତିକାନ୍ତ ପ୍ରଧାନ, ଗ୍ରାମ୍ୟ ପାନୀୟ ଜଳଯୋଗାଣ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଭାତ ବେହେରାଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ସେହିପରି ଗୋପ ବ୍ଲକ ବୈଠକ ଗୃହରେ ବାତ୍ୟାକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୋପ ବ୍ଲକ ଓ କୋଣାର୍କ ଏନ୍‌ଏସି ଅଧୀନରେ ରହିଥିବା ୧୯ରୁ ଅଧିକାଂଶ ବାତ୍ୟା ଆଶ୍ରୟସ୍ଥଳରେ ବିଦ୍ୟୁତ୍ ନ ଥିବା, ପାଇଖାନା ଭାଙ୍ଗିରୁଜି ଯାଇଥିବା କେତେଜଣ ଜନପ୍ରତିନିଧି ଉପମୁଖ୍ୟମନ୍ତ୍ରୀ ପରିଡ଼ାଙ୍କୁ ଅଭିଯୋଗ କରିଥିଲେ। ତୁରନ୍ତ ଏହି ସବୁ ବାତ୍ୟା ଆଶ୍ରୟସ୍ଥଳରେ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଶେଷ କରିବାକୁ ଉପମୁଖ୍ୟମନ୍ତ୍ରୀ ପରିଡ଼ା ବିଡିଓ ଛବିରାଣି ସାହୁଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୋଣାର୍କ, ଗୋପ ବ୍ଲକର ସମସ୍ତ ବିଭାଗର ଉଚ୍ଚ ଅଧିକାରୀଙ୍କୁ ନେଇ କିପରି ବାତ୍ୟା ଦାନାକୁ ମୁକାବିଲା କରାଯିବ, ସେ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ସ୍ୱାସ୍ଥ୍ୟ ବିଭାଗ, ଜଳସମ୍ପଦ ବିଭାଗ, ପୂର୍ତ୍ତ ବିଭାଗ, ଶିକ୍ଷା ବିଭାଗ, ବିଦ୍ୟୁତ୍ ବିଭାଗ, ପୋଲିସ ବିଭାଗ, ଅଗ୍ନିଶମ ବିଭାଗ, କୃଷି ବିଭାଗ ସହିତ ବ୍ଲକର ସମସ୍ତ ଉଚ୍ଚ ପଦସ୍ଥ ଅଧିକାରୀ ଉପସ୍ଥିତ ରହିଥିଲେ। ପରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଗୋପ ବ୍ଲକ ମିଶନ ଶକ୍ତି ଭବନରେ ପହଞ୍ଚିଥିଲେ। ପ୍ରତ୍ୟେକ ପଞ୍ଚାୟତ ମହିଳା ସଂଗଠନଗୁଡ଼ିକ ଏ ସମୟରେ ସହଯୋଗ କରିବା ଲାଗି କହିଥିବାବେଳେ ଗୋପ ବ୍ଲକ ମହିଳା ମହାସଂଘ ସଭାନେତ୍ରୀ ମୀନାକ୍ଷୀ ପୃଷ୍ଟି ସମସ୍ତ ମହିଳା ଗୋଷ୍ଠୀ ସହଯୋଗ କରିବେ ବୋଲି କହିଥିଲେ।

**ବେଆଇନ କରତକଳରେ ଚଢ଼ାଉ, ଯନ୍ତ୍ରାଂଶ ଜବତ**

କଟକ ସଦର,(ସୁଶାନ୍ତ କୁମାର ଜେନା): କଟକ ଭିଜିଲାନ୍ସ ଏସ୍‌ପି ଏବଂ ସିଟି ଡିଏଫ୍‌ଓଙ୍କ ନିର୍ଦ୍ଦେଶକ୍ରମେ ୪୨ ମୌଜା ଅନ୍ତର୍ଗତ କଦମପଡ଼ାଠାରେ ଥିବା ଏକ ବେଆଇନ କରତକଳରେ ମଙ୍ଗଳବାର ଜଙ୍ଗଲ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ପ୍ରାୟ ୬ ଲକ୍ଷ ଟଙ୍କାର କାଠ, ବିଭିନ୍ନ ଯନ୍ତ୍ରାଂଶ ଜବତ କରାଯାଇଛି। ଏଥିସହ ଗୋଟିଏ ଟ୍ରାକ୍ଟର ଜବତ କରାଯାଇଛି। ସହକାରୀ ବନ ସଂରକ୍ଷକ ବବିତା ସୋରେନ, ରେଞ୍ଜ ଅଧିକାରୀ ରଶ୍ମିରେଖା ପରିଡ଼ାଙ୍କ ନେତୃତ୍ୱରେ କଟକ ଓ ଫୁଲନଖରା ରେଞ୍ଜର ଶ୍ରୀକାନ୍ତ ବେହେରା, ଧନେଶ୍ୱର ସାହୁ, ଅନନ୍ୟା ବିଶ୍ୱାଳ ଓ ଅନ୍ୟ କର୍ମଚାରୀ ଚଢ଼ାଉରେ ସାମିଲ ହୋଇଥିଲେ।

## ସଂକ୍ଷେପରେ

## ସତର୍କ, ସଜାଗ ରହିବାକୁ ପରାମର୍ଶ

**ସମ୍ଭାବ୍ୟ ବାତ୍ୟା ମୁକାବିଲା ପ୍ରସ୍ତୁତି**

ଚୌଦ୍ୱାର,୨୨।୧୦(ଆଶୁତୋଷ ଦାସ)

ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ଚୌଦ୍ୱାର ପୌରପାଳିକା ପକ୍ଷରୁ ପୌର ସଭାଗୃହରେ ଏକ ଜରୁରିକାଳୀନ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ ଏଥିରେ ଅଧ୍ୟକ୍ଷତା କରି ବାତ୍ୟା ମୁକାବିଲା ପାଇଁ ସମସ୍ତେ ସତର୍କ ସହିତ ସଜାଗ ରହିବାକୁ ପରାମର୍ଶ ଦେଇଥିଲେ। ଚୌଦ୍ୱାର ଟାଉନହଲ୍, କପାଳେଶ୍ୱରସ୍ଥିତ କଲ୍ୟାଣ ମଣ୍ଡପ, ଆଇଟିଟି କଲେଜ, ଚୌଦ୍ୱାର କଲେଜ, ମ୍ୟୁନିସିପାଲ ହାଇସ୍କୁଲ ଓ ନିଗମାନନ୍ଦ ବିଦ୍ୟାପୀଠକୁ ବାତ୍ୟା ଆଶ୍ରୟସ୍ଥଳ ଭାବେ ଚିହ୍ନଟ କରାଯାଇଛି। ଆବଶ୍ୟକ ପଡିଲେ ବିଭିନ୍ନ ୱାର୍ଡରେ ଥିବା ବିଦ୍ୟାଳୟକୁ ଆଶ୍ରୟ ସ୍ଥଳ ଭାବେ ବ୍ୟବହାର କରାଯିବ। ଏହାର ପରିଚାଳନା ପାଇଁ ନୋଡାଲ ଅଫିସରମାନେ ଦାୟିତ୍ୱ ନିର୍ବାହ କରିବେ ବୋଲି ବୈଠକରେ ସ୍ଥିର ହୋଇଛି। ବିଭିନ୍ନ ୱାର୍ଡରେ ଡାକବାଜି ଯନ୍ତ୍ର ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଇଛି। ଏହି ବୈଠକରେ ଟାଙ୍ଗୀ-ଚୌଦ୍ୱାର ଅଗ୍ନିଶମ ବିଭାଗ ଅଧିକାରୀ ବିଷ୍ଣୁ ପ୍ରସାଦ ଦାସ, ଜନସ୍ୱାସ୍ଥ୍ୟ ବିଭାଗର ଜେଇ ପ୍ରିୟଦର୍ଶିନୀ ଶତପଥୀ, ଟିପିଡିଓସିଏଲ୍‌ର ଏସ୍‌ଡିଓ ବିଶ୍ୱଜିତ୍ ଦେହୁରୀ ଯୋଗଦେଇ ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ବିଭାଗ ପ୍ରସ୍ତୁତ ରହିଥିବା କହିଥିଲେ। ସାଧାରଣ ଲୋକେ ଅସୁବିଧାର ସମ୍ମୁଖୀନ ହେଲେ ଫୋନ୍ (ନମ୍ବର ୦୬୭୧-୨୩୯୪୨୭୨)ରେ ଯୋଗାଯୋଗ କରିବାକୁ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ କହିଛନ୍ତି। ପୌରପାଳିକା ପକ୍ଷରୁ ପର୍ଯ୍ୟାପ୍ତ ପରିମାଣର ଶୁଖିଲା ଖାଦ୍ୟ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସାମଗ୍ରୀ ମହଜୁଦ ଥିବା ପୌରପାଳିକା ଏମ୍‌ଆଇ ମଧୁସ୍ମିତା ମାଝୀ କହିଛନ୍ତି। ବୈଠକରେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ପୌରଯନ୍ତ୍ରୀ ପତିତପାବନ ପଟ୍ଟନାୟକଙ୍କ ସମେତ ସମସ୍ତ କାଉନସିଲର ଓ ପୌରକର୍ମଚାରୀ ଉପସ୍ଥିତ ଥିଲେ। ବାତ୍ୟା ମୁକାବିଲା ପାଇଁ ବିଧାୟକ ସୌଭିକ୍ ବିଶ୍ୱାଳ ଫୋନ୍ ମାଧ୍ୟମରେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।

# ଅଧିକ ଦାମ୍‌ରେ ସାମଗ୍ରୀ ବିକ୍ରିକଲେ କାର୍ଯ୍ୟାନୁଷ୍ଠାନ

**ଛତ୍ରବଜାରରେ ଯୋଗାଣ ଅଧିକାରୀଙ୍କ ଚଢ଼ାଉ**

**■ଆଳୁ କିଲୋ ୫୦, ପିଆଜ ୭୦ ଛୁଇଁଲା**

କଟକ,୨୨।୧୦(କାର୍ତ୍ତିକ ସାହୁ)

ସମ୍ଭାବ୍ୟ ବାତ୍ୟା ପାଇଁ ଲୋକଙ୍କ ମନରେ ଛନକା ପଶିଛି। କଟକ ଛତ୍ରବଜାର ଓ ମାଲଗୋଦାମରେ ଅହେତୁକ ଭିଡ଼ ପରିଲକ୍ଷିତ ହୋଇଛି। ଲୋକଙ୍କର ଆବଶ୍ୟକତାଠାରୁ ଅଧିକ ପରିବା ଓ ଅତ୍ୟାବଶ୍ୟକ ସାମଗ୍ରୀ କିଣି ନେବାର ମନୋବୃତ୍ତି ପାଇଁ ସାମଗ୍ରୀଗୁଡ଼ିକର କୃତ୍ରିମ ସଙ୍କଟ ସାଙ୍ଗକୁ ଦରବୃଦ୍ଧିର କାରଣ ପାଲଟିଛି। ଫଳସ୍ୱରୂପ ଛତ୍ରବଜାରରେ ଆଳୁ କିଲୋ ୫୦ ଟଙ୍କା ଓ ପିଆଜ କିଲୋ ୭୦ ଟଙ୍କା ଖୁଚୁରା ଦରରେ ମଙ୍ଗଳବାର ବିକ୍ରି ହୋଇଛି। ଅପରପକ୍ଷରେ ଯୋଗାଣ ଅଧିକାରୀ କେଦାରନାଥ ପ୍ରଧାନୀଙ୍କ ନେତୃତ୍ୱରେ ୪ ଜଣିଆ ଟିମ୍ ପୂର୍ବାହ୍ନ ପ୍ରାୟ ୧୧ଟାରେ ଛତ୍ରବଜାରରେ ଚଢ଼ାଉ କରି ସ୍ଥିତି ଯାଞ୍ଚ କରିଥିଲା। ସେମାନେ ବିଭିନ୍ନ ଗୋଦାମ ପରିଦର୍ଶନ କରିବା ସହ ଖୁଚୁରା ବଜାରରେ ଆଳୁ, ପିଆଜର ଦର ପରଖିଥିଲେ। କୌଣସି ବ୍ୟବସାୟୀ ଅସାଧୁ ମନୋବୃତ୍ତି ରଖି ଅଧିକ ଦରରେ ସାମଗ୍ରୀ ବିକ୍ରି କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଯୋଗାଣ ଅଧିକାରୀ ପ୍ରଧାନୀ କହିଛନ୍ତି।



ଛତ୍ରବଜାରରେ ଜିଲା ଯୋଗାଣ ଅଧିକାରୀଙ୍କ ପକ୍ଷରୁ ସ୍ଥିତି ଯାଞ୍ଚ କରାଯାଉଛି।

ଛତ୍ରବଜାର ବ୍ୟବସାୟୀ ସଂଘ ସମ୍ପାଦକ ଦେବେନ୍ଦ୍ର ସାହୁ କହିଛନ୍ତି, ସମ୍ଭାବ୍ୟ ବାତ୍ୟା ପାଇଁ ଆଳୁ, ପିଆଜ ସହ ଅନ୍ୟ ସାମଗ୍ରୀ ଆମଦାନି ନିମନ୍ତେ ବାହାର ରାଜ୍ୟର ଯୋଗାଣକାରୀଙ୍କ ଉପରେ ଚାପ ରହୁଛି। ଏହା ମଧ୍ୟ ଦର ବୃଦ୍ଧିର ଅନ୍ୟତମ କାରଣ ପାଲଟିଛି। ତେଣୁ ଲୋକମାନେ ବ୍ୟସ୍ତ ନ ହେବା ଉଚିତ୍।

ସେହିପରି ମାଲଗୋଦାମରେ ୧୫ ଦିନ ପାଇଁ ସାମଗ୍ରୀ ମହଜୁଦ ରଖାଯାଇଥିବା ଏବଂ ୨୪ ଘଣ୍ଟିଆ ବ୍ୟବସାୟ ପ୍ରତିଷ୍ଠାନ ଖୋଲା ରହିବ ବୋଲି ମାଲଗୋଦାମ ବଣିକ ସଂଘ ପକ୍ଷରୁ ଘୋଷଣା କରାଯାଇଛି। ସାଧାରଣ ଦିନରେ ଦୈନିକ କାରବାର ପ୍ରାୟ ୧୧ କୋଟି ଟଙ୍କା ହେଉଥିବାବେଳେ ଏବେ ବାତ୍ୟା ଆଶଙ୍କାରେ ମାଲଗୋଦାମରେ ୧୬ କୋଟି ଟଙ୍କାର କାରବାର ହେଉଥିବା ଜଣାପଡିଛି। ଛତ୍ରବଜାରରେ ମଧ୍ୟ ୧ କୋଟି ୨୦ ଲକ୍ଷ ଟଙ୍କାର ବ୍ୟବସାୟ ହୋଇଥିବା ସୂଚନା ମିଳିଛି। ବଣିକ ସଂଘ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ଛାଟୋଇ କହିଛନ୍ତି, ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ବହୁ ପରିମାଣରେ ମହଜୁଦ କରି ରଖାଯାଇଛି। ଏହାକୁ ଗ୍ରାହକଙ୍କ ନିକଟରେ ଅତିଶୀଘ୍ର ପହଞ୍ଚାଇବା ପାଇଁ ବ୍ୟବସ୍ଥା କରାଯାଇଛି। ମାଲଗୋଦାମ ଅଞ୍ଚଳରେ ପ୍ରଡକ୍ସନ ହାଉସ ନ ଥିବା ସତ୍ତ୍ୱେ ବାହାର ରାଜ୍ୟରେ ଥିବା ଫ୍ୟାକ୍ଟ୍ରିଗୁଡିକୁ ଆଗୁଆ ସତର୍କ କରାଯାଇ ଅତ୍ୟାବଶ୍ୟକ ସାମଗ୍ରୀ ଓ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ପ୍ରଚୁର ପରିମାଣରେ ମହଜୁଦ ରଖାଯାଇଛି। ଆବଶ୍ୟକ ହେଲେ ବଣିକ ସଂଘ ତରଫରୁ ଧାର୍ଯ୍ୟ ବ୍ୟବସାୟ ସମୟସୀମା ବାଦ୍ ଦେଇ ୨୪ ଘଣ୍ଟିଆ ଦୋକାନ ଖୋଲା ରଖି ସାମଗ୍ରୀ ଯୋଗାଇଦେବା ପାଇଁ ବ୍ୟବସାୟୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତେଣୁ ଲୋକମାନେ ଅଯଥା ଆତଙ୍କିତ ହୋଇ ମାତ୍ରାଧିକ ସାମଗ୍ରୀ ନ କିଣିବାକୁ ପରାମର୍ଶ ଦିଆଯାଇଛି ବୋଲି ସେ କହିଛନ୍ତି।

## ଦ୍ୱିତୀୟ ଯକୃତ ପ୍ରତିରୋପଣ ପରେ ଏସ୍‌ସିବିରୁ ମାନସ ଡିସ୍‌ଚାର୍ଜ



ଯକୃତ ଗ୍ରହୀତା ମାନସ ମୁଦୁଲିଙ୍କ ସହ ସ୍ତ୍ରୀ ଛବି ମୁଦୁଲି।

କଟକ, ୨୨।୧୦(ଶିଲ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲରେ ଦ୍ୱିତୀୟ ପର୍ଯ୍ୟାୟ ଯକୃତ ପ୍ରତିରୋପଣ କରାଯାଇଥିବା ନୟାଗଡ଼ ଅଞ୍ଚଳର ମାନସ ମୁଦୁଲି (୩୯)ଙ୍କୁ ମଙ୍ଗଳବାର ମେଡିକାଲରୁ ଡିସ୍‌ଚାର୍ଜ କରାଯାଇଛି। ଏନେଇ ଏସ୍‌ସିବି ମେଡିକାଲ କଲେଜ ଅଧ୍ୟକ୍ଷାଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅଧ୍ୟକ୍ଷା ପ୍ରଫେସର ଡା. ଲୁସି ଦାସ କହିଛନ୍ତି, ଗତ ସେପ୍ଟେମ୍ବର ୯ରେ ମାନସଙ୍କ ଶରୀରରେ ଯକୃତ ପ୍ରତିରୋପଣ କରାଯାଇଥିଲା। ତାଙ୍କ ସ୍ତ୍ରୀ ଛବି ମୁଦୁଲି (୨୬)ଙ୍କ ଶରୀରରୁ ୫୫ ପ୍ରତିଶତ ଯକୃତର ଅଂଶ କଢ଼ାଯାଇ ମାନସଙ୍କ ଶରୀରରେ ପ୍ରତିରୋପଣ କରାଯାଇଥିଲା। ଏହାକୁ ନିଃଶୁଳ୍କ ଭାବେ କରାଯାଇଛି। ହାଇଦ୍ରାବାଦସ୍ଥିତ ଏସିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି(ଏଆଇଜି)ର ନିର୍ଦ୍ଦେଶକ ପି. ବାଲାଚନ୍ଦ୍ରନ ମେନନ, ଉପସଭାପତି ଡା. ସନ୍ତୋଷ ସାହୁଙ୍କ ସମେତ ୪ଜଣିଆ ଡାକ୍ତରୀ ଟିମ୍ ଓ ସହ ଏସ୍‌ସିବି ମେଡିକାଲର ଡାକ୍ତରୀ ଟିମ୍ ଏହି କାର୍ଯ୍ୟରେ ସାମିଲ ହୋଇଥିଲେ। ଉଭୟ ଦାତା ଓ ଗ୍ରହୀତାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ରହିଛି। ପ୍ରଥମେ ଯକୃତ ଦାତା ଓ ପରେ ଗ୍ରହୀତାଙ୍କୁ ଡିସ୍‌ଚାର୍ଜ କରାଯାଇଛି। ସେହିପରି ମେଡିକାଲର ଅତିରିକ୍ତ ଅଧୀକ୍ଷକ ଡା. ମନୋଜ ପଟ୍ଟନାୟକ କହିଛନ୍ତି, ଯକୃତ ପ୍ରତିରୋପଣ ପରର ତିନିଦିନ ବହୁ ଗୁରୁତ୍ୱପୂର୍ଣ୍ଣ ଥିଲା। ପ୍ରତିରୋପଣ ପରେ ଗ୍ରହୀତା ତୃତୀୟ ଦିନରେ ଖାଦ୍ୟ ଖାଇବା ଓ ୭ ଦିନରେ ଚାଲିବା ଆରମ୍ଭ କରିଥିଲେ। ଗ୍ରହୀତା ଡିସ୍‌ଚାର୍ଜ ହେବାର ପ୍ରଥମ ସପ୍ତାହରେ ତିନିଦିନକୁ ଥରେ, ପରେ ପ୍ରତ୍ୟେକ ସପ୍ତାହ, ଏହା ପରେ ମାସେ ଓ ୬ ମାସକୁ ଥରେ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ପାଇଁ ଡକାଯିବ ବୋଲି ପଟ୍ଟନାୟକ କହିଛନ୍ତି। ସେହିପରି ଲିଭର ପ୍ରତିରୋପଣ ୟୁନିଟ୍‌ର ନୋଡାଲ ଅଫିସର ରାଜେଶ ଦୋରା କହିଛନ୍ତି, ଏସ୍‌ସିବିରେ ଦୁଇଟି ଯକୃତ ପ୍ରତିରୋପଣ ସଫଳତା ସହ କରାଯାଇଛି। ଖୁବ୍‌ଶୀଘ୍ର ତୃତୀୟ ପର୍ଯ୍ୟାୟ ପ୍ରତିରୋପଣ କରାଯିବ। ଅପରପକ୍ଷରେ ଯକୃତ ପ୍ରତିରୋପଣ କରିଥିବା ଡାକ୍ତରଙ୍କୁ ମାନସ ଧନ୍ୟବାଦ ଜଣାଇଛନ୍ତି।

# ପେଟାନାଳ ଉନ୍ନତୀକରଣ କାର୍ଯ୍ୟ ତୁରନ୍ତ ଶେଷକର



ସମୀକ୍ଷା ବୈଠକରେ ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କ ସମେତ ଅନ୍ୟମାନେ।

କଟକ,୨୨।୧୦(ଶିଲ୍ପା ପ୍ରିୟଦର୍ଶିନୀ)

ପେଟାନାଳର ଉନ୍ନତୀକରଣ କାର୍ଯ୍ୟକୁ ନେଇ ଶିଖରପୁର-ଗଣ୍ଡରପୁରସ୍ଥିତ ଡ୍ରେନେଜ ବିଭାଗର ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଯୋଗଦେଇ ବିଭାଗୀୟ ଯନ୍ତ୍ରୀ ଇଂ. ଅବିନାଶ ରାଉତଙ୍କ ସହ ପେଟାନାଳ ଉନ୍ନତୀକରଣ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ତୁରନ୍ତ ଏହି କାର୍ଯ୍ୟ ଶେଷ କରିବା ସହ ପେଟାନାଳକୁ ସଂଯୋଗ କରୁଥିବା ସ୍ୱରେଜ ଡ୍ରେନ୍ ଜଳକୁ ବିନା ଟ୍ରିଟମେଣ୍ଟରେ ପେଟାନାଳ ମଧ୍ୟକୁ ନ ଛାଡିବାକୁ ବିଧାୟିକା ନିର୍ଦ୍ଦେଶ ଦେଇଛନ୍ତି। ଇଂ. ଅବିନାଶ ରାଉତ ପେଟାନାଳ ଉନ୍ନତୀକରଣ ପାଇଁ ବାକି ଥିବା ଆଉ ୨ କିମି କାର୍ଯ୍ୟ ତୁରନ୍ତ ଆରମ୍ଭ କରାଯାଇ ଡିସେମ୍ବର ସୁଦ୍ଧା ଶେଷ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ବୈଠକରେ ଡ୍ରେନେଜ ବିଭାଗର ଇଂ. ଚିତ୍ତରଞ୍ଜନ ଭୂୟାଁ, କର୍ପୋରେଟର ସନ୍ତୋଷ କୁମାର ଭୋଳ, ଜେ. କାମେଷ ରାଓ, ଜନାର୍ଦ୍ଦନ ପରିଡା, ଶୁଭାଶିଷ ପଟ୍ଟନାୟକ, ସନ୍ତୋଷ କୁମାର ପାତ୍ର, ସ୍ମୃତିରଞ୍ଜନ ରାଉତ, ଅବ୍‌ଦୁଲ ନସିମ, ମହେଶ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ କୋଠାର ଶିଳାନ୍ୟାସ

କଟକ ସଦର,୨୨।୧୦(ସୁଶାନ୍ତ କୁମାର ଜେନା)

କଟକ ସଦର ତହସିଲ ଅନ୍ତର୍ଗତ ବମ୍ଫୁରୀ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନୂତନ କୋଠାର ଶିଳାନ୍ୟାସ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଏହାର ଶିଳାନ୍ୟାସ କରିଥିଲେ। ପୂର୍ତ୍ତ ବିଭାଗ ଦ୍ୱାରା ୧ କୋଟି ୨୭ ଲକ୍ଷ ଟଙ୍କା ବ୍ୟୟରେ ଏହି କୋଠା ନିର୍ମାଣ କରାଯିବ। ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ସୁରେଶ ଚନ୍ଦ୍ର ଜେନା, ଦୀପକ ବେହେରା, ପୂର୍ବତନ ସରପଞ୍ଚ ଯୋଗେନ୍ଦ୍ର ନାଥ ଭୋଇ, ବିଘ୍ନେଶ୍ୱର ରାଉତ, ଲକ୍ଷ୍ମୀଧର ଜେନା, ନିରଞ୍ଜନ ରାଉଳ, ସଂଘମିତ୍ରା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କଟକ ସଦର ତହସିଲ ଅଞ୍ଚଳର ସର୍ବପୁରାତନ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟର ନବକଳେବର ପ୍ରାୟ ୫୦ ବର୍ଷ ପରେ କରାଯାଉଛି ବୋଲି ଜଣାପଡିଛି। ଧାର୍ଯ୍ୟ ସମୟରେ କାର୍ଯ୍ୟ ଶେଷ ହେବ ବୋଲି ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଅଞ୍ଜନ କୁମାର ବଳ କହିଛନ୍ତି।

# ସମ୍ଭାବ୍ୟ ବାତ୍ୟା ମୁକାବିଲା ପ୍ରସ୍ତୁତି

କଟକ ସଦର,୨୨।୧୦(ସୁଶାନ୍ତ କୁମାର ଜେନା)

ସମ୍ଭାବ୍ୟ ବାତ୍ୟାକୁ ନେଇ କଟକ ସଦର ବ୍ଲକ କାର୍ଯ୍ୟାଳୟରେ ମଙ୍ଗଳବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ରୁମାନା ଜାଫ୍ରିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ସମସ୍ତ ବିଭାଗର ପ୍ରତିନିଧି, ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ ଯୋଗଦେଇଥିଲେ। ବିଶେଷକରି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ, ବିଦ୍ୟାଳୟ କୋଠା ବାତ୍ୟା ସମୟରେ ସର୍ବସାଧାରଣଙ୍କ ପାଇଁ ଖୋଲାଯିବାକୁ ନିଷ୍ପତ୍ତି ହୋଇଥିଲା। ଅତ୍ୟାବଶ୍ୟକ ସାମଗ୍ରୀ ବ୍ଲକରେ ପହଞ୍ଚିଯିବ ବୋଲି ସୂଚନା ଦିଆଯାଇଛି। ସୋମବାର କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ବ୍ଲକ କାର୍ଯ୍ୟାଳୟକୁ ଆସି ନିରାଶରେ ଫେରିବାକୁ ନେଇ ଗଣମାଧ୍ୟମ ପ୍ରତିନିଧିମାନେ ବିଡିଓ ଜାଫ୍ରିଙ୍କୁ ପ୍ରଶ୍ନ ପଚାରିଥିଲେ। ଏନେଇ ବିଡିଓ କହିଥିଲେ, ସୋମବାର ଜିଲାପାଳଙ୍କ ସ୍ୱତନ୍ତ୍ର ସମୀକ୍ଷା ବୈଠକରେ ସେ ଉପସ୍ଥିତ ଥିଲେ। ଅତିରିକ୍ତ ବିଡିଓ, ଯନ୍ତ୍ରୀ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପଞ୍ଚାୟତ ବୁଲି ବାତ୍ୟା ଆଶ୍ରୟସ୍ଥଳ ସ୍ଥିତି ଅନୁଧ୍ୟାନ କରିଥିଲେ। ବିଧାୟକଙ୍କ ଗସ୍ତ ଅଚାନକ ଥିବାରୁ ସମସ୍ତ କର୍ମଚାରୀଙ୍କ ସହ ସମୀକ୍ଷା ବୈଠକ କରିବା ସମ୍ଭବ ନ ଥିଲା ବୋଲି ବିଡିଓ କହିଥିଲେ।

# ଓଡ଼ିଶୀ ସଙ୍ଗୀତର ଶାସ୍ତ୍ରୀୟତା ପ୍ରମାଣ କରିଛି ଭଞ୍ଜ ସଙ୍ଗୀତ




ଭଞ୍ଜ ମଣ୍ଡପରେ ଅନୁଷ୍ଠିତ ଭଞ୍ଜ ଜୟନ୍ତୀ ସପ୍ତାହର ତୃତୀୟ ସନ୍ଧ୍ୟାରେ ଯୋଗଦେଇଥିବା ଅତିଥିବୃନ୍ଦ।

**୮୧ତମ ଭଞ୍ଜ ଜୟନ୍ତୀର ତୃତୀୟ ସନ୍ଧ୍ୟା**

କଟକ,୨୨।୧୦(କାର୍ତ୍ତିକ ସାହୁ)

କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଜଣେ ଚିରସ୍ମରଣୀୟ ସଙ୍ଗୀତଜ୍ଞ। ତାଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ରାଗ ଯେତିକି ସୁମଧୁର ସେତିକି ବୈଚିତ୍ର୍ୟମୟ। ତାଙ୍କ ରଚିତ କାବ୍ୟ କେବଳ ଛନ୍ଦ ଯୁକ୍ତ ନୁହେଁ ଏହା ସଙ୍ଗୀତର ରାଗଯୁକ୍ତ। ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟତା ପ୍ରମାଣ କରିଛି ଭଞ୍ଜ ସଙ୍ଗୀତ। ଭଞ୍ଜ ସାହିତ୍ୟ କାଳଜୟୀ ଓ ବିଶ୍ୱ ବ୍ୟାପୀ ପ୍ରଚାର ଯୋଗ୍ୟ ବୋଲି କଟକ ମିଶନରୋଡସ୍ଥିତ ଭଞ୍ଜ ମଣ୍ଡପରେ ୮୧ତମ କଳିଙ୍ଗ ଭାରତୀ ଭଞ୍ଜ ଜୟନ୍ତୀ ସପ୍ତାହର ତୃତୀୟ ସନ୍ଧ୍ୟାରେ ବକ୍ତାମାନେ ମତପ୍ରକାଶ କରିଛନ୍ତି।

କଳିଙ୍ଗ ଭାରତୀ ଓ ଉତ୍କଳ ଛାତ୍ର ସାହିତ୍ୟ ସମାଜ ଦ୍ୱାରା ସାହିତ୍ୟିକ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରଧାନ ଅତିଥି ଭାବେ ଭାଷା ସାହିତ୍ୟ ଓ ସଙ୍ଗୀତ ଗବେଷକ କୀର୍ତ୍ତନ ନାରାୟଣ ପାଢ଼ୀ ଯୋଗଦେଇ ଭଞ୍ଜ ସଙ୍ଗୀତର ମୌଳିକ ଚାତୁରୀ ଅନନ୍ୟ ବୋଲି କହିଥିଲେ। ମୁଖ୍ୟ ଅତିଥି ସୌମ୍ୟ ରଞ୍ଜନ ପଟ୍ଟନାୟକ ବୈଷୟିକ କୌଶଳ ଯୁବଗୋଷ୍ଠୀକୁ ଆକୃଷ୍ଟ କରିବାରେ ସହାୟକ ହେବ ବୋଲି ମତ ଦେଇଥିଲେ। ସମ୍ମାନିତ ଅତିଥି ଆଡ୍‌ଭୋକେଟ ପ୍ରସନ୍ନ କୁମାର ନନ୍ଦ ଯୁବଗୋଷ୍ଠୀ ମଧ୍ୟରେ ଭଞ୍ଜ ସାହିତ୍ୟର ପ୍ରଚାରପ୍ରସାର ପାଇଁ ଆଭିମୁଖ୍ୟରେ ପରିବର୍ତ୍ତନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସିପ୍ରା କର ଭଞ୍ଜ କାବ୍ୟ ଉପରେ ଆଲୋକପାତ କରିଥିଲେ। କଳିଙ୍ଗ ଭାରତୀର ସଭାପତି ଡ. ଶୈଳେଶ୍ୱର ନନ୍ଦ, କାର୍ଯ୍ୟକାରୀ ସଭାପତି ପ୍ରଭାତ କୁମାର ନନ୍ଦ ଆଲୋଚନା କରିଥିଲେ। ସତ୍ୟବ୍ରତ ସ୍ୱାଇଁ ସ୍ୱାଗତ ଭାଷଣ, ସତ୍ୟ ଗୋପାଳ ପରିଜା ଧନ୍ୟବାଦ ଦେଇଥିଲେ। ଉପସଭାପତି ରାଜଲକ୍ଷ୍ମୀ ମହାନ୍ତି, ସମ୍ପାଦକ ଡ. ଅଂଶୁମାନ କର, ଡ. ଅନୁପ ମାର୍ଥା, ଅଧ୍ୟାପକ ବିଶ୍ୱରଞ୍ଜନ ଦାସ, ପ୍ରଦୀପ କର, ଶକ୍ତିଶଙ୍କର ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କଳାବିକାଶ କେନ୍ଦ୍ର ସଙ୍ଗୀତ ବିଭାଗର ଛାତ୍ରୀମାନେ ସମବେତ ଭଞ୍ଜ ସଙ୍ଗୀତ ପରିବେଷଣ କରିଥିଲେ।

# ଅକ୍ଟୋବର ୩୧ରେ କାଳୀପୂଜା, ନଭେମ୍ବର ୩ରେ ଭସାଣି

କଟକ, ୨୨।୧୦(ଶିଲ୍ପା ପ୍ରିୟଦର୍ଶିନୀ)

ଚଳିତବର୍ଷ କଟକର ୭୩ଟି ମଣ୍ଡପରେ ମା'କାଳୀଙ୍କ ପୂଜାର୍ଚ୍ଚନା କରାଯିବ। ଅକ୍ଟୋବର ୩୧ରେ କାଳୀପୂଜା, ନଭେମ୍ବର ୧ ଓ ୨ ତାରିଖରେ ବିଭିନ୍ନ ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ୩ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଏନେଇ ଓସିଏ ସମ୍ମିଳନୀ କକ୍ଷରେ କଟକ ମହାନଗର ଶାନ୍ତି କମିଟି ଆନୁକୂଲ୍ୟରେ ମଙ୍ଗଳବାର ଆୟୋଜିତ କାଳୀପୂଜା ଓ ଭସାଣି ଉତ୍ସବ ପ୍ରସ୍ତୁତି ସଭାରେ ନିଷ୍ପତ୍ତି ନିଆଯାଇଛି। କମିଟିର ସାଧାରଣ ସମ୍ପାଦକ ଭିକାରି ଦାସ କାଳୀପୂଜା ଓ ଭସାଣି ଉତ୍ସବ ସମ୍ପର୍କରେ କମିଟି ପକ୍ଷରୁ ଏକ ପ୍ରସ୍ତାବ ଉପସ୍ଥାପନା କରିଥିଲେ। ପୂଜା ସମୟରେ ରାତି ୧୨ଟା ପର୍ଯ୍ୟନ୍ତ ଡାକବାଜି ଯନ୍ତ୍ର ବଜାଇବାକୁ ଅନୁମତି ଦେବା, ରାତି ୧୨ଟା ପରେ ପାରମ୍ପରିକ ବାଜା ଓ ଘଣ୍ଟ ଧ୍ୱନି ମଧ୍ୟରେ ମେଢ ବିସର୍ଜନ ପର୍ଯ୍ୟନ୍ତ ଅନୁମତି ଦେବା, ଦୁର୍ଗାପୂଜା ସମୟରେ ସହରରେ ଅସମ୍ପୂର୍ଣ୍ଣ ଥିବା ରାସ୍ତାଘାଟ ମରାମତି କରିବା, କାଳୀ ଭସାଣି ନିମନ୍ତେ ଦେବୀଗଡାସ୍ଥିତ କାଠଯୋଡ଼ି ନଦୀ କୂଳରେ ୪/୫ ଟି କୃତ୍ରିମ ପୋଖରୀ ବ୍ୟବସ୍ଥା କରିବା, ଦୁର୍ଗାପୂଜା ଭସାଣିରେ ଜାରି କରାଯାଇଥିବା କଟକଣା କାଳୀ ଭସାଣିରେ ଅବ୍ୟାହତ ରଖିବା, ନଭେମ୍ବର ୧ ଓ ୨ ତାରିଖରେ ବିଭିନ୍ନ ମଣ୍ଡପରେ ରାତି ୧୨ଟା ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଅନୁମତି ଦେବା ଭଳି ବିଭିନ୍ନ ପ୍ରସ୍ତାବ ଗୃହୀତ ହୋଇଥିଲା।




ସଭାରେ ବିଧାୟିକା ସୋଫିଆ ଫିର୍ଦ୍ଦୋସ, ମେୟର ସୁବାସ ସିଂଙ୍କ ସମେତ ଅନ୍ୟମାନେ।

**କାଳୀପୂଜା, ଭସାଣି ଉତ୍ସବ ପ୍ରସ୍ତୁତି ସଭା**

କମିଟି ସଭାପତି ଦେବେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସିଏମ୍‌ସି ମେୟର ସୁବାସ ସିଂ, ଡେପୁଟି ମେୟର ଦମୟନ୍ତି ମାଝୀ, ଏଡିସିପି ଦେବଦତ୍ତ କର, ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ, ମହାନଗର ପୂଜା କମିଟି ସମ୍ପାଦକ ପ୍ରଭାତ ତ୍ରିପାଠୀ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇଥିଲେ। ସମ୍ଭାବ୍ୟ ବାତ୍ୟା ଯୋଗୁ କୌଣସି ଭୟାବହତା ପରିସ୍ଥିତି ଉପୁଜିଲେ ପୂଜାକୁ ନିରାଡମ୍ବର ଭାବେ କରାଯିବା ପାଇଁ ମହାନଗର ପୂଜା କମିଟି ସମ୍ପାଦକ ତ୍ରିପାଠୀ କହିଛନ୍ତି। ଚଳିତବର୍ଷ ଦୁର୍ଗାପୂଜା ଓ ଭସାଣି ଉତ୍ସବ ପରି କାଳୀପୂଜା ଏବଂ ଭସାଣି ଉତ୍ସବକୁ ଶାନ୍ତିଶୃଙ୍ଖଳାରେ ଶେଷ କରିବା ପାଇଁ ବୈଠକରେ ନିବେଦନ କରାଯାଇଛି। ଚଳିତବର୍ଷ ଦୁର୍ଗାପୂଜା ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ ହୋଇଥିବାରୁ କମିଟି ପକ୍ଷରୁ ସହରବାସୀ, ପ୍ରତ୍ୟେକ ପୂଜା ମଣ୍ଡପର କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦିଆଯାଇଛି। ଏହି ବୈଠକରେ ବିଭିନ୍ନ ପୂଜା କମିଟି କର୍ମକର୍ତ୍ତା ଓ ଅନ୍ୟମାନେ ଉପସ୍ଥିତ ଥିଲେ।




ବ୍ୟାଙ୍କ ପେନ୍‌ସନ୍‌ରେ ଥିବା ତ୍ରୁଟିର ନିରାକରଣ, ସ୍ୱାସ୍ଥ୍ୟବୀମା ଉପରେ ଲାଗୁ ହୋଇଥିବା ଜିଏସ୍‌ଟି ପ୍ରତ୍ୟାହାର ଦାବିରେ ମଙ୍ଗଳବାର କଟକ କଚେରିଗଡା ନିକଟରୁ ବ୍ୟାଙ୍କ ଅବସରପ୍ରାପ୍ତ କର୍ମଚାରୀମାନେ ଆର୍‌ଡିସିଙ୍କ କାର୍ଯ୍ୟାଳୟ ଅଭିମୁଖେ ଶୋଭାଯାତ୍ରାରେ ଯାଉଛନ୍ତି।



ସମ୍ଭାବ୍ୟ ବାତ୍ୟାକୁ ନେଇ କଟକ ଗଣେଶ ଘାଟସ୍ଥିତ ପେଟ୍ରୋଲ ପମ୍ପରେ ଗାଡ଼ିରେ ପେଟ୍ରୋଲ ପକାଇବା ପାଇଁ ଲୋକଙ୍କ ଲମ୍ବାଧାଡ଼ି।




ବକ୍ସିବଜାରସ୍ଥିତ କଟକ ଫାୟାର ଷ୍ଟେଶନଠାରେ କଟର ମେଶିନଗୁଡ଼ିକୁ ବାତ୍ୟା ପ୍ରଭାବିତ ଅଞ୍ଚଳକୁ ନେବା ପାଇଁ ପ୍ରସ୍ତୁତ କରାଯାଉଛି।

# ବାଣ ଫୋଟେଇ ବାଇକ୍ ଜଳିଗଲା

ଭୁବନେଶ୍ୱର,୨୨।୧୦
(ସତ୍ୟଜିତ୍ ରାଉତ)



ଭୁବନେଶ୍ୱର ତମାଣ୍ଡୋ ଥାନା ନିକଟ ୧୬ ନମ୍ବର ଜାତୀୟ ରାଜପଥରେ ମଙ୍ଗଳବାର ସନ୍ଧ୍ୟାରେ ଏକ ବାଣଫୋଟେଇ ବାଇକ୍ ଜଳିଯାଇଛି। ମଞ୍ଚେଶ୍ୱର ରଙ୍ଗମାଟିଆ ଅଞ୍ଚଳର ଗୋବିନ୍ଦ ପରିଡ଼ା ତାଙ୍କର ଜଣେ ସହଯୋଗୀଙ୍କ ସହ ଖୋର୍ଦ୍ଧା ଅଞ୍ଚଳରୁ ବାଣ ନେଇ ଘରକୁ ଫେରୁଥିଲେ। ତମାଣ୍ଡୋ ନିକଟରେ ହଠାତ୍ ତାଙ୍କ ବାଇକରେ ନିଆଁ ଲାଗିଯାଇଥିଲା। ଫଳରେ ଉଭୟ ବାଇକ୍ ଛାଡ଼ି ଦୂରକୁ ଚାଲିଆସିଥିଲେ। ବାଇକରେ ଥିବା ସବୁ ବାଣ ଫୁଟିଯିବା ସହ ବାଇକଟି ହୁତୁହୁତୁ ହୋଇ ଜଳିବାକୁ ଲାଗିଥିଲା। ଏହି ଖବର ପାଇ ତମାଣ୍ଡୋ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ତେବେ ବାଣରୁ କିମ୍ବା ବ୍ୟାଟେରି ଶର୍ଟସର୍କିଟ୍ ହୋଇ ନିଆଁ ଲାଗିଥିବା ନେଇ ସନ୍ଦେହ କରାଯାଉଛି।

# ଆମ୍ବୁଲାନ୍ସ ଡ୍ରାଇଭରଙ୍କୁ ହତ୍ୟା ଅଭିଯୋଗ

ଭୁବନେଶ୍ୱର,୨୨।୧୦
(ସତ୍ୟଜିତ୍ ରାଉତ)

- ଜନ୍ମଦିନରେ ଘରୁ ବାହାରକୁ ଯାଇ ଆଉ ଫେରିଲେନି
- ନିର୍ମାଣାଧୀନ ମନ୍ଦିର ପରିସରରୁ ମିଳିଲା ମୃତଦେହ

ଇନ୍‌ଫୋସିଟି ଥାନା ଅଞ୍ଚଳରେ ଜଣେ ଆମ୍ବୁଲାନ୍ସ ଡ୍ରାଇଭରଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତ ଆମ୍ବୁଲାନ୍ସ ଡ୍ରାଇଭର ହେଲେ ପଥଗାଡ଼ିଆ ଅଞ୍ଚଳର ସୁଶାନ୍ତ ବେହେରା ଓରଫ ରାଜୁ (୩୦)। ପଟିଆ ଚନ୍ଦକା ଶିଳ୍ପାଞ୍ଚଳରେ ଥିବା ଏକ ନିର୍ମାଣାଧୀନ ମନ୍ଦିର ପରିସରରୁ ମଙ୍ଗଳବାର ଅପରାହ୍ନରେ ରାଜୁଙ୍କ ମୃତଦେହକୁ ପୋଲିସ ଜବତ କରିଛି। ତେବେ ରାଜୁଙ୍କ ମୃତ୍ୟୁକୁ ପରିବାର ଲୋକେ ସହଜରେ ଗ୍ରହଣ କରିପାରିନାହାନ୍ତି। ରାଜୁଙ୍କୁ ହତ୍ୟା କରାଯାଇଥିବା ନେଇ ବାପା ନବକିଶୋର ବେହେରା ଇନ୍‌ଫୋସିଟି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଅନ୍ୟପକ୍ଷରେ ବ୍ୟବଚ୍ଛେଦ ପାଇଁ ମୃତଦେହକୁ କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି। ସୋମବାର ରାଜୁଙ୍କ ଜନ୍ମଦିନ ଥିବାବେଳେ କୌଣସି କାରଣକୁ ନେଇ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ସନ୍ଦେହ ପ୍ରକାଶ କରିଛନ୍ତି।

ରାଜୁ ସ୍ଥାନୀୟ ଅଞ୍ଚଳର ଏକ ଘରୋଇ ହସ୍ପିଟାଲରେ ଆମ୍ବୁଲାନ୍ସ ଡ୍ରାଇଭର ଭାବେ କାମ କରୁଥିଲେ। ତାଙ୍କର ଗୋଟିଏ ପୁଅ ଥିବାବେଳେ ସ୍ତ୍ରୀ ଏବେ ଗର୍ଭବତୀ ଅଛନ୍ତି। ସୋମବାର ରାଜୁଙ୍କ ଜନ୍ମଦିନ ଥିଲା। ସନ୍ଧ୍ୟାରେ ଘରେ ଜନ୍ମଦିନ ପାଳନ କରାଯିବା ପାଇଁ ପ୍ରସ୍ତୁତି ହୋଇଥିଲା। ଅପରାହ୍ନ ୨ଟା ବେଳେ ଘରୁ କୌଣସି ଏକ କାମରେ ରାଜୁ ବାହାରକୁ ଆସିଥିଲେ। ହେଲେ ସେ ଆଉ ଫେରି ନ ଥିଲେ। ରାତି ହେବାରୁ ପରିବାର ଲୋକେ ଚିନ୍ତାରେ ପଡ଼ିଥିଲେ। ରାଜୁଙ୍କ ମୋବାଇଲ ଫୋନ୍‌କୁ ବାରମ୍ବାର କଲ୍ କରାଯାଇଥିଲେ ମଧ୍ୟ ସେ ରିସିଭ୍ କରି ନ ଥିଲେ। ମଙ୍ଗଳବାର ଅପରାହ୍ନରେ ଉକ୍ତ ମନ୍ଦିର ପରିସରରେ ରାଜୁ ମୃତ ଅବସ୍ଥାରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ।

# ଓସିଏସ୍ ଫଳାଫଳରେ କାକ୍ସର ବାଜିମାତ୍

ଭୁବନେଶ୍ୱର,୨୨।୧୦(ଅଭୟ ଦାଶ)

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଓଡ଼ିଶା ସିଭିଲ ସର୍ଭିସେସ୍ (ଓସିଏସ୍) ପରୀକ୍ଷା ଫଳାଫଳରେ କଳିଙ୍ଗ ଏକାଡେମୀ ଅଫ୍ ସିଭିଲ ସର୍ଭିସେସ୍ (କେଏସିଏସ୍/କାକ୍ସ)ର ଛାତ୍ରୀଛାତ୍ରମାନେ ବାଜିମାତ୍ କରିଛନ୍ତି। ଏପରିକି ଅନୁଷ୍ଠାନର ୯୨ଜଣ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ପ୍ରଥମ ୧୦ଜଣଙ୍କ ମଧ୍ୟରେ ୨ଜଣ ସ୍ଥାନ ପାଇଥିଲାବେଳେ ୭ତମ ସ୍ଥାନରେ ଦେବବ୍ରତ ଗୌଡ଼ ଏବଂ ୯ମ ସ୍ଥାନରେ କପିଳ କୁମାର ମହାନ୍ତି ସ୍ଥାନ ପାଇ ଅନୁଷ୍ଠାନକୁ ଗୌରବାନ୍ୱିତ କରିଛନ୍ତି।

ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ୨୦୨୨ ବର୍ଷ ପାଇଁ ଅନୁଷ୍ଠିତ ଓଡ଼ିଶା ସିଭିଲ ସର୍ଭିସେସ୍ ପରୀକ୍ଷାଫଳ ନିକଟରେ ପ୍ରକାଶ ପାଇଛି। ଏପରିକି ଚୂଡ଼ାନ୍ତ ରାଉଣ୍ଡରେ ଇଣ୍ଟରଭ୍ୟୁ ଦେଇଥିବା ୧୩୬୬ ପରୀକ୍ଷାର୍ଥୀ ମଧ୍ୟରୁ ମୋଟ ୬୮୩ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହେଇଛନ୍ତି। ଚଳିତ ବର୍ଷ କାକ୍ସ ଏ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି ଓ ଏହି ସଫଳତାର ପଛରେ ଅନୁଷ୍ଠାନର ପ୍ରତିଷ୍ଠାତା ଇଂ ଆଲେକଜାଣ୍ଡର ଦାସ ଏବଂ ଅନୁଷ୍ଠାନର ମୁଖ୍ୟ ପରାମର୍ଶଦାତା ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ତଥା ସାହିତ୍ୟିକ ରଞ୍ଜନ କୁମାର ଦାସଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ ବୋଲି ସଫଳତା ପାଇଥିବା ପରୀକ୍ଷାର୍ଥୀମାନେ ପ୍ରକାଶ କରିଛନ୍ତି। କେବଳ ସିଭିଲ ସର୍ଭିସ୍ ନୁହେଁ, ଏନ୍ଇଇଟି, ଜେଇଇ ଏବଂ ଅନ୍ୟାନ୍ୟ ସମସ୍ତ ପ୍ରତିଯୋଗିତାମୂଳକ ପରୀକ୍ଷାରେ କେଜିଆଇ ଯାଜପୁର ତଥା ଓଡ଼ିଶାର ସମସ୍ତ ଜିଲାରୁ ଗରିବ ମେଧାବୀ ତଥା ବିଶେଷକରି ଗ୍ରାମୀଣ ଛାତ୍ରୀଛାତ୍ରଙ୍କୁ ପ୍ରସ୍ତୁତକରି ସଫଳ କରେଇବା ପାଇଁ ପ୍ରତିବଦ୍ଧ ବୋଲି କେଜିଆଇର ଅଧ୍ୟକ୍ଷ ଇଂ ଆଲେକଜାଣ୍ଡାର ଦାସ କହିଛନ୍ତି।

ପରୀକ୍ଷାର୍ଥୀଙ୍କୁ କାକ୍ସ ପକ୍ଷରୁ ଆୟୋଜିତ ଇଣ୍ଟରଭ୍ୟୁ ସମୟରେ ପୂର୍ବତନ ଓପିଏସ୍‌ସି ସଦସ୍ୟ ଜଗନ୍ନାଥ ମହାନ୍ତି, ପୂର୍ବତନ ଭାରତୀୟ ପ୍ରଶାସନିକ ସେବାର ଅଧିକାରୀ ହେମନ୍ତ ପାଢ଼ୀ, ସୁଶାନ୍ତ ଦାସ, ଗଙ୍ଗାଧର ସାହୁ, ଫକୀରମୋହନ ବିଦ୍ୟାଳୟର ପୂର୍ବତନ କୁଳପତି ଡ. କୁମରବର ଦାସ, ପ୍ରଫେସର ପ୍ରଫୁଲ୍ଲ କୁମାର ଧଳ, ପ୍ରଫେସର ଅଭିରାମ ବିଶ୍ୱାଳ, ପ୍ରଫେସର ପ୍ରେମାନନ୍ଦ ମହାପାତ୍ର, ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର୍ ଡେଭେଲପମେଣ୍ଟ ଷ୍ଟଡିଜ୍‌ର ପ୍ରଫେସର ପ୍ରଶାନ୍ତ କୁମାର ଆଚାର୍ଯ୍ୟ, ପୂର୍ବତନ ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶକ ହେମନ୍ତ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ଆଶାୟୀମାନଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। କାକ୍ସ ଏହି ବିପୁଳ ସଫଳତା ପରେ ସମସ୍ତ ସଫଳତା ପରୀକ୍ଷାର୍ଥୀଙ୍କୁ ଖୁବ୍‌ଶୀଘ୍ର ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବ ବୋଲି ଅନୁଷ୍ଠାନର ଅଧ୍ୟକ୍ଷ ଇଂ ଆଲେକ୍‌ଜାଣ୍ଡର ଦାସ ପ୍ରକାଶ କରିଛନ୍ତି।



ବାତ୍ୟା 'ଦାନା'ର ମୁକାବିଲା ପାଇଁ ମଙ୍ଗଳବାର ଭୁବନେଶ୍ୱର ବରମୁଣ୍ଡାସ୍ଥିତ ଓଏଫ୍‌ଡିଆର୍‌ଏ ପଡ଼ିଆରେ ଓଡ଼ିଶା ଫାୟାର ଆଣ୍ଡ ଡିଜାଷ୍ଟର ରେସ୍‌ପନ୍ସ ଏକାଡେମୀ ପକ୍ଷରୁ ଗାଡ଼ି ଏବଂ ଅତ୍ୟାଧୁନିକ ସରଞ୍ଜାମ ସହ ପ୍ରସ୍ତୁତି କରାଯାଉଛି। (ଫଟୋ: ମନୋରଞ୍ଜନ ମିଶ୍ର)

# ବାଗଲପୁରରେ ସାଂସ୍କୃତିକ ସମ୍ବର୍ଦ୍ଧନା ଉତ୍ସବ

ବାଲିପାଟଣା,୨୨।୧୦ (ଅଭିମନ୍ୟୁ ନାୟକ)



ବାଲିପାଟଣା ବ୍ଲକ ତୁରନ୍ତିରା ପଞ୍ଚାୟତ ଅଧୀନ ବାଗଲପୁର ଗ୍ରାମରେ ଗଜଲକ୍ଷ୍ମୀ ପୂଜା ଅବସରରେ ଗତ ସୋମବାର ସାଂସ୍କୃତିକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଖବରଦାତା ଅରୁଣ କୁମାର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବାଲିପାଟଣା ପ୍ରେସ କ୍ଲବର ସଭାପତି ଦିଲୀପ କୁମାର ଓଝା ଯୋଗଦେଇ ମତବ୍ୟକ୍ତ କରିଥିଲେ। ସେହିପରି ପ୍ରାଚୀଧାରା ପତ୍ରିକାର ସମ୍ପାଦକ ଭଗବାନ ସାହୁ, ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆ, ସ୍ଥାନୀୟ ସିଆର୍‌ସିସି ଝୁନି ଦେଇ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବଂଶୀ ବାଦକ ରାଜକିଶୋର ଦଳବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଖବରଦାତା ଗଙ୍ଗାଧର ଓଝା, ବଦ୍ରି ମହାପାତ୍ର, ରମେଶ ରଥ, ସୁମିତି ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ରାମଲୀଳା ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଭାଷାବିତ୍ ଗିରିଜାଶଙ୍କର ରାୟଙ୍କ ଜୟନ୍ତୀ ସମାରୋହ

ଭୁବନେଶ୍ୱର,୨୨।୧୦
(ଶର୍ମିଷ୍ଠା ପାଣିଗ୍ରାହୀ)



ଜୟନ୍ତୀ ସମାରୋହରେ ଯୋଗଦେଇଥିବା ଅତିଥି।

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ମଙ୍ଗଳବାର ବିଶିଷ୍ଟ ଭାଷାବିତ୍ ଗିରିଜା ଶଙ୍କର ରାୟଙ୍କ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସାହିତ୍ୟିକ ତଥା ଗବେଷକ ପ୍ରଫେସର ଡ. ଅରବିନ୍ଦ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାଷାବିତ୍ ଗିରିଜା ଶଙ୍କରଙ୍କ କାଳଜୟୀ ରଚନା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ବକ୍ତା ଭାବେ ସାହିତ୍ୟକ ଡ. ବାସୁଦେବ ସୁନାନୀ ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟ ଓ ନାଟକ କ୍ଷେତ୍ରରେ ଗିରିଜାଶଙ୍କରଙ୍କ ଜୀବନବ୍ୟାପୀ ସାଧନା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ ଏବଂ ପ୍ରଫେସର ପ୍ରେମାନନ୍ଦ ମହାନ୍ତି କାର୍ଯ୍ୟକ୍ରମରେ ମଞ୍ଚାସୀନ ଥିଲେ। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ସଭାପତିତ୍ୱ କରିଥିଲେ। କୁଳସଚିବ ଅନାମିକା ଅଧିକାରୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ଧନ୍ୟବାଦ ଦେଇଥିବାବେଳେ ଡ. ଜ୍ଞାନ ରଞ୍ଜନ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ମୋ ଆଶା' ପତ୍ରିକାର ପୂଜା ସଂଖ୍ୟା ଉନ୍ମୋଚିତ

ଭୁବନେଶ୍ୱର, ୨୨।୧୦(ବନ୍ଦନା ସେଠୀ)

ଶିଶୁ ବିକାଶ ଅନୁଷ୍ଠାନ 'ଲିଟିଲ ଷ୍ଟାର ଗ୍ରୁପ୍' ପକ୍ଷରୁ ପ୍ରକାଶ ପାଉଥିବା ତ୍ରୈମାସିକ ଶିଶୁ କିଶୋର ପତ୍ରିକା 'ମୋ ଆଶା'ର ପୂଜା ସଂଖ୍ୟା ମଙ୍ଗଳବାର ଉନ୍ମୋଚିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତ୍ରିକାକୁ ଉନ୍ମୋଚିତ କରିଥିଲେ। ଜଣେ ଦିବ୍ୟାଙ୍ଗ ହୋଇ ମଧ୍ୟ ପତ୍ରିକାର ସମ୍ପାଦକ ସୁମନ୍ତ ମହାରଣା ନିଜ ପ୍ରଚେଷ୍ଟାରେ ବର୍ଷତମାମ ବିଭିନ୍ନ କାର୍ଯ୍ୟକ୍ରମ ସହିତ ସାହିତ୍ୟ, ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ପତ୍ରିକାକୁ ପ୍ରକାଶ କରିବା ଏକ ପ୍ରଶଂସନୀୟ ଉଦ୍ୟମ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଥିଲେ। ପତ୍ରିକାର ସହସମ୍ପାଦକ ଉର୍ମିଳା ମହାରଣା, ଉପଦେଷ୍ଟା ପ୍ରଣବ ସ୍ୱାଇଁ, ନିର୍ମଳ ମିଶ୍ର, ସୁବ୍ରତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ପୂଜକ ଜଗବନ୍ଧୁ ଷଡ଼ଙ୍ଗୀଙ୍କ ଦେହାନ୍ତ

ତ୍ରିଶୂଳିଆ,୨୨।୧୦(ତୁଷାର କାନ୍ତ ବେହେରା): ବାରଙ୍ଗ ପଞ୍ଚୁପାଲସ୍ଥିତ ମା' ମହାଲକ୍ଷ୍ମୀଙ୍କ ପୂଜକ ଜଗବନ୍ଧୁ ଷଡ଼ଙ୍ଗୀ(୮୨)ଙ୍କ ପଞ୍ଚୁପାଳସ୍ଥିତ ଘରେ ଦେହାନ୍ତ ହୋଇଛି। ସେ ୪ ମାସ ହେଲା ରୋଗାଗ୍ରସ୍ତ ଥିଲେ। ସେ ଜଣେ ଧର୍ମପରାୟଣ ଓ ପରୋପକାରି ବ୍ୟକ୍ତି ଥିଲେ। ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀଙ୍କ ସମେତ ବିଶିଷ୍ଟ ବ୍ୟକ୍ତି ଷଡ଼ଙ୍ଗୀଙ୍କ ଘରକୁ ଯାଇ ଅନ୍ତିମ ଦର୍ଶନ କରିଛନ୍ତି। ପଞ୍ଚୁପାଳ ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।

# ଦ୍ୱିତୀୟ ଯକୃତ ପ୍ରତିରୋପଣ ପରେ ଏସ୍‌ସିବିରୁ ମାନସ ଡିସ୍‌ଚାର୍ଜ

କଟକ, ୨୨।୧୦
(ଶିକ୍ସା ପ୍ରିୟଦର୍ଶିନୀ)

**୬ ମାସ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ହେବ**

ଏସ୍‌ସିବି ମେଡିକାଲରେ ଦ୍ୱିତୀୟ ପର୍ଯ୍ୟାୟ ଯକୃତ ପ୍ରତିରୋପଣ କରାଯାଇଥିବା ନୟାଗଡ଼ ଅଞ୍ଚଳର ମାନସ ମୁଦୁଲି (୩୯)ଙ୍କୁ ମଙ୍ଗଳବାର ମେଡିକାଲରୁ ଡିସ୍‌ଚାର୍ଜ କରାଯାଇଛି। ଏନେଇ ଏସ୍‌ସିବି ମେଡିକାଲ କଲେଜ ଅଧକ୍ଷାଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅଧକ୍ଷା ପ୍ରଫେସର ଡା. ଲୁସି ଦାସ କହିଛନ୍ତି, ଗତ ସେପ୍ଟେମ୍ବର ୯ରେ ମାନସଙ୍କ ଶରୀରରେ ଯକୃତ ପ୍ରତିରୋପଣ କରାଯାଇଥିଲା। ତାଙ୍କ ସ୍ତ୍ରୀ ଛବି ମୁଦୁଲି (୨୬)ଙ୍କ ଶରୀରରୁ ୫୫ ପ୍ରତିଶତ ଯକୃତର ଅଂଶ କଢ଼ାଯାଇ ମାନସଙ୍କ ଶରୀରରେ ପ୍ରତିରୋପଣ କରାଯାଇଥିଲା। ଏହାକୁ ନିଃଶୁଳ୍କ ଭାବେ କରାଯାଇଛି। ହାଇଦ୍ରାବାଦସ୍ଥିତ ଏସିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି (ଏଆଇଜି)ର ନିର୍ଦ୍ଦେଶକ ପି. ବାଲାଚନ୍ଦ୍ରନ ମେନନ, ଉପସଭାପତି ଡା. ସନ୍ତୋଷ ସାହୁଙ୍କ ସମେତ ୪ଜଣିଆ ଡାକ୍ତରୀ ଟିମ୍ ଓ ସହ ଏସ୍‌ସିବି ମେଡିକାଲର ଡାକ୍ତରୀ ଟିମ୍ ଏହି କାର୍ଯ୍ୟରେ ସାମିଲ ହୋଇଥିଲେ। ଉଭୟ ଦାତା ଓ ଗ୍ରହୀତାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ରହିଛି। ପ୍ରଥମେ ଯକୃତ ଦାତା ଓ ପରେ ଗ୍ରହୀତାଙ୍କୁ ଡିସ୍‌ଚାର୍ଜ କରାଯାଇଛି। ସେହିପରି ମେଡିକାଲର ଅତିରିକ୍ତ ଅଧୀକ୍ଷକ ଡା. ମନୋଜ ପଟ୍ଟନାୟକ କହିଛନ୍ତି, ଯକୃତ ପ୍ରତିରୋପଣ ପରର ତିନିଦିନ ବହୁ ଗୁରୁତ୍ୱପୂର୍ଣ୍ଣ ଥିଲା। ପ୍ରତିରୋପଣ ପରେ ଗ୍ରହୀତା ତୃତୀୟ ଦିନରେ ଖାଦ୍ୟ ଖାଇବା ଓ ୭ ଦିନରେ ଚାଲିବା ଆରମ୍ଭ କରିଥିଲେ। ଗ୍ରହୀତା ଡିସ୍‌ଚାର୍ଜ ହେବାର ପ୍ରଥମ ସପ୍ତାହରେ ତିନିଦିନକୁ ଥରେ, ପରେ ପ୍ରତ୍ୟେକ ସପ୍ତାହ, ଏହା ପରେ ମାସେ ଓ ୬ ମାସକୁ ଥରେ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ପାଇଁ ଡକାଯିବ ବୋଲି ପଟ୍ଟନାୟକ କହିଛନ୍ତି। ସେହିପରି ଲିଭର ପ୍ରତିରୋପଣ ୟୁନିଟ୍‌ର ନୋଡାଲ ଅଫିସର ରାଜେଶ ଦୋରା କହିଛନ୍ତି, ଏସ୍‌ସିବିରେ ଦୁଇଟି ଯକୃତ ପ୍ରତିରୋପଣ ସଫଳତା ସହ କରାଯାଇଛି। ଖୁବ୍‌ଶୀଘ୍ର ତୃତୀୟ ପର୍ଯ୍ୟାୟ ପ୍ରତିରୋପଣ କରାଯିବ। ଅପରପକ୍ଷରେ ଯକୃତ ପ୍ରତିରୋପଣ କରିଥିବା ଡାକ୍ତରଙ୍କୁ ମାନସ ଧନ୍ୟବାଦ ଜଣାଇଛନ୍ତି।

# ଏସ୍‌ବିଆଇ ପକ୍ଷରୁ ଆର୍‌ଡିଡବ୍ଲ୍ୟୁୟୁକୁ ମେଶିନ ପ୍ରଦାନ

ନୂଆଦିଲ୍ଲୀ,୨୨।୧୦



ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ)ର ଭୁବନେଶ୍ୱର ମଣ୍ଡଳ ପକ୍ଷରୁ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ (ଆର୍‌ଡିଡବ୍ଲ୍ୟୁୟୁ)କୁ ଚାରିଟି ଲେଖାଏଁ ସାନିଟାରୀ ନାପ୍‌କିନ ଭେଣ୍ଡିଂ ମେଶିନ ଓ ଇନ୍ସିନେରେଟର ପ୍ରଦାନ କରାଯାଇଛି। ଏପରିକି ବ୍ୟାଙ୍କର କର୍ପୋରେଟ ସୋସିଆଲ ରେସ୍‌ପନ୍ସିବିଲିଟି (ସିଏସ୍‌ଆର୍) କାର୍ଯ୍ୟକ୍ରମ ଅନୁଯାୟୀ ଉକ୍ତ ମେଶିନଗୁଡ଼ିକୁ ବିଶ୍ୱବିଦ୍ୟାଳୟକୁ ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏପରିକି ପରିଡ଼ାଙ୍କ ଉପସ୍ଥିତିରେ ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳ ମହାପ୍ରବନ୍ଧକ ଦିନେଶ ପୃଥ୍ୱୀ ବିଶ୍ୱବିଦ୍ୟାଳୟର ଉପ କୁଳପତି ପ୍ରଫେସର ଅପରାଜିତା ଚୌଧୁରୀଙ୍କୁ ପ୍ରତୀକାତ୍ମକ ମେଶିନ ସମୂହ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳ ବିକାଶ ଅଧିକାରୀ ମନୋଜ କୁମାର ସିଂହଙ୍କ ବିଶ୍ୱବିଦ୍ୟାଳୟ କର୍ମଚାରୀ ଓ ୫୦୦ରୁ ଅଧିକ ଛାତ୍ରୀ ଉପସ୍ଥିତ ଥିଲେ। ଉପ ମୁଖ୍ୟମନ୍ତ୍ରୀ ପରିଡ଼ା ମହିଳା ସଶକ୍ତୀକରଣ ଦିଗରେ ଷ୍ଟେଟ ବ୍ୟାଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପର ଭୂୟସୀ ପ୍ରଶଂସା କରିଥିଲାବେଳେ ଏସ୍‌ବିଆଇ ମୁଖ୍ୟ ମହାପ୍ରବନ୍ଧକ ପୃଥ୍ୱୀ ସାମାଜିକ କଲ୍ୟାଣ ଓ ମହିଳା ସଶକ୍ତୀକରଣ ପାଇଁ ବ୍ୟାଙ୍କର ପ୍ରତିବଦ୍ଧତା ଜଣାଇବା ସହ ଛାତ୍ରୀଙ୍କୁ ସମସ୍ତ ଆବଶ୍ୟକ ସୁବିଧା ଯୋଗାଇବାର ପ୍ରତିଶ୍ରୁତି ଦେଇଥିଲେ। ପରିଶେଷରେ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଶ୍ୟାମଳା ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।


**ପୂର୍ବ ତଟ ରେଳପଥ**

(1) ଇ-ଟେଣ୍ଡର ବିଜ୍ଞପ୍ତି ସଂ.: e-Tender-Elect-G-39-24
କାର୍ଯ୍ୟର ବିବରଣୀ : LHB କୋଚ୍ ଏବଂ ପାୱାର କାରଗୁଡ଼ିକ ପାଇଁ ରକ୍ଷଣାବେକ୍ଷଣ ସୁବିଧା ସୃଷ୍ଟି କରିବା ଏବଂ ପରିଚାଳନାରେ ନିରାପତ୍ତା ବୃଦ୍ଧି ସମ୍ବନ୍ଧୀୟ ପରୀକ୍ଷଣ ପ୍ରୟୋଗଶାଳା (Testing Lab)ର ବ୍ୟବସ୍ଥା।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 42,48,754.81, EMD : ₹ 85,000/-

(2) ଇ-ଟେଣ୍ଡର ବିଜ୍ଞପ୍ତି ସଂ.: e-Tender-Elect-G-40-24
କାର୍ଯ୍ୟର ବିବରଣୀ : ହିନ୍ଦୋଳ ରୋଡ଼ଠାରେ ନବନିର୍ମିତ କୋଇଲା ଏବଂ ବାଲାଷ୍ଟ ସାଇଡିଙ୍ଗର ଆଲୋକୀକରଣରେ ଉନ୍ନତି।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 1,11,58,762.82, EMD : ₹ 2,05,800/-

(3) ଇ-ଟେଣ୍ଡର ବିଜ୍ଞପ୍ତି ସଂ.: e-Tender-Elect-G-41-24
କାର୍ଯ୍ୟର ବିବରଣୀ : ଟାଇପ୍-V (ମହାନଦୀ ଏନକ୍ଲେଭ୍)/ଖୋର୍ଦ୍ଧା ରୋଡ଼ ଠାରେ ଏକ ସଂଖ୍ୟକ ଲିଫ୍ଟର ବ୍ୟବସ୍ଥା।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 19,81,106.40, EMD : ₹ 39,600/-

ଶେଷ ହେବା ଅବଧି : 6 ମାସ (କ୍ରମ ସଂ. 1 ଓ 2 ପାଇଁ) ଏବଂ 3 ମାସ (କ୍ରମ ସଂ. 3 ପାଇଁ)।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.08.11.2024ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ପାଇଁ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ସାମାନ୍ୟ)/ ଖୋର୍ଦ୍ଧା ରୋଡ଼
PR-646/P/24-25



**SEA SPRINT SERVICES PRIVATE LIMITED**
K3-783, Maheshtala, Paraganas South, West Bengal - 700 141
Ph: 9229024800, 0612-2311200

**TENDER NOTICE**
NO. NINI/SSSPL/EQUIPMENT/2024-25

Sea Sprint Services Private Limited (SSSPL) on behalf of National Inland Navigation Institute (NINI), Patna requests the quotations for following items to be supplied at Crew Training Institute (CTI), Chandabali, Bhadrak, Odisha - 756 133.

| Sl.No. | Particulars | Estimated Cost in Rs. (approx.) |
|---|---|---|
| 1. | Supply of PSt, FPFF, LSA & Workshops Equipment | 50.00 Lakhs |

Last date of sale of tender document 06.11.2024, Last date of tender submission: 06.11.2024 upto 15:00 hrs., Date of technical bid opening: 06.11.2024 at 15:30 hrs. Cost of tender documents: Rs. 500/-. The above costs are inclusive of all taxes/excise and for CTI/NINI basis. Tender document can be obtained by e-mail from info@niniedu.in or by hand at the NINI, Gaighat, Gulzarbagh, Patna during office hours.

SSSPL



ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
**ODISHA STATE OPEN UNIVERSITY, SAMBALPUR**
Established by an Act of Government of Odisha.

No. 1708/OSOU/2024 Dt. 22.10.2024

**CORRIGENDUM**

**(Employment Notice No.1431/OSOU/2024 Dt: 05/09/2024)**

The candidates who have submitted their application against advertisement No.1431/OSOU/2024 Dt: 05/09/2024 by the closing date and time, i.e. 5th October, 2024 (5 PM), can send the additional relevant documents, if they so wish, in support of their eligibility/experience/academic score by Email: recruitment@osou.ac.in till 28th October, 2024 (5 PM). After this date and time, no document or request of any kind to submit the documents shall be entertained.

By order of the Vice-Chancellor

Sd-
Registrar



**BEFORE THE DEBTS RECOVERY TRIBUNAL, CUTTACK, ODISHA**
**C-71, SECTOR-7, CDA, CUTTACK, ODISHA**
**O.A. No. 332 / 2024**

State Bank of India, ACB, Jagatsinghpur ....Applicant
Versus
M/s. Richha Enterprises & Another ...Defendants

To,
1. **M/s. Richha Enterprises, Prop.: Jyoti Prava Das,** At: Gopal Sagar, Jagatsinghpur, In Front of ICICI Bank, PO.: Jagatsinghpur, Town/Dist.: Jagatsinghpur, Odisha, PIN-754103
2. **Jyoti Prava Das,** W/o.: Pradip Kumar Das, Prop of M/s. Richha Enterprises, At: Gopal Sagar, Jagatsinghpur, In Front of ICICI Bank, PO.: Jagatsinghpur, Town/Dist.: Jagatsinghpur, Odisha, PIN-754103

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **OA No. 332/2024** in the court of the Debts Recovery Tribunal, Cuttack for recovery of **Rs.24,97,970.00** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **02/12/2024** at **10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this **18th day of October 2024.**

Sd/- REGISTRAR
(NIKHILA RANJAN PATI)



**BEFORE THE DEBTS RECOVERY TRIBUNAL, CUTTACK, ODISHA**
**C-71, SECTOR-7, CDA, CUTTACK, ODISHA**
**O.A. No. 327 / 2024**

State Bank of India, SARB, Cuttack ....Applicant
Versus
Sri Amit Kumar Beuray ...Defendant

To,
1. **Sri Amit Kumar Beuray,** S/o.: Niranjan Beuray, At: Chahata Nagar Lane-2, PO.: Avinab Bidanasi, Dist.: Cuttack, (Odisha), PIN-753014

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **OA No. 327/2024** in the court of the Debts Recovery Tribunal, Cuttack for recovery of **Rs.29,75,391.00** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorized agent, in support of their defence to show cause within **30 days** from the date of publication or on **02/12/2024** at **10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this **18th day of October 2024.**

Sd/- REGISTRAR
(NIKHILA RANJAN PATI)



**TRIBAL DEVELOPMENT COOPERATIVE CORPORATION OF ODISHA LTD.**
Rupali Square, Bhoi Nagar, Bhubaneswar - 751022, Odisha
Tel. No.: 2542475, 2542617, Fax: 2544828, Email: admin@tdccodisha.org
E-Auction Notification No. 1764 Date: 21.10.24

**E-Auction for Sale of Seeded & De-Seeded Tamarind 2024 Crop Procured under MSP Scheme**

No. CAD-1413: TDCCOL, Bhubaneswar is commencing sale of Seeded & De-Seeded Tamarind 2024 Crop stock procured under MSP Scheme stored in different cold storages/godowns in Odisha through e-auction platform of MSTC Ltd (E-RaKAM), eNivida portal, BSE - e-Agriculture Markets (BEaM), NCDEX e-Market Ltd. (NeML) & CI India service provider. The e-Auction will be held on 25.11.24. The detail tender notice can be downloaded from website of TDCCOL i.e. **www.tdccorissa.org**. Any changes/modifications in the e-Auction documents will be posted in the above website.

OIPR-26005/11/0003/2425 Sd./- Managing Director



**SAMBALPUR UNIVERSITY**
Jyoti Vihar, Burla - 768019, Sambalpur, Odisha
(Accredited with Grade 'A' by NAAC)
ସମ୍ବଲପୁର ବିଶ୍ୱବିଦ୍ୟାଳୟ
ଜ୍ୟୋତି ବିହାର, ବୁର୍ଲା – ୭୬୮୦୧୯, ସମ୍ବଲପୁର, ଓଡ଼ିଶା

No. 4644//Estt.-I-3/D/03 Date: 21.10.2024

**NOTIFICATION**

No. CAD-1405: Nominations are invited for felicitation of person(s) on occasion of the celebration of the 58th Founation day of Sambalpur Unviersity, from individuals/recognized organizations working in the field(s) of Literature/Culture/Education/Science/Technology/Social works etc.

Person(s) so nominated should be distinguished & have remarkable contribution for development of Literature, Art, Culture, Education, Science, Technology, Social Work, Games & Sports or other such field and must belong to the geographical jurisdiction of Sambalpur University, i.e. Athamallik Sub-Division of Angul, Bargarh, Boudh, Deogarh, Jharsuguda, Sambalpur and Sundargarh district.

Nominations along with a resume of his/her achievements and contributions as well as complete bio-data should be submitted in sealed cover superscribed with **"NOMINATION FOR AWARD OF RECOGNIZATION BY THE SAMBALPUR UNIVERSITY ON THE FOUNDATION DAY"** so as to reach to the Registrar, Sambalpur University, Jyoti Vihar, Burla through Speed/Registered Post latest by **11.11.2024, 05.00 P.M.**

OIPR-11010/11/0014/2425 Sd./- Registrar



**GOVT. OF ODISHA** No. B-452
**OFFICE OF THE SUPERINTENDING ENGINEER, PANIKOILI (R&B) DIVISION, PANIKOILI**
**"e"-PROCUREMENT NOTICE**
**Bid Identification No. S.E. PKL (R&B) - 10/2024-25**
**E-mail Address: eepwd.pkl@rediffmail.com**

1. Nature of the Work : Building Works
2. Numbers of Work : 47 (Forty Seven) Nos.
3. Estimated Cost : Rs.29.20 Lakh to Rs.54.22 Lakh (Approx.)
4. Period of Completion : 4 (Four) Calendar Months
5. Date & time of availability of bid document in the portal : From 11.00 A.M. of Dt.25.10.2024 to 04.00 P.M. of Dt.13.11.2024
6. Last Date/time for receipt of bids in the portal : 05.00 P.M. of Dt.13.11.2024
7. Date of Opening of Bid : 11.30 A.M. of Dt.14.11.2024
8. Name and address of the Officer Inviting Bid : Superintending Engineer, Panikoili (R&B) Division, Panikoili

Further details can be seen from the e-procurement portal **https://tendersodisha.gov.in**.

Sd./- Additional Chief Engineer
(I/C) Superintending Engineer
Panikoili (R&B) Division

OIPR-34067/11/0003/2425



**IN THE COURT OF THE CIVIL JUDGE SENIOR DIVISION THIRD ADDITIONAL COURT, CUTTACK**
**CS. NO.-III NO.-484/2018**

INDIAN OVERSEAS BANK .....PLAINTIFF
Versus
MANOJ KUMAR PARIDA .....DEFENDANT

To,
**Manoj Kumar Parida,** aged about 44 years, S/o- Gokula Chandra Parida, At/PO: Uttampur, Cuttack, Dist.: Cuttack, PIN-753011.

**SUMMONS BY PAPER PUBLICATION**

Where as Plaintiff has instituted a suit in **CSIII NO.-484/18** in the CIVIL JUDGE SENIOR DIVISION FIRST, CUTTACK for recovery of **Rs.1,52,378/- (Rupees One Lakh Fifty Two Thousands and Three Hundred Seventy Eight only)** as on **31.12.18** together with current and future interest @ 10.75% P.A., cost and other reliefs against you, which was transferred before the Court of Third Additional Court, Cuttack. You are not appearing in the Court inspite of summons issued from this Hon'ble Court. You are therefore hereby directed to appear before this COURT in person or through an Advocate or duly authorized agent, in support of YOUR defense to show cause within 30 days from the date of publication or on day of **07.12.2024 at 10.30 A.M.** as to why reliefs prayed for should not be granted.

Take notice that in case of default the application will be heard and determined in your absence.

Given under my hand and Seal of this Court on this **7th day of October, 2024.**

Sd/- CIVIL JUDGE SENIOR DIVISION THIRD ADDITIONAL COURT, AT- CUTTACK.

## ଘର ଭାଙ୍ଗି ଅଭିଯୁକ୍ତ ଗିରଫ

ଯୋଗେଶ୍ୱରପୁର,(ରଶ୍ମିରଞ୍ଜନ ସାହୁ) ଜଣଙ୍କ ଘରକୁ ଟେକା ଫୋପାଡ଼ି ଘର ଭାଙ୍ଗିବା ଘଟଣାରେ ନୟାହାଟ ଫାଣ୍ଡି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ନୟାହାଟ ଫାଣ୍ଡି ଅଧୀନ ସୋରା ପଞ୍ଚାୟତ ଦୁର୍ଗାପୁର ଗ୍ରାମର କବି ସାହୁ। ଏନେଇ ପୋଲିସ ୨୧୯/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। କବି ନିଶାଗ୍ରସ୍ତ ଅବସ୍ଥାରେ ଟେକାପଥର ମାଡ଼ କରି ସୋମବାର ରାତିରେ ସେହି ଗ୍ରାମର ବେଣୁଧର ମଲ୍ଲିକଙ୍କ ଆଜବେଷ୍ଟସ୍ ଘର ଭାଙ୍ଗିବା ସହ ଦାଣ୍ଡରେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସମ୍ପର୍କରେ ସେ ଫାଣ୍ଡିରେ ଅଭିଯୋଗ କରିଥିଲେ। ନୟାହାଟ ଫାଣ୍ଡି ଅଧିକାରୀ ଅଶୋକ ବେହେରା ଘଟଣାସ୍ଥଳରେ ପହଞ୍ଚି ଘରର ସ୍ଥିତି ପରଖିବା ସହ କବିଙ୍କୁ କାବୁ କରିଥିଲେ।

# କଳାବଜାର ରୋକିବାକୁ ଯୋଗାଣ ବିଭାଗକୁ ନିର୍ଦ୍ଦେଶ

ଡେଲାଙ୍ଗ,୨୨।୧୦(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକର ବିଜୁ ପଟ୍ଟନାୟକ ସମ୍ମିଳନୀ କକ୍ଷରେ ସମ୍ଭାବ୍ୟ ବାତ୍ୟାକୁ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଧ୍ୟକ୍ଷା ବାସନ୍ତୀ ସାହୁ ସଭାପତିତ୍ୱ କରିଥିଲେ। ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ, ଉପାଧ୍ୟକ୍ଷ ଦୁର୍ବାଶା ନିଶଙ୍କ, ବିଡିଓ କ୍ଷୀତିଶଚନ୍ଦ୍ର ବେହେରା, ତହସିଲଦାର ସନ୍ତୋଷିନି ଦାଶ, ଜିଲାପରିଷଦ ପ୍ରଜ୍ଞା ଛୋଟରାୟ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁବ୍ରତ ବାରିକ୍, ଜିପିଓ ରତିକାନ୍ତ ସାହୁ ଓ ୨୧ଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ପ୍ରମୁଖ ବାତ୍ୟା ମୁକାବିଲାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ବାତ୍ୟା ଆଶ୍ରୟସ୍ଥଳଗୁଡ଼ିକରେ ଶୃଙ୍ଖଳା ଖାଦ୍ୟ, ପାନୀୟ ଜଳ, ଜେନେରେଟର



ବୈଠକରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଓ ଅନ୍ୟ ଅଧିକାରୀମାନେ ।

ବ୍ୟବସ୍ଥା ସହ ବିପନ୍ନ, ଗର୍ଭବତୀଙ୍କୁ ଉଦ୍ଧାର କରାଯିବା, କଟକ ମେଶିନ ସ୍ଥଗିତ ରଖିବା ନେଇ ଆଲୋଚନା ହୋଇଥିଲା। ୧୦୮୦ଟି ପରିବାର ପାଇଁ ପ୍ରତ୍ୟେକ ଆର୍ଆଇ ଅଫିସରେ ପଲିଥିନ ଗଚ୍ଛିତ ଥିବା ତହସିଲଦାର ଦାଶ ସୂଚନା ଦେଇଛନ୍ତି। ୧୬୨ଟି ବିଦ୍ୟାଳୟରେ ସିଆର୍ସିସିଙ୍କୁ ସଜାଗ ରହିବାକୁ ବିଇଓ ବିନୋଦ ପ୍ରାମାଣିକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟୁତ୍ ବିଭାଗ କର୍ମଚାରୀ ସଜାଗ ରହିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ଦେବାଶିଷ ପଟ୍ଟନାୟକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତଳିଆ ଅଞ୍ଚଳରେ ପାଣି ଜମିଲେ ଟୋଲ ଫ୍ରି ନଂ. ୧୧୨କୁ ଅଭିଯୋଗ କରିବାକୁ ପରାମର୍ଶ ଦିଆଯାଇଛି। କଳାବଜାରୀ କରିଥିବା ଦୋକାନୀଙ୍କୁ ଚିହ୍ନଟ କରିବା ଓ ଅସାଧୁ ବ୍ୟବସାୟୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ୱତନ୍ତ୍ର ଟିମ୍ ଗଠନ କରିବାକୁ ବିଧାୟକ ଏମ୍ଆଇ ଅକ୍ଷୟ ସେଠୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ‘ମୋ ଆଶା’ ପତ୍ରିକାର ପୂଜାସଂଖ୍ୟା ଉନ୍ମୋଚିତ

ଭୁବନେଶ୍ୱର, ୨୨।୧୦(ବନ୍ଦନା ସେଠୀ)

ଶିଶୁ ବିକାଶ ଅନୁଷ୍ଠାନ ‘ଲିଟିଲ ଷ୍ଟାର ଗ୍ରୁପ୍’ ପକ୍ଷରୁ ପ୍ରକାଶ ପାଉଥିବା ତ୍ରୟମାସିକ ଶିଶୁ କିଶୋର ପତ୍ରିକା ‘ମୋ ଆଶା’ର ପୂଜା ସଂଖ୍ୟା ମଙ୍ଗଳବାର ଉନ୍ମୋଚିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତ୍ରିକାକୁ ଉନ୍ମୋଚିତ କରିଥିଲେ। ଜଣେ ଦିବ୍ୟାଙ୍ଗ ହୋଇ ମଧ ପତ୍ରିକାର ସମ୍ପାଦକ ସୁମନ୍ତ ମହାରଣା ନିଜ ପ୍ରଚେଷ୍ଟାରେ ବର୍ଷତମାମ ବିଭିନ୍ନ କାର୍ଯ୍ୟକ୍ରମ ସହିତ ସାହିତ୍ୟ, ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ପତ୍ରିକାକୁ ପ୍ରକାଶ କରିବା ଏକ ପ୍ରଶଂସନୀୟ ଉଦ୍ୟମ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଥିଲେ। ପତ୍ରିକାର ସହସମ୍ପାଦକ ଉର୍ମିଳା ମହାରଣା, ଉପଦେଷ୍ଟା ପ୍ରଣବ ସ୍ୱାଇଁ, ନିର୍ମଳ ମିଶ୍ର, ସୁବ୍ରତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପତ୍ରିକାଟି ପାଠକଙ୍କ ମନକୁ ଛୁଇଁପାରିବ ବୋଲି ଅତିଥିମାନେ କହିଥିଲେ।



ପତ୍ରିକା ଉନ୍ମୋଚନ ଉତ୍ସବରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ସମେତ ଅନ୍ୟ ଅତିଥିମାନେ ।

## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ୨ ବଖରା ଜଳିଗଲା

ସାକ୍ଷୀଗୋପାଳ,୨୨।୧୦(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ସତ୍ୟବାଦୀ ଥାନା ଅଞ୍ଚଳର ପାଣିଭଣ୍ଡାର ନିକଟ କଦଳୀପଡ଼ା ଗ୍ରାମରେ ଭିକାରୀ ସ୍ୱାଇଁଙ୍କ ଅଗ୍ନିକାଣ୍ଡରେ ୨ ବଖରା ଚାଳଘର ପୋଡ଼ି ପାଉଁଶ ହୋଇଯାଇଛି। ସୋମବାର ମଧ୍ୟରାତ୍ରରେ କୌଣସି କାରଣରୁ ଏହି ଅଗ୍ନିକାଣ୍ଡ ଘଟିଥିଲା। ପ୍ରଥମେ ଗ୍ରାମର କିଛି ଲୋକ ଦେଖି ପରିବାର ଲୋକଙ୍କୁ ଜଣାଇବା ପରେ ସାକ୍ଷୀଗୋପାଳ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ ବିଭାଗ ପକ୍ଷରୁ ୨ଟି ଗାଡ଼ି ସହ ଏକ ଟିମ୍ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ଉକ୍ତ ଘରେ ଥିବା ଲକ୍ଷାଧିକ ଟଙ୍କାର କାଠ ପଟା ସହ ନିତ୍ୟ ବ୍ୟବହାର୍ଯ୍ୟ ବସ୍ତୁ ପୋଡ଼ି ନଷ୍ଟ ହୋଇଯାଇଛି। ସତ୍ୟବାଦୀ ତହସିଲଦାରଙ୍କ ନିର୍ଦ୍ଦେଶମତେ ରାଜସ୍ୱ ନିରୀକ୍ଷକ ପହଞ୍ଚି ଘଟଣାର ରିପୋର୍ଟ ପ୍ରସ୍ତୁତ କରିଥିବା ଜଣାପଡ଼ିଛି।

### କାର୍‌କୁ ଧକ୍କା ଦେଲା ହାଇୱା, ବର୍ତ୍ତିଲେ ପରିବାର

ପିପିଲି,୨୨।୧୦(ଦୁର୍ଗାମାଧବ ମିଶ୍ର)

ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥ ତେଇଶିପୁର ପେଟ୍ରୋଲ ପମ୍ପଠାରେ ମଙ୍ଗଳବାର କାର୍‌କୁ ଧକ୍କା ଦେଲା ହାଇୱା। ଫଳରେ କାର୍‌ରେ ଥିବା ପରିବାରର ଦୁଇ ଶିଶୁ ସମେତ ୩ ଜଣ ଗୁରୁତର ହୋଇଛନ୍ତି। ଦୁର୍ଘଟଣା ଘଟାଇଥିବା ହାଇୱା ଘଟଣାସ୍ଥଳରୁ ଚମ୍ପଟ ମାରିଛି। ସ୍ଥାନୀୟ ଲୋକେ ତାଙ୍କୁ ମେଡିକାଲ୍‌କୁ ପଠାଇଛନ୍ତି। ସୂଚନାଯୋଗ୍ୟ, ପୁରୀରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ଏକ କାର୍ ପରିବାର ଲୋକଙ୍କୁ ନେଇ ଯାଉଥିବା ବେଳେ ପଛରୁ ଦ୍ରୁତ ଗତିରେ ଆସୁଥିବା ହାଇୱା ଓଭର ଟେକ୍ କରି ଦୁର୍ଘଟଣା ଘଟାଇଥିଲା। ଖବରପାଇ ସାତଶଙ୍ଖ ଫାଣ୍ଡି ଅଧିକାରୀ ପ୍ରକାଶ ଚନ୍ଦ୍ର ମଲ୍ଲିକ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାରକୁ ଜବତ କରି ଆହତଙ୍କୁ ସ୍ଥାନୀୟ ମେଡିକାଲ୍‌କୁ ପଠାଇଛନ୍ତି।

### ୧୦ ଲକ୍ଷ ଟଙ୍କାର ବାଣ ଜବତ

ଡେଲାଙ୍ଗ,୨୨।୧୦(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ପୋଲିସ ପାଟ୍ରୋଲିଂ କରିବା ସମୟରେ ଲକ୍ଷାଧିକ ଟଙ୍କାର ବାଣ ଜବତ କରିଛି। ତେବେ ଅଭିଯୁକ୍ତ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଏନେଇ ପୋଲିସ ୩୯୪/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବେଆଇନ ବାଣର ମୂଲ୍ୟ ପାଖାପାଖି ୧୦ ଲକ୍ଷ ଟଙ୍କା ହେବ ବୋଲି ଡେଲାଙ୍ଗ ଥାନା ଆଇଆଇସି ଦେବାଶିଷ ମହାନ୍ତି ସୂଚନା ଦେଇଛନ୍ତି। ସୂଚନା ମୁତାବକ, ବିଶେଷ ସୂତ୍ରରୁ ଖବରପାଇ ଏଏସ୍ଆଇ ବିନୋଦିନି ବେହେରା ସଦଳବଳ ମାନପୁର ଗାଁର ଏକ ଆଜବେଷ୍ଟସ୍ ଘରେ ଚଢ଼ାଉ କରିଥିଲେ। ପୋଲିସ ଘଟଣାସ୍ଥଳ ଯାଞ୍ଚ କରିବାବେଳେ ଲକ୍ଷାଧିକ ଟଙ୍କାର ବାଣ ଗଚ୍ଛିତ ଥିବା ଦେଖିବାକୁ ପାଇଥିଲା। ଗ୍ରାମର ତୁଷାର ପ୍ରଧାନ ବେଆଇନ ଭାବେ ବାଣ ଗଚ୍ଛିତ ରଖି ବେପାର ଚଳାଉଥିବାବେଳେ ପୋଲିସକୁ ଦେଖି ସେଠାରୁ ଚମ୍ପଟ ମାରିଥିଲେ। ପୋଲିସ ଘଟଣାସ୍ଥଳରୁ ୧୯ ପେଟି ଧପ୍‌ଧପି, ୧୫ ପେଟି ଶର୍ଟ, ମହମବତି ପେଟି ସମେତ ମୋଟ ୪୩ଟି କାର୍ଟୁନ ବିଭିନ୍ନ ପ୍ରକାରର ବାଣ ପେଟି ଜବତ କରିଛି।

# ବାତ୍ୟା ଛନକା: ବନ୍ଦ ରହିବ ଲଜ୍ ଧର୍ମଶାଳା

କୋଣାର୍କ,୨୨।୧୦(ଜ୍ୟୋତିରାଜ ମହାନ୍ତି)

ସମ୍ଭାବ୍ୟ ବାତ୍ୟା ‘ଦାନା’କୁ ଦୃଷ୍ଟିରେ ରଖି କୋଣାର୍କ ଏନ୍ଏସି ତତ୍ପର ହୋଇଉଠିଛି। ପ୍ରବଳ ବର୍ଷା ଓ ପବନ ଆଶଙ୍କାରେ ପ୍ରଶାସନ ପକ୍ଷରୁ ପ୍ରଚାର ଗାଡ଼ିରେ କୋଣାର୍କ, ଚନ୍ଦ୍ରଭାଗାରେ ବାତ୍ୟା ସଚେତନତା କରାଯାଇଛି। କୋଣାର୍କ ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକଙ୍କୁ କୋଣାର୍କ ଓ ଚନ୍ଦ୍ରଭାଗାରେ ରହିବାକୁ ବାରଣ କରାଯାଇଛି। ଆସନ୍ତା ୨୩, ୨୪, ୨୫ ତାରିଖ ପର୍ଯ୍ୟନ୍ତ ଏଠାରେ ଥିବା ବିଭିନ୍ନ ଲଜ୍, ଧର୍ମଶାଳା ହୋଟେଲ, ଗେଷ୍ଟ ହାଉସ୍ ଓ ରେଷ୍ଟୁରାଣ୍ଟରେ ପର୍ଯ୍ୟଟକ ରାତ୍ରୀଯାପନ କରିପାରିବେ ନାହିଁ। କୋଣାର୍କ ବଜାର ସମେତ ବିଭିନ୍ନ ୱାର୍ଡରେ ଘନ ଘନ ପ୍ରଚାର କରାଯାଉଛି। ପରିବା ଦର ଆକାଶ ଛୁଆଁ ରହିଥିବାବେଳେ କୋଣାର୍କ ଏନ୍ଏସି ଓ ପଞ୍ଚାୟତରେ ଥିବା ଡିଲରଙ୍କ ପାଖରେ କିରୋସିନ ମିଳୁନି ବୋଲି ଖାଉଟି ମାନେ ଅଭିଯୋଗ କରିଛନ୍ତି। ସମସ୍ତ ଖାଉଟିଙ୍କୁ ଆବଶ୍ୟକ ପରିମାଣର କିରୋସିନ ଯୋଗାଇ ଦେବାକୁ କିଶୋର ଚନ୍ଦ୍ର ସେଠ, ପୂର୍ବତନ କାଉନସିଲର ପ୍ରତାପ ଗୋଛାୟତ, ପୂର୍ଣ୍ଣଚନ୍ଦ୍ର ଲେଙ୍କା ପ୍ରମୁଖ ଜିଲା ପ୍ରଶାସନ ନିକଟରେ ନିବେଦନ କରିଛନ୍ତି।

# ଗଛରେ ଝୁଲି ଯୁବକଙ୍କ ଆତ୍ମହତ୍ୟା

କଣାସ,୨୨।୧୦(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଗଡ଼ିଶାଗୋଦା ଥାନା ଅଧୀନ ବାଦୁରାବର ଗ୍ରାମର ଅନିଲ ମହାପାତ୍ର (୨୭) ସୋମବାର ରାତିରେ ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିବା ପୋଲିସ ପ୍ରକାଶ କରିଛି। ଏନେଇ ପୋଲିସ ୬/୨୦୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଅନିଲ ସୋମବାର ରାତିରେ ଖାଇସାରିବା ପରେ ଘରୁ ବାହାରକୁ ଯାଇ ଆଉ ଫେରି ନ ଥିଲେ। ସକାଳୁ ଏକ ଗଛରେ ଦଉଡ଼ିରେ ଝୁଲୁଥିବା ଲୋକେ ଦେଖିବାକୁ ପାଇଥିଲେ। ଥାନା ଆଇଆଇସି ଦୁର୍ଗାଚରଣ ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ।

# ୪ କେଜି ଗଞ୍ଜେଇ ଜବତ, ୨ ଗିରଫ

କଣାସ,୨୨।୧୦(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ଥାନା ଅଧୀନ ଗଡ଼ସାନପୁଟ ଗ୍ରାମପଞ୍ଚାୟତର ମନ୍ଦାରବସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରୁ ଗଞ୍ଜେଇ ବିକ୍ରି ଅଭିଯୋଗରେ ପୋଲିସ ୨ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଛୋଟି ଯୋଡି ଗ୍ରାମର ଜୟନ୍ତ ଛୁଆଳସିଂ ଓ ଗଗନ ଛୁଆଳସିଂ। ପୋଲିସ ଦୁହିଁଙ୍କଠାରୁ ୪ କେଜି ୨୨୮ ଗ୍ରାମ ଗଞ୍ଜେଇ ଓ ୫୦ ହଜାର ଟଙ୍କା ଜବତ କରିଛି। ଏନେଇ ୨୫୩/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। କଣାସ ଥାନା ଆଇଆଇସି ରାକେଶ କୁମାର ତ୍ରିପାଠୀଙ୍କ ନିର୍ଦ୍ଦେଶରେ ଏସ୍ଆଇ ଦେବୀ ପ୍ରସାଦ ଲେଙ୍କା, ମନ୍ଦାରବସ୍ତ ଫାଣ୍ଡି ଅଧିକାରୀ କୃଷ୍ଣଚନ୍ଦ୍ର ବେହେରା, ଅନ୍ୟ ପୋଲିସ ଅଧିକାରୀମାନେ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ସେମାନଙ୍କୁ କାବୁ କରିଥିଲେ।

# ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିଲେ ବହୁ ଦର୍ଶକ

ପୁରୀ,୨୨।୧୦(ଅଜିତ୍ କୁମାର ମହାନ୍ତି)

ପୁରୀ ରେଲ୍‌ୱେ ଷ୍ଟେଶନ ଅଟୋ ଚାଳକ ସଂଘ ପକ୍ଷରୁ ଗଜଲକ୍ଷ୍ମୀ ପୂଜା ସାଂସ୍କୃତିକ କାର୍ଯ୍ୟକ୍ରମ ମହାଡ଼ମ୍ବରରେ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ବହୁ ଦର୍ଶକ ଉପଭୋଗ କରିଛନ୍ତି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନିଖିଳ ଓଡ଼ିଶା ଅଟୋ ଚାଳକ ସଂଘର ସଭାପତି ତଥା କଟକ ମେୟର ସୁବାସ ଚନ୍ଦ୍ର ସିଂ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ମହାସଂଘ ସଭାପତି ଦୁର୍ଗାଚରଣ ଖୁଣ୍ଟିଆ, ଉପସଭାପତି ଭଗବାନ ପଡ଼ିଆରୀ, ନିଖିଳ ଓଡ଼ିଶା ଅଟୋ ଚାଳକ ସଂଘର ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ସାମଲ, ରାଜୀବ ଜୋସେଫ, ଭାସ୍କର ସେଠୀ, ଆର୍ ପୁରୁଷୋତ୍ତମ, ସମ୍ପାଦକ ଅକ୍ଷୟ କୁମାର ପ୍ରଧାନ, ଡି ମୋହନ ରେଡ୍ଡି, ପି ଲୋକନାଥ ରାଓ, ଡି ନାରାୟଣ ରେଡ୍ଡି, ଅଭିମନ୍ୟୁ ବେହେରା, ଆରଟିଓ ରବୀନ ପଟ୍ଟନାୟକ, ସନ୍ତୋଷ କୁମାର ବାହିନୀପତିଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନେ ମଞ୍ଚାସୀନ ହୋଇ ମହାପ୍ରଭୁଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସାମାଜିକ ଅନୁଷ୍ଠାନକୁ ସମ୍ମାନିତ କରାଯିବା ସହିତ ଅର୍ଥରାଶି ପ୍ରଦାନ କରାଯାଇଥିଲା। ପରେ ପରେ ଭାରତବର୍ଷର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

# କାମ ଦେଲାନି ମିଳିତ ଚଢ଼ାଉ, ନିଜ ଧାର୍ଯ୍ୟ ଦରରେ ବିକିଲେ ଦୋକାନୀ

ଗୋପ,୨୨।୧୦(ଭାରତୀ ଭୂଷଣ ଉପାଧ୍ୟାୟ)

ସମ୍ଭାବ୍ୟ ବାତ୍ୟାକୁ ନେଇ ଆଳୁ, ପିଆଜ, ଅଦା, ରସୁଣ ସହିତ ଅନ୍ୟାନ୍ୟ ପନିପରିବା ଦର କଳାବଜାର ଅଭିଯୋଗ ହେବା ପରେ ମଙ୍ଗଳବାର ବିଡିଓ ଓ ତହସିଲଦାର ମିଳିତ ଭାବେ ଗୋପ ବଜାରର ପରିବା ମାର୍କେଟରେ ଚଢ଼ାଉ କରିଥିଲେ। ଏପରିକି ଅଧିକାରୀମାନେ ପିଆଜ କିଲୋ ୬୦ ଟଙ୍କା, ଆଳୁ ୩୫ ଟଙ୍କା, ଅଦା ୧୦୦ ଟଙ୍କା ଓ ରସୁଣ ୩୩୦ ଟଙ୍କାର ଗୋଟିଏ ଦର ତାଲିକା ଲଗାଇଥିଲେ। ଅଧିକାରୀ ମାନେ ଯିବା ପରେ କେତେଜଣ ବ୍ୟବସାୟୀ ଏହି ଲଗାଯାଇଥିବା ଦର ତାଲିକାକୁ ଫୋପାଡ଼ି ଦେଇ ଧାର୍ଯ୍ୟ ଦରଠାରୁ ଅଧିକ ମାତ୍ରାରେ ବିକ୍ରି କରୁଥିବା ଜଣାପଡ଼ିଛି। ଆଳୁ ୪୦ରୁ ଊର୍ଦ୍ଧ୍ୱ ଟଙ୍କା ଥିବାବେଳେ ପିଆଜ ୮୦ ଓ ଅଦା, ରସୁଣ ମଧ୍ୟ ଅଧିକ ଟଙ୍କା ରହିଛି। ଏପରିକି ବାଇଗଣ, କୋବି, ପୋଟଳ ସହିତ ଅନ୍ୟ ପନିପରିବା ଦର ଅଧିକ ରହିଛି। ସରକାର ବାରମ୍ବାର ଏହି ପନିପରିବା ଦର ପ୍ରତି ଗୁରୁତ୍ୱ ଦେବା ଲାଗି ନିର୍ଦ୍ଦେଶ ରହିଥିଲେ ମଧ୍ୟ ବ୍ୟବସାୟୀମାନେ ତାହା ମାନୁ ନ ଥିବା ଅଭିଯୋଗ ହୋଇଛି।

# କଳିଙ୍ଗ ବୈଶ୍ୟ ଯୁବକ ସେବା ସଂଘର ବାର୍ଷିକ ଉତ୍ସବ ଉପଲକ୍ଷେ ପ୍ରତିଯୋଗିତା

ପୁରୀ,୨୨।୧୦(ଅଜିତ୍ କୁମାର ମହାନ୍ତି)

ଅଗ୍ରଣୀ ସଂଗଠନ କଳିଙ୍ଗ ବୈଶ୍ୟ ଯୁବକ ସେବା ସଂଘର ୨୫ ତମ ବାର୍ଷିକ ଉତ୍ସବ ଉପଲକ୍ଷେ ଦୋଳମଣ୍ଡପସାହି ସ୍ଥିତ ପେଣ୍ଠଘର ଠାରେ ମଙ୍ଗଳବାର ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ଯୁବକ ସେବା ସଂଘ ଉପଦେଷ୍ଟା ରାଜକିଶୋର ପାତ୍ର, ସଭାପତି ଚିନ୍ମୟ ପାତ୍ର, ସମ୍ପାଦକ ସୀତାରାମ ସେନାପତି ପ୍ରମୁଖ ଯୋଗଦେଇ ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଯୁବକ ସେବା ସଂଘର ସମସ୍ତ ସଭ୍ୟାସଭ୍ୟ ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ସମସ୍ତ ଉତ୍ତୀର୍ଣ୍ଣ ପ୍ରତିଯୋଗୀଙ୍କୁ ଡିସେମ୍ବରରେ ହେବାକୁ ଥିବା ବାର୍ଷିକ ଉତ୍ସବରେ ସମ୍ମାନିତ କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# ବାଇକ୍ ଧକ୍କାରେ ମହିଳା ମୃତ, ଚାଳକ ଗୁରୁତର

ଗୋପ,୨୨।୧୦(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ-ନିମାପଡ଼ା ରାସ୍ତାର ବିଶରପୁର ନିକଟରେ ମଙ୍ଗଳବାର ରାତିରେ ଏକ ବାଇକ୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ବାଇକ୍‌ଚାଳକ ଗୁରୁତର ହୋଇଥିବା ଜଣାପଡିଛି। ମୃତକ ହେଲେ ବିଶରପୁର ଗ୍ରାମର ନବି ପ୍ରଧାନ(୫୨) ଓ ଗୁରୁତର ଗୋପ ଥାନା ଅଧୀନ ତରଙ୍ଗିରା ଗ୍ରାମର ରାଜା ସାହାଣୀଙ୍କୁ ଗୋପ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ପରେ ଗ୍ରାମବାସୀ ଉତ୍କ୍ଷିପ୍ତ ହୋଇ ଦୁର୍ଘଟଣାଗ୍ରସ୍ତ ବାଇକ୍ (ଓଆର୍-୦୬-ଜେ-୮୬୪୬)କୁ ଗୋପ-ନିମାପଡ଼ା ରାସ୍ତାରେ ପକାଇ ଅବରୋଧ କରିଛନ୍ତି। ସହଯାତ୍ରୀ କୋଣାର୍କ ଥାନା ଅଧୀନ ଆଲପୁର ଗ୍ରାମର ପିନାକୀ ପ୍ରସାଦ ବେଉରାକୁ ଗ୍ରାମବାସୀ ଅଟକ ରଖିଛନ୍ତି।

ପ୍ରକାଶ ଯେ, ରାଜା ଓ ତାଙ୍କ ସାଙ୍ଗ ନିମାପଡ଼ାରୁ ଗାଁକୁ ଫେରୁଥିବାବେଳେ ବିଶରପୁର ନିକଟରେ ନବିଙ୍କୁ ଧକ୍କା ଦେଇଥିଲେ। ଗ୍ରାମବାସୀ ମହିଳାଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ।

### ରାସ୍ତା ଅବରୋଧ କଲେ ଗ୍ରାମବାସୀ

ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବା ସହ ଦୁର୍ଘଟଣା ଘଟାଇଥିବା ଯୁବକଙ୍କୁ ଗ୍ରାମବାସୀ ଛାଡ଼ି ନ ଥିଲେ। ଖବରପାଇ ଗୋପ ଥାନା ଅଧିକାରୀ ପ୍ରଶାନ୍ତ ପଢ଼ିହାରୀ, ଏଏସ୍ଆଇ ଜହୁର୍ ଖାଁ ପହଞ୍ଚି ବୁଝାସୁଝା କରିବା ପରେ ଚାଳକଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ସ୍ଥାନରେ ଉତ୍ତେଜନା ଲାଗି ରହିଥିବାବେଳେ ଚାଳକଙ୍କ ସାଙ୍ଗଙ୍କୁ ଗ୍ରାମବାସୀ ଅଟକ ରଖିବା ସହିତ ମୃତକ ପରିବାରକୁ ୧୦ ଲକ୍ଷ ଟଙ୍କାର ସହାୟତା ଦାବି କରିଛନ୍ତି। ମୃତକଙ୍କ ପରିବାର ଲୋକେ ଗୁରୁତର ଯୁବକଙ୍କୁ ଅନ୍ୟ ମେଡିକାଲକୁ ରେଫର କରାଯାଇଥିଲେ ମଧ୍ୟ ଛାଡି ନ ଥିବାରୁ ସେଠାରେ ଉତ୍ତେଜନା ଦେଖା ଦେଇଥିଲା। ନିମାପଡ଼ା ଡିଏସପି ପ୍ରଭାତ ମଲ୍ଲିକ ପହଞ୍ଚି ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।


## ପୂର୍ବ ତଟ ରେଳପଥ

(1) ଇ-ଟେଣ୍ଡର ବିଜ୍ଞପ୍ତି ସଂ.: e-Tender-Elect-G-39-24

କାର୍ଯ୍ୟର ବିବରଣୀ : LHB କୋଚ୍ ଏବଂ ପାୱାର କାରଗୁଡ଼ିକ ପାଇଁ ରକ୍ଷଣାବେକ୍ଷଣ ସୁବିଧା ସୃଷ୍ଟି କରିବା ଏବଂ ପରିଚାଳନାରେ ନିରାପତ୍ତା ବୃଦ୍ଧି ସମ୍ବନ୍ଧୀୟ ପରୀକ୍ଷଣ ପ୍ରୟୋଗଶାଳା (Testing Lab)ର ବ୍ୟବସ୍ଥା।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 42,48,754.81, EMD : ₹ 85,000/-

(2) ଇ-ଟେଣ୍ଡର ବିଜ୍ଞପ୍ତି ସଂ.: e-Tender-Elect-G-40-24

କାର୍ଯ୍ୟର ବିବରଣୀ : ହିନ୍ଦୋଳ ରୋଡ଼ଠାରେ ନବନିର୍ମିତ କୋଇଲା ଏବଂ ବାଲାଷ୍ଟ ସାଇଡିଙ୍ଗର ଆଲୋକୀକରଣରେ ଉନ୍ନତି।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 1,11,58,762.82, EMD : ₹ 2,05,800/-

(3) ଇ-ଟେଣ୍ଡର ବିଜ୍ଞପ୍ତି ସଂ.: e-Tender-Elect-G-41-24

କାର୍ଯ୍ୟର ବିବରଣୀ : ଟାଇପ୍-V (ମହାନଦୀ ଏନକ୍ଲେଭ)/ଖୋର୍ଦ୍ଧା ରୋଡ଼ ଠାରେ ଏକ ସଂଖ୍ୟକ ଲିଫ୍ଟର ବ୍ୟବସ୍ଥା।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 19,81,106.40, EMD : ₹ 39,600/-

ଶେଷ ହେବା ଅବଧି : 6 ମାସ (କ୍ରମ ସଂ. 1 ଓ 2 ପାଇଁ) ଏବଂ 3 ମାସ (କ୍ରମ ସଂ. 3 ପାଇଁ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.08.11.2024ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ପାଇଁ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟରୀ/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ସାମାନ୍ୟ)/ ଖୋର୍ଦ୍ଧା ରୋଡ଼

PR-646/P/24-25



## SEA SPRINT SERVICES PRIVATE LIMITED

K3-783, Maheshtala, Paraganas South, West Bengal - 700 141
Ph: 9229024800, 0612-2311200

**TENDER NOTICE**

NO. NINI/SSSPL/EQUIPMENT/2024-25

Sea Sprint Services Private Limited (SSSPL) on behalf of National Inland Navigation Institute (NINI), Patna requests the quotations for following items to be supplied at Crew Training Institute (CTI), Chandabali, Bhadrak, Odisha - 756 133.

| Sl.No. | Particulars | Estimated Cost in Rs. (approx.) |
|---|---|---|
| 1. | Supply of PSt, FPFF, LSA & Workshops Equipment | 50.00 Lakhs |

Last date of sale of tender document 06.11.2024, Last date of tender submission: 06.11.2024 upto 15:00 hrs., Date of technical bid opening: 06.11.2024 at 15:30 hrs. Cost of tender documents: Rs. 500/-. The above costs are inclusive of all taxes/excise and for CTI/NINI basis. Tender document can be obtained by e-mail from info@niniedu.in or by hand at the NINI, Gaighat, Gulzarbagh, Patna during office hours.

SSSPL



## ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
## ODISHA STATE OPEN UNIVERSITY,SAMBALPUR

Established by an Act of Government of Odisha.

No. 1708/OSOU/2024 Dt. 22.10.2024

**CORRIGENDUM**

(Employment Notice No.1431/OSOU/2024 Dt: 05/09/2024)

The candidates who have submitted their application against advertisement No.1431/ OSOU/2024 Dt: 05/09/2024 by the closing date and time, i.e. 5th October, 2024 (5 PM), can send the additional relevant documents, if they so wish, in support of their eligibility/ experience/academic score by Email: recruitment@osou.ac.in till 28th October, 2024 (5 PM). After this date and time, no document or request of any kind to submit the documents shall be entertained.

By order of the Vice-Chancellor

Sd-
Registrar



## BEFORE THE DEBTS RECOVERY TRIBUNAL, CUTTACK, ODISHA
C-71, SECTOR-7, CDA, CUTTACK, ODISHA
O.A. No. 332 / 2024

State Bank of India, ACB, Jagatsinghpur ....Applicant
Versus
M/s. Richha Enterprises & Another ...Defendants

To,
1. **M/s. Richha Enterprises, Prop.: Jyoti Prava Das,** At: Gopal Sagar, Jagatsinghpur, In Front of ICICI Bank, PO.: Jagatsinghpur, Town/Dist.: Jagatsinghpur, Odisha, PIN-754103
2. **Jyoti Prava Das,** W/o.: Pradip Kumar Das, Prop of M/s. Richha Enterprises, At: Gopal Sagar, Jagatsinghpur, In Front of ICICI Bank, PO.: Jagatsinghpur, Town/Dist.: Jagatsinghpur, Odisha, PIN-754103

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **OA No. 332/ 2024** in the court of the Debts Recovery Tribunal, Cuttack for recovery of **Rs.24,97,970.00** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **02/12/2024** at **10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this **18th day of October 2024.**

Sd/- REGISTRAR
(NIKHILA RANJAN PATI)



## BEFORE THE DEBTS RECOVERY TRIBUNAL, CUTTACK, ODISHA
C-71, SECTOR-7, CDA, CUTTACK, ODISHA
O.A. No. 327 / 2024

State Bank of India, SARB, Cuttack ....Applicant
Versus
Sri Amit Kumar Beuray ...Defendant

To,
1. **Sri Amit Kumar Beuray,** S/o.: Niranjan Beuray, At: Chahata Nagar Lane-2, PO.: Avinab Bidanasi, Dist.: Cuttack, (Odisha), PIN-753014

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **OA No. 327/2024** in the court of the Debts Recovery Tribunal, Cuttack for recovery of **Rs.29,75,391.00** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorized agent, in support of their defence to show cause within **30 days** from the date of publication or on **02/12/2024** at **10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this **18th day of October 2024.**

Sd/- REGISTRAR
(NIKHILA RANJAN PATI)



## TRIBAL DEVELOPMENT COOPERATIVE CORPORATION OF ODISHA LTD.

Rupali Square, Bhoi Nagar, Bhubaneswar - 751022, Odisha
Tel. No.: 2542475, 2542617, Fax: 2544828, Email: admin@tdccodisha.org

E-Auction Notification No. 1764 Date: 21.10.24

**E-Auction for Sale of Seeded & De-Seeded Tamarind 2024 Crop Procured under MSP Scheme**

No. CAD-1413: TDCCOL, Bhubaneswar is commencing sale of Seeded & De-Seeded Tamarind 2024 Crop stock procured under MSP Scheme stored in different cold storages/godowns in Odisha through e-auction platform of MSTC Ltd (E-RaKAM), eNivida portal, BSE - e-Agriculture Markets (BEaM), NCDEX e-Market Ltd. (NeML) & CI India service provider. The e-Auction will be held on 25.11.24. The detail tender notice can be downloaded from website of TDCCOL i.e. **www.tdccorissa.org**. Any changes/modifications in the e-Auction documents will be posted in the above website.

OIPR-26005/11/0003/2425 Sd./- Managing Director



## SAMBALPUR UNIVERSITY
## ସମ୍ବଲପୁର ବିଶ୍ୱବିଦ୍ୟାଳୟ

Jyoti Vihar, Burla - 768019, Sambalpur, Odisha
ଜ୍ୟୋତି ବିହାର, ବୁର୍ଲା – ୭୬୮୦୧୯, ସମ୍ବଲପୁର, ଓଡ଼ିଶା
(Accredited with Grade 'A' by NAAC)

No. 4644//Estt.-I-3/D/03 Date: 21.10.2024

**NOTIFICATION**

No. CAD-1405: Nominations are invited for felicitation of person(s) on occasion of the celebration of the 58th Founation day of Sambalpur Unviersity, from individuals/recognized organizations working in the field(s) of Literature/Culture/Education/Science/Technology/Social works etc.

Person(s) so nominated should be distinguished & have remarkable contribution for development of Literature, Art, Culture, Education, Science, Technology, Social Work, Games & Sports or other such field and must belong to the geographical jurisdiction of Sambalpur University, i.e. Athamallik Sub-Division of Angul, Bargarh, Boudh, Deogarh, Jharsuguda, Sambalpur and Sundargarh district.

Nominations along with a resume of his/her achievements and contributions as well as complete bio-data should be submitted in sealed cover superscribed with **"NOMINATION FOR AWARD OF RECOGNIZATION BY THE SAMBALPUR UNIVERSITY ON THE FOUNDATION DAY"** so as to reach to the Registrar, Sambalpur University, Jyoti Vihar, Burla through Speed/Registered Post latest by **11.11.2024, 05.00 P.M.**

OIPR-11010/11/0014/2425 Sd./- Registrar



## GOVT. OF ODISHA

No. B-452

## OFFICE OF THE SUPERINTENDING ENGINEER, PANIKOILI (R&B) DIVISION, PANIKOILI

**“e”-PROCUREMENT NOTICE**

Bid Identification No. S.E. PKL (R&B) - 10/2024-25
E-mail Address: eepwd.pkl@rediffmail.com

| | | |
|---|---|---|
| 1. | Nature of the Work | : Building Works |
| 2. | Numbers of Work | : 47 (Forty Seven) Nos. |
| 3. | Estimated Cost | : Rs.29.20 Lakh to Rs.54.22 Lakh (Approx.) |
| 4. | Period of Completion | : 4 (Four) Calendar Months |
| 5. | Date & time of availability of bid document in the portal | : From 11.00 A.M. of Dt.25.10.2024 to 04.00 P.M. of Dt.13.11.2024 |
| 6. | Last Date/time for receipt of bids in the portal | : 05.00 P.M. of Dt.13.11.2024 |
| 7. | Date of Opening of Bid | : 11.30 A.M. of Dt.14.11.2024 |
| 8. | Name and address of the Officer Inviting Bid | : Superintending Engineer, Panikoili (R&B) Division, Panikoili |

Further details can be seen from the e-procurement portal **https://tendersodisha.gov.in**.

Sd./- Additional Chief Engineer
(I/C) Superintending Engineer
Panikoili (R&B) Division

OIPR-34067/11/0003/2425



## IN THE COURT OF THE CIVIL JUDGE SENIOR DIVISION THIRD ADDITIONAL COURT, CUTTACK
CS. NO.-III NO.-484/2018

INDIAN OVERSEAS BANK .....PLAINTIFF
Versus
MANOJ KUMAR PARIDA .....DEFENDANT

To,
**Manoj Kumar Parida,** aged about 44 years, S/o- Gokula Chandra Parida, At/PO: Uttampur, Cuttack, Dist.: Cuttack, PIN-753011.

**SUMMONS BY PAPER PUBLICATION**

Where as Plaintiff has instituted a suit in **CSIII NO.-484/18** in the CIVIL JUDGE SENIOR DIVISION FIRST, CUTTACK for recovery of **Rs.1,52,378/- (Rupees One Lakh Fifty Two Thousands and Three Hundred Seventy Eight only)** as on **31.12.18** together with current and future interest @ 10.75% P.A., cost and other reliefs against you, which was transferred before the Court of Third Additional Court, Cuttack. You are not appearing in the Court inspite of summons issued from this Hon'ble Court. You are therefore hereby directed to appear before this COURT in person or through an Advocate or duly authorized agent, in support of YOUR defense to show cause within 30 days from the date of publication or on day of **07.12.2024 at 10.30 A.M.** as to why reliefs prayed for should not be granted.

Take notice that in case of default the application will be heard and determined in your absence.

Given under my hand and Seal of this Court on this **7th day of October, 2024**.

Sd/- CIVIL JUDGE SENIOR DIVISION THIRD ADDITIONAL COURT, AT- CUTTACK.

# ଭରତପୁର ଜଙ୍ଗଲ: ୮ଗୁଣା ଅଧିକ ହାତୀ

■ସୁରକ୍ଷା ପାଇଁ ହାଙ୍ଗିଙ୍ଗ୍ ସୋଲାର୍ ଫେନ୍ସିଂ ବ୍ୟବସ୍ଥା ଆପଣାଇବାକୁ ବନ ବିଭାଗର ନିବେଦନ

■କ୍ଷତିପୂରଣ ବାବଦରେ ବାର୍ଷିକ ୫ରୁ୬ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି

ଭୁବନେଶ୍ୱର,୨୨।୧୦(ବନ୍ଦନା ସେଠୀ)



ରାଜ୍ୟରେ ବନ୍ୟପ୍ରାଣୀ-ମନୁଷ୍ୟ ସଂଘର୍ଷ ଘଟଣା ବଢ଼ିଚାଲିଛି। ପ୍ରତିବର୍ଷ ବନ୍ୟପ୍ରାଣୀ-ମନୁଷ୍ୟ ସଂଘର୍ଷରେ ୧୬୦-୧୮୦ ଜଣଙ୍କର ମୃତ୍ୟୁ ହେଉଛି। ତେବେ ହାତୀଦ୍ୱାରା ସର୍ବାଧିକ ମୃତ୍ୟୁ ହେଉଥିବାରୁ ବନ ବିଭାଗ ପାଇଁ ଏହା ଚିନ୍ତାର କାରଣ ପାଲଟିଛି। ଖାଦ୍ୟ ଅନ୍ୱେଷଣ ଓ ସ୍ଥାନାଭାବ କାରଣରୁ ହାତୀପଲ ଜନବସତି ଆଡ଼କୁ ଚାଲିଆସୁଛନ୍ତି। ବିଶେଷକରି ଚନ୍ଦକା-ଡମପଡ଼ା ଅଭୟାରଣ୍ୟର ଅଂଶ ଭାବେ ପରିଗଣିତ ଭରତପୁର ଜଙ୍ଗଲ ଆଖପାଖ ଅଞ୍ଚଳରେ ଏଭଳି ସମସ୍ୟା ବାରମ୍ବାର ଦେଖିବାକୁ ମିଳୁଛି। ଆୟତନ ଅନୁଯାୟୀ ଏଠାରେ ଅଧିକ ହାତୀ ରହୁଥିବାରୁ ସେମାନେ ଜନବସତି ଆଡ଼କୁ ଚାଲିଆସୁଛନ୍ତି। ଆଖପାଖରେ ଥିବା ଚାଷଜମି, ଶିକ୍ଷାନୁଷ୍ଠାନକୁ କ୍ଷତି ପହଞ୍ଚାଇବା ସହ ଧନଜୀବନ ନଷ୍ଟ କରୁଛନ୍ତି। ତେଣୁ ଏହାକୁ ରୋକିବା ପାଇଁ ଆଖପାଖରେ ଥିବା ଶିକ୍ଷାନୁଷ୍ଠାନ ଏବଂ ଚାଷଜମି ପାଖରେ ହାଙ୍ଗିଙ୍ଗ୍ ସୋଲାର୍ ଫେନ୍ସିଂ ବ୍ୟବସ୍ଥା ଆପଣାଇବାକୁ ଏକମାତ୍ର ବିକଳ୍ପ ଭାବେ ଗ୍ରହଣ କରିବାକୁ ବନ ବିଭାଗ ପକ୍ଷରୁ ନିବେଦନ କରାଯାଇଛି।

ଭରତପୁର ଜଙ୍ଗଲ ଓ ଜଗନ୍ନାଥପ୍ରସାଦ ଅଞ୍ଚଳର ଆୟତନ ହେଉଛି ୧୪ବର୍ଗ କିଲୋମିଟର। ନିୟମ ଅନୁଯାୟୀ ପ୍ରତି ୧୦ବର୍ଗ କି.ମି. ଅଞ୍ଚଳରେ ଗୋଟିଏ ହାତୀ ରହିବା କଥା। ତେଣୁ ୧୪ବର୍ଗ କି.ମି. ଅଞ୍ଚଳରେ ଅତି ବେଶିରେ ୨ଟି ହାତୀ ରହିପାରିବେ। ମାତ୍ର ଭରତପୁର ଜଙ୍ଗଲରେ ଏହାର ଆୟତନର ୮ଗୁଣ ଅର୍ଥାତ୍ ୧୬ଟି ହାତୀ ଅଛନ୍ତି। ତେଣୁ ସେମାନଙ୍କୁ ସ୍ଥାନ ଯଥେଷ୍ଟ ହେଉ ନ ଥିବାରୁ ଅଧିକାଂଶ ସମୟରେ ହାତୀମାନେ ଭରତପୁର ଏବଂ ଆଖପାଖ ଅଞ୍ଚଳକୁ ଚାଲିଆସୁଛନ୍ତି। ସେହିପରି ଏବେ ଧାନ ପାଚିବା ସମୟ ହେବା ସହ ରବିଜାତୀୟ ପନିପରିବା ଚାଷ ହୋଇଛି। ତେଣୁ ଏହାକୁ ଖାଇବା ଲୋଭରେ ହାତୀମାନେ ଜନବସତି ଆଡକୁ ଆସୁଛନ୍ତି। ଭରତପୁର ଜଙ୍ଗଲ ପାଖରେ ଅନେକ ବସ୍ତି ଗଢ଼ିଉଠିଥିବାବେଳେ ପ୍ରାୟ ୧୫ରୁ ଅଧିକ ଶିକ୍ଷାନୁଷ୍ଠାନ ରହିଛି। ହାତୀମାନେ ଜଙ୍ଗଲରୁ ବାହାରି ଅଧିକାଂଶ ସମୟରେ ଏହି ଶିକ୍ଷାନୁଷ୍ଠାନ ଭିତରକୁ ପଶି ଆସୁଛନ୍ତି। ଗତ କିଛିଦିନ ତଳେ ନିକଟରେ ଥିବା ଝୁନ୍‌ଝୁନ୍‌ୱାଲା ସ୍କୁଲ ପାଚେରୀ ଭିତରେ ପଶି କେତେକ କବାଟ ଭାଙ୍ଗି ଦେଇଛନ୍ତି। ଅତୀତରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମାଥମେଟିକ୍ସ ଏବଂ ଅନ୍ୟ ଶିକ୍ଷାନୁଷ୍ଠାନରେ ମଧ୍ୟ ଏଭଳି କ୍ଷତି ହୋଇଥିବା ନଜର ରହିଛି। ଯଦିଓ ହାତୀପଲଙ୍କୁ ଘଉଡ଼ାଇବା ପାଇଁ ଚନ୍ଦକା ଡିଏଫ୍‌ଓଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି, ମାତ୍ର ତାହା ଯଥେଷ୍ଟ ହେଉନାହିଁ। ଏନେଇ ଚନ୍ଦକା ଡିଏଫ୍‌ଓ ଶରତ କୁମାର ବେହେରା କହିଛନ୍ତି, ପ୍ରତିବର୍ଷ ଚନ୍ଦକା-ଡମପଡ଼ା ଅଭୟାରଣ୍ୟ ପକ୍ଷରୁ ହାତୀଙ୍କ ଦ୍ୱାରା ହେଉଥିବା ଧାନ କ୍ଷତିପୂରଣ ବାବଦରେ ୫/୬ଲକ୍ଷ ଟଙ୍କା ପ୍ରଦାନ କରାଯାଉଛି। ୨୦୨୩-୨୪ ଆର୍ଥିକ ବର୍ଷରେ କେବଳ ଫସଲ କ୍ଷୟକ୍ଷତି ପାଇଁ ୬ଲକ୍ଷ ୪୦ହଜାର ଟଙ୍କା କ୍ଷତି ପୂରଣ ଦିଆଯାଇଛି। ଏହାବାଦ୍ ହାତୀ ଆକ୍ରମଣରେ ମୃତ୍ୟୁବରଣ କରିଥିବା ୨ଜଣ ବ୍ୟକ୍ତିଙ୍କ ପରିବାରକୁ ୬ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଦିଆଯାଇଛି। ହାତୀ ଆକ୍ରମଣକୁ ରୋକିବା ପାଇଁ ଚନ୍ଦକା-ଡମପଡ଼ା ଠାରୁ ଆରମ୍ଭ କରି ହଳଦିଆ-ଭରତପୁର ପର୍ଯ୍ୟନ୍ତ ପ୍ରତି ରାତିରେ ୫ଟି ଗାଡ଼ି ପାଟ୍ରୋଲିଂରେ ନିୟୋଜିତ ରହୁଛି। ବିଭିନ୍ନ ଜାଗାରେ ମଧ୍ୟ ବନ କର୍ମଚାରୀଙ୍କୁ ମିଶାଇ ପ୍ରାୟ ୬୦ଜଣ କର୍ମଚାରୀ ନିୟୋଜିତ ହେଉଛନ୍ତି। ମାତ୍ର ତାହା ଶତପ୍ରତିଶତ ଫଳପ୍ରଦ ହେଉନାହିଁ। ସେହିପରି ଭରତପୁର ଜଙ୍ଗଲକୁ ଲାଗି ଭରତପୁର ବସ୍ତି, ରେଣ୍ଟାଲ ସାହି, ସାଲିଆ ସାହି, ପଣ୍ଡା ବସ୍ତି ଭଳି ୯ଟି ବସ୍ତି ଗଢି ଉଠିଛି। ଯଦି ରାତିରେ ହାତୀ ବସ୍ତି ଭିତରେ ପଶିଯାଏ ତେବେ ସ୍ଥିତି ଭୟାନକ ହୋଇପଡ଼ିବ। ସେହିପରି ୧୬ଟି ହାତୀପଲଙ୍କ ମୁକାବିଲା କରିବା ୬୦/୭୦ଜଣ ଲୋକଙ୍କ ପକ୍ଷେ ସମ୍ଭବ ନୁହେଁ। ତେଣୁ ସମ୍ପୃକ୍ତ ଜନବସତି ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକ ହାଙ୍ଗିଙ୍ଗ୍ ସୋଲାର୍ ଫେନ୍ସିଂ ବ୍ୟବସ୍ଥା ଆପଣାଇବା ଆବଶ୍ୟକ। ହାତୀମାନେ ଏହା ପାଖକୁ ଆସିଲେ ହାଲ୍‌କା ବିଦ୍ୟୁତ୍ ଝଟ୍‌କା ଖାଇବେ ଓ ଫେରିଯିବେ। ଏହାଦ୍ୱାରା କୌଣସି ବଡ କ୍ଷତି ହେବନାହିଁ କି ମୃତାହତ ମଧ୍ୟ ହେବେନାହିଁ। ରାଜ୍ୟର ଅନ୍ୟ ଜିଲାଗୁଡିକରେ ଏହି ବ୍ୟବସ୍ଥା ଆପଣାଯାଇଥିଲେ ହେଁ, ଏଯାବତ୍ ରାଜ୍ୟରେ କୌଣସି ଶିକ୍ଷାନୁଷ୍ଠାନ ଏହାକୁ ଆପଣାଇ ନାହିଁ ବୋଲି ଡିଏଫ୍‌ଓ କହିଛନ୍ତି।

ସୂଚନାଯୋଗ୍ୟ, ହାତୀ-ମଣିଷ ଲଢେଇ ରୋକିବା ପାଇଁ ପ୍ରାୟ ୩ବର୍ଷ ତଳେ ହାଙ୍ଗିଙ୍ଗ୍ ସୋଲାର୍ ଫେନ୍ସିଂ ଯୋଜନା ଆରମ୍ଭ ହୋଇଥିଲା। ପ୍ରଥମେ ୨୦୨୨ ଅକ୍ଟୋବର ୯ରେ କେନ୍ଦୁଝର ଜିଲା ଯୋଡ଼ାରେ ଏହି ବ୍ୟବସ୍ଥା ଆରମ୍ଭ ହୋଇଥିଲା। ହାଙ୍ଗିଙ୍ଗ୍ ସୋଲାର୍ ଫେନ୍ସିଂ ପାଇଁ ୧କି.ମି.କୁ ପ୍ରାୟ ୧୦ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ। ତେବେ 'ଗଜ ସୁରକ୍ଷା ଜଙ୍ଗଲ ରକ୍ଷା' ଯୋଜନା ଅନୁଯାୟୀ ଶିକ୍ଷାନୁଷ୍ଠାନଗୁଡ଼ିକୁ ମାତ୍ର ୩୦% ଖର୍ଚ୍ଚ କରିବାକୁ ପଡ଼ିବ। ବାକି ୭୦% ଖର୍ଚ୍ଚ ସରକାର ବହନ କରିବେ। ସେହିପରି କମ୍ୟୁନିଟି ସମ୍ପୃକ୍ତି ରହିଲେ ସେଠାରେ ସରକାର ୯୦% ଖର୍ଚ୍ଚ ବହନ କରିବେ ଏବଂ ବ୍ୟକ୍ତିଗତ ଭାବେ ଏହି ବ୍ୟବସ୍ଥାକୁ ଆପଣାଇଲେ ସରକାର ୫୦% ଖର୍ଚ୍ଚ ବହନ କରିବାର ବ୍ୟବସ୍ଥା ରହିଛି। ତେଣୁ ହାତୀ ଏବଂ ସେମାନଙ୍କ ଦାଉରୁ ଧନଜୀବନ ସୁରକ୍ଷା ପାଇଁ ଏହା ସର୍ବୋତ୍ତମ ଉପାୟ ବୋଲି ମତ ପ୍ରକାଶ ପାଇଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଅମିତ୍



@ ନରେଶ



@ ଭେଙ୍କଟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜଳ ସମ୍ପଦ ସଂରକ୍ଷଣ, ପରିଚାଳନା ପାଇଁ ଓଡ଼ିଶାକୁ ମିଳିଲା ପ୍ରଥମ ପୁରସ୍କାର



ଓଡ଼ିଶା ସରକାରଙ୍କ ତରଫରୁ ଉନ୍ନୟନ କମିଶନର ଅନୁ ଗର୍ଗ ମଙ୍ଗଳବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

ଭୁବନେଶ୍ୱର, ୨୨।୧୦
(ସୁନିତ୍ ମିଶ୍ର)

ଜଳ ସମ୍ପଦର ସଂରକ୍ଷଣ ଏବଂ ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଭାରତ ସରକାରଙ୍କ ଜଳଶକ୍ତି ମନ୍ତ୍ରଣାଳୟ ଦ୍ୱାରା ଓଡ଼ିଶାକୁ ଶ୍ରେଷ୍ଠ ରାଜ୍ୟ ବର୍ଗରେ ପ୍ରଥମ ସ୍ଥାନ ମାନ୍ୟତା ସହ ୫ମ ଜାତୀୟ ଜଳ ପୁରସ୍କାର ପ୍ରଦାନ କରାଯାଇଛି। ଓଡ଼ିଶା ସରକାରଙ୍କ ତରଫରୁ ଉନ୍ନୟନ କମିଶନର ଅନୁ ଗର୍ଗ ମଙ୍ଗଳବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଆୟୋଜିତ ଏକ ସମାରୋହରେ ଏହି ପୁରସ୍କାର ଗ୍ରହଣ ପୂର୍ବକ ସମ୍ବର୍ଦ୍ଧିତ ହୋଇଛନ୍ତି। ଓଡ଼ିଶା ସରକାରଙ୍କ ତରଫରୁ ଜଳ ସଂରକ୍ଷଣ ଏବଂ ଜଳସେଚନ କ୍ଷେତ୍ରରେ ବିବିଧ କାର୍ଯ୍ୟକ୍ରମ ଗ୍ରହଣ ଓ ସଫଳତା ଯୋଗୁ ରାଜ୍ୟ ସରକାରଙ୍କୁ ଏହି ପୁରସ୍କାର ମିଳିଛି। ଜଳ ସମ୍ପଦ ବିଭାଗ ପକ୍ଷରୁ ଜଳସେଚନ, ପାନୀୟ ଜଳ ଆବଶ୍ୟକତା ଇତ୍ୟାଦି ପୂରଣ ପାଇଁ ଲୋୟର ସୁକ୍‌ତେଲ ଡ୍ୟାମ୍ ଏବଂ ହଳଦିଆ ଡ୍ୟାମ୍‌କୁ ସମ୍ପୂର୍ଣ୍ଣ କରାଯାଇ ୩୬୯ ନିୟୁତ କ୍ୟୁବିକ ମିଟର ଜଳ ସଂରକ୍ଷଣ ସୁବିଧା ବିକଶିତ କରାଯାଇଛି। ଜଳ ସମ୍ପଦର ସଂରକ୍ଷଣ ପାଇଁ ୨୮ଟି ଅନ୍ତଃ ନଦୀ ଜଳାଶୟର ନିର୍ମାଣ କାର୍ଯ୍ୟ ଚାଲୁ ଥିବାବେଳେ ୧୮ଟି ଟେଣ୍ଡର ପର୍ଯ୍ୟାୟରେ ରହିଛି। ଏହାଦ୍ୱାରା ପ୍ରାୟ ୫୦ ନିୟୁତ କ୍ୟୁବିକ୍ ମିଟର ଜଳ ସଂରକ୍ଷଣ ହୋଇପାରିବ। ୭୧୨୦ ହେକ୍ଟର ଜମିକୁ ଜଳସେଚନ ଯୋଗାଇବା ପାଇଁ ରାଜ୍ୟ ଅନୁଦାନପ୍ରାପ୍ତ ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ତିଆରି ଯୋଜନା ଅଧୀନରେ ୩୧୭ଟି ଚେକ୍‌ଡ୍ୟାମ୍ ସମ୍ପୂର୍ଣ୍ଣ କରାଯାଇ ପାଖାପାଖି ୨.୦ ନିୟୁତ କ୍ୟୁବିକ୍ ମିଟର ଜଳସେଚନ ସୁବିଧା କରାଯାଇଛି। ଏହାବ୍ୟତୀତ ୧୪୪ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ନବୀକରଣ କରାଯାଇ ୩.୦ ନିୟୁତ କ୍ୟୁବିକ୍ ମିଟର ଜଳ ସଂରକ୍ଷଣ କ୍ଷମତା ବୃଦ୍ଧିକରାଯାଇଛି। ଅମୃତ ସରୋବର ଯୋଜନାରେ ଚିହ୍ନଟ ହୋଇଥିବା ୪୬୫୬ଟି ପୋଖରୀ ମଧ୍ୟରୁ ୨୩୮୫ଟି ପୋଖରୀର ନବୀକରଣ ଶେଷ ହୋଇଛି। ୮୮୬ଟି ପୋଖରୀ କାମ ଚାଲିଛି। ମୁକ୍ତା ଯୋଜନାରେ ୨୨,୭୭୭ଟି ବର୍ଷାଜଳ ଅମଳ ପ୍ରକଳ୍ପ ନିର୍ମାଣ କରାଯାଇଛି।

# କୃଷ୍ଣନଗରରେ ହାତୀ

ବାରଙ୍ଗ,୨୨।୧୦(ଲିଙ୍ଗରାଜ ରାଉତ)



ରାଜଧାନୀ ଉପକଣ୍ଠ କୃଷ୍ଣ ନଗରରେ ଦନ୍ତା ହାତୀର ଦୌରାତ୍ମ୍ୟ ଦେଖିବାକୁ ମିଳିଛି। ମଙ୍ଗଳବାର ଅପରାହ୍ନରେ ଦନ୍ତାଟି ଗ୍ରାମର ଜଣଙ୍କ ବାଡ଼ି ପଛପଟେ ଥିବା ଜଣାପଡ଼ିବା ପରେ ଗ୍ରାମବାସୀ ଏକାଠି ହୋଇ ତାକୁ ଘଉଡ଼ାଇଥିଲେ। ସନ୍ଧ୍ୟା ପରଠାରୁ ଗ୍ରାମବାସୀ ଭୟରେ ଆଉ ଘରୁ ବାହାରି ନ ଥିଲେ। ତେବେ ରାତି ହେବା ପରେ ଦନ୍ତାଟି ଜଙ୍ଗଲ ମଧ୍ୟକୁ ପଳାଇଯିବ ବୋଲି ଗ୍ରାମବାସୀ ଆଶା ରଖିଛନ୍ତି। ଗୋଟିକିଆ ଦନ୍ତା ଗାଁମୁଣ୍ଡରେ ବୁଲୁଥିବା ନେଇ ଚନ୍ଦକା ରେଞ୍ଜ କାର୍ଯ୍ୟାଳୟକୁ ଗ୍ରାମବାସୀ ସୂଚନା ଦେଇଥିଲେ ମଧ୍ୟ ବନ ବିଭାଗର ଦେଖା ମିଳି ନ ଥିଲା। ଦନ୍ତାଟି ସେଭଳି କିଛି କ୍ଷତି କରି ନ ଥିଲେ ମଧ୍ୟ ବାଡ଼ିରେ ପଶି ବିଭିନ୍ନ ଗଛଲତା ସବୁ ନଷ୍ଟ କରିଛି।

# ୨୪,୨୫ରେ ବନ୍ଦ ରହିବ ଐତିହ୍ୟ କୀର୍ତ୍ତିରାଜି, ସଂଗ୍ରହାଳୟ

ପୁରୀ,୨୨।୧୦
(ଅଜିତ୍ କୁମାର ମହାନ୍ତି)

## ଏଏସ୍‌ଆଇ ପକ୍ଷରୁ ଅଧିକାରୀଙ୍କୁ ଚିଠି

ସମ୍ଭାବ୍ୟ ବାତ୍ୟା 'ଦାନା' ଧୀରେ ଧୀରେ ଉପକୂଳକୁ ମାଡ଼ି ଆସୁଛି। ବାତ୍ୟାକୁ ଦୃଷ୍ଟିରେ ରଖି ଏଏସ୍‌ଆଇ ପକ୍ଷରୁ ଐତିହ୍ୟ କୀର୍ତ୍ତିରାଜିଗୁଡ଼ିକର ସୁରକ୍ଷା ପାଇଁ ପଦକ୍ଷେପ ନିଆଯାଇଛି। ପୁରୀ, କଟକ, ଜଗତସିଂହପୁର ଏବଂ ଯାଜପୁର ଜିଲାରେ ଥିବା ସମସ୍ତ ଐତିହ୍ୟ କୀର୍ତ୍ତିରାଜିର ଯେଭଳି କୌଣସି କ୍ଷତି ନ ଘଟିବ ସେନେଇ ଏଏସ୍‌ଆଇ ପକ୍ଷରୁ ଅଧିକାରୀମାନଙ୍କୁ ଚିଠି ଯୋଗେ ନିର୍ଦ୍ଦେଶ ଦିଆଯାଇଛି। ଐତିହ୍ୟ କୀର୍ତ୍ତିରାଜି ଗୁଡ଼ିକରେ ଲାଗିଥିବା ଲୁହା ସ୍କାଫୋଲ୍‌ଡିଙ୍ଗ ଯେଭଳି ପବନ ଦ୍ୱାରା କୌଣସି ସମସ୍ୟା ସୃଷ୍ଟି ନ ହୁଏ ସେ ଦିଗରେ ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

ସେହିପରି ଓଭରହେଡ ପାଣିଟାଙ୍କି ସମ୍ପୂର୍ଣ୍ଣ ଭାବେ ପୂର୍ଣ୍ଣ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଡିଜି ସେଟ୍‌ଗୁଡ଼ିକ ପାଇଁ ପର୍ଯ୍ୟାପ୍ତ ପରିମାଣରେ ତେଲ ମହଜୁଦ ରଖିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ପ୍ରବଳ ବର୍ଷା ଯୋଗୁ କୋଣାର୍କ ସୂର୍ଯ୍ୟ ମନ୍ଦିରରେ ଜଳବନ୍ଦୀ ସମସ୍ୟା ହେବାର ଆଶଙ୍କା ଥିବାରୁ ଜଳ ନିଷ୍କାସନ ପାଇଁ ପମ୍ପସେଟର ବ୍ୟବସ୍ଥା କରିବା ପାଇଁ କୁହାଯାଇଛି। ଶ୍ରୀମନ୍ଦିରର ବିଭିନ୍ନ ସ୍ଥାନ ଯାଞ୍ଚ କରାଯିବା ସହ ମନ୍ଦିରର ବିଭିନ୍ନ ଅଂଶରେ ପାଣି ନିଷ୍କାସନ ପାଇଁ ଯେଭଳି କୌଣସି ଅସୁବିଧା ନ ହୁଏ ସେ ଦିଗରେ ମଧ୍ୟ ପଦକ୍ଷେପ ନେବାକୁ ଚିଠି ମାଧ୍ୟମରେ ଜଣାଯାଇଛି। ସାମୁଦ୍ରିକ ଝଡ଼ ଦାନା ୧୦୦ରୁ ୧୨୦ କି.ମି. ବେଗରେ ପବନ ବହିବା ସହ ୨୪ ଓ ୨୫ରେ ଏହାର ପ୍ରଭାବ ଆହୁରି ଅଧିକ ରହିବ। ତେଣୁ ଏଏସ୍‌ଆଇ ଅଧୀନରେ ଥିବା ସଂଗ୍ରହାଳୟ ଏବଂ ସମସ୍ତ ଐତିହ୍ୟ କୀର୍ତ୍ତିରାଜିଗୁଡ଼ିକୁ ୨୪ ଓ ୨୫ ଦୁଇଦିନ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରଖାଯିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ନିଖୋଜ ଛାତ୍ରଙ୍କ ମୃତଦେହ ମିଳିଲା

ମଶୁଳି-ଜଗତପୁର,
୨୨।୧୦(ମାନସ ସାମଲ)

ଜଗତପୁର ଥାନା ଅଧୀନ କେନ୍ଦ୍ରାପଡ଼ା କେନାଲରେ ରବିବାର ବୁଡି ନିଖୋଜ ହୋଇଯାଇଥିବା ଜଣେ ଛାତ୍ରଙ୍କ ମୃତଦେହ ମଙ୍ଗଳବାର ସକାଳେ ମିଳିଛି। ସେ ହେଲେ ଏହି ଥାନା ଅଧୀନ ଗୋପୀନାଥପୁର ସୁନାରିବଣ ଗ୍ରାମର ଶ୍ରେୟାସ ଭୂୟାଁ ଓରଫ ନନ୍ଦୁ। ସେ ସ୍ଥାନୀୟ ସ୍କୁଲରେ ଦ୍ୱିତୀୟ ଶ୍ରେଣୀରେ ପଢୁଥିଲେ। ରବିବାର ସ୍କୁଲ ଛୁଟି ଥିବାରୁ ନନ୍ଦୁ ସାଇକେଲରେ ସାତବାଟିଆସ୍ଥିତ ମାମୁଘରକୁ ବୁଲିବାକୁ ଯାଉଥିଲେ। କେନ୍ଦ୍ରାପଡା କେନାଲ ରାସ୍ତାରେ ଯିବାବେଳେ ଭାରସାମ୍ୟ ହରାଇ ପାଣିରେ ଖସିପଡି ନିଖୋଜ ହୋଇଯାଇଥିଲେ। ଖବରପାଇ ଜଗତପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଚାଉଳିଆଗଞ୍ଜ ଅଗ୍ନିଶମ କର୍ମଚାରୀ ଓ ଓଡ୍ରାଫ ଟିମ୍ ସହାୟତାରେ କେନାଲରେ ଖୋଜାଖୋଜି କରିଥିଲେ ମଧ୍ୟ ନନ୍ଦୁଙ୍କ ପତ୍ତା ମିଳି ନ ଥିଲା। ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ସମେତ ଅଞ୍ଚଳବାସୀ କେନାଲ ପାଣି କମାଇବା ପାଇଁ ନର୍ଥ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଜଣାଇଥିଲେ। ହେଲେ କୌଣସି ସୁଫଳ ମିଳି ନ ଥିଲା। ତୁରନ୍ତ କେନାଲ ପାଣି କମାଇବା ଦାବିରେ ୪ଟି ପଞ୍ଚାୟତର ଜନସାଧାରଣ ଖଇରା ପୋଲଠାରେ କଟକ-ଚାନ୍ଦବାଲି ରାସ୍ତାକୁ ଅବରୋଧ କରିଥିଲେ। ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା। ମଙ୍ଗଳବାର ମୃତଦେହ ପାଣିରେ ଭାସୁଥିବାବେଳେ ଓଡ୍ରାଫ ଟିମ୍ ବାହାର କରିଥିଲା। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ଏସ୍‌ସିବି ମେଡ଼ିକାଲକୁ ପଠାଯାଇଛି।

# ସଜାଗ ରହିବେ ସମସ୍ତ ଥାନାଧିକାରୀ

## ରାଜ୍ୟ ପୋଲିସର 'ଦାନା' ମୁକାବିଲା ସମୀକ୍ଷା

କଟକ,୨୨।୧୦ (କାର୍ତ୍ତିକ ସାହୁ)

ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ସମ୍ଭାବ୍ୟ ବାତ୍ୟା 'ଦାନା'ର ଉପଯୁକ୍ତ ମୁକାବିଲା ଓ ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟ ପନ୍ଥାକୁ ଦୃଷ୍ଟିରେ ରଖି ଡିଜିପିଙ୍କ କ୍ୟାମ୍ପ କାର୍ଯ୍ୟାଳୟଠାରେ ଏକ ସମୀକ୍ଷା ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଡିଜିପି ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ଭାବ୍ୟ ବାତ୍ୟାର ଦିଗ, ପ୍ରତିକାର ଏବଂ ଆନୁଷଙ୍ଗିକ ବ୍ୟବସ୍ଥା ସଂକ୍ରାନ୍ତରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ରାଜ୍ୟ ସରକାର ଶୂନ୍ୟ ମୃତ୍ୟୁ ଲକ୍ଷ୍ୟ ରଖିଥିବାବେଳେ ଏହାକୁ କାର୍ଯ୍ୟକାରୀ କରିବାକୁ ରାଜ୍ୟ ପୋଲିସ ବିଭାଗ ତରଫରୁ ସମସ୍ତ ଉଦ୍ୟମ କରିବାକୁ ଡିଜିପି ଖୁରାନିଆ ବିଭିନ୍ନ ଜିଲା ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବାତ୍ୟା ଆଶ୍ରୟ ସ୍ଥଳରେ ପୋଲିସ ଫୋର୍ସ ମୁତୟନ, ସମୁଦ୍ର କୂଳ ଅଞ୍ଚଳରେ ମେରାଇନ ପୋଲିସ ପକ୍ଷରୁ ସଚେତନତା, ଉପକୂଳ ଅଞ୍ଚଳରୁ ଲୋକଙ୍କୁ ଉଦ୍ଧାର, ଓଡ୍ରାଫ ବାହିନୀକୁ ଉପଯୁକ୍ତ ସ୍ଥାନରେ ମୁତୟନ ଏବଂ ଧନ ଜୀବନ ଉଦ୍ଧାର କରିବାରେ ଭୂମିକା, ବାତ୍ୟା ପ୍ରଭାବିତ ଜିଲାର ସମସ୍ତ ଥାନା ଅଧିକାରୀଙ୍କୁ ସଜାଗ ରହିବା ପାଇଁ ଡିଜିପି ସମସ୍ତ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅତିରିକ୍ତ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ, ଆଇଜି(କମ୍ୟୁନିକେସନ) ସତୀଶ ଗଜଭିୟେ, ଅତିରିକ୍ତ ପୋଲିସ କମିଶନର ଡ. ଉମାଶଙ୍କର ଦାଶ, ଭୁବନେଶ୍ୱର ଡିସିପି ପିନାକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ଆଭାସି ମାଧ୍ୟମରେ ଡିଆଇଜି(ଦକ୍ଷିଣାଞ୍ଚଳ), ଡିଆଇଜି(ପୂର୍ବାଞ୍ଚଳ), କଟକ ଡିସିପିଙ୍କ ସମେତ ଗଞ୍ଜାମ, ବ୍ରହ୍ମପୁର, ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଭଦ୍ରକ, ବାଲେଶ୍ୱର ଏବଂ ମୟୂରଭଞ୍ଜ ଏସ୍‌ପି ଉପସ୍ଥିତ ଥିଲେ।

# ସରକାରଙ୍କ ନିର୍ଦ୍ଦେଶ ପରେ ପୁରୀ ଛାଡୁଛନ୍ତି ପର୍ଯ୍ୟଟକ

## ବାତ୍ୟା ନେଇ ପ୍ରଶାସନ ପକ୍ଷରୁ ଡାକିବାଜି ଯନ୍ତ୍ର ଯୋଗେ ସଚେତନତା

ପୁରୀ ୨୨।୧୦(ଅଜିତ୍ କୁମାର ମହାନ୍ତି)



ପର୍ଯ୍ୟଟକମାନେ ପୁରୀରୁ ନିଜ ଘରକୁ ଫେରିଯିବା ପାଇଁ ବସ୍ ନିକଟରେ ଅପେକ୍ଷା କରିଛନ୍ତି।

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସମ୍ଭାବ୍ୟ ବାତ୍ୟା 'ଦାନା' ୨୪ କିମ୍ବା ୨୫ ତାରିଖ ଦିନ ସ୍ଥଳଭାଗ ଛୁଇଁବା ନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ଜିଲା ପ୍ରଶାସନକୁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତୁତ ରହିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବାତ୍ୟା ପ୍ରସ୍ତୁତି ନେଇ ପୁରୀ ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ସହ ସମୀକ୍ଷା କରିଛନ୍ତି। ସରକାରଙ୍କ ନିର୍ଦ୍ଦେଶ ପରେ ପୁରୀରେ ଥିବା ପର୍ଯ୍ୟଟକମାନେ ନିଜ ଘରକୁ ଫେରିଛନ୍ତି। ସେହିଭଳି ମତ୍ସ୍ୟଜୀବୀଙ୍କୁ ସମୁଦ୍ରରୁ ଫେରିଆସିବାକୁ କୁହାଯାଇଛି। ସମୁଦ୍ରରେ ଢେଉ ଅଶାନ୍ତ ହେବାରେ ଲାଗିଲାଣି। ଫଳରେ ସମୁଦ୍ରରେ ନ ଗାଧେଇବା ପାଇଁ ପର୍ଯ୍ୟଟକମାନଙ୍କୁ କୁହାଯାଉଥିବା ବେଳେ ଡାକବାଜି ଯନ୍ତ୍ର ସାହାର୍ଯ୍ୟରେ ଲୋକମାନଙ୍କୁ ସଚେତନ କରାଯାଉଛି। ହୋଟେଲ ମାଲିକମାନେ ବୁକିଂ ସବୁ ବାତିଲ୍ କରିଛନ୍ତି। ବାତ୍ୟା ଦାନା ପର୍ଯ୍ୟଟନ ଶିଳ୍ପ ଉପରେ ପ୍ରଭାବ ପକାଇବ ବୋଲି ହୋଟେଲ ମାଲିକମାନେ ମତପ୍ରକାଶ କରିଛନ୍ତି।

ସେହିପରି ପୁରୀର ହୋଟେଲ୍ ବ୍ୟବସାୟୀ ଶ୍ରୀମନ୍ତ ଦାଶ କହିଛନ୍ତି, ବାତ୍ୟା ପାଇଁ ରାଜ୍ୟ ସରକାର ଯେଉଁ ଗାଇଡ ଲାଇନ୍ ଦେଇଛନ୍ତି ସେହି ଅନୁସାରେ ଆମେ ପର୍ଯ୍ୟଟକମାନଙ୍କୁ ସଚେତନ କରୁଛୁ। ଯେଉଁମାନେ ପୁରୀ ଆସିବାକୁ ବାହାରିଛନ୍ତି ସେମାନଙ୍କୁ ମନା କରୁଛୁ। ୨୦୧୯ ଫନି ବାତ୍ୟାରେ ପୁରୀରେ ହୋଟେଲ ଶିଳ୍ପ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଏଣୁ ମହାପ୍ରଭୁଙ୍କୁ ପ୍ରାର୍ଥନା କରୁଛି ବାତ୍ୟା ଦାନା ଓଡ଼ିଶାର ବିଶେଷ କିଛି କ୍ଷତି ନ କରୁ।

ଅତିରିକ୍ତ ଜିଲାପାଳ ଶରତ କୁମାର ବେହେରା କହିଛନ୍ତି, ବାତ୍ୟା ମୁକାବିଲା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ବାତ୍ୟା ଆଶ୍ରୟସ୍ଥଳ ଗୁଡ଼ିକ ସମ୍ପୂର୍ଣ୍ଣ ପ୍ରସ୍ତୁତ ରଖାଯାଇଥିବା ବେଳେ ସେଠାରେ ପାନୀୟ ଜଳ ଓ ଖାଦ୍ୟ ବ୍ୟବସ୍ଥା କରାଯାଇଛି। ତଳିଆ ଅଞ୍ଚଳରୁ ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳକୁ ଆଣିବା ପାଇଁ ଯୋଜନା କରାଯାଇଛି। ତଳିଆ ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ଉପୁଜିଲେ ଏହାର ନିଷ୍କାସନ କରିବା ପାଇଁ ମୋଟର ପମ୍ପର ବ୍ୟବସ୍ଥା ମଧ୍ୟ କରାଯାଇଛି। ସେହିପରି ଅଗ୍ନିଶମ ବାହିନୀକୁ ମଧ୍ୟ ପ୍ରସ୍ତୁତ ରଖାଯାଇଛି। ପୁରୀରେ ଥିବା ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ହୋଟେଲଗୁଡ଼ିକରୁ ପର୍ଯ୍ୟଟକମାନେ ନିଜ ଘରକୁ ଫେରିଯିବା ପାଇଁ କୁହାଯାଇଛି। ପୁରୀରେ ହବିଷିଆଳି ମା'ମାନଙ୍କ ସୁରକ୍ଷା ପାଇଁ ସମସ୍ତ ପଦକ୍ଷେପ ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇଛି। ପନିପରିବା, ଆଳୁ ପିଆଜ ଦର ଅହେତୁକ ଯେଭଳି ବୃଦ୍ଧି ନ ହୁଏ ସେ ନେଇ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇ ଚଢ଼ାଉ କରାଯାଉଥିବା ବେଳେ ଏହା ଉପରେ କଡ଼ା ନଜର ମଧ୍ୟ ରଖାଯାଇଛି। ବାତ୍ୟା ନେଇ ଭୟଭୀତ ନ ହୋଇ ପ୍ରଶାସନର ପରାମର୍ଶକୁ ମାନିବା ପାଇଁ ଲୋକଙ୍କୁ ଅନୁରୋଧ କରାଯାଇଛି।

**ଫେଷ୍ଟିଭ ଗିଫ୍ଟିଂ ଷ୍ଟୋରର ଲାଇଭ୍**

**ନୂଆଦିଲ୍ଲୀ:** ଚଳିତ ପାର୍ବଣ ଋତୁରେ ପ୍ରତ୍ୟେକ ଅବସରକୁ ସ୍ୱତନ୍ତ୍ର କରିବା ପାଇଁ ଗ୍ରାହକମାନେ ଆମାଜନ ଡଟ୍ ଇନ୍‌ର ଫେଷ୍ଟିଭ ଗିଫ୍ଟିଂ ଷ୍ଟୋରକୁ ଅନ୍ୱେଷଣ କରିପାରିବେ। ପ୍ରତି କ୍ରୟ ଉପରେ ୨୦୦ଟଙ୍କା ପର୍ଯ୍ୟନ୍ତ କ୍ୟାଶ୍‌ବ୍ୟାକ୍ ସହ ଫେଷ୍ଟିଭ ଗିଫ୍ଟିଂରେ ୫୦% ପର୍ଯ୍ୟନ୍ତ ରିହାତି ପାଇପାରିବେ। ଜଣେ ଗ୍ରାହକ ସିଜନର ସମସ୍ତ ଟପ୍ ଫେଷ୍ଟିଭ ଗିଫ୍ଟ ଉପରେ କୁପନ ସବ୍‌ସ୍କ୍ରିପସନ ସହ ଅତିରିକ୍ତ ୧୦%ରେ ରିହାତି ପାଇବେ। ଫ୍ଲୁ, ୪୭୦୦ବିସି, ଇଟ୍ ବେଟର କୋ, ଗେଣ୍ଡା ଫୁଲ୍, ଗୋ ଦେଶୀ ଭଳି ପ୍ରିମିୟମ ବ୍ରାଣ୍ଡଗୁଡ଼ିକର ବିସ୍ତୃତ ଚୟନ ଉପରେ ଏହି ଅଫରଗୁଡ଼ିକ ଉପଲବ୍ଧ ରହିଛି।


**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୭% ରହିବ ଜିଡିପି ଅଭିବୃଦ୍ଧି ହାର

## ଆଇଏମ୍ଏଫ୍‌ର ଆକଳନ

ଭୁବନେଶ୍ୱର,୨୨।୧୦(ଅନୁରାଧା ମହାରଣା)

୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍ଏଫ୍) ଭାରତର ଅର୍ଥନୈତିକ ଅଭିବୃଦ୍ଧି ହାର(ଜିଡିପି) ଆକଳନକୁ ୭% ସ୍ଥିର ରଖିଛି। ଏହା ଜୁଲାଇ ଆକଳନ ସହିତ ମେଳ ଖାଉଥିବାବେଳେ ଆଇଏମ୍ଏଫ୍ କହିଛି , ମହାମାରୀ ସମୟରେ ଚାହିଦା ହ୍ରାସ ପାଉଛି। ଅନ୍ୟପଟେ ୨୦୨୪-୨୫ରେ ଭାରତରେ ମୁଦ୍ରାସ୍ଫୀତି ହାର ୪.୪% ବୋଲି ଆଇଏମ୍ଏଫ୍ ଆକଳନ କରିଛି। ଆସନ୍ତା ବର୍ଷ ଏହା ୪.୧%କୁ ଖସିଯାଇପାରେ। ୨୦୨୪-୨୫ ଆର୍ଥିକ ବର୍ଷରେ ଭାରତର ମୁଣ୍ଡ ପିଛା ଉତ୍ପାଦନ ୬% ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ଏହା ବ୍ରାଜିଲ (୨.୬%), ରୁଷିଆ (୩.୮%), ଚାଇନା (୪.୯%) ଏବଂ ଆମେରିକା (୨.୩%) ଠାରୁ ଅଧିକ ବୋଲି ଦର୍ଶାଯାଇଛି। ଆଇଏମ୍ଏଫ୍‌ର ଏହି ଆକଳନ ଏପ୍ରିଲ ଆକଳନଠାରୁ ୦.୨ ପ୍ରତିଶତ ଅଧିକ ରହିଛି। ୨୦୨୫-୨୬ ପାଇଁ ୬.୫% ବିକଶିତ ଏବଂ ଉଦୀୟମାନ ଅର୍ଥନୀତି ତୁଳନାରେ ଏହି ଆକଳନ ଅଧିକ। ୨୦୨୪ରେ ବିଶ୍ୱ ଅର୍ଥନୀତି ୩.୨% କୁ ହ୍ରାସ ପାଇବ ବୋଲି ଆଶା କରାଯାଉଛି, ଯାହାକି ପୂର୍ବ ବର୍ଷ ୩.୩% ଥିଲା। ମଙ୍ଗଳବାର ପ୍ରକାଶିତ ବିଶ୍ୱ ଅର୍ଥନୈତିକ ଦୃଷ୍ଟିକୋଣ ଅନୁଯାୟୀ, ଭାରତରେ ଜିଡିପି ଅଭିବୃଦ୍ଧି ହାର ୨୦୨୩ରେ ୮.୨% ଥିବାବେଳେ ୨୦୨୪ରେ ୭% ଏବଂ ୨୦୨୫ରେ ୬.୫%କୁ ହ୍ରାସ ପାଇବ ବୋଲି ଆଶା କରାଯାଉଛି। ଘରୋଇ ଚାହିଦା ଯୋଗୁ ଭାରତୀୟ ରିଜର୍ଭ ବ୍ୟାଙ୍କ ଚଳିତ ମାସ ଆରମ୍ଭରେ ୭.୨% ଅଭିବୃଦ୍ଧି ହାର ଧାର୍ଯ୍ୟ କରିଥିଲା। ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ବିଶ୍ୱବ୍ୟାଙ୍କ ମଧ୍ୟ ଭାରତରେ ୭% ଅଭିବୃଦ୍ଧିର ଆକଳନ କରିଛି। ଆଇଏମ୍ଏଫ୍ ରିପୋର୍ଟରେ ଚାଇନାର ଅଭିବୃଦ୍ଧି ୪.୮% କୁ ହ୍ରାସ ପାଇବ ବୋଲି ଆକଳନ କରାଯାଇଛି। ଅନ୍ୟପଟେ ୨୦୨୪ ପାଇଁ ବ୍ରାଜିଲ ଏବଂ ଅର୍ଥନୈତିକ ଉତ୍ପାଦନ ଆକଳନକୁ ୩% ଏବଂ ୩.୬% ପର୍ଯ୍ୟନ୍ତ ସଂଶୋଧନ କରାଯାଇଛି। ଆମେରିକା ପାଇଁ ମଧ୍ୟ ଏହି ଆକଳନ ୨.୮% କୁ ବୃଦ୍ଧି ପାଇଛି।

# ଏସ୍ଏଲ୍‌ବିସି ପକ୍ଷରୁ ବିଓବିକୁ ସମ୍ବର୍ଦ୍ଧନା




ଅଟଳ ପେନ୍‌ସନ ଯୋଜନାରେ ଶତ ପ୍ରତିଶତରୁ ଅଧିକ ସଫଳତା ହାସଲ କରିଥିବାରୁ ବିଓବିକୁ ସମ୍ମାନିତ କରାଯାଇଛି। ଏହି ଅବସରରେ ଏସ୍ଏଲ୍‌ବିସିର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୨୨।୧୦

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ରାଜ୍ୟସ୍ତରୀୟ ଅଟଳ ପେନ୍‌ସନ ଯୋଜନା ଆଧାରିତ ଆଉଟରିଚ୍ ପ୍ରୋଗାମ ପୁରୀଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବ୍ୟାଙ୍କ ଅଫ୍ ବରୋଦା (ବିଓବି)କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଷ୍ଟେଟ ଲେଭଲ ବ୍ୟାଙ୍କର୍ସ କମିଟି (ଏସ୍ଏଲ୍‌ବିସି) ଅଧ୍ୟକ୍ଷତାରେ ଆୟୋଜିତ ଏହି ଆଉଟ୍‌ରିଚ୍ ପ୍ରୋଗ୍ରାମରେ ଯୋଜନାର କାର୍ଯ୍ୟକାରିତା ଓ ଆଗାମୀ ଦିନର ପଦକ୍ଷେପ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ସେହିଭଳି ୨୦୨୩-୨୪ ଆର୍ଥିକ ବର୍ଷରେ ବିଓବି ଶତପ୍ରତିଶତରୁ ଅଧିକ ସଫଳତା ହାସଲ କରିଥିବାରୁ ଏସ୍ଏଲ୍‌ବିସି ପକ୍ଷରୁ ବିଓବିକୁ ସମ୍ମାନିତ ସହିତ ପୁରସ୍କୃତ କରାଯାଇଥିଲା।

# ପାର୍ବଣରେ ତନିସ୍କର ଫେଷ୍ଟିଭାଲ ଅଫ୍ ଏକ୍ସଚେଞ୍ଜ ଅଫର

ଭୁବନେଶ୍ୱର,୨୨।୧୦ (ଅଭୟ ଦାଶ)




ଦେଶର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ତଥା ଗହଣା ରିଟେଲ ବ୍ରାଣ୍ଡ 'ତନିସ୍କ'ର ନୂତନ ଅଭିଯାନ 'ଫେଷ୍ଟିଭାଲ ଅଫ୍ ଏକ୍ସଚେଞ୍ଜ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ତନିସ୍କର 'ଫେଷ୍ଟିଭାଲ ଅଫ୍ ଏକ୍ସଚେଞ୍ଜ' ଅଫର ମାଧ୍ୟମରେ ଗ୍ରାହକ ଯେକୌଣସି ଗହଣା ଦୋକାନରୁ କିଣିଥିବା ସେମାନଙ୍କ ପୁରୁଣା ସୁନାକୁ ବଦଳାଇ ବିନା ଅତିରିକ୍ତ ବ୍ୟୟରେ ଘରକୁ ନୂଆ ଗହଣା ନେଇପାରିବେ। ଏହି ଏକ୍ସଚେଞ୍ଜ ଅଫର ପ୍ରଦାନକରି ତନିସ୍କ ଗ୍ରାହକଙ୍କୁ ସେମାନଙ୍କ ପୁରୁଣା ସୁନାର ସର୍ବୋତ୍ତମ ମୂଲ୍ୟ ପ୍ରଦାନ କରୁଛି। ଏପରିକି ସୁନାଗହଣା କ୍ରୟ ଉପରେ ଗ୍ରାହକ ଗ୍ରାମ ପିଛା ୧୦୧ ଟଙ୍କାର ରିହାତି ପାଇପାରିବେ। ଏହା ସହ ତନିସ୍କ ସୁନାଗହଣାର ଗଢ଼ା ମୂଲ୍ୟରେ ଏବଂ ହୀରା ଗହଣା ମୂଲ୍ୟ ଉପରେ ୨୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରୁଛି। ଏହି ଅଫର ୨୦୨୪ ଅକ୍ଟୋବର ୩୧ ପର୍ଯ୍ୟନ୍ତ ଉପଲବ୍ଧ ଥିଲାବେଳେ ଚଳିତ ପାର୍ବଣରେ ୨୦୦୦ ରୁ ଊର୍ଦ୍ଧ୍ୱ ନୂଆ ଏବଂ ସୂକ୍ଷ୍ମ ଡିଜାଇନ ମଧ୍ୟରୁ ଗ୍ରାହକ ସେମାନଙ୍କର ମନ ପସନ୍ଦର ଗହଣା ବାଛିପାରିବେ। ସେହିଭଳି ତନିସ୍କର 'ଫେଷ୍ଟିଭାଲ ଅଫ୍ ଏକ୍ସଚେଞ୍ଜ' ସହିତ ଗ୍ରାହକ ବିନା ଅତିରିକ୍ତ ବ୍ୟୟରେ ଯେକୌଣସି ଗହଣା ଦୋକାନରୁ କିଣାଯାଇଥିବା ପୁରୁଣା ସୁନା ବଦଳାଇ ୧୦୦% ବଦଳ ମୂଲ୍ୟରେ ଘରକୁ ଏକ ଆକର୍ଷଣୀୟ ନବ-ରାନୀ ଗହଣା ପିସ୍ ସାଙ୍ଗରେ ନେଇପାରିବେ। ଏହି ପରିପ୍ରେକ୍ଷୀରେ ତନିସ୍କ ଚନ୍ଦ୍ରଶେଖରପୁର ଷ୍ଟୋର ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଭୁବନେଶ୍ୱରର ସ୍ୱସ୍ତି ପ୍ରିମିୟମଠାରେ ଆୟୋଜନ କରାଯାଇଥିଲା। ଏହି ଅବସରରେ ତନିସ୍କର ସର୍କଲ ହେଡ୍ (ନର୍ଥଇଷ୍ଟ ଓ ଓଡ଼ିଶା) ଅରିନ୍ଦମ ପାରମାଣିକ, ଆର୍ଯ୍ୟେନ୍ଦୁ ବୁନ୍ଦେଲଙ୍କ ସମେତ ବିଏ ପପୁ ହଂସ, ମାଣିକ ହଂସ ଏବଂ ଅକ୍ଷୟ ହଂସ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଠକେଇ ପ୍ରତି ସତର୍କ କଲା ଏନ୍‌ପିସିଆଇ

ଭୁବନେଶ୍ୱର,୨୨।୧୦
(ଅନୁରାଧା ମହାରଣା)

ଆସନ୍ତା ସପ୍ତାହରେ ଦୀପାବଳି, ଧନ୍‌ତେରସ୍ ଓ ଛଟ୍‌ପୂଜା ଆଦି ପର୍ବ ପାଳନ ପାଇଁ ଲୋକମାନେ ଅଫ୍‌ଲାଇନ୍ ଓ ଅନ୍‌ଲାଇନରେ ଖୁବ୍ ଶପିଂ କରୁଛନ୍ତି। ଏଭଳି ପରିସ୍ଥିତିରେ ଡିଜିଟାଲ ପେମେଣ୍ଟ ଠକେଇର ଆଶଙ୍କା ମଧ୍ୟ ବୃଦ୍ଧି ପାଇଛି। ଡିଜିଟାଲ ପେମେଣ୍ଟରେ ୟୁପିଆଇ ମାଧ୍ୟମରେ ଦେଶରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିବା ନ୍ୟାଶନାଲ ପେମେଣ୍ଟ କର୍ପୋରେଶନ ଅଫ୍ ଇଣ୍ଡିଆ(ଏନ୍‌ପିସିଆଇ) ଉପଭୋକ୍ତାମାନଙ୍କୁ ଏହି ପର୍ବ ସମୟରେ ଡିଜିଟାଲ ପେମେଣ୍ଟ ଠକେଇ ପ୍ରତି ସତର୍କ ରହିବାକୁ ପରାମର୍ଶ ଦେଇଛି। ଆକର୍ଷଣୀୟ ଅଫର ଏବଂ ରିହାତି ପ୍ରତି ସତର୍କ ରହି ଅନ୍‌ଲାଇନ ପ୍ଲାଟ୍‌ଫର୍ମର ବୈଧତା ଯାଞ୍ଚକୁ ଅଣଦେଖା ନକରିବାକୁ ପରାମର୍ଶ ଦିଆଯାଇଛି। ଏନ୍‌ପିସିଆଇ ଅନୁଯାୟୀ, ଉତ୍ସବ ସମୟରେ ଲୋକମାନେ ମାତ୍ରାଧିକ ପରିମାଣରେ ଶପିଂ କରନ୍ତି। ଅନେକ ସମୟରେ ଗ୍ରାହକମାନେ କ'ଣ ଅର୍ଡର କରିଛନ୍ତି ତାହା ମନେ ରଖନ୍ତି ନାହିଁ, ଯାହାଦ୍ୱାରା ଫିସିଙ୍ଗ ସ୍କାମର ଶିକାର ହେବାର ସମ୍ଭାବନା ବଢ଼ିଥାଏ। ଏପରି ପରିସ୍ଥିତିରେ ପେମେଣ୍ଟ ଲିଙ୍କ୍‌କୁ ଦୁଇଥର ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଇଛି। ଏହାଦ୍ୱାରା ନକଲି ବିତରଣ ପରିବର୍ତ୍ତନକୁ ଏଡ଼ାଯାଇପାରିବ । ଏଥିସହ ଉପଭୋକ୍ତାମାନଙ୍କୁ ସେମାନଙ୍କ ଆକାଉଣ୍ଟକୁ ହ୍ୟାକିଂରୁ ରକ୍ଷାକରିବା ପାଇଁ ଦୃଢ଼ ଓ ଅନନ୍ୟ ପାସ୍‌ୱାର୍ଡ ବ୍ୟବହାର କରିବାକୁ କୁହାଯାଇଛି।

# Classified Everyday

0674-2580101, 2549949



**MATRIMONIAL**

**GROOM WANTED**

Beautiful Gopal girl 1993, 5'3", B.Tech Serving Tata Steel Jamshedpur. SUNASANSAR-9937512659. D-76000



**REAL ESTATE**

**SALE**

**3 BHK Garden-Facing flat in Vipul Garden, near Sum hospital in Kalinga Nagar, Bhubaneswar with study and servant room, 4 balconies, furnished with wardrobes and a modular kitchen is available for sale @ Rs.1.55 cr., Please contact: 8104625041.** D-1697

ନଖରା ଗ୍ରାଣ୍ଡବଜାର ବିଶ୍ୱାଳପଡ଼ାରେ ଘରବାଡ଼ି ଜମି ପାଚେରି ସହିତ ମିଳୁଛି। ଯୋଗାଯୋଗ- 8847830306, 8984999772. D-71077

**Ready to move 2BHK flat for sale @ 20 Lakh near Gudiapokhari, Bhubaneswar. Call 9937544226.** D-1469

**ମାତ୍ର ତିନି ଲକ୍ଷରେ ଓଡ଼ିଶାର ସର୍ବାଧିକ ଲାଭଦାୟକ ପ୍ଲଟ୍ (Investment Plot). Contact: 8917622925.** D-1526

**5100sqft. Land sale, 30ft. road near KK Petrol Pump NH-16 Gohiriachhok, Bhubaneswar. 7008634668.** D-75999

କଟକ-ଭୁବନେଶ୍ୱର ମଧ୍ୟଭାଗରେ **Sum Hospital-2** ନିକଟସ୍ଥ **Grandbazar (NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ **30ft.** ରାସ୍ତା ଥାଇ ଘରବାରି **plot** କିଣନ୍ତୁ। **9078699286.** D-75998

**House sale (Land 1600 sqft., construction 2600 sqft), @ Mancheswar Chakeisihani, near Mancheswar industrial estate. Contact direct owner: 9438486526, 8917610670.** D-1732

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9040023313, 9938015048.** D-1726

**Gharabari converted plots available near Hitech Square, Sundarpada, Bhubaneswar. For more details contact- 9437226965, 9778832554.** D-1725

**(1) Commercial plot, facing to NH Road Nakhara to Niali NH 10000sqft., 3sides road, (2) Residential plot near Petal English Medium School 1100/-sqft. with boundarywall at Brahmanjharilo, Cuttack, 11K.M. to BBSR. Personal plots, No builders. 7809525452.** D-75795

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Newly open health benefits SPA special offer @ 799 Bapujinagar. 8018429809. D-76164

Kerala Massage Therapy Gents/ Ladies pain relief Bhubaneswar. 9337672475. D-1659

**AFFIDAVIT**

By virtue of an affidavit before Executive Magistrate, Dhenkanal on dtd. 30.09.2024, solemnly declare that, in my Aadhaar card my name has written as Kokil Debi, W/o. Jayakrishna Satapathi. So I have changed my name from Kokil Debi to Kokila Kumari Satapathy. I, Kokil Debi and Kokila Kumari Satapathy, my husband Jayakrushna Satapathi and Jayakrishna Satapathy is same and one person. Henceforth, I shall be known as Kokila Kumari Satapathy, W/o. Jayakrishna Satapathy, At- Mahindrapur, P.O.: Siminai, P.S.-Sadar, Dist.- Dhenkanal for all purposes. D-75465

I, JAGANNATH BISWAL, S/o SANKARSAN BISWAL, R/o At- Mundiasahi, P.O.- Talabarakote, Via- Gobindpur, Dhenkanal Orissa-759027 changed my minor Son's name SOMYO PRAKASH BISWAL alias SOMYAPRAKASH BISWAL to SOMYO PRAKASH BISWAL aged 17 Years. D-1734

**LEGAL NOTICE**

**SUMMONS FOR SETTLEMENT OF ISSUES (Order 5, R-1 and 5 C.P.C) IN THE COURT OF CIVIL JUDGE, SENIOR DIVISION, KHARIAR, DIST.- NUAPADA**
**Civil Suit No.- 340/2018**

Sasmita Panda ... ... Plaintiff

Vrs

Jashobanti Bai and others ... ... Defendants

To,
Kaladei Satnami, aged about 57 years, W/o- Sonu Satnami, R/o- Vill.- Khariar (Ward No.2), P.S.- Khariar, Dist.- Nuapada

Whereas the above name plaintiff Sasmita Panda has instituted a suit against you to declare his right, title and interest of the suit land and you valid and confirm title and possession of the plaintiff over the suit land,you are hereby summon to appear in this court in person or through a pleader duly instructed, able to answer all martial questions relating to the suit or who shall be accompanied by some persons able to answer all such questions on 12th day of Nov. 2024 at about 10.30 A.M. to answer the claim and further you are by directed to file on that day a written statement of your defense and to produce on the said day all document in your possession or power upon which you base your defense.

Take notice that in a default of your appearance on the day in the aforesaid mentioned, the suit will be hard and determines in your absence.

Give under my hand and seal of the court on this day of 4.10.2024.

**Sd./- CIVIL JUDGE, SENIOR DIVISION, KHARIAR**

D-1735

# ଓଡ଼ିଶା ବଜାରରେ ଜିନ୍ଦଲ ପାନ୍ଥର ସିମେଣ୍ଟ

ଭୁବନେଶ୍ୱର,୨୨।୧୦

- **ଅନୁଗୋଳରେ ଜେପିସିର ୧.୫ଏମ୍‌ଟିପିଏ କ୍ଷମତା ବିଶିଷ୍ଟ ପ୍ରଥମ ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ୍ କାର୍ଯ୍ୟକ୍ଷମ**
- **ଜେଏସ୍‌ପିଏଲ୍ ଇସ୍ପାତ ମାର୍କେଟିଂ ଟିମ୍ ସହଯୋଗରେ ସିମେଣ୍ଟ ବିତରଣ କରାଯିବ**

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍ (ଜେଏସ୍‌ପିଏଲ୍)ର ସହାୟକ କମ୍ପାନୀ ଜିନ୍ଦଲ ପାନ୍ଥର ସିମେଣ୍ଟ (ଜେପିସି) ବର୍ତ୍ତମାନ ଓଡ଼ିଶା ବଜାରରେ ଉପଲବ୍ଧ ବୋଲି ଜିନ୍ଦଲ ଗ୍ରୁପ୍ ପକ୍ଷରୁ ବିସ୍ତୃତ ଭାବେ ଘୋଷଣା କରାଯାଇଛି। ଏପରିକି ଓଡ଼ିଶାର ଅନୁଗୋଳଠାରେ ବ୍ରାଣ୍ଡର ପ୍ରଥମ ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ୍ ନିକଟରେ କାର୍ଯ୍ୟକ୍ଷମ ହୋଇଛି। ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏବଂ ବାର୍ଷିକ ୧.୫ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଏହି ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ୍‌ରେ ସିମେଣ୍ଟ ପ୍ରସ୍ତୁତି ପାଇଁ କମ୍ପାନୀ (ବ୍ରାଣ୍ଡ)ର ଅନୁଗୋଳସ୍ଥିତ ଜେଏସ୍‌ପିଏଲ୍ ସମନ୍ୱିତ ଇସ୍ପାତ କାରଖାନାରୁ ନିର୍ଗତ ବାର୍ଷିକ ପ୍ରାୟ ୧ମିଲିୟନ ଟନ୍ ବ୍ଲାଷ୍ଟ ଫର୍ନେସ ସ୍ଲାଗ୍ ବ୍ୟବହାର ହେବ,ଯାହା ସିମେଣ୍ଟ ଉତ୍ପାଦନ ପାଇଁ ସର୍ବନିମ୍ନ ପରିମାଣର କ୍ଲିଙ୍କର ବ୍ୟବହାର ଦ୍ୱାରା ଅଙ୍ଗାରକାମ୍ଳ ନିର୍ଗମନ ଉଲ୍ଲେଖନୀୟ ଭାବେ କମ୍ କରିବ। ଗ୍ରୁପ୍‌ର ଏହି ପଦକ୍ଷେପ ମାଧ୍ୟମରେ କମ୍ କାର୍ବନ ସିମେଣ୍ଟ ଉତ୍ପାଦନରେ ଅଗ୍ରଣୀ ହେବାକୁ ଜେପିସି ଲକ୍ଷ୍ୟ ରଖିଛି।

ଏ ସମ୍ପର୍କରେ ଜେପିସିର ସିଇଓ ରୋହିତ ଭୋରା କହିଛନ୍ତି, ଆମର ଅନୁଗୋଳ ଗ୍ରାଇଣ୍ଡିଂ ୟୁନିଟ୍ କାର୍ଯ୍ୟକ୍ଷମ ହେବା ଦ୍ୱାରା ଏକ ଦୀର୍ଘସ୍ଥାୟୀ ଭବିଷ୍ୟତ ଗଠନ ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ ହୋଇଛି, ଆମର ଲୋ-କାର୍ବନ ସିମେଣ୍ଟ ଓ ଅଭିନବ ବିପଣନ ବ୍ୟବସ୍ଥା ପୂର୍ବଭାରତର ଭିତ୍ତିଭୂମି ବିକାଶକୁ ସମର୍ଥନ କରିବା ଦିଗରେ ଆମକୁ ସହଯୋଗ କରିବା ସହିତ ଏକ ସବୁଜ ପରିବେଶ ପାଇଁ ଯୋଗଦାନ କରିବ।

ସେହିଭଳି ସର୍ବନିମ୍ନ କାର୍ବନ ଓ ଉଚ୍ଚଗୁଣବତ୍ତା ବିଶିଷ୍ଟ ପୋର୍ଟଲାଣ୍ଡ ସ୍ଲାଗ୍ ଏବଂ କମ୍ପୋଜିଟ ସିମେଣ୍ଟକୁ କେନ୍ଦ୍ରୀୟ ଓ ପୂର୍ବ ଭାରତର ଉପଭୋକ୍ତାଙ୍କ ନିକଟରେ ପହଞ୍ଚାଇବା ପାଇଁ ଜେପିସିର ମିଶନ ରହିଛି। ଏପରିକି ବ୍ରାଣ୍ଡର ଅନୁଗୋଳ ଗ୍ରାଇଣ୍ଡିଂ ୟୁନିଟ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଜେଏସ୍‌ପିଏଲ୍‌ର ଇସ୍ପାତ ଉତ୍ପାଦନ ପ୍ରକ୍ରିୟାରୁ ଉତ୍ପନ୍ନ ବର୍ଜ୍ୟବସ୍ତୁକୁ ବ୍ୟବହାରକରି ସିମେଣ୍ଟ ଡିଭିଜନ କାର୍ବନ ଫୁଟ୍‌ପ୍ରିଣ୍ଟ ହ୍ରାସ କରିବା ସହିତ ଚିରସ୍ଥାୟୀ ଶିଳ୍ପାୟନକୁ ପ୍ରୋତ୍ସାହିତ କରିବ।

ଅପରପକ୍ଷରେ ଜେପିସି ୨୧୬୦କୋଟି ଟଙ୍କା ବିନିଯୋଗକରି ଅନୁଗୋଳ ଓ ରାୟଗଡ଼ାଠାରେ ବ୍ରାଣ୍ଡର ଉତ୍ପାଦନ କ୍ଷମତା ବାର୍ଷିକ ୭ ମିଲିୟନ ଟନ୍‌କୁ ବୃଦ୍ଧି କରିବାକୁ ଯୋଜନା ପ୍ରସ୍ତୁତ କରିଛି। ଏହି ସମ୍ପ୍ରସାରଣ ଦ୍ୱାରା ବଜାରରେ ଜେପିସିର ଉପସ୍ଥିତି ସୁଦୃଢ଼ ହେବା ସହିତ ବଢୁଥିବା ଭିତ୍ତିଭୂମି ଆବଶ୍ୟକତାକୁ ସମର୍ଥନ କରିବା ପାଇଁ ସଷ୍ଟେନେବଲ୍ ନିର୍ମାଣ ସାମଗ୍ରୀ ଉପଲବ୍ଧ ହୋଇପାରିବ। ଏପରିକି ପୂର୍ବ ଭାରତର ଗୃହ ନିର୍ମାତା ପାଇଁ ପ୍ରଥମ ୱାନ୍ ଷ୍ଟପ୍ ସଲ୍ୟୁସନ ପ୍ରତିଷ୍ଠା କରିବାକୁ ଜେପିସି ସିମେଣ୍ଟ ଓ ଜେଏସ୍‌ପିଏଲ୍‌ର ରେବାର (ଛଡ଼) ସଂଯୁକ୍ତ ବିପଣନ ବ୍ୟବସ୍ଥା (କମନ ଡିଷ୍ଟ୍ରିବ୍ୟୁଶନ ସିଷ୍ଟମ) ଦ୍ୱାରା ବଜାରରେ ଉପଲବ୍ଧ ହେବ। ଜିନ୍ଦଲ ପାନ୍ଥର ବ୍ରାଣ୍ଡରେ ଏସବୁ ନିର୍ମାଣ ସାମଗ୍ରୀ ବିକ୍ରିହେବ,ସିମେଣ୍ଟ ଓ ରଡ୍ ଗୋଟିଏ ସ୍ଥାନରୁ ସୁବିଧା ଓ ଉଚିତ ଦରରେ ଗ୍ରାହକ ପାଇପାରିବେ।

**AFFIDAVIT**

By virtue of an affidavit in the Court of the Executive Magistrate, Niali. I Jhili Das, D/o- Sarat Kumar Das, At- Sadansa, PO- Karanga, PS- Niali, Dist-Cuttack hereby declare that I have changed my name from Jhili Das to Sasmita Banua after marriage with Rabindranath Banua. So both Jhili Das, D/o- Sarat Kumar Das and Sasmita Banua, W/o- Rabindranath Banua is one and same person.

# ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ଇନ୍ଦୁମତୀ ମିଶ୍ର**

ସ୍ୱାମୀ - ସ୍ୱର୍ଗତ ରମେଶ ଚନ୍ଦ୍ର ମିଶ୍ର
ଆବିର୍ଭାବ - ୨୪.୦୬.୧୯୩୮
ତିରୋଧାନ - ୦୪.୧୧.୨୦୨୩

ଆପଣ ଆମ ହୃଦୟରେ ଚିର ଅମର ଅଟନ୍ତି। ଆପଣଙ୍କର ଆଦର୍ଶ ସର୍ବଦା ଆମର ପ୍ରେରଣାର ଉତ୍ସ ହୋଇଥାଉ।

ଶୋକସନ୍ତପ୍ତ :- ପ୍ରସନ୍ନ, ଉମେଶ, ନିହାରିକା, ଗୀତା, କଳ୍ପନା, କବିତା, ଶ୍ରୀକାନ୍ତ, ରାମଚନ୍ଦ୍ର, ମୋନାଲୀ, ସୋନାଲି, ରାକେଶ, ସ୍ମୃତି, ବୈଭବ, ସଞ୍ଜିବନୀ, ବିନୋଦ, ପପୁ, ତୁଷାର, ଶୁଭଙ୍କର, ଦୁର୍ଗାଦତ୍ତ, ଶ୍ରବ୍ୟା, ତନଭି, ସୋନୁ, ମୋନୁ, ଡୁଡୁଲୁ, ଡୁଡଲି ଏବଂ ମିହି।

୨୧୬/୧୨,ରମେଶ ନିବାସ, ଏରୋଡ୍ରମ ଏରିଆ, ଲେନ୍-୯,ଭୁବନେଶ୍ୱର - ୨୦

ଧ-୧୭୨୮



**ଆଦର୍ଶ ଶିକ୍ଷାବିତ୍ ବୀରକିଶୋର ପଣ୍ଡାଙ୍କ ପରଲୋକ**

ଜଗତ୍‌ସିଂହପୁର ଜିଲ୍ଲାସ୍ଥିତ ପଞ୍ଚପାଣ୍ଡବ ଶୈଳବାଳା ଉଚ୍ଚବିଦ୍ୟାଳୟର ଅବସରପ୍ରାପ୍ତ ଆଦର୍ଶ ପ୍ରଧାନ ଶିକ୍ଷକ ଶ୍ରୀ ବୀର କିଶୋର ପଣ୍ଡାଙ୍କର ୯୮ ବର୍ଷ ବୟସରେ ଗତ ଶନିବାର ରାତ୍ରିରେ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

ଧ-୧୭୩୬

# ଶେୟାର ବଜାର କାରବାରରେ ହ୍ରାସ

ମୁମ୍ବାଇ,୨୨।୧୦

କ୍ରମାଗତ ଭାବେ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ୨ୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ପ୍ରାୟ ୯୩୧ (୯୩୦.୫୫) ପଏଣ୍ଟ କମି ୮୦,୨୨୧ (୮୦,୨୨୦.୭୨) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୩୦୯ (୩୦୯.୦୦) ପଏଣ୍ଟ ହ୍ରାସ ଘଟି ୨୪,୪୭୨(୨୪,୪୭୨.୧୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।



ଜେଏମ୍‌ଏମ୍ ନେତ୍ରୀ କଳ୍ପନା ସୋରେନ୍ ମଙ୍ଗଳବାର ଝାଡ଼ଖଣ୍ଡର ଚତରା ଜିଲାରେ ଏକ ନିର୍ବାଚନ ପ୍ରଚାର ରାଲିରେ ଯୋଗ ଦେଇଛନ୍ତି।

# କନ୍ଧମାଳ ଜିଲା ବିଜେଡି ସଭାପତିଙ୍କ ଇସ୍ତଫା

ଫୁଲବାଣୀ,୨୨।୧୦(ରାକେଶ କୁମାର ରାଉତ)



ଅଙ୍ଗଦ କହଁର

କନ୍ଧମାଳ ଜିଲା ବିଜେଡି ସଭାପତି ଅଙ୍ଗଦ କହଁର ମଙ୍ଗଳବାର ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ଫୁଲବାଣୀର ପୂର୍ବତନ ବିଧାୟକ ଅଙ୍ଗଦ ଗତ ନିର୍ବାଚନରେ ପ୍ରାର୍ଥୀ ହେବା ପାଇଁ ଟିକେଟ ପାଇ ନ ଥିଲେ। ବିଜେଡି ଅନ୍ୟ ଜଣଙ୍କୁ ପ୍ରାର୍ଥୀ କରିଥିଲା। ସେବେଠୁ ସେ ଅସନ୍ତୁଷ୍ଟ ଥିଲେ। ଦଳର ଜିଲା ସଭାପତି ଭାବେ ଦାୟିତ୍ୱ ତୁଲାଉଥିଲେ ମଧ୍ୟ ନିର୍ବାଚନରେ ସକ୍ରିୟ ନ ଥିବା ଦେଖାଯାଇଥିଲା। ମଙ୍ଗଳବାର କଳ୍ପନାଜଳ୍ପନାର ଅନ୍ତ ଘଟାଇ ଅଙ୍ଗଦ ଜିଲା ସଭାପତି ପଦରୁ ଇସ୍ତଫା ଦେଇଛନ୍ତି । ଶାରୀରିକ ଅସୁସ୍ଥତା ଦର୍ଶାଇ ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ପାଖକୁ ଚିଠି ପଠାଇଛନ୍ତି। ଏହି ଘଟଣାରୁ ବିଜେଡିରେ ସବୁ ଠିକ୍ ଚାଲି ନ ଥିବା ଆଲୋଚନା ହେଉଛି।

୨୦୧୩ରୁ ୨୦୨୪ ଜାନୁଆରୀ ପର୍ଯ୍ୟନ୍ତ ବରିଷ୍ଠ ନେତା ସରୋଜ କର୍ଣ୍ଣ ଜିଲା ସଭାପତି ରହିଥିଲେ। ପରେ ଜି. ଉଦୟଗିରି ବିଧାୟକ ସାଲୁଗା ପ୍ରଧାନଙ୍କୁ ମାର୍ଚ୍ଚ ପର୍ଯ୍ୟନ୍ତ ଏହି ପଦବୀରେ ଅବସ୍ଥାପିତ କରାଯାଇଥିଲା। ପରବର୍ତ୍ତୀ ସମୟରେ ତାଙ୍କ ସ୍ଥାନରେ ଫୁଲବାଣୀ ବିଧାୟକ ଅଙ୍ଗଦଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଅଙ୍ଗଦଙ୍କୁ ବିଧାୟକ ଟିକେଟରୁ ଦଳ ବାଦ ଦେଇଥିବାରୁ ନିର୍ବାଚନ ସମୟରେ ସେ ଖାପଛଡ଼ା ରହୁଥିବା ଲକ୍ଷ୍ୟ କରାଯାଇଥିଲା। ଅପରପକ୍ଷରେ ତାଙ୍କ ନେତୃତ୍ୱରେ ନିର୍ବାଚନ ଲଢ଼ି ଦଳ ଜିଲାର ୩ଟି ଆସନ ମଧ୍ୟରୁ ୨ଟି ହାତଛଡ଼ା କରିଥିଲା। କିଛି ଦିନ ଧରି ଜିଲା ସଭାପତି ପରିବର୍ତ୍ତନ ନେଇ ଗୁଞ୍ଜରଣ ଶୁଭୁଥିବା ବେଳେ ଅଙ୍ଗଦଙ୍କ ଇସ୍ତଫା ଏଥିରେ ଇନ୍ଧନ ଯୋଗାଇଛି। ଅଙ୍ଗଦଙ୍କ ଇସ୍ତଫା ପରେ ନୂଆ ସଭାପତି ନେଇ ପୁଣି ଚର୍ଚ୍ଚା ଜୋର ଧରିଛି।

## ବାତ୍ୟା ପରେ ପ୍ରଶାସନକୁ ସାହାଯ୍ୟ କରିବେ ଭାଜପା କାର୍ଯ୍ୟକର୍ତ୍ତା: ମନମୋହନ

ଭୁବନେଶ୍ୱର, ୨୨।୧୦(ସୁନିତ୍ ମିଶ୍ର)

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ 'ଦାନା' ଭୀଷଣ ବାତ୍ୟା ରୂପ ନେଇ ୨୪ ତାରିଖ ମଧ୍ୟରାତ୍ରିରେ ଓଡ଼ିଶା ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସମୟରେ ପବନର ବେଗ ଘଣ୍ଟା ପ୍ରତି ୧୦୦ରୁ ୧୨୦ କିମି ରହିବା ସହିତ ଅତି ପ୍ରବଳ ବର୍ଷା ହେବା ଆକଳନ କରାଯାଇଛି। ଦାନା ପ୍ରଭାବରେ ବିଶେଷ ଭାବେ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଖୋର୍ଦ୍ଧା, କଟକ, ପୁରୀ, ନୟାଗଡ, କେନ୍ଦୁଝର, ମୟୁରଭଞ୍ଜ ସମେତ ରାଜ୍ୟର ଅନ୍ୟ କେତେକ ଜିଲା ପ୍ରଭାବିତ ହୋଇପାରେ। ଏହା ପୂର୍ବରୁ ଜନସାଧାରଣ ଓ ପ୍ରାଣୀ ସମ୍ପଦକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରଣ କରାଯିବ। ଏହାସହ ସେମାନଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ବଣ୍ଟନ, ବୃଦ୍ଧବୃଦ୍ଧା, ଗର୍ଭବତୀ ମହିଳା ଏବଂ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ସୁବିଧା ଯୋଗାଇ ଦେବା କାର୍ଯ୍ୟରେ ପ୍ରଶାସନ ଓ ସରକାରଙ୍କୁ କାର୍ଯ୍ୟକର୍ତ୍ତାମାନେ ସହଯୋଗ କରିବେ। ସେହିପରି ବାତ୍ୟା ପରେ ପୁନରୁଦ୍ଧାର କାର୍ଯ୍ୟରେ ଭାଜପା କାର୍ଯ୍ୟକର୍ତ୍ତାମାନେ କାର୍ଯ୍ୟ କରିବାକୁ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଆହ୍ୱାନ ଦେଇଛନ୍ତି। ଏହି ସମୟରେ ଭୟଭୀତ ନ ହୋଇ ଧୈର୍ଯ୍ୟର ସହ ବାତ୍ୟା ପରିସ୍ଥିତିର ମୁକାବିଲା ପାଇଁ ଓଡ଼ିଶାବାସୀଙ୍କୁ ସେ ପରାମର୍ଶ ମଧ୍ୟ ଦେଇଛନ୍ତି। ସମ୍ଭାବ୍ୟ ବାତ୍ୟା ପରିସ୍ଥିତିର ସଫଳ ମୁକାବିଲା ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ବାତ୍ୟା ସମୟରେ ଜିରୋ କାଜୁଆଲିଟି ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଥିବାବେଳେ ସେବା, ସହାୟତା, ରିଲିଫ୍ କାର୍ଯ୍ୟରେ ପ୍ରଶାସନ ଓ ସରକାରଙ୍କୁ ପୂର୍ଣ୍ଣ ସହଯୋଗ କରିବାକୁ ମନମୋହନ କାର୍ଯ୍ୟକର୍ତ୍ତାମାନଙ୍କୁ ଆହ୍ୱାନ ଦେଇଛନ୍ତି ।

# ମନ୍ତ୍ରୀଙ୍କ ଇସ୍ତଫା ଦାବିକଲା ବିଜେଡି

କୁଚିଣ୍ଡା,୨୨।୧୦(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଅଞ୍ଚଳରେ ଜଣେ ଦଳିତ ନାବାଳିକାଙ୍କୁ ଅପହରଣ ପରେ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ରାଜନୈତିକ ଚାପରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ନ କରି ଘଣ୍ଟ ଘୋଡ଼ାଉଛି ବୋଲି ବିଜେଡି କହିଛି। ଏଥିସହିତ ଦଳ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ଇସ୍ତଫା ଦାବି କରିଛି।

ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ମଙ୍ଗଳବାର ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଅଭିଯୁକ୍ତଙ୍କୁ ୪୮ଘଣ୍ଟା ମଧ୍ୟରେ ଗିରଫ କରା ନ ଗଲେ ବିଜେଡି ରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛି। ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ନାଏକଙ୍କ ନେତୃତ୍ୱରେ ବହୁସଂଖ୍ୟକ ନେତା ଓ କର୍ମୀ ଉକ୍ତ ଘଟଣା ନେଇ ଉପଜିଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୀଡ଼ିତା ୧୬ତାରିଖ କୁଚିଣ୍ଡା ଥାନାରେ ଅପହରଣ ଓ ଅସଦାଚରଣ ରିପୋର୍ଟ କରିଥିଲେ। ଗଣବଳାତ୍କାର ଅଭିଯୋଗ କରିଥିବାରୁ ତାଙ୍କ ଜୀବନ ପ୍ରତି ବିପଦ ରହିଛି। ତେଣୁ ତାଙ୍କୁ ଓ ତାଙ୍କ ପରିବାରକୁ ସୁରକ୍ଷା ଯୋଗାଇ ଦେବାକୁ ବିଜେଡି ଦାବିପତ୍ରରେ ଉଲ୍ଲେଖ କରିଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ଏହି କାଣ୍ଡରେ ସମ୍ପୃକ୍ତ ଜଣେ ଅଭିଯୁକ୍ତ ପଞ୍ଚାୟତିରାଜ ମନ୍ତ୍ରୀଙ୍କ ସହଯୋଗୀ। ତେଣୁ ତଦନ୍ତରେ ବାଧା ଉପୁଜିବା ଆଶଙ୍କା ନେଇ ମୁଖ୍ୟମନ୍ତ୍ରୀ ତୁରନ୍ତ ତାଙ୍କୁ ମନ୍ତ୍ରୀ ପଦରୁ ବହିଷ୍କାର କରନ୍ତୁ ବୋଲି ବିଜେଡି ଦାବି କରିଛି।



ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**କୁଚିଣ୍ଡା ନାବାଳିକା ଗଣବଳାତ୍କାର ମାମଲା**

ସୂଚନା ଅନୁସାରେ ଗତ ୧୫ତାରିଖରେ କୁଚିଣ୍ଡା ପଞ୍ଚମୁଖୀ ଛକରେ ଅନୁଷ୍ଠିତ କରମା ପୂଜା ଦେଖିବାକୁ ଯାଇଥିବା ଜଣେ ଦଳିତ ନାବାଳିକାଙ୍କୁ ଘରେ ଛାଡ଼ି ଦେବାକୁ କହି ରାତି ପ୍ରାୟ ସାଢ଼େ ୧ଟାରେ କାହ୍ନା ଛତ୍ରିଆ ନାମକ ଜଣେ ଯୁବକ କାର୍‌ରେ ବସାଇ ନେଇଥିଲେ। ସେଥିରେ ପୂର୍ବରୁ ଅନ୍ୟ ଯୁବକ ଥିଲେ। କାର୍‌ରେ ତାଙ୍କୁ ଥଣ୍ଡା ପାନୀୟରେ ମାଦକଦ୍ରବ୍ୟ ମିଶାଇ ସେମାନେ ଜବରଦସ୍ତ ପିଆଇ ଅସଦାଚରଣ କରିଥିଲେ। ଭୋର ପ୍ରାୟ ୪ଟାରେ ନାବାଳିକାଙ୍କୁ ପଞ୍ଚମୁଖୀ ଛକ ହନୁମାନ ମନ୍ଦିର ନିକଟକୁ ଆଣି ଛାଡ଼ି ପଳାଇଥିଲେ। ପୋଲିସ ଘଟଣାର ଠିକ୍ ତଦନ୍ତ ନ କରି ୩ଜଣଙ୍କୁ ଗିରଫ କରିଥିବା ବେଳେ ଅପହରଣରେ ବ୍ୟବହୃତ କାର୍ ଜବତ କରିଥିଲା। ହେଲେ ତାଙ୍କୁ ୫ଜଣ ଗଣବଳାତ୍କାର କରିଥିବା ସୋମବାର ପୀଡ଼ିତା ସମ୍ବଲପୁର ଆରକ୍ଷୀ ଅଧୀକ୍ଷକଙ୍କଠାରେ ଅଭିଯୋଗ କରିଥିଲେ। ଦାବିପତ୍ର ଗ୍ରହଣ କରି କୁଚିଣ୍ଡା ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଅମିତାଭ ପଣ୍ଡା କହିଛନ୍ତି, ପୀଡ଼ିତାଙ୍କ ରିପୋର୍ଟ ଆଧାରରେ ଥାନାରେ ଅପହରଣ ଓ ଅସଦାଚରଣ ମାମଲା ରୁଜୁ ହୋଇଥିଲା। ସେ ବୟାନ ବଦଳାଇ ଗଣବଳାତ୍କାର ଅଭିଯୋଗ କରିବା ପରେ ଆରକ୍ଷୀ ଅଧୀକ୍ଷକ ଘଟଣାର ତଦନ୍ତ ପାଇଁ ଜଣେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କୁ ଦାୟିତ୍ୱ ଦେଇଛନ୍ତି।

## ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ କଲା ଦଳ

ଭୁବନେଶ୍ୱର,୨୨।୧୦(ଅନିଲ ଦାସ)

କୁଚିଣ୍ଡା ଗଣବଳାତ୍କାର ଘଟଣାରେ ପୋଲିସର ଟାଳଟୁଳ ନୀତିକୁ ନେଇ ବିଜେଡି ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛି। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କ୍ଷୋଭ ପ୍ରକାଶ କରିବା ସହିତ ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ କରିଛନ୍ତି। ମଙ୍ଗଳବାର ଶଙ୍ଖଭବନଠାରେ ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ତଥା ସମନ୍ୱୟ କମିଟି ସଦସ୍ୟ ଦେବେଶ ଆଚାର୍ଯ୍ୟ ଓ ମୁଖପାତ୍ର ଲେଖାଶ୍ରୀ ସାମନ୍ତସିଂହାର ଏହି ସୂଚନା ଦେଇଛନ୍ତି।

ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ଅଧ୍ୟକ୍ଷତାରେ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ କରାଯାଇଛି। ଏଥିରେ ପୂର୍ବତନ ମନ୍ତ୍ରୀ ରୀତା ସାହୁ, ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ, ବିଧାୟିକା ବର୍ଷା ସିଂ ବରିହା, ପୂର୍ବତନ ବିଧାୟିକା ଦୀପାଳି ଦାସ, ପୂର୍ବତନ ବିଧାୟିକା ଅଳକା ମହାନ୍ତି, ସମ୍ବଲପୁର ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ ସଦସ୍ୟ ରହିଛନ୍ତି। କମିଟିର ସଦସ୍ୟମାନେ କୁଚିଣ୍ଡା ଯାଇ ନାବାଳିକା ଓ ତାଙ୍କ ପରିବାରବର୍ଗଙ୍କୁ ଭେଟି ଘଟଣାର ସବିଶେଷ ବିବରଣୀ ଦଳର ସଭାପତିଙ୍କ ନିକଟରେ ପ୍ରଦାନ କରିବେ। ଦେବେଶ କହିଛନ୍ତି, ରାଜ୍ୟର ଆଇନଶୃଙ୍ଖଳା ସ୍ଥିତି ସମ୍ପୂର୍ଣ୍ଣ ବିଗିଡ଼ି ଯାଇଛି। ତେଣୁ ବିଜେଡି ପୀଡ଼ିତାଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ ପାଇଁ ଦାବି କରୁଛି ବୋଲି ସେ କହିଛନ୍ତି। ଲେଖାଶ୍ରୀ କହିଛନ୍ତି, କରମା ପୂଜା ବେଳେ ଏଭଳି ଗଣବଳାତ୍କାର ଘଟଣା ଘଟିଛି। ଏଥିରେ ସ୍ଥାନୀୟ ବିଧାୟକ ତଥା ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ ଯୋଗ ଦେଇଥିଲେ। ପାଞ୍ଚଜଣ ଅଭିଯୁକ୍ତଙ୍କ ଭିତରେ ମନ୍ତ୍ରୀଙ୍କ ଜଣେ ଘନିଷ୍ଠ ସହଯୋଗୀ ଅଛନ୍ତି, ଯେଉଁଥିପାଇଁ ପୋଲିସ ଘଟଣାକୁ ରଫାଦଫା କରିଦେବା ପାଇଁ ଚେଷ୍ଟା କରୁଛି ବୋଲି ଲେଖାଶ୍ରୀ କହିଛନ୍ତି।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛତୁ ଉଠା କାଠ
ନିଶ ଉଠା ପାଠ,
ହେଲେ ହୁଏ ତାଳ
ନ ହେଲେ ହୁଏ କାଳ ।**

କାଠ ଖରା ବର୍ଷାରେ ପଡ଼ିରହିଲେ ତାହା ସମୟକ୍ରମେ ଖରାପ ହୋଇଯାଏ। ତେଣୁ ଏଭଳି କାଠ ଆଉ କୌଣସି ଗୃହୋପକରଣ କାର୍ଯ୍ୟରେ ଲାଗିପାରି ନ ଥାଏ। ସେହିପରି ଯଥା ସମୟରେ ବିଦ୍ୟାରମ୍ଭ ନ କଲେ ତା'ର ସୁଫଳ ମିଳି ପାରି ନ ଥାଏ। ଯଥା ସମୟରେ ଉପଯୁକ୍ତ କାର୍ଯ୍ୟ କରିବା ଉଚିତ। ସମୟ ଅତିକ୍ରାନ୍ତ ହେଲେ ଏହାର ପରିଣତି ଅନେକ ସମୟରେ ଖରାପ ହୁଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଛୁଞ୍ଚି ମୁନେ ମୁନେ ପର୍ବତ ଟାଳିଲେ
କାକ ବିନା ନାହିଁ ରା,
ବାଳୁତ ପୁଅକୁ ଯୁବତୀ କନିଆ
ସେ କି ଜାଣେ ତା'ର ଭାବ ?**

ଛୁଞ୍ଚିକୁ ଧରି ପର୍ବତ ତାଡ଼ିବା କିମ୍ବା କାକ ରା ରୁ ସୁଶ୍ରାବ୍ୟ ସ୍ୱର ଅନ୍ୱେଷଣ କରିବା ଅସମ୍ଭବ ଏବଂ ବୃଥା ପ୍ରୟାସ ହୋଇଥାଏ। ସେହିପରି ଯୁବତୀ କନ୍ୟା ସହ କିଶୋର ପିଲାର ବିବାହ ଏକ ନିରର୍ଥକ ସମ୍ପର୍କ ହୋଇଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

## ଏମ୍‌ଭିଏ ଆସନ ବୁଝାମଣା ଅଚଳାବସ୍ଥା ଦୂର ହେଲା

ମୁମ୍ବାଇ,୨୨।୧୦(ପି.ଟି.)

ନଭେମ୍ବର ୨୦ରେ ହେବାକୁ ଥିବା ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ବିରୋଧୀ ମହା ବିକାଶ ଅଘାଡ଼ି (ଏମ୍‌ଭିଏ)ରେ ଆସନ ବୁଝାମଣାକୁ ନେଇ ଦେଖାଦେଇଥିବା ଅଚଳାବସ୍ଥାର ସମାଧାନ ହୋଇଛି। ମଙ୍ଗଳବାର ରାତିରେ ଶୀର୍ଷ ବିରୋଧୀ ନେତାମାନଙ୍କ ବୈଠକ ବସି ଆସନ ବୁଝାମଣା ଚୂଡ଼ାନ୍ତ ହୋଇଥିବା ସୂଚନା ମିଳିଛି। ବୁଧବାର ଏକ ଖବରଦାତା ସମ୍ମିଳନୀରେ ଏନେଇ ଘୋଷଣା କରାଯିବ ବୋଲି ଶିବସେନା (ୟୁବିଟି) ନେତା ସଞ୍ଜୟ ରାଉତ କହିଛନ୍ତି। ୨୮୮ ଆସନ ବିଶିଷ୍ଟ ମହାରାଷ୍ଟ୍ର ବିଧାନସଭା ପାଇଁ କଂଗ୍ରେସ ୧୦୫, ଶିବସେନା (ୟୁବିଟି) ୯୫ ଏବଂ ଏନ୍‌ସିପି (ଏସ୍‌ପି) ୮୪ ଆସନରେ ପ୍ରାର୍ଥୀ ଦେବ ବୋଲି ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଥିବାବେଳେ ଏମ୍‌ଭିଏ ନେତାମାନେ ଏନେଇ ସ୍ପଷ୍ଟ କରିନାହାନ୍ତି। ଉଦ୍ଧବ ଠାକ୍‌ରେଙ୍କ ଶିବସେନା ଏବଂ କଂଗ୍ରେସ ମଧ୍ୟରେ ଆସନ ବୁଝାମଣାକୁ ନେଇ ଅଚଳାବସ୍ଥା ଦେଖାଦେଇଥିଲା। ଏହାର ସମାଧାନ ପାଇଁ ବରିଷ୍ଠ କଂଗ୍ରେସ ନେତା ବାଲାସାହେବ ଥୋରାଟ୍ ପ୍ରଥମେ ଏନ୍‌ସିପି (ଏସ୍‌ପି) ଅଧ୍ୟକ୍ଷ ଶରଦ ପାଓ୍ୱାର ଏବଂ ପରେ ଉଦ୍ଧବ ଠାକ୍‌ରେଙ୍କୁ ଭେଟିଥିଲେ। ପରେ ଥୋରାଟ ଏବଂ ଏମ୍‌ଭିଏର ଅନ୍ୟ ନେତାମାନଙ୍କ ମଧ୍ୟରେ ଏକ ହୋଟେଲରେ ୫ ଘଣ୍ଟା ଧରି ବୈଠକ ବସିଥିଲା।

## ଝାଡ଼ଖଣ୍ଡ ନିର୍ବାଚନ: ୬ ପ୍ରାର୍ଥୀ ଦେଲା ଆର୍‌ଜେଡି

ରାଞ୍ଚି,୨୨।୧୦(ପି.ଟି.)

ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପାଇଁ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ମଙ୍ଗଳବାର ୬ ଜଣିଆ ପ୍ରାର୍ଥୀ ତାଲିକା ପ୍ରକାଶ କରିଛି। ଫଳରେ ଇଣ୍ଡିଆ ବ୍ଲକ୍‌ର ଦଳଗୁଡ଼ିକ ମଧ୍ୟରେ ଆସନ ବୁଝାମଣାକୁ ନେଇ ରହିଥିବା ଅଚଳାବସ୍ଥା ଦୂର ହୋଇଛି। ଆର୍‌ଜେଡି ସୁରେଶ ପାଶ୍ୱାନଙ୍କୁ ଦେଓଘରରୁ, ସଞ୍ଜୟ ପ୍ରସାଦ ଯାଦବଙ୍କୁ ଗୋଡ୍ଡାରୁ ଏବଂ ସୁଭାଷ ଯାଦବଙ୍କୁ କୋଦର୍ମାରୁ ପ୍ରାର୍ଥୀ କରିଥିବାବେଳେ ରଶ୍ମି ପ୍ରକାଶ, ନରେଶ ପ୍ରସାଦ ସିଂ ଏବଂ ସଞ୍ଜୟ ସିଂ ଯାଦବ ଯଥାକ୍ରମେ ଚତରା, ବିଶ୍ରାମପୁର ଏବଂ ହୁସେନବାଦ୍‌ରୁ ଲଢ଼ିବେ। ଆସନ ବୁଝାମଣାକୁ ନେଇ ଇଣ୍ଡିଆ ମେଣ୍ଟ ଦଳଗୁଡ଼ିକ ସହମତିରେ ପହଞ୍ଚିଥିବା ଆର୍‌ଜେଡି ନେତା ତେଜସ୍ୱୀ ଯାଦବ କହିବା ପରେ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। କଂଗ୍ରେସ ଏବଂ ଜେଏମ୍‌ଏମ୍ ମଧ୍ୟରେ ଆସନ ବୁଝାମଣା ନିଷ୍ପତ୍ତି ଏକପାଖିଆ ଥିବା ପୂର୍ବରୁ ଆର୍‌ଜେଡି କହିବା ସହ ୧୫ରୁ ୧୮ ଆସନରେ ଲଢ଼ିବ ବୋଲି କହିଥିଲା। ଝାଡ଼ଖଣ୍ଡରେ ନଭେମ୍ବର ୧୩ ଏବଂ ୨୦ରେ ମତଦାନ ହେବ।





ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

**ଅନ୍ୟାନ୍ୟ ଖବର**

**ଅଷ୍ଟ୍ରେଲିଆ ଗସ୍ତରେ କେନ୍ଦ୍ରମନ୍ତ୍ରୀ**

## ଶିକ୍ଷା ଭାରତ-ଅଷ୍ଟ୍ରେଲିଆ ବନ୍ଧୁତ୍ୱକୁ ଆଗକୁ ନେବ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୨।୧୦(ସୁନିତ୍ ମିଶ୍ର)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୨ ଦିନ ଧରି ସିଙ୍ଗାପୁରରେ ସମସ୍ତ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେବା ପରେ ମଙ୍ଗଳବାର ଅଷ୍ଟ୍ରେଲିଆର ମେଲବୋର୍ନରେ ପହଞ୍ଚିଛନ୍ତି। ସେଠାରେ ବାସ କରୁଥିବା ଭାରତୀୟମାନଙ୍କ ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି। ଏହି ଅବସରରେ ସେଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ପ୍ରବାସୀ ଭାରତୀୟଙ୍କୁ ସମ୍ବୋଧିତ କରିବା ସହ ସେମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଛନ୍ତି। ସେ କହିଛନ୍ତି, ଅଷ୍ଟ୍ରେଲିଆରେ ରହୁଥିବା ପ୍ରବାସୀ ଭାରତୀୟଙ୍କ ସହ ସାକ୍ଷାତକରି କଥା ହେବା ଖୁସିର ବିଷୟ। ପ୍ରବାସୀମାନେ ହେଉଛନ୍ତି ଭାରତର ସବୁଠାରୁ ବଡ଼ ଆମ୍ବାସଡର। ଆମ ସଭ୍ୟତାର ମୂଲ୍ୟବୋଧ ଏବଂ ଜ୍ଞାନ, ବୈଶ୍ୱିକ ଆହ୍ୱାନର ସମାଧାନ କରିପାରିବ। ଶିକ୍ଷା ସମନ୍ୱୟ ଓ ସହଯୋଗ ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଥିବା ସମ୍ପର୍କକୁ ମଜଭୂତ କରିବ। ଜ୍ଞାନ ସହଯୋଗ ଭାରତ-ଅଷ୍ଟ୍ରେଲିଆ ବନ୍ଧୁତ୍ୱକୁ ଆଗକୁ ନେବାରେ ମୂଳଦୁଆ ହେବ। ଶିକ୍ଷାର ଅନ୍ତର୍ଜାତୀୟକରଣ, ବିଶ୍ୱବିଦ୍ୟାଳୟ ସହ ସଂଯୋଗ, ଗବେଷଣା, ସ୍କିଲିଂ ଏବଂ ପାରସ୍ପରିକ ଛାତ୍ର ବିନିମୟ ଉପରେ ମଧ୍ୟ ସେ ଚର୍ଚ୍ଚା କରିଛନ୍ତି।

ଅଷ୍ଟ୍ରେଲିଆ ଗସ୍ତ କାଳରେ କେନ୍ଦ୍ରମନ୍ତ୍ରୀ ମେଲବୋର୍ନରେ ସେଠାର ଶିକ୍ଷାମନ୍ତ୍ରୀ ଜେସନ କ୍ଲେୟାରଙ୍କୁ ଭେଟିବା ସହ 'ଅଷ୍ଟ୍ରେଲିଆ ଅନ୍ତର୍ଜାତୀୟ ଶିକ୍ଷା ସମ୍ମିଳନୀ'ରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ସେହିପରି ସାଉଥ୍ ମେଲବୋର୍ନ ପ୍ରାଥମିକ ବିଦ୍ୟାଳୟ ଓ ମେଡ୍‌ଟେକ୍ ପ୍ରୋଟୋଟାଇପିଂ ଏବଂ ବିନିର୍ମାଣ କ୍ଷେତ୍ରରେ ଜଣାଶୁଣା ଆର୍‌ଏମ୍‌ଆଇଟି ବିଶ୍ୱବିଦ୍ୟାଳୟର 'ଡିସ୍କଭରି ଟୁ ଡିଭାଇସ୍' ପରିଦର୍ଶନ କରିବା କାର୍ଯ୍ୟସୂଚୀ ରହିଛି। ଏହି ଗସ୍ତ ମେଡିକାଲ ଟେକ୍ନୋଲୋଜିର ବାଣିଜ୍ୟିକ ଏବଂ ଡ୍ରାଇଭିଂ ଇନୋଭେଶନରେ ଶିଳ୍ପ ଏକାଡେମୀ ଲିଙ୍କେଜର ଭୂମିକା ପାଇଁ ସହଯୋଗୀ ଆଭିମୁଖ୍ୟକୁ ଅନ୍ୱେଷଣ କରିବ।





ଅଷ୍ଟ୍ରେଲିଆର ମେଲବୋର୍ନଠାରେ ପ୍ରବାସୀ ଭାରତୀୟଙ୍କ ସହ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

# ଖେଳାଳିଙ୍କ ସାମଗ୍ରିକ ବିକାଶ ଉପରେ କ୍ରୀଡ଼ାମନ୍ତ୍ରୀଙ୍କ ଗୁରୁତ୍ୱ

## କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଓଡ଼ିଶା କ୍ରୀଡ଼ାନୀତି କର୍ମଶାଳା

**ଭୁବନେଶ୍ୱର, ୨୨।୧୦ (ତପନ ସ୍ୱାଇଁ)**

କ୍ରୀଡା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମ୍ ସ୍ଥିତ ଟେନିସ୍ ସେଣ୍ଟର ଅଡ଼ିଟୋରିୟମ୍‌ରେ ଓଡ଼ିଶା କ୍ରୀଡାନୀତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ତୃଣମୂଳ ସ୍ତରରୁ ଖେଳାଳିଙ୍କ ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱାରୋପ କରଛନ୍ତି। ଓଡ଼ିଶାରେ କ୍ରୀଡାର ବିକାଶ ପାଇଁ କ୍ରୀଡାନୀତି ପ୍ରସ୍ତୁତ ହେବାର ଆବଶ୍ୟକତା ରହିଛି। କ୍ରୀଡା ଭିତ୍ତିଭୂମିକୁ ସୁଦୃଢ କରିବା ସହିତ ତୃଣମୂଳ ସ୍ତରରେ କ୍ରୀଡାପ୍ରତିଭାମାନଙ୍କୁ ଚୟନ କରି ସେମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ପ୍ରଦାନ କରିବା ଏବଂ ସେମାନଙ୍କର ସାମଗ୍ରିକ ବିକାଶ ପାଇଁ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି କ୍ରୀଡ଼ାମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି। ରାଜ୍ୟରେ ଜିଲ୍ଲାରୁ ବ୍ଲକସ୍ତର ପର୍ଯ୍ୟନ୍ତ କ୍ରୀଡା ଭିତ୍ତିଭୂମିକୁ ସୁଦୃଢ଼ କରିବା, ବ୍ଲକସ୍ତରରେ କ୍ରୀଡ଼ାକେନ୍ଦ୍ରର ନିର୍ମାଣ ଏବଂ କ୍ରୀଡା ନର୍ସରୀ ପ୍ରତିଷ୍ଠା ମାଧ୍ୟମରେ ବିଭିନ୍ନ ଯୁବପ୍ରତିଭାମାନଙ୍କୁ ଚୟନ କରାଯାଇ ଉପଯୁକ୍ତ ପ୍ରଶିକ୍ଷଣ ମାଧ୍ୟମରେ ସଶକ୍ତ କରାଯାଇ ପାରିଲେ କ୍ରୀଡ଼ାର ବିକାଶ ହୋଇପାରିବ। ଏଥିସହ ବିଦ୍ୟାଳୟ, ଆନ୍ତଃବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ, ଜିଲ୍ଲା, ରାଜ୍ୟ ସ୍ତରରେ କ୍ରୀଡା ପ୍ରତିଯୋଗିତା ଆୟୋଜନ ମାଧ୍ୟମରେ କ୍ରୀଡାବିତମାନଙ୍କୁ ପ୍ରୋତ୍ସାହିତ କରାଯାଇପାରିବ। ଶିକ୍ଷାକ୍ଷେତ୍ରରେ କ୍ରୀଡାକୁ ଏକ ନିୟମିତ ପାଠ୍ୟକ୍ରମ ରୂପେ ଅନ୍ତର୍ଭୁକ୍ତ କରାଯାଇପାରିଲେ ଯୁବ କ୍ରୀଡାବିତ୍ ଏବଂ ସେମାନଙ୍କର ଅଭିଭାବକ ମାନଙ୍କର କ୍ରୀଡା ପ୍ରତି ଆଗ୍ରହ ସୃଷ୍ଟି ହୋଇପାରିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ସଭାପତି ସମୀର ଦେ ଓ ସମ୍ପାଦକ ଆଶୀର୍ବାଦ ବେହେରା କ୍ରୀଡ଼ାମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉପସ୍ଥିତ ଥିବା ବିଭିନ୍ନ କ୍ରୀଡାବିତ୍, ରାଜ୍ୟ କ୍ରୀଡ଼ା ସଙ୍ଗଠନର ଅଧିକାରୀ ଓ କର୍ମକର୍ତ୍ତାମାନେ ଓଡ଼ିଶା କ୍ରୀଡାନୀତି ଉପରେ ନିଜର ମତ ରଖିଥିଲେ। ବିଶିଷ୍ଟ କ୍ରୀଡାବିତ, ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଅନ୍ତର୍ଜାତୀୟ କ୍ରିକେଟର ଶିବସୁନ୍ଦର ଦାସ, ଅଲିମ୍ପିଆନ ଅନୁରାଧା ବିଶ୍ୱାଳ, ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ଓଡ଼ିଶା ହ୍ୟାଣ୍ଡବଲ୍ ଆସୋସିଏଶନ୍ ସଭାପତି ବିପ୍ଳବ ଚୌଧୁରୀ, ଦୃଷ୍ଟିବାଧିତ କ୍ରିକେଟର ଜାଫର ଇକବାଲ୍, ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନର ସଦସ୍ୟବୃନ୍ଦ, ପୂର୍ବତନ କ୍ରୀଡାବିତ୍ ତଥା ନ୍ୟୁରୋସାଇଣ୍ଟିଷ୍ଟ ଲଗ୍ନଜିତ ଦାଶ, ହାଇ ପରଫରମାନ୍ସ ସେଣ୍ଟରରୁ ମାର୍ଟିନ୍ ଓଏନ୍ସ ଓ ବାପି ରାଇ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରେଡେଶନ ଅପେକ୍ଷା ରାଜ୍ୟରେ ବେଶୀ ପଦକ ଆସୁଥିବା ଖେଳକୁ ପ୍ରମୋଟ କରାଯିବା ଉପରେ ଲଳିତେନ୍ଦୁ ଗୁରୁତ୍ୱ ଦେଇଥିଲେ। କେତେକ ଘରୋଇ ଅନୁଷ୍ଠାନ ସେମାନଙ୍କ ନିଜସ୍ୱ ଉଦ୍ୟମରେ କ୍ରୀଡ଼ାର ପ୍ରଚାର ପ୍ରସାର ଚଳାଇଛନ୍ତି। ସେମାନଙ୍କ ପାଇଁ ରାଜ୍ୟ କ୍ରୀଡ଼ା ପଲିସିରେ କିଛି ରହିବା ଆବଶ୍ୟକ। ସେହିପରି କୋଚ୍‌ଙ୍କୁ ଗୁରୁତ୍ୱ ଦିଆଯିବା ଆବଶ୍ୟକ ବୋଲି ମଧ ମତ ପ୍ରକାଶ ପାଇଥିଲା। କ୍ରୀଡା ସଚିବ ଭାସ୍କର ଜ୍ୟୋତି ଶର୍ମା ସ୍ୱାଗତ ଓ ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଯୁଗ୍ମ ସଚିବ ଶୈଳେନ୍ଦ୍ର ଜେନା "ଡ୍ରାଫ୍ଟ ସ୍ପୋର୍ଟ୍ସ ପଲିସି"ର ଉପସ୍ଥାପନା କରିଥିଲେ।




ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।



ବାନ୍ଧବୀ ଭିକ୍ଟୋରିଆଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି ଓଡ଼ିଶାର ଅନ୍ତର୍ଜାତୀୟ ମାଷ୍ଟର ଚେସ୍ ତାରକା ଅନ୍ୱେଷ ଉପାଧ୍ୟାୟ।

# ସୁଶ୍ରୀଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ



ମାଧୁରୀ ମେହେଟା



ସୁଶ୍ରୀ ଦିବ୍ୟଦର୍ଶିନୀ

## ସିନିୟର ମହିଳା ଟି୨୦
## ମିଜୋରାମକୁ ୧୩୦ ରନରେ ହରାଇଲା ଓଡ଼ିଶା

**ଭୁବନେଶ୍ୱର, ୨୨।୧୦ (ତପନ ସ୍ୱାଇଁ)**

ସୁଶ୍ରୀ ଦିବ୍ୟଦର୍ଶିନୀଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ବଳରେ ଓଡ଼ିଶା ଭଦୋଦରାରେ ମଙ୍ଗଳବାର ଅନୁଷ୍ଠିତ ସିନିୟର ମହିଳା ଟି୨୦ କ୍ରିକେଟ ମ୍ୟାଚରେ ମିଜୋରାମକୁ ୧୩୦ ରନରେ ପରାସ୍ତ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶା ୨୦ ଓଭରରେ ୪ ଉଇକେଟ ହରାଇ ୧୬୨ ରନ କରିଥିଲା। ମାଧୁରୀ ମେହେଟା ୩୯ଟି ବଲ୍‌ର ସମ୍ମୁଖୀନ ହୋଇ ୫ ଚୌକା ଓ ୨ ଛକା ସହାୟତାରେ ୫୭ ରନକରି ଅପରାଜିତ ରହିଥିଲେ। ସୁଶ୍ରୀ ୨୧ ବଲ୍‌ର ଦ୍ରୁତ ୩୦ ରନ କରିଥିଲେ। ତାଙ୍କ ଇନିଂସ ମଧ୍ୟରେ ଗୋଟିଏ ଲେଖାଏ ଚୌକା ଓ ଛକା ସାମିଲ ଥିଲା। ମିଜୋରାମ ୧୩.୨ ଓଭରରେ ମାତ୍ର ୩୨ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। କୌଣସି ବ୍ୟାଟର ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ବ୍ୟାଟିଂରେ ପ୍ରଭାବିତ କରିଥିବା ଓଡ଼ିଶାର ସୁଶ୍ରୀ ବୋଲିଂରେ ମଧ୍ୟ ଚମତ୍କାରିତା ଦେଖାଇ ନିଜ ୨.୨ ଓଭର ସ୍ପେଲ୍‌ରେ ଗୋଟିଏ ମେଡେନ ନେବା ସହ ମାତ୍ର ୬ ରନ ଦେଇ ୩ଟି ଉଇକେଟ ନେଇଥିଲେ। ରସନାରା ପରବୀନ ୨ ଓଭରରେ ୭ ରନ ବିନିମୟରେ ୨ଟି ଉଇକେଟ ପାଇଥିଲେ। ଉଭୟ ସୁଶ୍ରୀ ଓ ରସନାରା ମିଜୋରାମ ଦଳର ବ୍ୟାଟିଂ ବିପର୍ଯ୍ୟୟ ଘଟାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ସାକ୍ଷୀଙ୍କ ମନ୍ତବ୍ୟରେ ଭିନେଶଙ୍କ ଅସହମତି



ସାକ୍ଷୀ ମଲିକ                ଭିନେଶ ଫୋଗଟ

**ନୂଆଦିଲ୍ଲୀ,୨୨।୧୦(ପି.ଟି.)**

ରେସ୍‌ଲରମାନଙ୍କ ଆନ୍ଦୋଳନ ଭିନେଶ ଫୋଗଟ ଓ ବଜରଙ୍ଗ ପୁନିଆଙ୍କ ପାଇଁ ଦୁର୍ବଳ ହୋଇ ଯାଇଥିଲା ବୋଲି ନିଜ ପୁସ୍ତକ 'ୱିଟ୍‌ନେସ୍'ରେ ଉଲ୍ଲେଖ କରିଥିଲେ ସାକ୍ଷୀ ମଲିକ୍। ସୋମବାର ଏହା ଉପରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ତାରକା ରେସ୍‌ଲର ତଥା କଂଗ୍ରେସ ବିଧାୟିକା ଭିନେଶ ଫୋଗଟ। ଉଭୟ ଭିନେଶ ଓ ବଜରଙ୍ଗ ଏସିଆନ୍ ଗେମ୍ସ ପୂର୍ବରୁ ଟ୍ରାଏଲ୍ସରେ ଅଂଶଗ୍ରହଣ କରିବାକୁ ଚାହିଁ ନ ଥିଲେ ବୋଲି ସାକ୍ଷୀ ନିଜ ବହିରେ ଉଲ୍ଲେଖ କରିଥିଲେ। ମଙ୍ଗଳବାର ଭିନେଶ ଏହା ଉପରେ ପ୍ରତିକ୍ରିୟା ରଖିବା ସହ ସାକ୍ଷୀଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସାକ୍ଷୀ ବହିରେ ଯାହା ଲେଖିଛନ୍ତି ତାହା ତାଙ୍କର ବ୍ୟକ୍ତିଗତ ମତ ଓ ମୁଁ ସେଥିରେ ଅସହମତ ବୋଲି କହିଛନ୍ତି ଭିନେଶ।

ମହିଳା ରେସ୍‌ଲରଙ୍କୁ ଭାରତୀୟ ରେସ୍‌ଲିଂ ମହାସଂଘ(ଡବ୍ଲ୍ୟୁଏଫ୍‌ଆଇ) ସଭାପତି ବ୍ରିଜଭୂଷଣ ଶରଣ ସିଂଙ୍କ ଯୌନ ଶୋଷଣ ବିରୋଧରେ ହୋଇଥିବା ଆନ୍ଦୋଳନରେ ଏହି ସାକ୍ଷୀ ମଲିକ, ବଜରଙ୍ଗ ପୁନିଆ ଓ ଭିନେଶ ଫୋଗଟ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସେମାନଙ୍କର ଏହି ନିଷ୍ପତ୍ତି ପଛରେ ସେମାନଙ୍କ ସ୍ୱାର୍ଥ ନିହିତ ଥିବା ଲୋକଙ୍କ ମନରେ ଧାରଣା ସୃଷ୍ଟି ହୋଇଥିଲା ବୋଲି ସାକ୍ଷୀ ପୁସ୍ତକରେ ଉଲ୍ଲେଖ କରିଥିଲେ। ଆନ୍ଦୋଳନରେ ସାମିଲ ଥିବା ୩ ପ୍ରମୁଖ ରେସ୍‌ଲରଙ୍କ ମଧ୍ୟରେ ସାକ୍ଷୀ ଅନ୍ୟତମ ଥିଲେ। ଭିନେଶ କହିଛନ୍ତି ଏହା ସାକ୍ଷୀଙ୍କ ବ୍ୟକ୍ତିଗତ ମତ। ହୁଏତ ମୁଁ ଦୁର୍ବଳ ହୋଇପାରେ ମାତ୍ର ଆମ ଲଢେଇ ଆଦୌ ଦୁର୍ବଳ ନୁହେଁ ବୋଲି ସେ ବିଶ୍ୱାସ କରନ୍ତି ବୋଲି କହିଛନ୍ତି ଭିନେଶ। ଯେ ପର୍ଯ୍ୟନ୍ତ ସାକ୍ଷୀ, ବଜରଙ୍ଗ ଓ ଭିନେଶ ଜୀବିତ ଅଛନ୍ତି ସେ ପର୍ଯ୍ୟନ୍ତ ବ୍ରିଜଭୂଷଣଙ୍କ ବିରୋଧରେ ଆନ୍ଦୋଳନ ଜାରି ରହିବ ବୋଲି କହିଛନ୍ତି ଭିନେଶ। ବିଜୟ ପାଇଁ ପ୍ରସ୍ତୁତ ଥିବା ବ୍ୟକ୍ତି କେବେ ଦୁର୍ବଳ ନ ଥାଏ। ଆମ ରାସ୍ତାରେ ଯେତେ ବି ବାଧା ବିଘ୍ନ ଆସୁ ନା କାହିଁକି ଆମେ ବିଜୟୀ ହେବାକୁ ଚେଷ୍ଟା କରିବୁ ବୋଲି କହିଛନ୍ତି ଭିନେଶ। ୱିଟ୍‌ନେସ୍‌ରେ ସାକ୍ଷୀ ଲେଖିଛନ୍ତି, ବଜରଙ୍ଗ ଓ ଭିନେଶଙ୍କ କେତେଜଣ ଘନିଷ୍ଠ ଲୋକ ସେମାନଙ୍କୁ ଲୋଭଗ୍ରସ୍ତ କରାଇଥିଲେ। ଫଳସ୍ୱରୂପ ଆନ୍ଦୋଳନରେ ଫାଟ ଦେଖାଦେଇଥିଲା। ବ୍ରିଜଭୂଷଣ ଭାରତୀୟ ରେସ୍‌ଲିଂ ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ)ର ସଭାପତି ଥିବାବେଳେ ମହିଳା ରେସଲରମାନଙ୍କୁ ଯୌନ ଶୋଷଣ କରୁଥିଲେ ବୋଲି ଅଭିଯୋଗ ଆଣିଥିଲେ। ଏ ନେଇ ଏକ ମାମଲା ଏବେ ଦିଲ୍ଲୀ କୋର୍ଟରେ ବିଚାରାଧୀନ ରହିଛି।

ଏହି ମାମଲାରେ ଡବ୍ଲ୍ୟୁଏଫ୍‌ଆଇକୁ ସସ୍‌ପେଣ୍ଡ କରାଯିବା ପରେ ଆଡହକ୍ କମିଟି ପରିଚାଳନା ଦାୟିତ୍ୱ ନେଇଥିଲା। ୨୦୨୩ ଏସିଆନ୍ ଗେମ୍ସ ପାଇଁ ଉଭୟ ବଜରଙ୍ଗ ଓ ଭିନେଶ ଟ୍ରାଏଲ୍ସରୁ କ୍ଷାନ୍ତ ଚାହିଁଥିଲେ। ସାକ୍ଷୀ କିନ୍ତୁ ସାଥୀ ଖେଳାଳିଙ୍କ ପ୍ରସ୍ତାବକୁ ଗ୍ରହଣ କରି ନ ଥିଲେ। ସାକ୍ଷୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନ ଥିବା ବେଳେ ଭିନେଶ ଗେମ୍ସ ପୂର୍ବରୁ ଆହତ ହୋଇଥିଲେ। ବଜରଙ୍ଗ ପ୍ରତିଯୋଗିତାରେ ଭାଗନେଇ ପଦକ ଜିତିପାରି ନ ଥିଲେ।

## ଗ୍ଲାସ୍‌ଗୋ ୨୦୨୬ ରାଜ୍ୟଗୋଷ୍ଠୀ କ୍ରୀଡ଼ା କାର୍ଯ୍ୟସୂଚୀ

# ହକି, ରେସ୍‌ଲିଂ, ବ୍ୟାଡ୍‌ମିଣ୍ଟନ ବାଦ୍ ପଡ଼ିଲା

### ପ୍ରଭାବିତ ହେବ ଭାରତର ପଦକ ସଂଖ୍ୟା

**ଲଣ୍ଡନ,୨୨।୧୦(ପି.ଟି.)**

ରାଜ୍ୟଗୋଷ୍ଠୀ କ୍ରୀଡା ୨୦୨୬ ଗ୍ଲାସ୍‌ଗୋରେ ଆୟୋଜିତ ହେବାକୁ ଯାଉଥିବା ବେଳେ ଏଥିରୁ ହକି, ବ୍ୟାଡମିଣ୍ଟନ,ରେସ୍‌ଲିଂ, କ୍ରିକେଟ ଓ ଶୁଟିଂ ପରି କ୍ରୀଡାକୁ ବାଦ ଦିଆଯାଇଛି। ଖର୍ଚ୍ଚକାଟକୁ ଦୃଷ୍ଟିରେ ରଖି ଆସନ୍ତା ଗେମ୍‌ରୁ ଏହି ସମସ୍ତ କ୍ରୀଡାକୁ ହଟାଇ ଦିଆଯାଇଛି। ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଇଭେଣ୍ଟ ସଂଖ୍ୟା ୧୯ ରହିଥିବା ବେଳେ ଚଳିତବର୍ଷ ଏହାକୁ ୧୦କୁ ହ୍ରାସ କରାଯାଇଛି। ପରିଚାଳନାକୁ ଅଧିକ ସମର୍ଥନକରିବା ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଥିବା ବେଳେ ଟେବୁଲ ଟେନିସ୍, ଟ୍ରାଇଥଲନ୍ ଓ ସ୍କ୍ୱାଶ୍ ପରି ଇଭେଣ୍ଟକୁ ବାଦ ଦିଆଯାଇଛି। ଆଥଲେଟିକ୍ସ ଓ ପାରା ଆଥଲେଟିକ୍ସ, ସନ୍ତରଣ ଓ ପାରା ସନ୍ତରଣ, ଆର୍ଟିଷ୍ଟିକ୍ସ ଜିମ୍ନାଷ୍ଟିକ୍ସ, ଟ୍ରାକ୍ ସାଇକ୍ଲିଂ ଓ ପାରା ଟ୍ରାକ୍ ସାଇକ୍ଲିଂ, ନେଟ୍ ବଲ୍, ଭାରୋତ୍ତୋଳନ ଓ ପାରା ଶକ୍ତି ଉତ୍ତୋଳନ, ବକ୍ସିଂ, ଜୁଡୋ, ବୋଲ୍ସ ଓ ପାରା ବୋଲ୍ସ, ଥ୍ରୀ ଏ ସାଇଡ୍ ବାସ୍କେଟ ବଲ୍ ଓ ଥ୍ରୀ ଏ ସାଇଡ ହୁଇଲ ଚେୟାର ବାସ୍କେଟବଲକୁ ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡାରେ ସାମିଲ କରାଯାଇଛି। ୧୨ ବର୍ଷ ପରେ ଗ୍ଲାସ୍‌ଗୋକୁ ଏହି ଇଭେଣ୍ଟ ପ୍ରତ୍ୟାବର୍ତ୍ତନ କରିଛି। ଜୁଲାଇ ୨୩ରୁ ଅଗଷ୍ଟ ୨ ମଧ୍ୟରେ ଏହା ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ତେବେ ଏହି କ୍ରୀଡ ଇଭେଣ୍ଟ ଭାରତର ପଦକ ତାଲିକାକୁ ପ୍ରଭାବିତ କରିବ। ଭାରତର ସର୍ବାଧିକ ପଦକ ଶୁଟିଂ ଓ ରେସ୍‌ଲିଂରୁ ଆସିଥାଏ। ଶୁଟିଂକୁ ପରିବହନରେ ଅସୁବିଧା ଦର୍ଶାଇ ବର୍ମିଂହାମ ଗେମ୍ସରୁ ବନ୍ଦ କରାଯାଇଥିଲା। ଚଳିତ ବର୍ଷ କୁସ୍ତି,ବ୍ୟାଡମିଣ୍ଟନ ଓ କ୍ରିକେଟ ପରି ଇଭେଣ୍ଟକୁ ମଧ୍ୟ ବାଦ ଦିଆଯାଇଛି।

ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମାତ୍ର ୪ ଭେନ୍ୟୁ ରଖାଯାଇଛି। କମନୱେଲ୍‌ଥ ଆରେନା, ସାର୍ କ୍ରିସ୍ ହୟ ଭେଲ୍‌ଡୋରମ, ସ୍କଟ୍‌ସଟାଉନ ଷ୍ଟାଡିୟମ ଓ ଟୋଲ୍‌କ୍ରସ ଇଣ୍ଟରନ୍ୟାଶନାଲ ସୁଇମିଂ ସେଣ୍ଟରରେ ଏହି ଇଭେଣ୍ଟଗୁଡିକ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ଡୁନ୍ଡିରେ ଥିବା ଶୁଟିଂ ଷ୍ଟାଡିୟମ ମୁଖ୍ୟ ଭେନ୍ୟୁ ନିକଟରୁ ୧୦୦ କିମି ଦୂରରେ ଥିବା ବେଳେ ପରିବହନ ସମସ୍ୟା କାରଣରୁ ଶୁଟିଂକୁ ବାଦ ଦିଆଯାଇଛି। ସାର୍ କ୍ରିସ୍ ହୟ ଭେଲ୍‌ଡୋରମରେ ବ୍ୟାଡମିଣ୍ଟନ ଖେଳର ସୁବିଧା ଥିଲେ ମଧ୍ୟ ସେଠାରେ କେବଳ ସାଇକ୍ଲିଂ ଇଭେଣ୍ଟ ଆୟୋଜିତ ହେବ। ୨୦୨୬ରେ ରାଜ୍ୟଗୋଷ୍ଠୀ କ୍ରୀଡା ଆରମ୍ଭରୁ ଅଷ୍ଟ୍ରେଲିଆର ଭିକ୍ଟୋରିଆରେ ହେବାର କାର୍ଯ୍ୟକ୍ରମ ରହିଥିଲା। ତେବେ ବର୍ଦ୍ଧିତ ଖର୍ଚ୍ଚକୁ ଦୃଷ୍ଟିରେ ରଖି ଅଷ୍ଟ୍ରେଲିଆ ଓହରି ଯାଇଥିବା ବେଳେ ବର୍ତ୍ତମାନ ଏହା ସ୍କଟଲାଣ୍ଡର ଗ୍ଲାସ୍‌ଗୋରେ ଅନୁଷ୍ଠିତ ହେବାକୁ ଯାଉଛି। ଭାରତ ଶୁଟିଂରେ ୧୩୫ ପଦକ ବିଜୟୀ ହୋଇଥିବା ବେଳେ କୁସ୍ତିରେ ୧୧୪ ପଦକ ବିଜୟୀ ହୋଇଛି। ସେହିପରି ବ୍ୟାଡମିଣ୍ଟନରୁ ମଧ୍ୟ ଭାରତ ୩୧ ପଦକ କରାୟତ କରିଥିଲା।

# ଫୁଟ୍‌ବଲ ମ୍ୟାଚ: ଗୁଳିକାଣ୍ଡରେ ୫ ନିହତ

**ୟସାନ୍ ଜୁଆନ (ପୁର୍ତ୍ତୋରିକୋ) ୨୨।୧୦ (ଏପି)**

ଜାମାଇକାରେ ଏକ ଫୁଟ୍‌ବଲ ମ୍ୟାଚ ଚାଲିଥିବା ବେଳେ ଗୁଳିକାଣ୍ଡ ଘଟି ୫ ନିହତ ହୋଇଥିବା ବେଳେ ବହୁତ ଆହତ ହୋଇଛନ୍ତି। ସୋମବାର କିଙ୍ଗଷ୍ଟନ ରାଜଧାନୀରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଚାଲିଥିବା ବେଳେ ଶୁଟିଂ ହୋଇଥିଲା। ଏଥିରେ କେତେ ଆହତ ହୋଇଛନ୍ତି ତାହା ସ୍ପଷ୍ଟହୋଇନଥିବା ସ୍ଥାନୀୟ ପୋଲିସ କହିଛି। ସ୍ଥାନୀୟ ଏକ ଖବରକାଗଜରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ଏହି ମ୍ୟାଚ ଫ୍ଲିଜାଣ୍ଟ ହାଇଟ୍ସରେ ଖେଳାଯାଇଥିଲା। ଏହି ପଡ଼ିଆରେ ଅତୀତରେ ଗ୍ୟାଙ୍ଗ ହିଂସା ହେବାର ଦୃଷ୍ଟାନ୍ତ ରହିଛି।

# ଅଡିଟ୍ ଓ ଆକାଉଣ୍ଟ୍ସ ପୂର୍ବାଞ୍ଚଳ ବ୍ୟାଡ୍‌ମିଣ୍ଟନ ଉଦ୍‌ଘାଟିତ

**ଭୁବନେଶ୍ୱର, ୨୨।୧୦ (ତପନ ସ୍ୱାଇଁ)**

ସ୍ଥାନୀୟ ମହାଲେଖାକାର (ଅଡିଟ-୨) କାର୍ଯ୍ୟାଳୟ ଆନୁକୂଲ୍ୟରେ ଅଡିଟ ଓ ଆକାଉଣ୍ଟ୍ସ ପୂର୍ବାଞ୍ଚଳ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ମଙ୍ଗଳବାର ପୂର୍ବତଟ ରେଲୱେ ଇନ୍‌ଡୋର ଷ୍ଟାଡିୟମ୍‌ରେ ଉଦ୍‌ଘାଟିତ ହୋଇଛି। ଏଥିରେ ୭୦ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ମହାଲେଖାକାର ବିଶ୍ୱନାଥ ସିଂ ଜାଡ଼ନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ପ୍ରଧାନ ମହାଲେଖାକାର ରାଜ କୁମାର ମୁଖ୍ୟଅତିଥି, ବରିଷ୍ଠ ଉପ ମହାଲେଖାକାର ଶ୍ରୀରାଜ ଅଶୋକ, ଶିବ ଶଙ୍କର, ଉପ ମହାଲେଖାକାର ତାନ୍ୟା ଆମ୍ବାସ୍ତା,ବାଳକ୍ରୀଷ୍ଣା ନାଲ୍ଲାମୋଥୁ, ଭୀମଲେଶ କୁମାର, ସଞ୍ଜୟ କୁମାର, ବିଭ୍ରାଂଶୁ ଶେଖର ନାୟକ, କଲ୍ୟାଣ ଅଧିକାରୀ, ଅଶୋକ କୁମାର ପଣ୍ଡା ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଟୁର୍ନାମେଣ୍ଟ ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଉଦ୍‌ଘାଟନୀ ଉତ୍ସବକୁ ବରିଷ୍ଠ ଲେଖା ପରୀକ୍ଷା ଅଧିକାରୀ ବି.ବି. ରାୟ,ଏଜି ରିକ୍ରିଏଶନ କ୍ଲବର ସମ୍ପାଦକ ଭି. ଆନନ୍ଦ ଭଟ୍ଟ, ସରୋଜ କୁମାର ବାରିକ, ସହକାରୀ ଲେଖା ଅଧିକାରୀ ଚିତ୍ରସେନ ମହାନ୍ତି, କମଲ କିରଣ, ବବିତା ରାଣୀ ସେଠୀ ପରିଚାଳନା କରିଥିଲେ।



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

### ଜାତୀୟ ପାରା ସନ୍ତରଣ

# ୨୬ ପଦକ ସହ ଓଡ଼ିଶା ସପ୍ତମ

**ଭୁବନେଶ୍ୱର,୨୨।୧୦(ସରୋଜ ଜେନା)**

ଗୋଆର ପଣଜୀରେ ଅନୁଷ୍ଠିତ ୨୪ ତମ ଜାତୀୟ ପାରା ସନ୍ତରଣ ଚାମ୍ପିୟନଶିପରେ ୨୬ ପଦକ ସହ ସପ୍ତମ ସ୍ଥାନରେ ଅଭିଯାନ ଶେଷ କରିଛି। ପ୍ରଥମ ଦୁଇ ଦିନରେ ୧୬ ପଦକ ଜିତି ସାରିଥିବା ଓଡ଼ିଶା ଅନ୍ତିମ ଦିନରେ ଆଉ ୯ ପଦକ ଜିତିଥିଲା। ୨୮ ରାଜ୍ୟର ସମୁଦାୟ ୫୧୮ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ବେଳେ ଓଡ଼ିଶା ୧୦୧ ପଏଣ୍ଟ ଅର୍ଜନ କରିଥିଲା। ଓଡ଼ିଶା ଖେଳାଳିମାନେ ସମୁଦାୟ ୧୩ ସ୍ୱର୍ଣ୍ଣ, ୧୦ ରୌପ୍ୟ ଓ ୩ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି। ଓଡ଼ିଶା ଚଳିତ ସଂସ୍କରଣରେ ୨୫ ଜଣିଆ ଦଳ ପ୍ରେରଣ କରିଥିଲା। କର୍ଣାଟକ ୩୯୨ ପଏଣ୍ଟ ସହ ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ମହାରାଷ୍ଟ୍ର ୩୭୮ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଥିଲା। ଅନ୍ୟ ପକ୍ଷରୁ ରାଜସ୍ଥାନ ୨୪୮ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହି ବ୍ରୋଞ୍ଜ ପଦକ ହାସଲ କରିଥିଲା।

### ଇଣ୍ଡିଆନ୍ ସୁପର ଲିଗ୍

# ଓଏଫ୍‌ସିର ଦ୍ୱିତୀୟ ବିଜୟ

**ଭୁବନେଶ୍ୱର,୨୨।୧୦(ସରୋଜ ଜେନା)**

କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ଇଣ୍ଡିଆନ୍ ସୁପର୍ ଲିଗ୍‌ର ଇଷ୍ଟ ବେଙ୍ଗଲ ଏଫ୍‌ସି ବିପକ୍ଷ ମ୍ୟାଚ୍‌କୁ ୨-୧ରେ ଜିତି ନେଇଛି ଓଡ଼ିଶା ଫୁଟବଲ କ୍ଲବ(ଓଏଫ୍‌ସି)। ଦଳ ପକ୍ଷରୁ ରୟ କ୍ରିଷ୍ଣା (୨୨ ମିନିଟ) ଓ ମୋର୍ଟାଡା ଫଲ୍(୬୯) ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଅନ୍ୟ ପକ୍ଷରେ ଇଷ୍ଟବେଙ୍ଗଲ ପକ୍ଷରୁ ଦିମିତ୍ରୋସ ଡିମାଣ୍ଟାକୋସ(୪୫+୪) ମିନିଟରେ ଏକମାତ୍ର ଗୋଲ ପରିଶୋଧ କରିଥିଲେ। ଚଳିତ ସିଜନରେ ଏହା ଓଏଫ୍‌ସିର ଦ୍ୱିତୀୟ ବିଜୟ ହୋଇଥିବା ବେଳେ ଦଳ ୫ ମ୍ୟାଚ୍‌ରୁ ୭ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟ ପକ୍ଷରେ ଷଷ୍ଠ ମ୍ୟାଚ୍ ଖେଳିଥିବା ଇଷ୍ଟବେଙ୍ଗଲ ସମସ୍ତ ମ୍ୟାଚ୍‌ରେ ପରାଜିତ ହୋଇଛି।

ପ୍ରଥମ ୧୦ ମିନିଟରେ ଇଷ୍ଟବେଙ୍ଗଲ ଜୋରଦାର ଆକ୍ରମଣ କରିଥିବା ବେଳେ ପରବର୍ତ୍ତୀ ସମୟରେ ଓଏଫ୍‌ସି ଖେଳକୁ ନିୟନ୍ତ୍ରଣରେ ରଖିଥିଲା। ମ୍ୟାଚ୍‌ର ୨୨ ତମ ମିନିଟରେ ରୟ କ୍ରିଷ୍ଣା ଓଏଫ୍‌ସି ପାଇଁ ପ୍ରଥମ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧ ଶେଷ ହେବାର ଠିକ୍ ପୂର୍ବରୁ ଦିମିତ୍ରୋସ ଡିମାଣ୍ଟାକୋସ ମ୍ୟାଚ୍‌କୁ ସମାନ୍ତର ସ୍ଥିତିକୁ ଆଣିଥିଲେ। ଲାଲଥାଥାଙ୍ଗା ଖାୱ୍ଲିଙ୍ଗ ଏକ ହ୍ୟାଣ୍ଡବଲ କରିବାରୁ ଇଷ୍ଟବେଙ୍ଗଲକୁ ପେନାଲ୍ଟି କିକ୍ ମିଳିଥିଲା। ପ୍ରଥମାର୍ଦ୍ଧ ୧-୧ରେ ଶେଷ ହେବା ପରେ ଦ୍ୱିତୀୟାର୍ଦ୍ଧର ୬୯ ତମ ମିନିଟରେ ଜାହୋହୋଙ୍କ ଫ୍ରି କିକ୍‌କୁ ହେଡର ଜରିଆରେ ସ୍କୋର କରିଥିଲେ ଫଲ୍।






ଓଡ଼ିଶା ଏଫ୍‌ସି ଓ ଇଷ୍ଟ ବେଙ୍ଗଲ ମଧ୍ୟରେ ଅନୁଷ୍ଠିତ ମ୍ୟାଚ। ଗୋଲ ଦେବାପରେ ଉଲ୍ଲସିତ ରୟ କ୍ରିଷ୍ଣା। (ଫଟୋ: ବିକାଶ ନାୟକ)

# ଅଧିକ ଅମଳକ୍ଷମ ସୋରିଷ ଚାଷ



ଅଧିକ ଅମଳକ୍ଷମ ସୋରିଷ ଚାଷ ପାଇଁ ଉନ୍ନତ କିସମର ବିହନ ଚୟନ କରନ୍ତୁ। ତା' ସହ ଚାଷ ସମୟରେ ଏଥିରେ ଦେଖାଦେଉଥିବା ବିଭିନ୍ନ ପ୍ରକାର ରୋଗପୋକ ବିଷୟରେ ସଚେତନ ରୁହନ୍ତୁ। ସୋରିଷ ଚାଷରେ ପାଉଁଶିଆ ରୋଗ ଦମନ ପାଇଁ ପ୍ରୋପିକୋନାଜୋଲ୍ ୧ ମି.ଲି. କିମ୍ବା କାରାଥେନ୍ ୧ ମି.ଲି./୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଜଉପୋକ ଦମନ ପାଇଁ ହେକ୍ଟର ପ୍ରତି ୧୦୦୦ ମି.ଲି. ଡାଇମିଥୋଏଟ୍ ୩୦ ଇ.ସି. କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୫ ମି.ଲି. ବା ଥାୟୋମିଥୋକ୍ଜାମ୍ ୨୫ ଏସ୍.ଜି. – ୧୨୫ ଗ୍ରାମ୍‌କୁ ୫୦୦ ଲିଟର ପାଣିରେ ମିଶାଇ ଉପରବେଳା ସିଞ୍ଚନ କରନ୍ତୁ । ଫସଲରେ ପତ୍ରଚିତା ଦାଗ ଦେଖାଦେଲେ ଏହାର ଦମନ ପାଇଁ ହେକ୍ଟର ପ୍ରତି ୧.୫ କି.ଗ୍ରା. କପର ଅକ୍ସିକ୍ଲୋରାଇଡ୍ ବା ୧.୫ କି.ଗ୍ରା. ମାଙ୍କୋଜେବ୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । କରତିଆ ମାଛି/ପତ୍ରଛନ୍ଦା ପୋକର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ମି.ଲି. ଇଥୋଫେନ୍‌ପ୍ରକ୍ସ ୧୦ ଇ.ସି. କିମ୍ବା ୫୦୦ ମି.ଲି. ଇଣ୍ଡକ୍ସାକାର୍ବ ୧୪.୫% ଇ.ସି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

# ଫଳ ଚାଷ

ଅମୃତଭଣ୍ଡା ଗଛର ମୂଳଶଢ଼ା ରୋଗ ପ୍ରତିକାର ପାଇଁ ଗଛମୂଳକୁ ମାଟି ଟେକନ୍ତୁ ଓ ପାଣି ଜମିବାକୁ ଦିଅନ୍ତୁ ନାହିଁ ରୋଗଣା ଗଛକୁ ବାହାର କରିଦିଅନ୍ତୁ। ମେଟାଲାକ୍ସିଲ୍ + ମାଙ୍କୋଜେବ୍ (ରିଡୋମିଲ୍ ଏମ୍.ଜେଡ୍) ୧ ଲିଟର ପାଣିରେ ୨ ଗ୍ରାମ୍ ମିଶାଇ ଗଛ ମୂଳରେ ମାଟି ଭିଜା କରନ୍ତୁ। ବର୍ଷାଦିନେ ଲେମ୍ବୁରେ ଫାଇଟୋଫ୍‌ଥୋରା ଶଢ଼ା ରୋଗ ପ୍ରାଦୁର୍ଭାବ ବେଶି ହୁଏ । ଗଛ ଗଣ୍ଡିର ନିମ୍ନ ଭାଗରୁ ଅଠା ବାହାରେ। ଏହାର ଦମନ ପାଇଁ ଆକ୍ରାନ୍ତ ହୋଇଥିବା ଡାଳପତ୍ରକୁ ଗଛରୁ କାଟି ଦିଅନ୍ତୁ। ବୋର୍ଡୋ ମିକ୍ସଚର ବା ଦ୍ରବଣ ସିଞ୍ଚନ କରନ୍ତୁ ଓ କଟା ଜାଗାରେ ପ୍ରଲେପ ଦିଅନ୍ତୁ। ଏକ ମାସ ଅନ୍ତରରେ କପର ଅକ୍ସିକ୍ଲୋରାଇଡ୍ ୧ ଲିଟର ପାଣିରେ ୩ ଗ୍ରାମ୍ ମିଶାଇ ସିଞ୍ଚନ କରନ୍ତୁ। ୦.୫% ବୋର୍ଡୋକ୍ସ ମିକ୍ସଚରକୁ ୧୫ ଦିନ ଅନ୍ତରରେ ସିଞ୍ଚନ କରାଯାଇପାରିବ।



# ଅର୍ଦ୍ଧକମ୍ପୋଷ୍ଟ ପ୍ରଣାଳୀରେ ପାଳଛତୁ ଚାଷ



ଡ. ବିକ୍ରମ କେଶରୀ ପାଣି

ଚାଷ କରାଯାଉଥିବା ସବୁ ଖାଦ୍ୟୋପଯୋଗୀ ଛତୁ ମଧ୍ୟରେ ପାଳଛତୁର ସୁଆଦ ଖୁବ୍ ନିଆରା । ସରଳ ଚାଷ ପଦ୍ଧତି, କମ୍ ପୁଞ୍ଜି ବିନିଯୋଗ, ସୀମିତ ଜାଗାର ଆବଶ୍ୟକତା, ସହଳ ଅମଳ, ଅଧିକ ଲାଭ ତଥା ଉନ୍ନତ ଖାଦ୍ୟଗୁଣ ହେତୁ ଆମ ରାଜ୍ୟର ଉଭୟ ଚାଷୀ ଓ ଖାଉଟିମାନଙ୍କ ପାଖରେ ଖୁବ୍ ଆଦୃତ ହୋଇପାରିଛି ଏହି ଛତୁ । ପାଳଛତୁ ଉତ୍ପାଦନରେ ସମଗ୍ର ଭାରତବର୍ଷରେ ଓଡ଼ିଶାର ସ୍ଥାନ ପ୍ରଥମ । ଏହି ଛତୁ ଚାଷକରିବା ପାଇଁ ମୁଖ୍ୟ ଉପାଦାନ ହେଉଛି ଧାନ ନଡ଼ା । ଦେଖାଯାଉଛି ଯେ, ବିଭିନ୍ନ କାରଣରୁ ଧାନ ନଡ଼ାର ପରିମାଣ, ବିଶେଷକରି ବିଡ଼ା ନଡ଼ାର ପରିମାଣ ଦିନକୁ ଦିନ ହ୍ରାସ ପାଉଛି । କୃଷି କ୍ଷେତ୍ରରେ ବିଭିନ୍ନ ପ୍ରକାର ଧାନ ଅମଳ ଯନ୍ତ୍ରର ବ୍ୟବହାର ବୃଦ୍ଧି ପାଉଥିବାରୁ ଭବିଷ୍ୟତରେ ବିଡ଼ା ନଡ଼ା ପରିବର୍ତ୍ତେ ପାଳ/ କୁଟା/ ଗୁଣ୍ଡ ନଡ଼ାର ପରିମାଣ ତଦନୁଯାୟୀ ବୃଦ୍ଧି ପାଇବ । ପାଳ ବା କୁଟାକୁ ଛତୁଚାଷ ପାଇଁ ସ୍ଥଳ ବିଶେଷରେ ବ୍ୟବହାରକରା ଯାଉଥିଲେ ମଧ୍ୟ ସେଥିରୁ ପାଳଛତୁ ଉତ୍ପାଦନ ସେତେଟା ସନ୍ତୋଷଜନକ ନୁହେଁ। ଧାନ ଅମଳ ଯନ୍ତ୍ରରୁ ବାହାରୁଥିବା ଗୁଣ୍ଡ ନଡ଼ା ବ୍ୟବହାରକରି ପାଳଛତୁ ଉତ୍ପାଦନ କରିବାର କୌଣସି ଫଳପ୍ରଦ କୌଶଳ ମଧ୍ୟ ନାହିଁ। ଏଭଳି ପରିସ୍ଥିତି ଭବିଷ୍ୟତରେ ଓଡ଼ିଶାର ପାଳଛତୁ ଶିଳ୍ପ ପାଇଁ ସଙ୍କଟଜନକ ସ୍ଥିତି ସୃଷ୍ଟି କରିବା ନିଶ୍ଚିତ । ଭବିଷ୍ୟତର ସଙ୍କଟ ଓ ଆବଶ୍ୟକତାକୁ ଅନୁମାନକରି ମୁଁ ସର୍ବପ୍ରଥମେ ୨୦୧୬ ମସିହାରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ ପ୍ରାଥମିକ ଉଦ୍ୟମ ଆରମ୍ଭ କରିଥିଲି ଏବଂ ପରବର୍ତ୍ତୀ ସମୟରେ କ୍ରମାଗତ ଗବେଷଣା ଜାରି ରଖିଥିଲି । ଫଳରେ ଓୟୁଏଟି ଦ୍ୱାରା ବିକଶିତ ହେଲା ଅର୍ଦ୍ଧ କମ୍ପୋଷ୍ଟ ପ୍ରଣାଳୀ । ସରଳ ଚାଷ ପଦ୍ଧତି ଓ ସ୍ୱଳ୍ପ ଖର୍ଚ୍ଚରେ ଅଧିକ ପାଳଛତୁ ଉତ୍ପାଦନ କରିବା ହେଉଛି ଏହି ପ୍ରଣାଳୀର ବିଶେଷତ୍ୱ। ସମ୍ଭବତଃ କେବଳ ଧାନ ନଡ଼ାକୁ ଆଂଶିକ ଭାବରେ ବିଘଟନକରି ସେଥିରେ ସଫଳତା ପୂର୍ବକ ପାଳଛତୁ ଚାଷ କରିବାର ଏହା ଥିଲା ସମଗ୍ର ଭାରତବର୍ଷରେ ଓୟୁଏଟିର ଏକ ଅନନ୍ୟ ପ୍ରୟାସ ଓ ଅନବଦ୍ୟ ଅବଦାନ । ସଙ୍କଟ ଘନେଇବା ପୂର୍ବରୁ ଓୟୁଏଟି ଦ୍ୱାରା ଉଦ୍ଭାବିତ ଏହି ପ୍ରଣାଳୀ ଓଡ଼ିଶାର ପାଳଛତୁ ଶିଳ୍ପ ପାଇଁ ଏକ ବରଦାନ ସାବ୍ୟସ୍ତ ହେବ, ଏହା ନିଃସନ୍ଦେହ । ବଛା ବଛା କେତେଜଣ ଅଗ୍ରଣୀ ପାଳଛତୁ ଚାଷୀ ଓୟୁଏଟିର ଏହି ନୂତନ ପ୍ରଣାଳୀକୁ ଆପଣେଇ ଆଶାନୁରୂପ ସଫଳତା ହାସଲକରି ସାରିଛନ୍ତି । ପ୍ରଚଳିତ ପ୍ରଣାଳୀ ତୁଳନାରେ ଏଥିରେ ଛତୁ ଉତ୍ପାଦନ ପ୍ରାୟ ୨ ଗୁଣ ।

ବୋତାମ ଛତୁ ଚାଷ କରିବା ପାଇଁ ଯେମିତି କମ୍ପୋଷ୍ଟ ତିଆରି କରାଯାଏ, ସେହିପରି ପାଳଛତୁ ପାଇଁ ସେମି କମ୍ପୋଷ୍ଟ ବା ଅର୍ଦ୍ଧ କମ୍ପୋଷ୍ଟ ତିଆରି କରାଯାଏ। କେବଳ ବ୍ୟବହାର କରାଯାଉଥିବା ଉପାଦାନ ଓ ଅନୁସୃତ ପ୍ରଣାଳୀର ଅବଧି ଭିତରେ ଯାହା ଫରକ ଥାଏ । ନୂଆ ପ୍ରଣାଳୀରେ ବିଡ଼ା ନଡ଼ା ବଦଳରେ କଟା ନଡ଼ା/ ଧାନ ଅମଳ ଯନ୍ତ୍ରରୁ ନିର୍ଗତ ଗୁଣ୍ଡ ନଡ଼ା/ ପାଳ/ କୁଟା ଇତ୍ୟାଦି ଛତୁଚାଷର ମାଧ୍ୟମ ଭାବରେ ଉପଯୋଗ କରାଯାଏ । ଶୁଖିଲା ଓଜନ ଭିତ୍ତିରେ ନଡ଼ାରେ ୬ ପ୍ରତିଶତ ଗହମ ଚୋକଡ, ୧.୫ ପ୍ରତିଶତ କୁକୁଡ଼ା ଖତ ଓ ୨ ପ୍ରତିଶତ କ୍ୟାଲସିୟମ କାର୍ବୋନେଟ୍‌କୁ ଆନୁଷଙ୍ଗିକ ପୋଷକ ଉପାଦାନ ଭାବରେ ବ୍ୟବହାର କରାଯାଏ । ପ୍ରଥମେ ପରିଷ୍କାର ସିମେଣ୍ଟ ଚଟାଣ ବା ପଲିଥିନ ଉପରେ ନଡ଼ାକୁ ପତଳା ଭାବରେ ବିଛାଇ ସେଥିରେ ପାଣି ଛିଞ୍ଚି ଭିଜାଯାଏ ଯେମିତିକି ସେଥିରେ ୮୦ ପ୍ରତିଶତରୁ ଅଧିକ ବତର ରହେ । ଦୁଇ ଦିନ ପରେ ସେଥିରେ ଚୋକଡ ଓ କୁକୁଡ଼ା ଖତ ଭଲ ଭାବରେ ମିଶାଇ ୫ ଫୁଟ ଲମ୍ବ, ୫ ଫୁଟ ପ୍ରସ୍ଥ ଓ ୫ ଫୁଟ ଉଚ୍ଚ ଗଦା ପ୍ରସ୍ତୁତକରି ତାକୁ ପଲିଥିନ ଦ୍ୱାରା ଘୋଡ଼େଇ ଦିଆଯାଏ । ଏହାର ୨ଦିନ ପରେ ଗଦାକୁ ଭାଙ୍ଗି ଓଲଟପାଲଟ କରିବାକୁ ପଡ଼େ । ଏହି ସମୟରେ ସେଥିରୁ ଗରମ ବାମ୍ଫ ବାହାରେ । ଗଦା ଭାଙ୍ଗିବା ପୂର୍ବରୁ ସେଥିରେ ୬୫ରୁ ୮୦ ଡିଗ୍ରୀ ଉତ୍ତାପ ଥାଏ । ଏହି ଗରମ ବାମ୍ଫ ଉତ୍ତମ ବିଘଟନ ପ୍ରକ୍ରିୟାର ସୂଚକ ଓ ଏଥିରୁ ପରବର୍ତ୍ତୀ ପର୍ଯ୍ୟାୟରେ ଭଲ ଉତ୍ପାଦନ ମିଳେ । ଓଲଟପାଲଟ କରିବା ଦ୍ୱାରା ସମୁଦାୟ ଗଦା ସମାନ ଭାବରେ ବିଘଟିତ ହୁଏ । ଏହା ପରେ ପୁନର୍ବାର ପୂର୍ବ ଆକୃତିର ଗଦାକରି ତାକୁ ୨ଦିନ ଛାଡ଼ି ଦିଆଯାଏ। ତା'ପରେ ଗଦାକୁ ଆଉ ଥରେ ଭାଙ୍ଗି ଓଲଟପାଲଟ କରି ସେଥିରେ ଆବଶ୍ୟକ କ୍ୟାଲ୍‌ସିୟମ କାର୍ବୋନେଟ୍‌କୁ ଭଲ ଭାବରେ ଫେଣ୍ଟି ଗଦା କରାଯାଏ । ଏହାର ୨ ଦିନ ପରେ ଅର୍ଥାତ୍ ପ୍ରଥମ ଥର ଗଦା ପ୍ରସ୍ତୁତ କରିବାର ମୋଟ ୬ ଦିନ ପରେ ତାହା ଅର୍ଦ୍ଧ କମ୍ପୋଷ୍ଟରେ ପରିଣତ ହୁଏ । କମ୍ପୋଷ୍ଟ ଆଶାନୁରୂପ ହୋଇ ନ ଥିଲେ ଏଥିପାଇଁ ଆଉ ଦିନେ କିମ୍ବା ୨ ଦିନ ଅଧିକ ସମୟ ଲାଗିପାରେ ।

ପ୍ରସ୍ତୁତ କମ୍ପୋଷ୍ଟ ବାଦାମୀ ରଙ୍ଗର ହୋଇଥିବ ଓ ଚିକିଟା ହୋଇ ନ ଥିବ । ସେଥିରେ ୫୦ ରୁ ୬୦ ପ୍ରତିଶତ ବତର ଥିବ । କମ୍ପୋଷ୍ଟରୁ କୌଣସି ଦୁର୍ଗନ୍ଧ ବାହାରୁ ନ ଥିବ । କମ୍ପୋଷ୍ଟ ପ୍ରସ୍ତୁତି ସମୟରେ ଉଚ୍ଚ ତାପମାତ୍ରା ସୃଷ୍ଟି ହେଉଥିବାରୁ ତାହା ପ୍ରାୟତଃ ଜୀବାଣୁ ମୁକ୍ତ ହୋଇଥାଏ ଓ ତାକୁ ସିଧାସଳଖ ପାଳଛତୁ ଉତ୍ପାଦନ ପାଇଁ ଉପଯୋଗ କରାଯାଏ । କମ୍ପୋଷ୍ଟକୁ ପୁନର୍ବାର ଗରମ ବାମ୍ଫରେ ବିଶୋଧନକରି ପାରିଲେ ଅମଳ ଆହୁରି ଅଧିକ ହୁଏ । ପ୍ରସ୍ତୁତ ହୋଇଥିବା କମ୍ପୋଷ୍ଟକୁ ଭଲ ଭାବରେ ଘାଣ୍ଟି ଛତୁ ଘରକୁ ନିଆଯାଏ ଓ ୨ ମିଟର ଲମ୍ବ, ଅଧ ମିଟର ଚଉଡ଼ା ଓ ୧୫ ରୁ ୩୦ ସେ.ମି. ଉଚ୍ଚ ବେଡ୍ ପ୍ରସ୍ତୁତ ହୁଏ। ଗ୍ରୀଷ୍ମଋତୁରେ ବେଡ୍‌ର ଉଚ୍ଚତା କମ୍ ଓ ଶୀତଋତୁରେ ଉଚ୍ଚତା ଅପେକ୍ଷାକୃତ ଅଧିକ ରଖାଯାଏ । ପ୍ରତି ୧୨ କି.ଗ୍ରା. କମ୍ପୋଷ୍ଟରେ ୪୦୦ ଗ୍ରାମ ଛତୁ ମଞ୍ଜି ବ୍ୟବହାର ହୁଏ । ମଞ୍ଜିକୁ ଛୋଟ ଛୋଟ ଖଣ୍ଡକରି ବେଡ୍‌ର ଉପରି ଭାଗରୁ ପ୍ରାୟ ୧ ଇଞ୍ଚ ଗଭୀରରେ ଓ ସମାନ ବ୍ୟବଧାନ ରଖି ମଞ୍ଜି ପ୍ରୟୋଗ କରାଯାଏ । ତା' ଉପରେ ଅଳ୍ପ କିଛି କମ୍ପୋଷ୍ଟ ଦେଇ ମଞ୍ଜିକୁ ଘୋଡ଼େଇ ଦିଅନ୍ତୁ ଓ ସାମାନ୍ୟ ଚାପ ପ୍ରୟୋଗ କରନ୍ତୁ । ଦିନେ ବା ଦୁଇ ଦିନ ପରେ ସମ୍ପୂର୍ଣ୍ଣ ବେଡ୍‌କୁ ପଲିଥିନରେ ଘୋଡ଼େଇ ଦିଆଯାଏ । ପଲିଥିନ କେବେ ଓ କେତେ ସମୟ ପର୍ଯ୍ୟନ୍ତ ଘୋଡ଼ାହେବ ତାହା ପଲିଥିନ୍‌ର ତଳ ଭାଗରେ ଜମି ରହୁଥିବା ଜଳକଣା ଓ ସେହି ସମୟରେ ଅନୁଭୂତ ପାଣିପାଗ ଉପରେ ନିର୍ଭରକରେ । ଛତୁଘରେ ୨୫ରୁ ୩୮ ଡିଗ୍ରୀ ତାପମାତ୍ରା, ୮୦ ଭାଗରୁ ଊର୍ଦ୍ଧ୍ୱ ଆର୍ଦ୍ରତା, ନିୟନ୍ତ୍ରିତ ଆଲୋକ ଓ ପବନ ଚଳାଚଳ ରହିବା ଦରକାର । ୮ ରୁ ୧୦ ଦିନ ପରେ ଶାଗୁଦାନା ପରି କଢ଼ ଦେଖାଗଲେ ପଲିଥିନ ବାହାରକରି ଦିଅନ୍ତୁ । ଏହାର ୪ ରୁ ୫ ଦିନ ପରେ ଛତୁ ଅମଳ ହୁଏ । (କ୍ରମଶଃ..)



–ମୁଖ୍ୟ ବୈଜ୍ଞାନିକ, ସର୍ବଭାରତୀୟ ସମନ୍ୱିତ ଛତୁ ଗବେଷଣା ପ୍ରକଳ୍ପ, ଓୟୁଏଟି, ଭୁବନେଶ୍ୱର–୩
ମୋ : ୯୪୩୭୬୯୭୩୬୩

# ଅଳ୍ପରେ...

➤ସୂର୍ଯ୍ୟମୁଖୀ ଗଛ ୩ ସପ୍ତାହ ହୋଇଥିଲେ କୋଡ଼ାଖୁସା କରି ହେକ୍ଟର ପ୍ରତି ୪୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗକରି ହୁଡ଼ା ଟେକନ୍ତୁ। ଏଥିରେ ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର କ୍ଲୋରୋପାଇରିଫସ୍ ଓ ଝିଣ୍ଟିକା ଦମନ ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ (୧.୫%) ଗୁଣ୍ଡ ସିଞ୍ଚନ କରନ୍ତୁ ବା ଲାମ୍ଡା ସାଇହାଲୋଥ୍ରିନ୍ (୨.୫ ଇ.ସି.) ୧ ଲିଟର ୫୦୦ ଲିଟର ପାଣିରେ ପ୍ରୟୋଗ କରନ୍ତୁ। ଜମିରେ ଅତ୍ୟଧିକ ପାଣି ଜମିବାକୁ ଦିଅନ୍ତୁ ନାହିଁ ।



➤ମଲ୍ଲୀଫୁଲ ଚାଷ କରୁଥିଲେ ଗଛ ପ୍ରତି ୭୫ ଗ୍ରାମ୍ ଯବକ୍ଷାରଜାନ, ୭୫ ଗ୍ରାମ୍ ଫସ୍‌ଫରସ୍ ଏବଂ ୫୦ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ ।



➤ଆଖୁ ଫସଲ ୩୦ ଦିନର ହୋଇଥିଲେ ଜମିରୁ ଘାସ ବାଛି କୋଡ଼ାଖୁସାକରି ହେକ୍ଟର ପ୍ରତି ୧୨୫ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗକରି ହୁଡ଼ା ଟେକନ୍ତୁ ।

➤ଗୋଲାପ ଗଛରେ ଶୋଷକ ପୋକ ନିୟନ୍ତ୍ରଣ ପାଇଁ ୧ ଲିଟର ପାଣିରେ ୦.୩ ମି.ଲି. ହିସାବରେ ଇମିଡାକ୍ଲୋପ୍ରିଡ୍ କୀଟନାଶକ ମିଶାଇ ଗଛରେ ଭଲ ଭାବରେ ସିଞ୍ଚନ କରନ୍ତୁ। ପାଉଁଶିଆ ରୋଗ (ପାଉଡରି ମିଲ୍‌ଡିଉ) ଦେଖାଦେଲେ ୧ ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ସଲ୍‌ଫର୍ ସେଟିତ ଗୁଣ୍ଡ ପ୍ରୟୋଗ କରନ୍ତୁ ।

# କୁକୁଡ଼ା, ଛେଳି, ମେଣ୍ଢା ପାଳନ

ବର୍ଷା ଦ୍ୱାରା କ୍ଷତିଗ୍ରସ୍ତ କୁକୁଡ଼ାଘରଗୁଡ଼ିକୁ ଶୀଘ୍ର ମରାମତିକରି ପରିଷ୍କାର କରିଦିଅନ୍ତୁ। ଓଦା କୁକୁଡ଼ାଘର ଲିଟରକୁ ବଦଳାଇ ନୂଆ ଲିଟର ବ୍ୟବହାର କରନ୍ତୁ। ମୁକ୍ତ ଅଗଣାରେ କୁକୁଡ଼ା ପାଳନ ପାଇଁ କୁକୁଡ଼ା ଛୁଆ କିଣନ୍ତୁ । କୁକୁଡ଼ାଙ୍କୁ ଗୋଳିଆପାଣି ପିଇବାକୁ ଦିଅନ୍ତୁ ନାହିଁ । ବ୍ରଏଲର କୁକୁଡ଼ା ଫାର୍ମରେ ବାୟୁମଣ୍ଡଳର ଉତ୍ତାପକୁ ଦେଖି କୁକୁଡ଼ାଘରେ ଆବଶ୍ୟକ ଅନୁଯାୟୀ ଉତ୍ତାପ ଦିଅନ୍ତୁ । କୁକୁଡ଼ା ଫାର୍ମର ଉତ୍ତାପ କୁକୁଡ଼ା ଛୁଆ ପାଇଁ ୩୦ ଡିଗ୍ରୀ ସେଣ୍ଟିଗ୍ରେଡ୍ ଓ ବଡ଼ କୁକୁଡ଼ା ପାଇଁ ୨୨ ରୁ ୨୫ ଡିଗ୍ରୀ ସେଣ୍ଟିଗ୍ରେଡ୍ ରହିବା ଉଚିତ । ନିୟମିତ ଟିକା ଦେଇ ସଂକ୍ରାମକ ରୋଗ ନିରାକରଣ କରନ୍ତୁ । ଛେଳିମେଣ୍ଢା ରହୁଥିବା ଗୃହକୁ ପରିଷ୍କାର ପରିଚ୍ଛନ୍ନକରି ଟିଙ୍କ ନିବାରଣ ଔଷଧ ଯଥା ପେଷ୍ଟୋବାନ୍ କିମ୍ବା ପେଷ୍ଟୋସାଇଡ୍ କିମ୍ବା ଟିକ୍ଆଉଟ୍ ସିଞ୍ଚନ କରନ୍ତୁ । କୃମିରୋଗର ପ୍ରତିକାର ପାଇଁ କୃମି ଔଷଧ ଦିଅନ୍ତୁ । ଏଣ୍ଟାରୋଟକ୍ସେମିଆ, ପିପିଆର୍ ରୋଗର ଟିକା ଦିଅନ୍ତୁ । ଶୀତଦିନ ଆସୁଥିବାରୁ ଗୁହାଳର ଝରକା ବା ଜାଲିରେ ବସ୍ତା ବା ପଲିଥିନ୍ ଲଗାଇ ଛେଳିମେଣ୍ଢାଙ୍କୁ ଥଣ୍ଡାରୁ ରକ୍ଷା କରିବାର ବନ୍ଦୋବସ୍ତ କରନ୍ତୁ।

# ଧାନ କାଟିବା ପୂର୍ବରୁ...



ସରୁ ଅଳ କିସମ ଧାନ କାଟିବାର ୧ ସପ୍ତାହ ପୂର୍ବରୁ ଜମିରୁ ପାଣି ନିଷ୍କାସନ କରିଦିଅନ୍ତୁ । ଶତକଡ଼ା ୮୫ ଭାଗ କେଣ୍ଡା ପାଚିଗଲେ ଅମଳକରି ୨/୩ ଟି ଟାଣଖରାରେ ଶୁଖାଇ ସାଇତି ରଖନ୍ତୁ । ବିଳମ୍ବରେ ରୁଆଯାଇଥିବା ଧାନରେ ଥୋଡ଼ସାର ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ ଓ ୨୦ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ । ଗନ୍ଧିପୋକ ଦମନ ପାଇଁ କିଆରିରେ ନିମ୍ବମଞ୍ଜି ପ୍ରସ୍ତୁତ ଦ୍ରବଣ ୫ ପ୍ରତିଶତ ସିଞ୍ଚନ କରନ୍ତୁ କିମ୍ବା ମାଲାଥିଅନ୍ /କ୍ଲୋରୋପାଇରିଫସ୍ ଗୁଣ୍ଡ ଔଷଧ ଏକର ପିଛା ୮ କି.ଗ୍ରା. ହିସାବରେ ଭୋର ସମୟରେ ଗଛ ଉପରେ ମଶାରି କନା ଥଳି ଦ୍ୱାରା ଉଡ଼ାନ୍ତୁ। ମାଟିଆଗୁଣ୍ଡିର ପୂର୍ଣ୍ଣାଙ୍ଗ ପୋକ କିମ୍ବା ଅର୍ଭକ ଦେଖାଦେଲେ ନିମ୍ନଲିଖିତ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ। ପ୍ରଥମେ ଆକ୍ରାନ୍ତ କିଆରିରୁ ଠିଆପାଣି ନିଷ୍କାସନ କରନ୍ତୁ ଓ ଜମିକୁ ଶୁଷ୍କ ରଖନ୍ତୁ। ଅଦଳବଦଳ କରି ଜମିରେ ପାଣି ମଡ଼ାନ୍ତୁ ଓ ଜମିରୁ ପାଣି ନିଷ୍କାସନ କରନ୍ତୁ। ପ୍ରତି ୬ ଫୁଟ ଅନ୍ତରରେ କନ୍ଦି / ପାହି ତିଆରି କରିଦିଅନ୍ତୁ। ଏହା ଦ୍ୱାରା ବୁଦାମୂଳକୁ ଆଲୋକ ଓ ବାୟୁ ଚଳାଚଳ ସହଜ ହୋଇଥାଏ ଓ କୀଟନାଶକ ପ୍ରୟୋଗ କରିବା ସୁବିଧା ହୋଇଥାଏ। କୀଟନାଶକ ପ୍ରୟୋଗ ପୂର୍ବରୁ କନ୍ଦି / ପାହି ପ୍ରସ୍ତୁତ କରନ୍ତୁ। ନିଶ୍ଚୟ ଅନୁମୋଦିତ ମାତ୍ରାରେ କୀଟନାଶକ ପ୍ରୟୋଗ କରନ୍ତୁ। ସିଞ୍ଚନ ସମୟରେ ସ୍ପ୍ରେୟରର ନୋଜଲକୁ ବୁଦା ମୂଳକୁ ଦେଖାଇ ସିଞ୍ଚନ କରନ୍ତୁ ଯେପରିକି ପୋକଗୁଡ଼ିକ କୀଟନାଶକ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିବେ। ଦରକାର ପଡ଼ିଲେ ୧୦ ଦିନ ଅନ୍ତରରେ କୀଟନାଶକ ପରିବର୍ତ୍ତନକରି ସିଞ୍ଚନ କରନ୍ତୁ। ଅର୍ଥାତ୍ ଏକା ଔଷଧକୁ ଦ୍ୱିତୀୟ ବାର ସିଞ୍ଚନ କରନ୍ତୁ ନାହିଁ। କୀଟନାଶକ ପ୍ରୟୋଗ ସମୟରେ ସତର୍କତା ବିଧି ଅବଲମ୍ବନ କରନ୍ତୁ। କାଣ୍ଡବିନ୍ଧା ପୋକ ଦମନ ପାଇଁ ୧ ବର୍ଗମିଟର ପ୍ରତି କେଣ୍ଡା ବାହାରିବା ପୂର୍ବରୁ ୧ଟି ପ୍ରଜାପତି ଦେଖାଗଲେ ପ୍ରୋଫେନୋଫସ୍ ୨ ମି.ଲି. କିମ୍ବା ଫିପ୍ରୋନିଲ୍ ୨ ମି.ଲି. କିମ୍ବା କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ (୫୦%) ୨ ଗ୍ରାମ୍‌କୁ ପ୍ରତି ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ କିମ୍ବା ଫ୍ଲୁବେଣ୍ଡିଆମାଇଡ୍ ୨୦ ଡବ୍ଲ୍ୟୁଜି ଏକର ପ୍ରତି ୫୦ ଗ୍ରାମ୍ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

## ପ୍ରାଣୀଙ୍କୁ ପ୍ରତିଷେଧକ ଟିକା

ପ୍ରାଣୀଙ୍କୁ ପାଣି ଜମିଥିବା ସନ୍ତସନ୍ତିଆ ସ୍ଥାନକୁ ଚରିବା ପାଇଁ ଛାଡ଼ନ୍ତୁ ନାହିଁ । ଫାଟୁଆ, ବଜବଜିଆ, ଆନ୍ଥ୍ରାକ୍ସ ଏବଂ ସାହାଣ ରୋଗ ପ୍ରତିଷେଧକ ଟିକା ଦିଅନ୍ତୁ। ବର୍ଷାରେ ଭାଙ୍ଗିଯାଇଥିବା ଗୁହାଳକୁ ସଜାଡ଼ି ଭଲଭାବେ ପରିଷ୍କାର କରିଦିଅନ୍ତୁ। ଗୋରୁଗାଈଙ୍କୁ ଗୋଳିଆ ପାଣି ପିଇବା ପାଇଁ ଦିଅନ୍ତୁ ନାହିଁ। ଗୋରୁଗାଈଙ୍କୁ ପ୍ରତି ତିନିମାସରେ ଥରେ କୃମିନାଶକ ଔଷଧ ଖୁଆନ୍ତୁ। ପ୍ରତ୍ୟେକ ଦିନ ଗୁହାଳରୁ ବାହାରୁଥିବା ମଳ, ମୂତ୍ର, ବଳକା ଘାସ, କୁଟା ଓ ପାଉଁଶ ଇତ୍ୟାଦିକୁ ଖତଗଦାରେ ପକାନ୍ତୁ। ଖତଗଦାକୁ ଘରଠାରୁ ଅନ୍ୟୁନ ୧୦୦ ଫୁଟ ଦୂରରେ କରନ୍ତୁ। ଗୋରୁଗାଈଙ୍କ ପ୍ରାକୃତିକ ଖାଦ୍ୟ ପାଇଁ ବରଗୁଡ଼ି, ଓଟ୍, ଲୁସର୍ଣ୍ଣ ଇତ୍ୟାଦି ଚାଷ କରନ୍ତୁ। ଅଧିକ ଥଣ୍ଡା ଓ ଅଧିକ ଦିନ ଶୀତ ରହୁଥିବା ଅଞ୍ଚଳରେ ବର୍‌ସିମ୍ ଘାସଚାଷ କରନ୍ତୁ। ବାଛୁରୀ ରହୁଥିବା ଘରେ ଝରକାରେ ବସ୍ତା ଟାଙ୍ଗି ଥଣ୍ଡାରୁ ରକ୍ଷା କରିବା ବନ୍ଦୋବସ୍ତ କରନ୍ତୁ। ଗାଈଙ୍କୁ ଟିଙ୍କ ନିବାରଣ ଔଷଧ ସିଞ୍ଚନ କରନ୍ତୁ।



## ଡିପ ଜମିରେ ଡାଲି ଚାଷ

ଜମି ପ୍ରସ୍ତୁତକରି ନିଗିଡ଼ା ଡିପଜମିରେ ହେକ୍ଟର ପ୍ରତି ୨୫ କି.ଗ୍ରା. ମୁଗ ଓ ବିରି, ୧୫–୨୦ କି.ଗ୍ରା. ହରଡ଼ ଅଥବା ୨୦ କି.ଗ୍ରା. ବରଗୁଡ଼ି ବିହନ ଧାଡ଼ିରେ ବୁଣନ୍ତୁ। ହରଡ଼ରେ ଧାଡ଼ିକୁ ଧାଡ଼ି ୪୫–୬୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୨୦ ସେ.ମି., ମୁଗ ଓ ବିରି ଫସଲରେ ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ଗଛକୁ ଗଛ ୧୦ ସେ.ମି. ଏବଂ ବରଗୁଡ଼ିରେ ଧାଡ଼ିକୁ ଧାଡ଼ି ୪୫ ସେ.ମି. ଓ ଗଛକୁ ଗଛ ୧୫ ସେ.ମି. ବ୍ୟବଧାନରେ ରଖିବା ଆବଶ୍ୟକ। ବୁଣିବା ପୂର୍ବରୁ ବିହନ ବିଶୋଧନ କରନ୍ତୁ ଓ ବିଶୋଧନର ୭ ଦିନ (ସପ୍ତାହେ) ପରେ ନିର୍ଦ୍ଦିଷ୍ଟ ଜୀବାଣୁ କଲ୍‌ଚର ଗୋଳାଇ ଛାଇରେ ଶୁଖାଇ ସନ୍ଧ୍ୟା ସମୟରେ ବିହନ ବୁଣନ୍ତୁ । ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର ବୁଣିବା ସମୟରେ ପ୍ରୟୋଗ କରନ୍ତୁ । ଅନୁମୋଦିତ କିସମର ବିହନ ବ୍ୟବହାର କରନ୍ତୁ ।



# ଫସଲ ଉତ୍ପାଦନରେ ଯବକ୍ଷାରଜାନର ଭୂମିକା

(ଶେଷ ଭାଗ)

କ୍ଷେତ୍ର ପରୀକ୍ଷା ଅନୁସାରେ ବିଭିନ୍ନ ଫସଲରେ ଯବକ୍ଷାରଜାନ ପ୍ରୟୋଗ ଅପେକ୍ଷା ମାଟି ପରୀକ୍ଷାକରି କ୍ଷେତ୍ର ପରୀକ୍ଷାର ଅନୁମୋଦନ ସହ ଫସଲରେ ଯବକ୍ଷାରଯାନ ପ୍ରୟୋଗ କଲେ ସାର ପ୍ରୟୋଗ ବିଜ୍ଞାନ ସମ୍ମତ ଏବଂ ମିତବ୍ୟୟତା ହୁଏ । କ୍ଷେତ୍ର ପରୀକ୍ଷାରୁ ମିଳିଥିବା ଅନୁମୋଦନକୁ ମୂଳସାର ପରିମାଣକୁ ହିସାବକୁ ନେବାକୁ ପଡ଼ିବ । ମାଟି ପରୀକ୍ଷାରୁ ସୁଲଭ ଯବକ୍ଷାରଜାନ ହେକ୍ଟରକୁ ୨୫୦ କିଲୋରୁ କମ୍ ହେଲେ ଫସଲ ପାଇଁ ଅନୁମୋଦିତ ଏହି ସାର ଶତକଡ଼ା ୨୫ ଭାଗ ଅଧିକ ପ୍ରୟୋଗ କରିବାକୁ ପଡିବ । ମାଟି ପରୀକ୍ଷାରୁ ସୁଲଭ ଯବକ୍ଷାରଜାନ ହେକ୍ଟର ପ୍ରତି ୨୫୧ ରୁ ୫୦୦ କିଲୋ ମଧ୍ୟରେ ରହିଲେ କ୍ଷେତ୍ର ପରୀକ୍ଷାରୁ ମିଳିଥିବା ପୂର୍ବୋକ୍ତ ଅନୁମୋଦିତ ଯବକ୍ଷାରଜାନ ଦେବାକୁ ପଡ଼ିବ । ମାଟି ପରୀକ୍ଷାରୁ ସୁଲଭ ଯବକ୍ଷାରଯାନ ପରିମାଣ ହେକ୍ଟରକୁ ୫୦୦ କିଲୋରୁ ଅଧିକ ହେଲେ କ୍ଷେତ୍ର ପରୀକ୍ଷାରୁ ମିଳିଥିବା ପୂର୍ବୋକ୍ତ ଅନୁମୋଦିତ ଯବକ୍ଷାରଜାନର ଶତକଡା ୨୫ ଭାଗ ଏହି ସାର କମ୍ ପ୍ରୟୋଗ କରିବାକୁ ପଡିବ ।

ବଜାରରେ ବିଭିନ୍ନ ପ୍ରକାର ଏହି ଜାତୀୟ ସାର ବିକ୍ରି ହେଉଛି । ସେଥିମଧ୍ୟରୁ ୟୁରିଆ, ଆମୋନିୟମ ସଲ୍‌ଫେଟ୍, କ୍ୟାଲ୍‌ସିୟମ ଆମୋନିୟମ ନାଇଟ୍ରେଟ୍, (ସିଏନ୍) ଡାଇଆମୋନିୟମ ଫସ୍‌ପେଟ (ଡିଏପି), ଗ୍ରୋମର ଏବଂ ଏନ୍‌ପିକେ କମ୍ପ୍ଲେକ୍ସ ଆଦି ମୁଖ୍ୟ । ପ୍ରଥମ ୩ଗୋଟି ସାରକୁ ସରଳ ସାର କୁହାଯାଏ । ଶତକଡା ହିସାବରେ ୟୁରିଆରେ ୪୬ ଭାଗ, ଆମୋନିୟମ ସଲ୍‌ଫେଟ୍‌ରେ ୨୦ ଭାଗ ଏବଂ ସିଏନ୍‌ରେ ୨୫ ଭାଗ ଯବକ୍ଷାରଜାନ ଥାଏ । ଏହି ସାର ବ୍ୟତୀତ ଆମୋନିୟମ ସଲ୍‌ଫେଟରେ ଗନ୍ଧକ ୨୪ ଶତକଡା ଏବଂ ସିଏନ୍‌ରେ କ୍ୟାଲସିୟମ ୩୭ ଶତକଡା ଥାଏ । ଯବକ୍ଷାରଜାନ ୟୁରିଆରେ ଆମାଇଡି ଆକାରରେ, ଆମୋନିୟମ ସଲ୍‌ଫେଟରେ ଆମୋନିୟମ ଆକାରରେ ଥାଏ । ସିଏନ୍‌ରେ ଆମୋନିୟମ ୧୨.୫%ଏବଂ ନାଇଟ୍ରେଟ୍ ୧୨.୫% ଭାଗଥାଏ । ଆମାଇଡ ଏବଂ ଆମୋନିୟମ ମାଟିରେ ନାଇଟ୍ରେଟ୍‌ରେ ପରିଣତ ହେଲେ ଗଛର ଚେର ଦ୍ୱାରା ଗ୍ରହଣ ହୁଏ । ଡିଏପି, ଗ୍ରୋମର ଏବଂ ଏନ୍‌ପିକେ କମ୍ପ୍ଲେକ୍ସ ଯୌଗିକ ସାର କୁହାଯାଏ । ଡିଏପିରେ ଶତକଡ଼ା ୧୮ ଭାଗ ଯବକ୍ଷାରଜାନ ଏବଂ ୪୬ ଭାଗ ଫସ୍‌ପେଟ୍ ଥାଏ । ଗ୍ରୋମରରେ ଯବକ୍ଷାରଜାନ ଏବଂ ଫସ୍‌ପେଟ୍ ପ୍ରତ୍ୟେକରୁ ଶତକଡା ୨୮ ଭାଗ ଥାଏ । ଏନ୍‌ପିକେ କମ୍ପ୍ଲେକ୍ସ ୧୦–୨୬–୨୬ ଏବଂ ୧୪–୩୫–୧୪ ନାମରେ ବିକ୍ରିହୁଏ । ଏହାର ପ୍ରଥମ ସଂଖ୍ୟା ଯବକ୍ଷାରଯାନ, ଦ୍ୱିତୀୟ ସଂଖ୍ୟା ଫସ୍‌ପେଟ୍ ଏବଂ ତୃତୀୟ ସଂଖ୍ୟା ପୋଟାସ୍ ଶତକଡ଼ା ହିସାବରେ ଥାଏ ।

ସମସ୍ତ ସରଳ ସାର ମଞ୍ଜି ବୁଣା କିମ୍ବା ଚାରା ରୁଆ ସମୟ ଏବଂ ଦ୍ୱିତୀୟ ଏବଂ ତୃତୀୟ ପର୍ଯ୍ୟାୟରେ ପ୍ରୟୋଗ କରାଯାଇପାରେ । ସମସ୍ତ ଯୌଗିକ ସାର କେବଳ ମଞ୍ଜିବୁଣା କିମ୍ବା ଚାରା ରୁଆ ସମୟରେ ପ୍ରୟୋଗ ହୁଏ । ପରବର୍ତ୍ତୀ ସମୟରେ ଫସଲର ବର୍ଦ୍ଧନ ସମୟରେ ସରଳ ସାରକୁ ପ୍ରୟୋଗ କରାଯାଏ । ସରଳ ସାର ମଧ୍ୟରୁ ୟୁରିଆ ଅଧିକ ଶସ୍ତା ଏବଂ ବଜାରରେ ସହଜରେ ମିଳେ । ତେଣୁ ଚାଷୀମାନେ ଉକ୍ତ ସାରକୁ ଅଧିକ ବ୍ୟବହାର କରନ୍ତି। ଫସ୍‌ପେଟ୍ ଏବଂ ପଟାସ୍ କେବଳ ମଞ୍ଜି ବୁଣା ଏବଂ ଚାରା ରୁଆ ସମୟରେ ଆବଶ୍ୟକ ହେଉଥିବାରୁ ଡିଏପି, ଗ୍ରୋମର କିମ୍ବା ଏନ୍‌ପିକେ କମ୍ପ୍ଲେକ୍ସ ବ୍ୟବହାର କରାଯାଏ । ଫସଲର ପରବର୍ତ୍ତୀ ସମୟରେ ଫସଲର ଆବଶ୍ୟକ ହେଉଥିବା ଯବକ୍ଷାରଜାନକୁ ୟୁରିଆ ବିଞ୍ଚିକରି ପ୍ରୟୋଗ କରାଯାଏ । ଆବଶ୍ୟକ ସ୍ଥଳେ ଫସଲର ବର୍ଦ୍ଧନ ସମୟରେ ଯବକ୍ଷାରଜାନର ଅଭାବର ଲକ୍ଷଣ ଦେଖାଦେଲେ ୟୁରିଆର ଶତକଡ଼ା ୨.୦ ରୁ ୨.୫ ଭାଗ ୭ଦିନ ବ୍ୟବଧାନରେ୨ରୁ ୩ଥର ପତ୍ରଛିଞ୍ଚା କରାଯାଇଥାଏ ।



– ପ୍ର. ସୁବୋଧ କୁମାର ସାହୁ,
ଶୈଳଶ୍ରୀ ବିହାର, ଭୁବନେଶ୍ୱର
ମୋ : ୯୫୫୬୨୬୬୦୮୫

# ରାଜ୍ୟ କ୍ରୀଡ଼ା ଉପରେ ବାତ୍ୟା 'ଦାନା'ର ପ୍ରଭାବ

**ଭୁବନେଶ୍ୱର, ୨୨।୧୦ (ତପନ ସ୍ୱାଇଁ):** ସମ୍ଭାବ୍ୟ ବାତ୍ୟା 'ଦାନା'ର ପ୍ରଭାବ ରାଜ୍ୟ କ୍ରୀଡ଼ା ଉପରେ ପଡ଼ିଛି। କଳିଙ୍ଗ ଷ୍ଟାଡିୟମରେ ଆସନ୍ତା ୨୫ରୁ ହେବାକୁଥିବା ୩୯ତମ ଜାତୀୟ ଜୁନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍‌କୁ ସ୍ଥଗିତ ରଖାଯାଇଛି। ଏହି ୫ ଦିନିଆ ପ୍ରତିଯୋଗିତା ପାଇଁ ପରିବର୍ତ୍ତିତ ତାରିଖ ଖୁବ୍ ଶୀଘ୍ର ଘୋଷଣା କରାଯିବ ବୋଲି ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ ପକ୍ଷରୁ ପ୍ରକାଶ କରାଯାଇଛି। ସେହିପରି ୨୫ରୁ ୨୭ ପର୍ଯ୍ୟନ୍ତ ହେବାକୁଥିବା ରାଜ୍ୟ ର୍ୟାଙ୍କିଙ୍ଗ୍ କ୍ୟାରମ ଟୁର୍ଣ୍ଣାମେଣ୍ଟକୁ ମଧ୍ୟ ସ୍ଥଗିତ ରଖାଯାଇଛି। ନୂତନ ତାରିଖ ଧାର୍ଯ୍ୟ କରାଯିବା ପରେ ଜଣାଇ ଦିଆଯିବ ବୋଲି ଓଡ଼ିଶା ରାଜ୍ୟ କ୍ୟାରମ ସଂଘ ସାଧାରଣ ସମ୍ପାଦକ ଶ୍ରୀ ରଞ୍ଜନ ମହାନ୍ତି ପ୍ରକାଶ କରିଛନ୍ତି।

# ଜୟପୁର ପିଙ୍କ୍ ପାନ୍ଥର୍ସର ବିପୁଳ ବିଜୟ

**ପ୍ରୋ-କବାଡ଼ି ଲିଗ୍**

**ହାଇଦ୍ରାବାଦ, ୨୨।୧୦ (ପି.ଟି.):** ପ୍ରୋ-କବାଡ଼ି ଲିଗ୍‌ରେ ମଙ୍ଗଳବାର ଖେଳାଯାଇଥିବା ଏକ ମ୍ୟାଚରେ ଅଧିନାୟକ ଅର୍ଜୁନ ଦେଶୱାଲଙ୍କ ନେତୃତ୍ୱରେ ଜୟପୁର ପିଙ୍କ୍ ପାନ୍ଥର୍ସ ୫୨-୨୨ରେ ତେଲୁଗୁ ଟାଇଟନ୍ସକୁ ପରାସ୍ତ କରିଛି। ଦଳର ଏହା ହେଉଛି କ୍ରମାଗତ ଦ୍ୱିତୀୟ ବିଜୟ। ଚମତ୍କାର ଫର୍ମ ;ରେ ଥିବା ଜୟପୁର ଅଧିନାୟକ ଦେଶୱାଲ ମ୍ୟାଚରେ ତାଙ୍କର ୧୦ ସୁପର ୧୦ ପୂରଣ କରିଥିଲେ। ଗୋଚି ବାଓଲି ଷ୍ଟାଡିୟମରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ୟୁପି ଯୋଦ୍ଧାସ ୫୭-୩୬ରେ ବେଙ୍ଗାଲୁରୁ ବୁଲ୍ସକୁ ପରାସ୍ତ କରିଛି।

# ଭାରତର ବିଜୟ ଧାରା ଜାରି

**ସୁଲତାନ ଜୋହର କପ୍ ହକି**

**ଜୋହର ବାହରୁ (ମାଲେସିଆ), ୨୨।୧୦ (ପି.ଟି.):** ସୁଲତାନ ଅଫ୍ ଜୋହର କପ୍ ଜୁନିୟର ପୁରୁଷ ହକି ଟୁର୍ଣ୍ଣାମେଣ୍ଟରେ ଭାରତ ଏହାର ବିଜୟ ଧାରା ଜାରି ରଖିଛି। ଦଳ ମଙ୍ଗଳବାର ମ୍ୟାଚରେ ଆୟୋଜକ ମାଲେସିଆକୁ ୪-୨ ଗୋଲ୍‌ରେ ପରାସ୍ତ କରିଛି। ଏଥିସହ ଭାରତ ୯ ପଏଣ୍ଟ ସହ ଷ୍ଟାଣ୍ଡିଂରେ ଶୀର୍ଷ ସ୍ଥାନ ଅଧିକାର କରିଛି। ନ୍ୟୁଜିଲାଣ୍ଡ ୫ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଅଷ୍ଟ୍ରେଲିଆ ୪ ପଏଣ୍ଟ ସହ ତୃତୀୟ ସ୍ଥାନରେ ଅଛି। ଭାରତ ତରଫରୁ ଗୋଲ ସ୍କୋରର ଥିଲେ ଶାରଦା ନନ୍ଦ ତିୱାରୀ (୧୧ତମ ମିନିଟ), ଅର୍ଶଦୀପ ସିଂ (୧୩ତମ), ଟାଲେମ ପ୍ରିୟବ୍ରତ (୩୯ତମ) ଓ ରୋହିତ (୪୦ତମ)। ମାଲେସିଆ ପକ୍ଷରୁ ମହମ୍ମଦ ଡାନିଶ ଆଇମାନ (୮ମ) ଓ ହାରିସ ଓସମାନ (୯ମ) ପ୍ରମୁଖ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ଭାରତ ବୁଧବାର ଅଷ୍ଟ୍ରେଲିଆ ସହିତ ମୁକାବିଲା କରିବ। ଦଳ ଅକ୍ଟୋବର ୨୫ରେ ଏହାର ଶେଷ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିବ। ଷ୍ଟାଣ୍ଡିଂର ଶ୍ରେଷ୍ଠ ୨ ଦଳ ମଧ୍ୟରେ ଫାଇନାଲ ଅକ୍ଟୋବର ୨୬ରେ ଖେଳାଯିବ।

**ଜର୍ମାନୀ ବିପକ୍ଷ ହକି ଟେଷ୍ଟ ସିରିଜ**

# ଅଲିମ୍ପିକ୍ସ ପ୍ରତିଶୋଧ ଲକ୍ଷ୍ୟରେ ଭାରତ

**ନୂଆଦିଲ୍ଲୀ,୨୨।୧୦(ପି.ଟି.)** ବୁଧବାର ଜର୍ମାନୀ ବିପକ୍ଷରେ ୨ ମ୍ୟାଚ ବିଶିଷ୍ଟ ହକି ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ଖେଳିବ ଭାରତ। ଦୀର୍ଘ ୧୦ ବର୍ଷ ପରେ ନୂଆଦିଲ୍ଲୀକୁ ହକି ଫେରୁଥିବା ବେଳେ ଅଲିମ୍ପିକ୍ସ ସେମି ଫାଇନାଲ ପରାଜୟର ପ୍ରତିଶୋଧ ନେବାକୁ ପ୍ରୟାସ କରିବ ଭାରତ। ମେଜର ଧ୍ୟାନଚାନ୍ଦ ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଦୀର୍ଘ ୧୦ ବର୍ଷର ବ୍ୟବଧାନ ପରେ ଏକ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳାଯିବ। ଜର୍ମାନୀ ବର୍ତ୍ତମାନ ବିଶ୍ୱ ମାନ୍ୟତାର ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଭାରତ ପାଇଁ ଏହା ସମସ୍ୟା ସୃଷ୍ଟି କରିପାରେ। ଅଲିମ୍ପିକ୍ସ ସେମି ଫାଇନାଲରେ ଭାରତ ଜର୍ମାନୀ ନିକଟରୁ ୩-୨ ଗୋଲରେ ହାରିଥିଲା। ଘରୋଇ ଦର୍ଶକଙ୍କ ସମ୍ମୁଖରେ ମ୍ୟାଚ୍ ଖେଳାଯିବାକୁ ଥିବା ବେଳେ ପ୍ରତିଶୋଧ ନେବା ପାଇଁ ଏହା ସୁବର୍ଣ୍ଣ ସୁଯୋଗ। ଉଭୟ ଦଳ ମଧ୍ୟରେ ଖେଳା ଯାଇଥିବା ଅନ୍ତିମ ୫ ମ୍ୟାଚ୍ ମଧ୍ୟରୁ ଭାରତ ୩ଟି ଜିତିଥିବା ବେଳେ ଏହା ଦଳକୁ ମନସ୍ତାତ୍ତ୍ୱିକ ଫାଇଦା ପ୍ରଦାନ କରିବ। ଏହା ସହ ଦଳ ନିକଟରେ ଚାଇନାକୁ ହରାଇ ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ବିଜୟୀ ହୋଇଥିଲା।

ଭାରତୀୟ ଦଳ ଏହି ସିରିଜ ପାଇଁ ଅନେକ ସିନିୟର ଖେଳାଳିଙ୍କୁ ବିଶ୍ରାମ ଦେଇଛି। ୩ ବର୍ଷ ପରେ ଡ୍ରାଗ୍ ଫ୍ଲିକର ବରୁଣ କୁମାର ଦଳକୁ ଫେରିଥିବା ବେଳେ ରାଜିନ୍ଦର ସିଂ ଓ ଆଦିତ୍ୟ ଅର୍ଜୁନ ଏଲ୍‌ଗାଲେଙ୍କୁ ପ୍ରଥମ ଥର ଭାରତୀୟ ଦଳରେ ଦେଖିବାକୁ ମିଳିବ। ବିବେକ ସାଗର ପ୍ରସାଦ ଓ ମନପ୍ରୀତ ସିଂଙ୍କ କାନ୍ଧରେ ମିଡଫିଲ୍ଡର ଭାର ରହିଥିବା ବେଳେ ହରମନ୍‌ପ୍ରୀତ ସିଂଙ୍କ ଉପରେ ଡିଫେଣ୍ଡିଂ ଦାୟିତ୍ୱ ରହିବ। ଏସିଆନ୍ ଚାମ୍ପିୟନ୍ସ ଟ୍ରଫିରେ ଗୋଲ କିପର ଦାୟିତ୍ୱରେ ଥିବା କ୍ରିଷନ ବାହାଦୂର ପାଠକ ଓ ସୂରଜ କାରକେରାଙ୍କୁ ଆଉ ଥରେ ଗୋଲ କିପିଂ ଦାୟିତ୍ୱରେ ଦେଖିବାକୁ ମିଳିବ।









4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ